# ପ୍ରାର୍ଥନା

ତୁମକୁହିଁ ନେଇ ମୋ ଭାବନା ପୂରିତ, ମୋ ହୃଦୟ ପରିପୂର୍ଣ୍ଣ, ମୋ ସମଗ୍ର ସତ୍ତା ତୁମରି ଉପସ୍ଥିତିରେ ପୂର୍ଣ୍ଣ ଏବଂ ଶାନ୍ତି ହେଉଥାଏ କ୍ରମାଗତ ଗଭୀରତର । ତାହା ଏମନ୍ତ ସୁଖାନୁଭବ ସମ୍ଭବ କରେ, ତାହା ଏଡ଼ିକି ବିଶେଷତ୍ୱପୂର୍ଣ୍ଣ, ଏଡ଼ିକି ଶୁଦ୍ଧ, ଏମନ୍ତ ଏକ ପ୍ରଶାନ୍ତ ସୌମ୍ୟତା ସମନ୍ୱିତ, ଯାହା ମହାବିଶ୍ୱ ଭଳି ବ୍ୟାପକ ତଥା ତୁମ ସାନ୍ନିଧ ଦିଗରେ ପ୍ରସାରିତ ଅମାପ ଗଭୀରତା ସମ ଗଭୀର ।

ଏମନ୍ତ ନିଃଶବ୍ଦ ଓ ବିଶୁଦ୍ଧ ନିଶୀଥସବୁ ! ଏତେବେଳେ ମୋ ହୃଦୟ ହୁଏ ଉତ୍‌ପ୍ଲାବିତ ଏବଂ ତୁମ ଦିବ୍ୟପ୍ରେମ ସହ ମିଳିତ ହୁଏ ସବୁକିଛିର ଅନ୍ତର୍ଭେଦ ନିମନ୍ତେ, ସମଗ୍ର ଜୀବନକୁ ଆଶ୍ଳେଷାଭୁକ୍ତ କରିବା ନିମନ୍ତେ, ସମସ୍ତ ଭାବନାକୁ ଦୀପ୍ତିମାନ୍ ଏବଂ ପୁନରୁଜ୍ଜୀବିତ ଏବଂ ଯାବତୀୟ ଅନୁଭୂତିକୁ ବିଶୁଦ୍ଧ କରିବା ନିମନ୍ତେ, ସବୁ ସତ୍ତା ଭିତରେ ତୁମ ଅନିର୍ବଚନୀୟ ଉପସ୍ଥିତି ଏବଂ ତହୁଁ ନିଃସୃତ ଅଚିନ୍ତନୀୟ ଶାନ୍ତିର ଚେତନା ଜାଗରିତ କରିବା ନିମନ୍ତେ !

ଏହାହିଁ ମଞ୍ଜୁର କର ହେ ପ୍ରଭୁ, ଯେପରି ଆମ ଭିତରେ ଏହି ଚେତନା ଓ ଶାନ୍ତି କ୍ରମାଗତ ବୃଦ୍ଧିଲାଭ କରୁଥିବ – ଯାହା ଦ୍ୱାରା ଆମେ ତୁମ ଦିବ୍ୟ ତଥା ପରମ ବିଧାନର ଅଧିକରୁ ଅଧିକ ବିଶ୍ୱସ୍ତ ଦୂତ ହୋଇପାରିବୁ ।

ମାର୍ଚ୍ଚ ୧୫, ୧୯୧୪ — ଶ୍ରୀମା



## ୨୧ ଫେବ୍ରୁଆରୀ, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ

The Grace is always with you, concentrate in your heart with a silent mind, and you are sure also to receive the guidance and the help you aspire for.

(CWM Vol. 14, p. 87) - The Mother

ଦିବ୍ୟକରୁଣା ସର୍ବଦା ତୁମ ସାଥ୍‌ରେ ବିଦ୍ୟମାନ, ନିରବ ମନ ଯୋଗେ ତୁମେ ହୃଦୟରେ ଏକାଗ୍ର ହୁଅ, ଆଉ ତୁମେ ବି ନିଶ୍ଚୟ ତୁମ ଅଭୀପ୍ସିତ ଦିଗ୍‌ଦର୍ଶନ ଏବଂ ସହାୟତା ଲାଭ କରିବ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

### (The Descent into Night)

### (୬୦)

## ଶ୍ରୀଅରବିନ୍ଦ

A hundred tyrannies oppressed and slew
And founded unity upon fraud and force.

ଶତ ଶତ ସ୍ୱେଚ୍ଛାଚାରୀ କର୍ତ୍ତୃତ୍ୱ ଅତ୍ୟାଚାର ଓ ହତ୍ୟା କରି ଚାଲିଥିଲେ ଏବଂ ଶଠତା ଓ ବଳପ୍ରୟୋଗ ଉପରେ ପ୍ରତିଷ୍ଠା କରିଥିଲେ ଐକ୍ୟ ।

Only what seemed was prized as real there :
The ideal was a cynic ridicule's butt;
Hooted by the crowd, mocked
by enlightened wits,
Spiritual seeking wandered outcasted,–
A dreamer's self-deceiving web of thought
Or mad chimaera deemed or hypocrite's fake,
Its passionate instinct trailed
through minds obscure
Lost in the circuits of the Ignorance.

କେବଳ ଯାହା ଆପାତଗୋଚର ତାହାକୁହିଁ ସେଠାରେ ସତ୍ୟ ବୋଲି ମର୍ଯ୍ୟାଦା ଦିଆଯାଉଥିଲା : ଆଦର୍ଶ ଥିଲା ଏକ ନୈରାଶ୍ୟବାଦୀର ଉପହାସ୍ୟ ବସ୍ତୁ । ଜନତା ଦ୍ୱାରା ଚିତ୍କାରପୂର୍ଣ୍ଣ ଧିକ୍କାର ପ୍ରାପ୍ତ ହୋଇ, ଦୀପ୍ତବୁଦ୍ଧି ଜ୍ଞାନିଗଣଙ୍କ ଦ୍ୱାରା ବିଦ୍ରୂପିତ ହୋଇ ଅଧ୍ୟାତ୍ମ-ଜିଜ୍ଞାସା ସମାଜତ୍ୟକ୍ତ ଅବସ୍ଥାରେ ନିରାଶ୍ରୟ ଭାବରେ ଘୂରି ବୁଲୁଥିଲା । ଏହା ଥିଲା ଏକ ସ୍ୱପ୍ନଦ୍ରଷ୍ଟାର ଆତ୍ମ-ପ୍ରତାରକ ଚିନ୍ତାଜାଲ ଅଥବା ଏକ ଉଦ୍ଭଟ କଳ୍ପନା କିଂବା ଏକ କପଟାଚାରୀର ନକଲି କୃତି । ଏହାର ଆବେଗଘନ ସହଜାତ ପ୍ରବୃତ୍ତି ଅଜ୍ଞାନର ଚକ୍ରାବର୍ତ୍ତରେ ପଥହରା ହୋଇ ପଡ଼ିଥିବା ଅନ୍ଧକାରାଚ୍ଛନ୍ନ ମନ ସକଳକୁ ଭେଦ କରି ଅବସନ୍ନ ପାଦରେ ଗତି କରୁଥିଲା ।

A lie was there the truth and truth a lie.
ମିଥ୍ୟାହିଁ ସେଠାରେ ସତ୍ୟ ଆଉ ସତ୍ୟ ହେଲା ମିଥ୍ୟା ।

Here must the traveller of the upward Way –
For daring Hell's kingdoms winds
the heavenly route–
Pause or pass slowly through
that perilous space,
A prayer upon his lips and the great Name.

ସ୍ୱର୍ଗର ସରଣୀ ଯେହେତୁ ଦୁଃସାହସପୂର୍ବକ ନରକର ରାଜ୍ୟ ଭେଦି ଲମ୍ବିଯାଇଛି ଅଙ୍କାବଙ୍କା ହୋଇ – ଏହିଠାରେହିଁ ଊର୍ଦ୍ଧ୍ୱାଭିମୁଖୀ ପଥର ଯାତ୍ରୀକୁ ଅବଶ୍ୟ ଅଟକିବାକୁ ହେବ ଅଥବା ସେଇ ବିପତ୍‌ସଙ୍କୁଳ ପ୍ରସାର ଭିତର ଦେଇ ଧୀର ମନ୍ଥର ଗତିରେ ପାର ହୋଇଯିବାକୁ ପଡ଼ିବ, ସେତେବେଳେ ତା' ଅଧର ପ୍ରାନ୍ତରେ ଥିବ ଏକ ପ୍ରାର୍ଥନା ଏବଂ ସେଇ ମହାନାମ ।

If probed not all discernment's keen
spear-point,
He might stumble into falsity's endless net.

ସୂକ୍ଷ୍ମ ବିଚାରବୁଦ୍ଧିର ଶାଣିତ ବର୍ଚ୍ଛାଗ୍ର ପ୍ରତି ପଦକ୍ଷେପରେ ଯଦି ପରୀକ୍ଷା କରି ନ ଚାଲେ, ତା'ହେଲେ ଅସତ୍ୟର ଅନ୍ତହୀନ ଜାଲପାଶରେ ତା'ର ହୁଏତ ସ୍ଖଳନ ହୋଇପାରେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର କୁମାର ପାଢ଼ୀ

❑❑❑

# ସହିଷ୍ଣୁତା

## ଶ୍ରୀମା

### ସହିଷ୍ଣୁତାର ସାରମର୍ମ

ସହିଷ୍ଣୁତା ଯେପରି ସର୍ବଦା ତୁମର ସ୍ମରଣରେ ରହେ । ତୁମ ପ୍ରାଣସତ୍ତାରେ ଥିବା ଜୀବନୀ ଶକ୍ତିକୁ ଏହି କଥା ଶିକ୍ଷା ଦିଅ ଯେ, ସେ ଯେପରି କୌଣସି କଥାରେ ଅଭିଯୋଗ ନକରେ ବରଂ ଏକ ବିଶେଷ ସିଦ୍ଧି ଲାଗି ଯାହା ଆବଶ୍ୟକ ତାହା ଯେପରି ସାଇତି ରଖେ ... ସହିଷ୍ଣୁତାର ସାରକଥା ହେଲା – ତୁମ ପ୍ରାଣଶକ୍ତିକୁ ତା'ର ଅହଂକୈନ୍ଦ୍ରିକ ଭଲ ଲାଗିବା ବା ଭଲ ନ ଲାଗିବାରୁ ନିଜକୁ ମୁକ୍ତ ରଖିବା ଏବଂ ଯେକୌଣସି ସଂକଟ ପରିସ୍ଥିତିରେ ନିଜ ଭିତରେ ଯେପରି ହେଉ ଏକ ସମତା ବଜାୟ ରଖିବା । ଯଦି ତୁମକୁ କେହି ଅତ୍ୟନ୍ତ କର୍କଶ ବ୍ୟବହାର ଦେଖାଏ, କିଂବା ଅସ୍ୱସ୍ତିଭାବକୁ ଦୂର କରିବା ପାଇଁ ଯଦି ତୁମ ନିଜ ଭିତରେ କୌଣସି ଶକ୍ତି ସାମର୍ଥ୍ୟ ଖୋଜି ନପାଅ, ତଥାପି ତୁମେ ଖୁସୀ ମିଜାଜରେ ରହିବାକୁ ଚେଷ୍ଟା କର – ନିଜକୁ ସେଇ କଥାରେ ଉତ୍ପୀଡ଼ିତ ହେବାକୁ ଦିଅ ନାହିଁ । ତୁମକୁ କିଛି ବି ଯେପରି ସାମାନ୍ୟ ଟିକିଏ ବିଚଳିତ ନକରେ ଏବଂ ଯେତେବେଳେ ଦେଖିବ ଯେ ତୁମର ପ୍ରାଣସତ୍ତା ତାହାର ତିଳ ପ୍ରମାଣ ଅସୁବିଧାକୁ ତାଳ କରି ତୁମ ଆଗରେ ରଖୁଛି ସେତେବେଳେ ତୁମେ ତହିଁରୁ ଟିକିଏ କ୍ଷାନ୍ତ ରହି ଭାବ ଯେ, ଏ ଦୁନିଆର ଅଗଣିତ ନରନାରୀଙ୍କ ଦୁଃଖ-ପାହାଡ଼ ପାଖରେ ତୁମର ଏଇ ଦୁଃଖଟି ବା ଅସୁବିଧାଟି କେତେ ସାମାନ୍ୟ । ଥରେ ଭାବି ଦେଖ ତ ଗତ ମହାଯୁଦ୍ଧରେ ସେଇସବୁ ସୈନ୍ୟମାନେ କି ଅକଥନୀୟ କଷ୍ଟକର ପରିସ୍ଥିତିରେ ଯୁଦ୍ଧ କରୁଥିଲେ । ତୁମକୁ ଯଦି ସେହି ଧରଣର କଷ୍ଟ ସହ୍ୟ କରିବାକୁ ପଡ଼ିଥା'ନ୍ତା ତା'ହେଲେ ତୁମେ ବୁଝନ୍ତ ଯେ ତୁମର ଦୁଃଖ ଅସନ୍ତୋଷଗୁଡ଼ିକ କେତେ ତୁଚ୍ଛ ।

### ଜଣକର ଯଦି ସହନଶୀଳତା ଥାଏ

ବେଳେବେଳେ ଜଣକର ଚମତ୍କାର ଉପଲବ୍ଧିଟିଏ ହୋଇଯାଏ – ସେ କହେ, ''ଆଃ, ଏବେ ହୋଇଗଲା !...'' ତା'ପରେ ଦେଖାଯାଏ ହଠାତ୍ ସେ ଉପଲବ୍ଧିଟି ନିମ୍ନଗାମୀ ହେଲାଣି, ହ୍ରାସ ପାଇଲାଣି, ତା'ଉପରେ କିଛି ପରଦା ପଡ଼ିଗଲାଣି ଏବଂ ହଠାତ୍ ଅପ୍ରତ୍ୟାଶିତ ଓ ଅବାଞ୍ଛିତ କିଛି, ନିତାନ୍ତ ସାଧାରଣ କିଛି ଓ ଆପାତତଃ କିଛି ଆଗ୍ରହ ସୃଷ୍ଟି କରୁ ନଥିବା ଇତର କିଛି ଆସି ତୁମ ଆଗରେ ପହଞ୍ଚିଛି ଏବଂ ତୁମର ବାଟ ଓଗାଳୁଛି । ଏବଂ ସେତେବେଳେ ତୁମେ କୁହ ''ଆଃ, ଯଦି ପୁଣି ମୂଳରୁ ଆରମ୍ଭ କରିବାକୁ ହେବ, ତେବେ ଏତେଦୂର ଅଗ୍ରଗତି କରିବାରେ ଲାଭ କ'ଣ ହେଲା ? କାହିଁକି ବା ମୁଁ ଆଉ ଏହାକୁ କରିବି ? ଏତେ କଷ୍ଟରେ ଏହାକୁ ସାଧିଲି, କିଛି ସଫଳତା ପାଇଲି, ଉପଲବ୍ଧି ବି କିଛି ହେଲା, ଆଉ ବର୍ତ୍ତମାନ ଦେଖୁଛି, ସତେ ଯେମିତି କିଛି ହୋଇ ନାହିଁ ! ତେବେ ଆଉ ତାହାହେଲେ କିଛି ଆଶା ନାହିଁ ।'' ଏହାହିଁ ଜଣାଇ ଦିଏ ଯେ ତୁମର ସହନଶୀଳତା ନାହିଁ ।

ଯଦି ଜଣକର ସହନଶୀଳତା ଥାଏ, ତେବେ ସେ କହିବ – ''ଠିକ୍ ଅଛି, ଭଲ ହେଲା । ଯେତେଥର ଦରକାର ପଡ଼ିବ ସେତେଥର ମୁଁ ପୁଣି ମୂଳରୁ ଆରମ୍ଭ କରିବି; ଦରକାର ପଡ଼ିଲେ ହଜାର ଥର କରିବି, ଦଶ ହଜାର ଥର, ଲକ୍ଷେ ଥର ହୋଇପାରେ, ମୁଁ ପୁଣି ଥରେ ଆରମ୍ଭ କରିବି – କିନ୍ତୁ ଶେଷ ପର୍ଯ୍ୟନ୍ତ ଯିବି, ମୁଁ ମୋ ଲକ୍ଷ୍ୟସ୍ଥଳରେ ନିଶ୍ଚୟ ପହଞ୍ଚିବି । ଏପରି କୌଣସି ଶକ୍ତି ନାହିଁ ଯାହା ମୋତେ ମୋ ପଥରେ ଅଟକାଇ ଦେବ ।''

ଏହାହିଁ ନିତାନ୍ତ ଦରକାର, ନିତାନ୍ତ ଦରକାର ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୫୩)

## ସୁରତ : ପ୍ରଭଞ୍ଜନର ସୂଚନା (୩)

ମନୋଜ ଦାସ

କଂଗ୍ରେସ ଅଧିବେଶନ ନିମନ୍ତେ ସୁରତଠାରେ ଯେଉଁ ଅଭ୍ୟର୍ଥନା ସମିତି ଗଠିତ ହୋଇଥିଲା, 'ଗର୍ବୀ ମେହଟା'ଭାବେ ଆଖ୍ୟାୟିତ ମାନ୍ଦାପନ୍ଥୀ ନେତା ଫିରୋଜ ଶାହ ମେହଟାଙ୍କ ଅନୁଗତମାନେହିଁ ତାହାର ସଭ୍ୟ ଓ କର୍ମକର୍ତ୍ତା ମନୋନୀତ ହୋଇଥିଲେ । ଐତିହାସିକ ରମେଶ ଚନ୍ଦ୍ର ମଜୁମଦାର ଲେଖିଛନ୍ତି, ''କେଉଁ ଦିଗକୁ ପବନର ଗତି, ସେକଥା ଜାତୀୟବାଦୀମାନେ ଜାଣୁଥିଲେ । ସେମାନଙ୍କ ଆଶଙ୍କା ଦୃଢ଼ ହେଲା ଯେତେବେଳେ ଆଲୋଚନା ନିମନ୍ତେ ସ୍ଥିରୀକୃତ ବିଷୟ ସୂଚୀରେ ସେମାନେ ବିଦେଶୀ ଶାସନ ସହ ଅସହଯୋଗ, ବିଦେଶୀ ଦ୍ରବ୍ୟ ବର୍ଜନ ଓ ଜାତୀୟ ଶିକ୍ଷା ଭଳି ବିଷୟ ଅନ୍ତର୍ଭୁକ୍ତ ନୁହେଁ ବୋଲି ଜାଣିଲେ ।''(୧)

ଅଭ୍ୟର୍ଥନା ସମିତି ଆଲୋଚ୍ୟ ପ୍ରସ୍ତାବସବୁର ଖସଡ଼ା ପ୍ରକାଶ ଦିଗରେ ଇଚ୍ଛା କରି ଅକ୍ଷମଣୀୟ ବିଳମ୍ବ କଲେ । ୨୬ ତାରିଖ (୧୯୦୮ ଡିସେମ୍ବର) ପୂର୍ବାହ୍ଣରେ ସମ୍ମିଳନୀର ଶୁଭାରମ୍ଭ, ଅଥଚ ୨୫ ତାରିଖ ଅପରାହ୍ଣ ସୁଦ୍ଧା ସେସବୁ ଖସଡ଼ା ପ୍ରତିନିଧିମାନଙ୍କର ହସ୍ତଗତ ହେଲା ନାହିଁ । କୌଣସିମତେ ବାଳଗଙ୍ଗାଧର ତିଳକ ପ୍ରସ୍ତାବିତ ଆଲୋଚ୍ୟ ବିଷୟସବୁର ଏକ ନକଲ ସଂଗ୍ରହ କରି ଯାହା ଦେଖିଲେ, ସେଥିରେ ସେ ଅତ୍ୟନ୍ତ ହତାଶ ଓ ବିବ୍ରତ ବୋଧ କଲେ । ପୂର୍ବବର୍ତ୍ତୀ କଲିକତା ଅଧିବେଶନରେ ଯେଉଁସବୁ ପ୍ରଗତିଶୀଳ ପ୍ରସ୍ତାବମାନ ଗୃହୀତ ହୋଇଥିଲା, ଏ ଅଧିବେଶନ ନିମନ୍ତେ ପ୍ରସ୍ତାବିତ ବିଷୟ ସୂଚୀରେ ସେସବୁର କୌଣସି ସୂଚନା ନଥିଲା । ବରଂ ଜାତୀୟବାଦୀମାନଙ୍କ ମର୍ମକୁ ଆଘାତ ଦେବା ଭଳି ଭାଷାରେ ଲେଖା ଯାଇଥିଲା – ଭାରତୀୟ ଜାତୀୟ କଂଗ୍ରେସର ଚରମ ଲକ୍ଷ୍ୟ (ultimate goal) ହେଲା ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ଦେଶ ଭଳି କିଛି ସ୍ୱାୟତ୍ତ ଶାସନ ଅର୍ଜନ କରିବା !(୨)

ଉତ୍କଣ୍ଠା ଓ ଉତ୍ତେଜନାରେ ସ୍ପନ୍ଦିତ ଥାଏ ବାତାବରଣ । ଜାତୀୟବାଦୀମାନେ ବିଚଳିତ ହେବା ସ୍ୱାଭାବିକ । କିନ୍ତୁ ସାମସମୟିକ ସମସ୍ତ ନେତାମାନଙ୍କ ଜୀବନୀରୁ ଗୋଟାଏ କଥା ସ୍ପଷ୍ଟ ହୁଏ : ବିକ୍ଷୋଭ ସତ୍ତ୍ୱେ ଜାତୀୟବାଦୀମାନେ କଂଗ୍ରେସ ବିଭାଜିତ ହେଉ ବୋଲି ଚାହୁଁ ନଥିଲେ । ସେମାନଙ୍କ ଦୃଷ୍ଟି କୋଣରୁ କଂଗ୍ରେସର ଆଭିମୁଖ୍ୟ ଆଗକୁ ନବଢ଼ିଲେ ବି ସେ ଅବସ୍ଥା ସହ୍ୟ କରାଯାଇପାରେ, କିନ୍ତୁ ପୂର୍ବରୁ ଗୃହୀତ ଆଦର୍ଶକୁ ବେଖାତିର କରି ପଛକୁ ଫେରିଗଲେ କେମିତି ହେବ ?

ଅଧିବେଶନରେ ସଭାପତିତ୍ୱ କରିବା ନିମନ୍ତେ ଅଭ୍ୟର୍ଥନା ସମିତି ଜଣେ ଖ୍ୟାତନାମା ଆଇନଜୀବୀ ରାସ ବିହାରୀ ଘୋଷଙ୍କୁ ମନୋନୀତ କରିଥିଲେ । ବଦାନ୍ୟ ବ୍ୟକ୍ତି ଭାବରେ ତଥା ଶିକ୍ଷାର ପ୍ରସାର ଦିଗରେ ତାଙ୍କର ଅବଦାନ ଯୋଗୁଁ ରାସ ବିହାରୀଙ୍କ ପ୍ରତିଷ୍ଠା ଉପରେ କାହାରି କିଛି କହିବାର ନଥିଲା । କିନ୍ତୁ ବିଦେଶୀ ସରକାର ସମାଲୋଚିତ ହେଲା ଭଳି କୌଣସି ପ୍ରସ୍ତାବ ତାଙ୍କ ପୌରୋହିତ୍ୟରେ ଗୃହୀତ ହେବ, ସେଭଳି ସମ୍ଭାବନା ଥିଲା ସୁଦୂର ପରାହତ । (ଭଦ୍ରଲୋକ କେଇ ବର୍ଷ ପରେ, ୧୯୧୫ରେ ବ୍ରିଟିଶ ଶାସନ ଦ୍ୱାରା Knight-hood ବା ସାର୍ ଉପାଧିରେ ବିଭୂଷିତ ହୋଇଥିଲେ !)

ପ୍ରଖ୍ୟାତ ନେତା ଲାଲା ଲାଜପତ ରାୟ ୧୯୦୭ ମସିହା ମେ ମାସରେ ବର୍ମାର ମାଣ୍ଡାଲେକୁ ଦେଶାନ୍ତରିତ ହୋଇଥିଲେ ବିନା ବିଚାରରେ । କିନ୍ତୁ ସେଭଳି ଦଣ୍ଡ ଭୋଗିଲା ଭଳି କୌଣସି ଅପରାଧ ଉପସ୍ଥାପିତ ହୋଇ ନପାରିବାରୁ ନଭେମ୍ବରରେ ତାଙ୍କୁ ମୁକ୍ତି ମିଳି ଥାଏ । ସେତେବେଳେ ସେ ଲୋକପ୍ରିୟତାର ଶୀର୍ଷରେ । ଜାତୀୟବାଦୀମାନେ ଜାଣୁଥିଲେ ତାଙ୍କ ନାମ ସଭାପତି ଆସନ ପାଇଁ ପ୍ରସ୍ତାବିତ ହେଲେ ମାନ୍ଦାପନ୍ଥୀ ବା ରକ୍ଷଣଶୀଳମାନେ ବିରୋଧ କରିପାରିବେ ନାହିଁ । ଲାଲାଜିଙ୍କୁ ପଚରା ଗଲା ମଧ୍ୟ, କିନ୍ତୁ ସେ ସମ୍ମତ ହେଲେ ନାହିଁ । ସେତେବେଳେ 'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦ ଲେଖିଲେ

ଯେ ଯେଉଁ ଢଙ୍ଗରେ ଲାଲାଜିଙ୍କ ମତ ଲୋଡ଼ାଗଲା – ପୂର୍ବରୁ ଆଉ ଜଣଙ୍କୁ ମନୋନୀତ କରିସାରି, ସେଥିରେ କୌଣସି ଆତ୍ମ-ସମ୍ମାନବନ୍ତ ବ୍ୟକ୍ତି ପ୍ରସ୍ତାବଟି ଗ୍ରହଣ କରନ୍ତା ନାହିଁ । ତେବେ ତାଙ୍କ ପ୍ରତ୍ୟାଖ୍ୟାନ ମାନ୍ଦାପନ୍ଥୀମାନଙ୍କୁ ଏବଂ ଇଂରେଜ ନିୟନ୍ତ୍ରିତ ସମ୍ବାଦପତ୍ରଗୁଡ଼ିକୁ ଆହ୍ଲାଦିତ କରିଛି ।(୩)

୨୫ ତାରିଖ ସକାଳେ ଲାଲାଜି ସୁରତରେ ପହଞ୍ଚିଲେ । ତିଳକ ଏବଂ ଶ୍ରୀଅରବିନ୍ଦ ତାଙ୍କୁ ଷ୍ଟେସନରୁ ପାଛୋଟି ଆଣିଲେ । ସେ ଯଦିଓ ଅଧିବେଶନରେ ସଭାପତିତ୍ୱ କରିବା ନିମନ୍ତେ ରାଜି ହେଲେ ନାହିଁ, ମାନ୍ଦାପନ୍ଥୀ ଏବଂ ଜାତୀୟବାଦୀମାନଙ୍କ ଭିତରେ ବୁଝାମଣା ଓ ସହଯୋଗ ସମ୍ଭବ କରିବା ଦିଗରେ ଉଦ୍ୟମ କରିବାକୁ ପ୍ରସ୍ତୁତ ହେଲେ । ଜାତୀୟବାଦୀମାନେ ତାଙ୍କର ଏ ଭୂମିକାକୁ ସ୍ୱାଗତ କଲେ । ଉଭୟ ପକ୍ଷ ଭିତରେ ଆଲୋଚନା ନିମନ୍ତେ ତିଳକ, ଶ୍ରୀଅରବିନ୍ଦ ଏବଂ ଖାପାର୍ଦେ ଜାତୀୟ-ବାଦୀମାନଙ୍କର ପ୍ରତିନିଧିତ୍ୱ କରିବେ ବୋଲି ସ୍ଥିର ହେଲା । ତିଳକ ମୋଟେ ଚାହୁଁ ନଥିଲେ ଯେ ଜାତୀୟବାଦୀମାନେ କଂଗ୍ରେସରୁ ବାହାରି ଆସନ୍ତୁ ।

କିନ୍ତୁ ବିଡ଼ମ୍ବନା ହେଲା, ମାନ୍ଦାପନ୍ଥୀ ନେତା ଗୋପାଳ କୃଷ୍ଣ ଗୋଖଲେ ବୁଝାମଣା ଦିଗରେ କୌଣସି ଉଦ୍ୟମ ଲୋଡ଼ା ନାହିଁ ବୋଲି ଜଣାଇଦେଲେ । ବହୁବର୍ଷ ପରେ ଶ୍ରୀଅରବିନ୍ଦ ସ୍ମରଣ କରିଥିଲେ :

''ଇତିମଧ୍ୟରେ ଲାଜପତ ରାୟ ଆସି ତିଳକଙ୍କୁ ସାକ୍ଷାତ୍ କରି ଜଣାଇଲେ ଯେ ଯଦି କଂଗ୍ରେସ ବିଭାଜିତ ହେବ, ତେବେ ଜାତୀୟବାଦୀମାନଙ୍କୁ ଅତ୍ୟନ୍ତ ନିର୍ମମ ରୀତିରେ ଦମନ କରାଯିବ ବୋଲି ସରକାର ନିଷ୍ପତ୍ତି ନେଇଛି । ତିଳକ ମନେ କରୁଥିଲେ ଏବଂ ତାଙ୍କ ଧାରଣା ଯଥାର୍ଥ ବୋଲି ଘଟଣାବଳି ପ୍ରମାଣ କଲା ଯେ ଦେଶ ସେଯାଏ ସେଭଳି ଦମନନୀତି ସାମନା କରିବା ନିମନ୍ତେ ପ୍ରସ୍ତୁତ ହୋଇ ନାହିଁ । ସେ ପ୍ରସ୍ତାବ କଲେ, ଜାତୀୟବାଦୀମାନେ କଂଗ୍ରେସର ପ୍ରସ୍ତାବିତ ସମ୍ବିଧାନ ସ୍ୱୀକାର କରିନେବା ନିମନ୍ତେ ବିବୃତିରେ ଦସ୍ତଖତ କରିବେ ଏବଂ ତାହା ଦ୍ୱାରା ଉଭୟ ମାନ୍ଦାପନ୍ଥୀଙ୍କର ଏବଂ ସରକାରଙ୍କ ଉଦ୍ଦେଶ୍ୟ ଏଡ଼ାଇ ଯିବେ । ଶ୍ରୀଅରବିନ୍ଦ ଏବଂ ଆଉ କେତେକ ନେତା ଏଭଳି ବଶଂବଦତାର ବିରୋଧ କରୁଥିଲେ । ମାନ୍ଦାପନ୍ଥୀମାନେ ସେମାନଙ୍କ ସମ୍ମିଳନୀରେ ଜାତୀୟବାଦୀମାନଙ୍କୁ ସ୍ଥାନ ଦେବେ, ଏକଥା ସେମାନେ ବିଶ୍ୱାସ କରୁ ନଥିଲେ (ସେମାନଙ୍କ ଧାରଣା ସତ୍ୟ ବୋଲି ପ୍ରମାଣିତ ହେଲା) ଏବଂ ଦମନନୀତି ସାମନା କରିବାକୁ ପ୍ରସ୍ତୁତ ହେବା ନିମନ୍ତେ ଦେଶକୁ ଆହ୍ୱାନ ଦେବା ଥିଲା ସେମାନଙ୍କ ଇଚ୍ଛା ।''(୪)

ସେଦିନର ସୁରତ ଉପରକୁ ଦୃଷ୍ଟି ଫେରାଇବା । ନଗରୀର ବାତାବରଣ ଉଷୁମ । ଭାରତର ବିଭିନ୍ନ ପ୍ରାନ୍ତରୁ କେତେ କିସମର ଭାଷାଭାଷୀ ଲୋକେ କେତେ ଧରଣର ପୋଷାକ ପରିଚ୍ଛଦ ପରିଧାନ କରି ନଗରୀ ଭିତରେ ପ୍ରବେଶ କରୁଥା'ନ୍ତି । ସାଧାରଣ ଲୋକଙ୍କ ସକାଶେ ସେସବୁ ଦୃଶ୍ୟ ବେଶ୍ ଚିତ୍ତାକର୍ଷକ ଥାଏ । ଦୋକାନୀ, ବେପାରୀମାନେ ଏ ବିପୁଳ ସମାବେଶର ସୁଯୋଗ ନେବା ନିମନ୍ତେ ପ୍ରସ୍ତୁତ ହେଉଥାନ୍ତି । ଦେଶାତ୍ମବୋଧ-ଅନୁପ୍ରାଣିତ ଛାତ୍ର ଓ ଯୁବକମାନେ ସ୍ୱେଚ୍ଛାସେବକ ହେବା ନିମନ୍ତେ ଆଗଭର ହେଉଥିଲେ ।

ଶିକ୍ଷିତ ସଂପ୍ରଦାୟ କିନ୍ତୁ କଂଗ୍ରେସରେ ଆଦର୍ଶଗତ ବୈଷମ୍ୟ ସମ୍ପର୍କରେ ଅବହିତ ଥା'ନ୍ତି ଏବଂ ଦେଶର ପରିସ୍ଥିତି ଉପରେ ତା'ର ପ୍ରଭାବ କ'ଣ ହେବ, ସେ ସମ୍ପର୍କରେ ଉଦ୍‌ବିଗ୍ନ ରହିଥା'ନ୍ତି ।

ନଗରୀର ସ୍ଥୂଳ ବାତାବରଣ ଥାଏ ଉତ୍ସବମୁଖର, କିନ୍ତୁ ଚିନ୍ତାଶୀଳ ନାଗରିକମାନଙ୍କ ଭିତରେ ଚାଲିଥାଏ ଆଲୋଚନା ସମାଲୋଚନା ଏବଂ ଯୁକ୍ତିତର୍କ ।

ପ୍ରସ୍ତାବିତ ସଭାପତି ରାସବିହାରୀ ଘୋଷ ଡିସେମ୍ବର ୨୫ ତାରିଖ ସକାଳେ ଉପନୀତ ହେଲେ । ତାଙ୍କ ସହ ରେଳଗାଡ଼ିରେ ଆସୁଥିଲେ ବିଖ୍ୟାତ ଇଂରେଜ ସାମ୍ବାଦିକ ହେନ୍‌ରି ନେଭିନ୍‌ସନ୍ । ସେ ଲେଖିଛନ୍ତି :

''ଷ୍ଟେସନରେ ଏତେ ବିପୁଳ ଜନସମାବେଶ ଓ ଭିଡ଼ ହୋଇଥାଏ ଯେ ଯାତ୍ରୀଟିଏ ଗାଡ଼ିରୁ ଓହ୍ଲାଇବା ନିମନ୍ତେ ବହୁତ ସମୟ ଲାଗିଯାଉଥାଏ । ଖାକି ପୋଷାକ ଓ ଟୋପି ପରିହିତ ଯୁବ ସ୍ୱେଚ୍ଛାସେବକମାନେ ଯୁକ୍ତିପୂର୍ଣ୍ଣ କଥା ଓ ଅନୁରୋଧ ଉପରୋଧ ଦ୍ୱାରା ସେ ଜନତା ଭିତର ଦେଇ ବାଟ ପ୍ରସ୍ତୁତ କଲେ । ଗାଡ଼ି ଘୋଡ଼ାର ଶୋଭାଯାତ୍ରାଟିଏ ବ୍ୟବସ୍ଥିତ ହେଲା । କମଳାରଙ୍ଗ, ଗାଢ଼ ଲାଲ ଓ ଧଳା ପୋଷାକ ପରିହିତ, ସ୍ଲୋଗାନ୍‌ରତ ଜନତା ଭିତର ଦେଇ ତାହା ଧୀରେ ଧୀରେ ଅଗ୍ରସର ହେଲା । ପଥ ପ୍ରାନ୍ତର ଯାବତୀୟ ଝରକା ଭିତର ଦେଇ, ଦୋଦୁଲ୍ୟମାନ ବାଲ୍‌କୋନି ଏବଂ ସେ ସୁନ୍ଦର କିନ୍ତୁ ଜୀର୍ଣ୍ଣ ଅତୀତ ଭିତ୍ତିକ କ୍ଷୁଧିତ ସହରର ସମସ୍ତ ଇମାରତ୍ ଏପରିକି ଧ୍ୱଂସମାନ ମସଜିଦ ଏବଂ ହିନ୍ଦୁମନ୍ଦିର ସମୂହର ଛାତ ଉପରେ ଥାଇ ନିଘଞ୍ଚ ଜନତା ସେ ଦୃଶ୍ୟ ଦେଖୁଥାଏ । ମହିଳାମାନେ

ଲଜ୍ଜା ପରିହାର କରି ସେ ଦୃଶ୍ୟ ଦେଖୁଥା'ନ୍ତି ସେମାନଙ୍କ ସନ୍ତାନ ବା ଭାଇମାନଙ୍କ ଗହଣରେ ଥାଇ, ଭଗ୍ନକୋଠାସବୁର ରନ୍ଧ୍ର ଦେଇ ବାଳକବାଳିକାମାନେ ଅନାଇଥା'ନ୍ତି । ଅଳ୍ପ ଅଳ୍ପ ଦୂରରେ ଫୁଲମାଳ, ଫୁଲତୋଡ଼ା, ସୁବାସିତ ଶସ୍ୟଦାନା ଏବଂ ରୁପାଦାନିରୁ ଉତ୍ସାରିତ ଗୋଲାପ ପାଣି ବିଞ୍ଚିହୋଇ ପଡୁଥାଏ । ସବୁ ପ୍ରାନ୍ତରୁ ଶୁଭୁଥାଏ ଉତ୍‌ଫୁଲ୍ଲ 'ବନ୍ଦେ ମାତରମ୍' ନିନାଦ । ରାସ୍ତାର ଦୁଇ କଡ଼ରେ ରଙ୍ଗିନ କାଗଜ ପତାକାମାନେ ଉଡୁଥା'ନ୍ତି ଏବଂ ମଧ୍ୟେ ମଧ୍ୟେ ସୁଦୃଶ୍ୟ ତୋରଣ ଦେହରେ ଭାରତୀୟ କିଂବା ଇଂରାଜୀ ଭାଷାରେ ପ୍ରତିନିଧିମାନଙ୍କ ସକାଶେ ସ୍ୱାଗତ ବାଣୀ ଲେଖାଯାଇଥାଏ । କଂଗ୍ରେସ ଅଧିବେଶନ ନିମନ୍ତେ ନିର୍ମିତ ମଞ୍ଚ ଏବଂ ତହିଁ ଚତୁର୍ଦ୍ଦିଗରେ ପ୍ରତିନିଧିବର୍ଗଙ୍କ ସକାଶେ ଉଦ୍ଦିଷ୍ଟ ତମ୍ବୁମାନ ସହର ଉପାନ୍ତରେ, ନଦୀ ତୀରରେ ସ୍ଥାପିତ ହୋଇଥାଏ । ଦୂରତା ଦୁଇ ମାଇଲରୁ ଅଧିକ ନୁହେଁ । କିନ୍ତୁ ସେ ପ୍ରବଳ ଆନନ୍ଦ ଉତ୍ସାହ ଭିତରେ ଶୋଭାଯାତ୍ରା ସେଠାରେ ପହଞ୍ଚିବାକୁ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗିଗଲା ।'' (୫)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**


୧. ରମେଶଚନ୍ଦ୍ର ମଜୁମଦାର : Struggle for Freedom; ଭାରତୀୟ ବିଦ୍ୟାଭବନ, ମୁମ୍ବାଇ ।
୨. ରାମଗୋପାଳ : Lokamanya Tilak; Asia Publishing House, ମୁମ୍ବାଇ ।
୩. 'ବନ୍ଦେ ମାତରମ୍', SABCL, Vol. - 1.
୪. ଶ୍ରୀଅରବିନ୍ଦ : ତତ୍ରୈବ ।
୫. ହେନ୍‌ରି ନେଭିନ୍‌ସନ୍ : The New Spirit in India; (Indian reprint), 1975; Metropolitan Book Co., ଦିଲ୍ଲୀ ।


*ପ୍ରଶ୍ନ : ମଧୁମୟୀ ମାଆ, ଆପଣ ଆମ ଲାଗି ଶୃଙ୍ଖଳା ସମ୍ବନ୍ଧରେ ଦୁଇପଦ ଲେଖିଦେବେ କି ?*

**ଶ୍ରୀମା** : ଶାରୀରିକ ଜୀବନର କ୍ଷେତ୍ରରେ ଶୃଙ୍ଖଳା ଅପରିହାର୍ଯ୍ୟ । ଶରୀରର ଅଙ୍ଗପ୍ରତ୍ୟଙ୍ଗ ଯେପରି ଉଚିତ ଭାବରେ କାର୍ଯ୍ୟ କରିପାରିବ, ତାହା ହେଉଛି ଏକ ଶୃଙ୍ଖଳାର ଅଙ୍ଗ । ଏବଂ ଯେତେବେଳେ ଶରୀରର କୌଣସି ଅବୟବ ବା ଅଙ୍ଗ ଶରୀରର ସାଧାରଣ ଶୃଙ୍ଖଳାଟିକୁ ମାନିବାକୁ ଅସମ୍ମତି ପ୍ରକାଶ କରେ, ଆମେ ସେତିକିବେଳେହିଁ ଅସୁସ୍ଥତା ଭୋଗକରୁ ।

ଅଗ୍ରଗତି ଲାଗି ଶୃଙ୍ଖଳା ଅପରିହାର୍ଯ୍ୟ । ନିଜକୁ ଏକ କଠିନ ଏବଂ ଜ୍ଞାନସମ୍ପନ୍ନ ଶୃଙ୍ଖଳା ମଧ୍ୟରେ ପକାଇ ପାରିଲେ ଯାଇ ଆମେ ଅନ୍ୟମାନଙ୍କର ଶୃଙ୍ଖଳା ମଧ୍ୟରୁ ନିଜକୁ ମୁକ୍ତ କରି ଆଣିପାରିବା ।

ପରମ ଦିବ୍ୟସତ୍ତାଙ୍କ ପାଖରେ ଆପଣାକୁ ସମଗ୍ର ଓ ସମ୍ପୂର୍ଣ୍ଣଭାବରେ ସମର୍ପିତ କରି ରଖିବା ଏବଂ ଆପଣାର ଅନୁଭବ ଅଥବା କ୍ରିୟାଶୀଳତା ଭିତରେ ଆଉ ଅନ୍ୟ କୌଣସି କିଛିକୁ ପ୍ରବେଶ କରିବାକୁ ନଦେବା,– ତାହାହିଁ ହେଉଛି ସର୍ବୋଚ୍ଚ ଶୃଙ୍ଖଳା । ଏହି ସମର୍ପଣଟି ମଧ୍ୟରୁ ଆମେ କୌଣସିଟିକୁ ବି କେବେ ବାଦ୍ ଦେବା ନାହିଁ,– ତାହାହିଁ ହେଉଛି ସର୍ବୋଚ୍ଚ ଶୃଙ୍ଖଳା, ସବୁଠାରୁ କଠିନ ଶୃଙ୍ଖଳା ।

*୧୭ ଫେବ୍ରୁଆରୀ ୧୯୭୨*

ଯୋଗସମନ୍ୱୟ (୭୧)

# ଦିବ୍ୟଶକ୍ତିର କ୍ରିୟା

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ସପ୍ତଦଶ ଅଧ୍ୟାୟ ''ଦିବ୍ୟଶକ୍ତିର କ୍ରିୟା'' (**The Synthesis of Yoga, Part - IV, The Yoga of Self-Perfection, Chapter - XVII "The Action of the Divine Shakti"**ର ଅବଲମ୍ବନରେ ।]



## ପୂର୍ଣ୍ଣଚନ୍ଦ୍ର ମହାପାତ୍ର



ବ୍ୟକ୍ତି ଓ ଜଗତ୍ ମଧ୍ୟରେ ଯେଉଁ କ୍ରିୟା ଚାଲିଛି, ତାହା ସ୍ୱୟଂ ଶକ୍ତିମାତା କରିଛନ୍ତି ଓ କରୁଛନ୍ତି । ଭାସ୍କରାଚାର୍ଯ୍ୟ କହନ୍ତି –'ବ୍ରହ୍ମୈବ ଶକ୍ତିଃ ।' ବ୍ରହ୍ମ ସ୍ୱୟଂ ଶକ୍ତି । ଏଣୁ ମା'ଙ୍କୁ ପ୍ରାର୍ଥନା କରାଯାଇଛି ''ତ୍ୱମେକା ପରଂବ୍ରହ୍ମରୂପେଣ ସିଦ୍ଧା ।'' ଅନ୍ୟ ଭାଷାରେ କହିଲେ ଈଶ୍ୱରଙ୍କ ସର୍ବ-ଐଶ୍ୱର୍ଯ୍ୟ ପରାକ୍ରମର ରୂପ ହେଲେ ଶକ୍ତି । ଈଶ୍ୱର ପ୍ରଦୀପ ହେଲେ ଶକ୍ତି ତାଙ୍କ ପ୍ରକାଶିତ ଆଲୋକ । ''ତ୍ୱମେକାମ୍ବିକେ ଯସ୍ୟ କସ୍ୟାପି ଶକ୍ତିଃ ।'' ଯାହାର ଯାହା ଶକ୍ତି ଅଛି, ତାହା ମା'ଙ୍କର । ମା' ହେଲେ ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ସାମର୍ଥ୍ୟ ବା ପରାକ୍ରମ । ଏହି ଶକ୍ତି ଅନନ୍ତ । କିନ୍ତୁ ତାଙ୍କୁ ଶାସ୍ତ୍ର ଲୋକଗ୍ରାହ୍ୟ ପାଇଁ କହନ୍ତି –

''ହ୍ଲାଦିନୀ ସନ୍ଧିନୀ ସଂବିଦଭିଧାନାନ୍ତରାଙ୍ଗିକା ।
ତଟସ୍ଥା ବହିରଙ୍ଗା ଚ ଜୟନ୍ତୀ ପ୍ରଭୁଶକ୍ତୟଃ ।।''

ଶକ୍ତି ଓ ଶିବଙ୍କର ସମ୍ବନ୍ଧ 'ତାଦାତ୍ମ୍ୟ' । ଶାସ୍ତ୍ର ମତରେ ତାଦାତ୍ମ୍ୟ ହେଲା ଭେଦ ସହିଷ୍ଣୁ ଅଭେଦ । ଈଶ୍ୱର ଓ ଶକ୍ତି ଅଭେଦ । ''ଯେ ଯଥା ମାଂ ପ୍ରପଦ୍ୟନ୍ତେ'', ଉପାସକ ନିଜ ରୁଚି ଅନୁସାରେ ଭେଦରେ ବି ଉପାସନା କରିପାରେ । ମା' ଈଶ୍ୱରଙ୍କର ଶକ୍ତି ଯାହା 'କର୍ତ୍ତୁମକର୍ତ୍ତୁମନ୍ୟଥା କର୍ତ୍ତୁଂ କ୍ଷମ' କରିପାରିବେ, କରିବେ ନାହିଁ, ଅନ୍ୟକିଛି କରିପାରିବେ । ସେ ତାଙ୍କ କର୍ମରେ ସ୍ୱାଧୀନ ।

ଭଗବାନଙ୍କ ଶକ୍ତି ଅନେକ ହେଲେ ମଧ୍ୟ ଶାସ୍ତ୍ରରେ ତ୍ରିବିଧ ଶକ୍ତି କଥା କୁହାଯାଇଛି । ତାହା ହେଲା (୧) ଅନ୍ତରଙ୍ଗା, (୨) ତଟସ୍ଥା, (୩) ବହିରଙ୍ଗା । ଅନ୍ତରଙ୍ଗା ପ୍ରଭୁଙ୍କ ସ୍ୱରୂପ ଶକ୍ତି । ଏହା ହ୍ଲାଦିନୀ, ସଂବିତ୍, ସନ୍ଧିନୀ । ଏକ ପରମଙ୍କ ଆନନ୍ଦାଂଶ ହ୍ଲାଦିନୀ, ଚିଦଂଶ ହେଲା ସଂବିତ୍ ଆଉ ସତ୍ ଅଂଶକୁ ସନ୍ଧିନୀ କୁହାଯାଏ । ଏମାନେ ନିତ୍ୟପୂର୍ଣ୍ଣ, ଭଗବାନ୍ ସଚ୍ଚିଦାନନ୍ଦଙ୍କ କଣବତ୍ ତଟସ୍ଥା ଶକ୍ତି ଅନନ୍ତ, ଅସଂଖ୍ୟ, ସକଳ ଜୀବଗଣ । ଆଉ ଭୌତିକ ପ୍ରକୃତି ବହିରଙ୍ଗା – ପ୍ରାକୃତ ଦୃଶ୍ୟାଦୃଶ୍ୟମାନ୍ ଜଗତ୍ । ଶକ୍ତି ଓ ଶକ୍ତିମାନ୍ ଅଦ୍ୱୟ । ସ୍ୱୟଂ ପୁରୁଷୋତ୍ତମଙ୍କର କ୍ରିୟାରୂପ ଶକ୍ତି । ଯେବେ ସେ ନିଷ୍କ୍ରିୟ, ପ୍ରଶାନ୍ତ ଓ ନିଶ୍ଚଳ ତେବେ ସେ ଶିବ ବା ପୁରୁଷ । ଈଶ୍ୱର ସ୍ୱୟଂ ଅତିମାନସ ମଧ୍ୟରେ ଥିବା ସ୍ୱଶକ୍ତିରେ ଯେବେ ନିଜକୁ ଅଭିବ୍ୟକ୍ତ କରି ଆତ୍ମସତ୍ତା, ଜୀବନ ତଥା ଯୋଗର ଅଧୀଶ୍ୱର ଭାବେ ଆପଣାକୁ ପ୍ରତିଷ୍ଠିତ କରନ୍ତି ତେବେ ପୂର୍ଣ୍ଣ ସିଦ୍ଧି ସମ୍ଭବ । ଏହି ବିଶ୍ୱବ୍ୟାପିନୀ କାଳାତୀତା ମହାଶକ୍ତି କାଳର ଭୂମି ଉପରେ ନିଜକୁ ପ୍ରକାଶ କରିପାରନ୍ତି, ମନୁଷ୍ୟ ମଧ୍ୟରେ ସେ ସୀମିତା । ସେ ଚେତନାର ବିଭିନ୍ନ ଭୂମିରେ ଭିନ୍ନ ଭିନ୍ନ ରୂପ ନିଅନ୍ତି । ଶରୀରରେ ଶରୀରଶକ୍ତି, ପ୍ରାଣରେ ପ୍ରାଣଶକ୍ତି, ମନରେ ମନଃଶକ୍ତି । ସେ ବିଶ୍ୱମୟୀ ମଧ୍ୟ । ସ୍ଥୂଳ ଶକ୍ତିର ସନ୍ଧାନୀ ବୈଜ୍ଞାନିକ ଈଶ୍ୱରଙ୍କୁ ବିଶ୍ୱାସ ନ କରିପାରେ ମାତ୍ର ଶକ୍ତିକୁ ବିଶ୍ୱାସ କରେ । ମାତ୍ର ଶକ୍ତି ଯେ ଚିନ୍ମୟୀ ଏକଥା ଯିଏ ବୁଝେ ନାହିଁ, ତା' ପାଇଁ ଶକ୍ତି ଅଚେତନା । ତାହା ତାପଶକ୍ତି (Heat power), ତଡ଼ିତ୍‌ଶକ୍ତି (Electrical power), ଚୁମ୍ବକ ଶକ୍ତି (magnetic power), କ୍ରିୟମାଣ ଶକ୍ତି (Kinetic power), ଗତିଶକ୍ତି (Energy of motion); ଶକ୍ତି ସର୍ବଭୂତରେ ଅବସ୍ଥିତା – ''ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା ।'' ଅପରାବିଦ୍ୟା ଜଗଦ୍ରୂପିଣୀ, ପରାବିଦ୍ୟା ବ୍ରହ୍ମରୂପିଣୀ । ଦଶ-ମହାବିଦ୍ୟାରୁ ଦଶଟି ମହାଶକ୍ତିର ପରିଚୟ ପାଉ । ତନ୍ତ୍ର ମତରେ ସେମାନେ ହେଲେ –

''କାଳୀ ତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ
ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା
ବଗଳା ସିଦ୍ଧବିଦ୍ୟା ଚ ମାତଙ୍ଗୀ କମଳାତ୍ମିକା ।''

ଏହି ଦଶ ମହାବିଦ୍ୟା ଏକହିଁ ଶକ୍ତିର ଭେଦ । ଏମାନେ ବାହ୍ୟତଃ ଭିନ୍ନ ଭିନ୍ନ । ମା' ଶ୍ରୀଚଣ୍ଡୀରେ କହୁଛନ୍ତି, ''ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟା କା ମମାପରା ।'' ମୁଁ ଏକା ଅଛି, ମୋଠାରୁ ଭିନ୍ନ କେହି ନାହାନ୍ତି ।

ଈଶ୍ୱର ଅବ୍ୟକ୍ତ, ଶକ୍ତି ବ୍ୟକ୍ତ ।

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ସେ ଚତୁଃ ଶକ୍ତି – ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଯାହା ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ-ସଂହତି ଓ କର୍ମଶକ୍ତି ମାଧ୍ୟମରେ ପ୍ରକାଶିତ ହୁଏ ।

ଆମ ମଧ୍ୟରେ ଯେଉଁ କର୍ମ ଚାଲେ, ଆମେ ଭାବୁ ଆମେ ତା'ର କର୍ତ୍ତା । କିନ୍ତୁ କର୍ମରେ ବିଫଳ ହେଲେ ଭାବୁ କାହିଁକି ମୁଁ ଅସଫଳ ହେଲି ? ଅସଫଳତା ଦୁଃଖ ଦିଏ । ଦୁଃଖ ହୁଅନ୍ତା ନାହିଁ ଯଦି ଜାଣନ୍ତୁ ପ୍ରକୃତରେ ପ୍ରକୃତି ସମସ୍ତ କର୍ମ କରୁଛନ୍ତି, ବାହାରେ ଭିତରେ, ସବୁରି ମଝିରେ, ସବୁ କ୍ରିୟାର ପଶ୍ଚାତ୍‌ରେ ଅଛି ମହାଶକ୍ତିର ପ୍ରେରଣା । ଆମ ମଧ୍ୟରେ ସେହି ଶକ୍ତି ଆମର ଅହଂ ମାଧ୍ୟମରେ କାର୍ଯ୍ୟ କରାଉଛନ୍ତି । ଅହଂ କର୍ତ୍ତା ନୁହେଁ, ନିମିତ୍ତ ମାତ୍ର । କାରଣ ଯେଉଁ ଶାରୀରିକ, ପ୍ରାଣିକ, ମାନସିକ ଶକ୍ତିକୁ ଆମେ ଆମର ଭାବୁଛୁ, ଯାହା ଉପରେ ଆମର କିଛି କର୍ତ୍ତୃତ୍ୱ ଅଛି ବୋଲି ଆମର ଧାରଣା, ସେ ଆମର ନୁହେଁ । ବିଶ୍ୱଶକ୍ତିର ସେସବୁ ଏକ କ୍ଷୀଣ ସ୍ରୋତ । ସେମାନେ ଯେ ବିଶ୍ୱଶକ୍ତି ସହ ସମ୍ପୃକ୍ତ ତାହା ଆମେ ଜାଣୁ ନାହୁଁ । କାରଣ ଆମ ଅହଂକାର ଏ ଶକ୍ତିର ଦାବିଦାର ହୁଏ । ଯାହାକୁ ସେ ବ୍ୟବହାର କରିପାରେ, ତାହା ବ୍ୟତୀତ ଅନ୍ୟଶକ୍ତିମାନଙ୍କର ପଥରୋଧ କରେ । ଅହଂକାରୀ ଭାବେ ସେ ସବୁ କରୁଛି । ମାତ୍ର ସେ ମୂଢ଼ । ''ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ।'' (ଗୀତା)

ଅହଂର ଏହି ପଥରୋଧ ଫଳରେ ଆମେ ଅନ୍ୟ ବ୍ୟକ୍ତି ଓ ବିଶ୍ୱଠାରୁ ଭିନ୍ନ ବୋଧ କରୁ । ଅହଂ ଆମକୁ ସଙ୍କୁଚିତ କରେ, ବନ୍ଧନରେ ପକାଏ । ଜୀବମୁକ୍ତି ପାଇଁ ପ୍ରଥମ ଆବଶ୍ୟକତା ହେଲା ଅହଂମୁକ୍ତ ମହାଶକ୍ତିର ଅନୁଭବ । ନିଜକୁ ଉନ୍ମୋଚିତ କରି ଚାଲିଲେ, ବିସ୍ତାରିତ କରିବାର ଅଭ୍ୟାସ ଜାରି ରଖିଲେ, ଆମେ ଜାଣୁ ଆମ ମଧ୍ୟରେ ପ୍ରକୃତିର କ୍ରିୟା ଚାଲିଛି । ପ୍ରକୃତି ସମସ୍ତଙ୍କ ମଧ୍ୟରେ ସେଇ କର୍ତ୍ତ୍ରୀ । କେହି ବି କର୍ତ୍ତା ନୁହନ୍ତି । ଟିକିଏ ଆତ୍ମନିରୀକ୍ଷଣ କଲେ ବୋଧଗମ୍ୟ ହୁଏ ଆମେ ପ୍ରକୃତିର କ୍ରିୟାର ତଟସ୍ଥ ଦ୍ରଷ୍ଟାମାତ୍ର । ସାଂଖ୍ୟର ଏହା ଅଭିମତ ।

ସାଧନାରେ ନିଜକୁ ବିସ୍ତାରିତ କରି ଆମେ ସ୍ୱୟଂ ବିଶ୍ୱ-ପ୍ରକୃତି ସହ ଐକ୍ୟ ଲାଭ କରିପାରୁ । ଏହା ବିଶ୍ୱମୟତା (Universalisation) । ସେତେବେଳେ ଅନୁଭବ ହୁଏ ପ୍ରକୃଷ୍ଟା କର୍ତ୍ତ୍ରୀ ପ୍ରକୃତି ସବୁ କରି ଚାଲିଛନ୍ତି । The Synthesis of Yogaର ଭାଷାରେ : "To see that we are not the originators of action but that it is rather this Power that acts in ourselves and in all others, not I and others the doers, but the one Prakriti,..." (page. 762) ଅହଂର ଆବଶ୍ୟକତା ନିମ୍ନ ସୃଷ୍ଟିରେ ରହିଛି, ସେସବୁ ବ୍ୟକ୍ତି-ରୂପର କର୍ତ୍ତା । କିନ୍ତୁ ଉଚ୍ଚ ଦିବ୍ୟଜଗତକୁ ଆମେ ଉତ୍ଥିତ ହେଲେ, ଅହଂର ବନ୍ଧନରୁ କ୍ରମଶଃ ମୁକ୍ତି ପାଉ । ଆମେ ଜାଣୁ ନିମ୍ନ-ଜଗତରେ ଅହଂର ସଂଗଠନ ଓ ବିକାଶର ଆବଶ୍ୟକତା କିଛି ଥିଲା । ଊର୍ଦ୍ଧ୍ୱ ଜଗତରେ ତା'ର ବିପରୀତହିଁ ଆବଶ୍ୟକ ହୁଏ । ଆମ ନିଜ ମଧ୍ୟରେ ଯେଉଁ କ୍ରିୟା ଚାଲିଛି, ତାହା ଦିବ୍ୟଶକ୍ତିଙ୍କର କ୍ରିୟା । ମାତ୍ର ତାହା ନିମ୍ନ ପ୍ରକୃତି ମାଧ୍ୟମରେ ନିମ୍ନ ସ୍ତରରେ ଚାଲିଛି । ଏପରି ଜ୍ଞାନ ଲାଭ ହେଲେ ଊର୍ଦ୍ଧ୍ୱ ଜଗତର ଦିବ୍ୟଶକ୍ତିର କ୍ରିୟାର ଅନୁଭୂତି ମଧ୍ୟ ମିଳେ । ଏପରି ଅନୁଭବର ପ୍ରତ୍ୟକ୍ଷ ଲାଭ ହୁଏ ଆମ ସହ ଅନ୍ୟମାନଙ୍କର ସମ୍ପର୍କରେ ଥିବା ବିଚ୍ଛିନ୍ନତାର କ୍ଷୀଣତା । ଆମ ଦୃଷ୍ଟି କ୍ରମଶଃ ବୃହତ୍ତର ହୋଇଯାଏ, ବିଶ୍ୱମୟ ହୋଇଯାଏ । ଅନ୍ୟମାନଙ୍କ ମନ, ପ୍ରାଣ, ଶରୀର ସହ ଆମର ମନ, ପ୍ରାଣ, ଶରୀରର କ୍ରମଶଃ ଅଭିନ୍ନତା ଅନୁଭୂତ ହୁଏ ।

ଏହା କିନ୍ତୁ ପୂର୍ଣ୍ଣତା ନୁହେଁ । ପୂର୍ଣ୍ଣତାର ଏକ ସ୍ତର ବା ସୋପାନ । ଆମ ସତ୍ତା ବିସ୍ତୃତ ହେଲେ ବି, ଏହା ନିମ୍ନ ପ୍ରକୃତିରୁ ପୂର୍ଣ୍ଣଭାବେ ମୁକ୍ତ ନୁହେଁ । ଗୁଣତ୍ରୟ କ୍ରମଶଃ କ୍ଷୀଣ ହେଲେବି ଲୋପ ପାଏ ନାହିଁ । ଏହା ଆମ ଅବଚେତନାରେ ଲୁଚି ରହିଥାଏ ଓ ସୁଯୋଗ ପାଇଲେ ସମ୍ମୁଖକୁ ଆସିଯାଏ । ତେବେ ଏଥିପାଇଁ ସାଧକକୁ ଏକ ପରମେଶ୍ୱରଙ୍କୁ ସକଳଙ୍କ ପଶ୍ଚାତରେ ଓ ସକଳ କ୍ରିୟା ପଶ୍ଚାତରେ ଦେଖିବାକୁ ହେବ । "The Sadhaka has therefore first to keep the idea and get the realisation of a one self or spirit in all behind all these workings." (*The Synthesis of Yoga*, page. 763) ତା'ପର କାର୍ଯ୍ୟ ହେଲା ସାଧକକୁ ବିଶ୍ୱଶକ୍ତିକୁ ଉପଲବ୍ଧି କରିବାକୁ ହେବ "And, secondly, the universal Shakti must be realised, must be seen and felt..." (ibid) ଏହି ଶକ୍ତିକୁ ତା'ର ଶୁଦ୍ଧତମ ରୂପରେ ଦେଖିବାକୁ ଓ ଅନୁଭବ କରିବାକୁ ହେବ । ଏହାର ବୃହତ୍ତର

ଦୃଷ୍ଟି ଲାଭ କଲେ ତ୍ରିଗୁଣର ବନ୍ଧନରୁ ମୁକ୍ତି ମିଳିବ । ଏପରିକି ନିଜ ଚେତନାରେ ପୁରୁଷ ପ୍ରକୃତିଙ୍କର ଏକତ୍ୱ ଉପଲବ୍ଧି ହେବ ।

ମନ, ପ୍ରାଣ ଓ ଦେହ ଶକ୍ତି ସେହି ମୂଳ ପରମା ଶକ୍ତିରୁ ଉଦ୍ଭବ ଏହା ବୋଧ ହେବ । ମାତ୍ର ସେହି ସମୟରେ ବି ବୋଧହେବ ଏମାନେ ପରମାଶକ୍ତିଠାରୁ ନିମ୍ନତର, ନିମ୍ନମାନର ଏବଂ ଗୋଟିଏ ଦୃଷ୍ଟିରୁ ଏମାନଙ୍କ କ୍ରିୟା ପରମାଶକ୍ତିଠାରୁ ସ୍ୱତନ୍ତ୍ର । କିନ୍ତୁ ପରମାଶକ୍ତି ଊର୍ଦ୍ଧ୍ୱଭୂମିରୁ ଅବତରଣ କରିପାରନ୍ତି । ନିମ୍ନଚେତନାର କିଛି ରୂପାନ୍ତର କରିପାରନ୍ତି । ତଥାପି ତାହା ସହ ଅପମିଶ୍ରଣ ଯୋଗୁଁ ନିଜର ମୂଳ ସ୍ୱଚ୍ଛତା ହରାଇ ବସନ୍ତି, ଊର୍ଦ୍ଧ୍ୱଭୂମିର ଶୁଦ୍ଧତା ଆଉ ରହେ ନାହିଁ । କିନ୍ତୁ ଦିବ୍ୟଶକ୍ତି ଊର୍ଦ୍ଧ୍ୱ ଭୂମିରେ ନିଜକୁ ପ୍ରକଟିତ କରିଥାଆନ୍ତି, ସେତେବେଳେ ଆମେ ଅନୁଭବ କରୁ ଏକ ଅସୀମ ସତ୍ତା ଓ ଶକ୍ତିର ଉପସ୍ଥିତି । ଆମେ ଅନୁଭବ କରୁ ଏକ ଦିବ୍ୟସଂକଳ୍ପ, ପରମ ପ୍ରଶାନ୍ତି ଓ ଦିବ୍ୟ-ଆନନ୍ଦ । ଏହା ଫଳରେ ଆମେ ତାହା ପ୍ରତି ଆକର୍ଷିତ ହୋଇ ତାହାକୁ ଅଧିକ ଜାଣିବାକୁ, ତାକୁ ପାଇବାକୁ ଆସ୍ପୃହାଶୀଳ ହେଉ; ତା' ସହ ଏକତ୍ୱ ଇଚ୍ଛାକରୁ । ଊର୍ଦ୍ଧ୍ୱଶକ୍ତିର ପ୍ରଭାବରେ ଆମ ନିମ୍ନଚେତନାର କିଛି ରୂପାନ୍ତର ହୁଏ । ଏହା କିନ୍ତୁ ପୂର୍ଣ୍ଣ ରୂପାନ୍ତର ନୁହେଁ ।

ପୂର୍ଣ୍ଣ ରୂପାନ୍ତର ସମ୍ଭବ ହୁଏ ଯେତେବେଳେ ମନରେ ଆଧ୍ୟାତ୍ମିକ କ୍ରିୟା ସମ୍ଭବ ହୁଏ । ଏବେ ଏକ ଉଚ୍ଚତର ଜ୍ଞାନ ଆମର ସକଳ କ୍ରିୟାରେ ପ୍ରୟୋଗ କରାଯାଇପାରେ । ଆମ ଚେତନା ସହ ଏକ ଅତିମାନସ ଶକ୍ତିର ସଂଯୋଗରୁ ଏହା ସମ୍ଭବ ହୁଏ । ଏଇ ଶକ୍ତି ଅତୁଳନୀୟା, ଅବର୍ଣ୍ଣନୀୟା, ଅସୀମା । ଏହା ସର୍ବୋତ୍ତମ ଈଶ୍ୱରଙ୍କର ଶକ୍ତି, ଚେତନା ଓ ଆନନ୍ଦ । ଏହା ପରମଙ୍କର ସଂକଳ୍ପ ଶକ୍ତି, ପରମାଙ୍କର ଜ୍ଞାନଶକ୍ତି । ସେହିଁ ମନ ମଧ୍ୟରେ ଜ୍ୟୋତିର୍ମୟ ପ୍ରଜ୍ଞା ରୂପେ କାର୍ଯ୍ୟ କରୁଥା'ନ୍ତି । ସେହି ପରମା ଜ୍ଞାନଶକ୍ତି ମନକୁ ରୂପାନ୍ତରିତ କରି ଅତିମାନସ ବିଜ୍ଞାନ ଶକ୍ତି ଦିଗରେ ସମସ୍ତ ବ୍ୟକ୍ତିତ୍ୱକୁ ଉତ୍ତୋଳିତ କରିପାରନ୍ତି । ଏହା ଫଳରେ ଘଟିପାରେ ପୂର୍ଣ୍ଣ ରୂପାନ୍ତର ।

କିନ୍ତୁ ଏହା ସମ୍ଭବ ହୁଏ ଯେତେବେଳେ ଅହଂର ପରାକ୍ରମ ସାଧକ ମଧ୍ୟରୁ ହ୍ରାସ ପାଏ, ହ୍ରାସ ପାଏ ଅହଂବୋଧ ଓ କର୍ତ୍ତୃତ୍ୱବୋଧ । ଆମ ଶକ୍ତି ବିଶ୍ୱଶକ୍ତିରେ ମିଶି ଯାଏ, ଆମ ଦୃଷ୍ଟି ବିସ୍ତାରିତ ହୋଇ ବିଶ୍ୱମୟ ହୋଇଯାଏ । ଏହା ଯୋଗର ମୂଳ ଆବଶ୍ୟକତା । ବିଶ୍ୱଶକ୍ତି ସବୁ ପରିଚାଳନା କରୁଛନ୍ତି, ଗଢୁଛନ୍ତି, ଆମ ଭିତରେ ଓ ଅନ୍ୟସମସ୍ତଙ୍କ ମଧ୍ୟରେ, ଏପରି ଅନୁଭୂତି ସ୍ପଷ୍ଟ ହୋଇଯାଏ । ସବୁ ଯେ ଏକ ବିଶ୍ୱଶକ୍ତିରୁ ସର୍ବତ୍ର ଓ ସକଳ ଭିତରେ ପରିଚାଳିତ; ଏହି ଅନୁଭୂତି ଓ ଦୃଷ୍ଟି ସେଥିପାଇଁ ଆସିବା ଆବଶ୍ୟକ । କିନ୍ତୁ ଯଦି ଚେତନାର ସବୁ ସ୍ତରରେ ସମତା ଓ ନିଶ୍ଚଳ ଶାନ୍ତି ବିରାଜମାନ କରେ ତେବେ ଏପରି ଅନୁଭୂତିରେ ସମସ୍ୟା ରହେ ନାହିଁ । ଏହା ସହ ପରମା ଶକ୍ତି ଓ ପରମ ପୁରୁଷଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ।

ଏବେ ପରମେଶ୍ୱରଙ୍କର ତିନୋଟି ଶକ୍ତିକୁ ସର୍ବଦା ସ୍ମରଣ ରଖିବା ଅପରିହାର୍ଯ୍ୟ । ତାହା ହେଲା – ଜୀବ, ପ୍ରକୃତି ଏବଂ ପରମେଶ୍ୱର । ଆମକୁ ସ୍ମରଣ ରଖିବାକୁ ହେବ ଈଶ୍ୱର ପରମ ଆତ୍ମସତ୍ତା । ତାଙ୍କଠାରୁ ଆମର ସୃଷ୍ଟି, ଆମେ ତାଙ୍କ ମଧ୍ୟରେ ବଞ୍ଚି ରହିଛୁ ଓ ବିଚରଣ କରୁଛୁ । ପ୍ରକୃତିକୁ ଆମେ ତାଙ୍କରି ଶକ୍ତି ବୋଲି ଜାଣୁ ଯାହାର ଅର୍ଥ ସେ ଶକ୍ତିରୂପୀ ଈଶ୍ୱର । ଏପରି ଅବସ୍ଥାରେ ଜୀବ ପରମ ଆତ୍ମସତ୍ତା ବା ସୋଽହଂରୂପେ ପ୍ରତ୍ୟକ୍ଷୀଭୂତ ହୁଏ । ଚେତନାର ମୂଳଭୂମିରେ ସେ ପରମଙ୍କ ସହ ଏକ । ମାତ୍ର ବ୍ୟକ୍ତି ରୂପରେ ସେ ପରମଙ୍କର ଏକ ଅଂଶ ବା ଅଂଶାତ୍ମା ।

ଈଶ୍ୱରଙ୍କ ସହ ଦିବ୍ୟସମ୍ବନ୍ଧ ସ୍ଥାପିତ ହେବା ସତ୍ତ୍ୱେ, ଆମ ମଧ୍ୟରେ ଥିବା ଅହଂ ପରମଦିବ୍ୟତା ପାଇବାର ଦାବି ନକରି ବହୁ ଅହେତୁକ ଅନାଧ୍ୟାତ୍ମିକ ବସ୍ତୁ ଦାବି କରି ବସେ । ଏଣୁ ତାହା ସୃଷ୍ଟି କରେ ନାନାବିଧ ସ୍ଥୂଳତା, ବିକୃତି, ମିଥ୍ୟାବାଦ ଓ ଅନର୍ଥ । ମାତ୍ର ଯେବେ ଆମର ଅହଂଜର୍ଜରିତ ସ୍ୱଭାବଟି ବର୍ଜିତ ହୋଇଯାଏ, ସେତେବେଳେ ଏ ସବୁ ସ୍ଥୂଳ ଦାବି ରହେ ନାହିଁ । ଆମେ ଈଶ୍ୱରୋନ୍ମୁଖ ହୋଇ କେବଳ ତାଙ୍କୁ ଖୋଜୁ, ତାଙ୍କୁ ସର୍ବଭାବରେ ପାଇବାକୁ ଦାବି କରୁ । ଆମେ କେବଳ ଏଇ ପୂର୍ଣ୍ଣତା ପ୍ରାପ୍ତିରେ ପରମାନନ୍ଦ ଲାଭ କରୁ, ଏହି ଦାବି ବ୍ୟକ୍ତି-ଆତ୍ମାର ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣର ତାତ୍ପର୍ଯ୍ୟ ।

ତାଙ୍କୁ ପାଇ ପରିପୂର୍ଣ୍ଣ ହେବା, ତାଙ୍କ ପ୍ରଜ୍ଞା, ଜ୍ୟୋତିଃ, ନିମନ୍ତେ ଶକ୍ତି ପ୍ରତି ସହର୍ଷ ଆତ୍ମ-ସମର୍ପଣରେ ପରିତୃପ୍ତ ହେବା ନିମନ୍ତେ ଆମର ଇଚ୍ଛା, ଆମର ଦାବି, ପ୍ରକୃତରେ ପରମଙ୍କ ଦାବିର ଆମ ମଧ୍ୟରେ ପ୍ରତିଫଳନ, ତାଙ୍କରି ଇଚ୍ଛା ଓ ସଂକଳ୍ପର ଏହା ଆମ ମଧ୍ୟରେ ପ୍ରତିବିମ୍ବ । ପ୍ରଥମେ ଏ ଦୁଇଟି ମଧ୍ୟରେ କିଛି ଭେଦ ଥାଏ, କ୍ରମଶଃ ବୁଝାଯାଏ ଏହି ଇଚ୍ଛା ପ୍ରକୃତରେ ଆମ ଭିତରେ ତାଙ୍କର ତପଃ ଶକ୍ତି; ତାଙ୍କର ଦିବ୍ୟ-ସଂକଳ୍ପ ।

ମାତ୍ର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଭ୍ରମବଶତଃ ଯେଉଁ ଅନନ୍ତ ଦିବ୍ୟଶକ୍ତିକୁ ନିଜ ମଧ୍ୟରେ ଓ ଆମ ଚତୁର୍ଦ୍ଦିଗରେ ଆମେ ଅନୁଭବ କରିଥାଉ, ତା'ର ନିମିତ୍ତ ବା ଯନ୍ତ୍ର ହୋଇ ଈଶ୍ୱରଙ୍କ ମଙ୍ଗଳମୟ ଇଚ୍ଛାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ତାକୁ ଅଧିକାର କରି ନିଜ ଅହଂର କାମନା-ବାସନା ପୂର୍ତ୍ତିରେ ନିୟୋଜିତ କରୁ । ଏପରି ହେଲେ ବ୍ୟକ୍ତି ପରମ ସ୍ୱାର୍ଥପର, ଅସୁର ବା ରାକ୍ଷସ ହୋଇ ଯାଇପାରେ । ତା'ର ହିଟ୍‌ଲରୀ ନୃଶଂସତାର ଶିକାର ହୁଏ ନିରୀହ ଜନତା । ପ୍ରକୃତି ଉପରେ ନିୟନ୍ତ୍ରଣ ନଥିବା ଅହଂଜର୍ଜର ତାନ୍ତ୍ରିକ ହୋଇଉଠେ ସମାଜର ଏକ ଦୁଷ୍ଟ ବ୍ରଣ । କାରଣ ଏପରି ଅସୁର ଭଗବାନଙ୍କ ଯନ୍ତ୍ର ହେବା ପରିବର୍ତ୍ତେ, ତାଙ୍କୁ ଓ ତାଙ୍କ ଶକ୍ତିକୁ ଆପଣାର ସ୍ୱାର୍ଥ ପୂର୍ତ୍ତି ସାଧନ ପାଇଁ ବ୍ୟବହାର କରେ । ଅଳ୍ପକିଛି ସାଧନାରେ ପାଇଥିବା ଶକ୍ତିକୁ ଅହଂର ସେବକରୂପୀ ବାବାମାନେ ଏହାର ପ୍ରକୃଷ୍ଟ ଉଦାହରଣ ।

ଏହାର ଏକମାତ୍ର ପ୍ରତିକାର ହେଲା ଅହଂର ସକଳ ଦାବି, ତା'ର ସକଳ କାମନା-ବାସନାକୁ ପ୍ରତ୍ୟାଖ୍ୟାନ କରି ନିଜ ମଧ୍ୟରେ ଆତ୍ମାର ପ୍ରଶାନ୍ତି ବଜାୟ ରଖିବା, ଏଥିପାଇଁ ନିରନ୍ତର ଦୃଢ଼ ପ୍ରୟାସ ଆବଶ୍ୟକ । ଆବଶ୍ୟକ ଚୈତ୍ୟପୁରୁଷର ଉନ୍ମୋଚନ । ପୁନଶ୍ଚ ନିମ୍ନତର ଶକ୍ତି ଓ ତା'ର କ୍ରିୟା ସମ୍ପର୍କରେ ସର୍ବଦା ସଚେତ ରହିବାକୁ ହେବ । ଏବେ ଆମେ ଈଶ୍ୱର-ଶକ୍ତିକୁ କାମରେ ଲଗାଇବା ପରିବର୍ତ୍ତେ ସ୍ୱୟଂ ତା'ର ଯନ୍ତ୍ର ବା ନିମିତ୍ତ ଭାବେ କ୍ରିୟା କରିବା । ଏହାର ଅର୍ଥ ବ୍ୟକ୍ତି ଆତ୍ମାର ସକଳ କ୍ରିୟା ପରମା ଶକ୍ତି ନିକଟରେ ଆତ୍ମସମର୍ପିତ ହେବ । ଏହା ସାଧନ କରିବା ବହୁ ସମୟ ସାପେକ୍ଷ ହେଲେ ମଧ୍ୟ ଧୈର୍ଯ୍ୟର ସହ ଉଚ୍ଚତମା ଶକ୍ତି ପ୍ରତି ନିଜକୁ ଉନ୍ମୋଚିତ କରି ଚାଲିବା ଓ ନିମ୍ନ ଶକ୍ତିର ପ୍ରଭାବରୁ ମୁକ୍ତ ହେବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ଶେଷରେ ବ୍ୟକ୍ତି ମଧ୍ୟରେ କ୍ରିୟା କରୁଥିବା ପରମଙ୍କର ସଂକଳ୍ପ ଶକ୍ତି ଓ ବ୍ୟକ୍ତିର ଇଚ୍ଛାଶକ୍ତି ମଧ୍ୟରେ ଭେଦ ନିରୂପଣ କରିବା ଏତେ ସହଜ ହେବ ନାହିଁ । ପରିଶେଷରେ ଏଇ ପାର୍ଥକ୍ୟ ମଧ୍ୟ ସମ୍ପୂର୍ଣ୍ଣ ଲୋପ ପାଇଯିବ । ଆମ ମଧ୍ୟରେ କାର୍ଯ୍ୟ କରିବ ପ୍ରଭୁଙ୍କ ସଂକଳ୍ପ । ସେତେବେଳେ ପତନର ଭୟ ରହିବ ନାହିଁ । ରହିବ ନାହିଁ ଆସୁରିକ ବା ପାଶବିକ ଶକ୍ତିର ଯନ୍ତ୍ର ହେବାର ସମ୍ଭାବନା । ସେତେବେଳେ ବ୍ୟକ୍ତି ଭଗବାନଙ୍କ ନିମିତ୍ତ, ଭଗବାନଙ୍କୁ ବ୍ୟକ୍ତି ନିମିତ୍ତ କରିବା ଅସମ୍ଭବ । କାରଣ ସେ ପୂର୍ଣ୍ଣ ସମର୍ପିତ । ଏବେ ନିଜେ ଶକ୍ତିର ପ୍ରଭୁ ହୋଇ ତାକୁ ନିଜ ସ୍ୱାର୍ଥରେ ବ୍ୟବହାର କରିବାର ମାନସିକତାରୁ ବ୍ୟକ୍ତି ମୁକ୍ତ । ବରଂ ସେ ଶକ୍ତି ପାଖରେ ସମର୍ପିତ ଯନ୍ତ୍ର ଯେପରି ସୁଅ ମୁହଁରେ ପତର । ବ୍ୟକ୍ତି ବର୍ତ୍ତମାନ ମନୋମୟ ପୁରୁଷର ଊର୍ଦ୍ଧ୍ୱଭୂମିରୁ ପରିଚାଳିତ, ଅହଂ ଦ୍ୱାରା ନୁହେଁ । ପରମାଶକ୍ତି ନିକଟରେ ବ୍ୟକ୍ତି ଯେତେବେଳେ ନିଜକୁ ଛାଡ଼ିଦିଏ, ସେତେବେଳେ ତାହା ସ୍ୱତଃ ହୁଏ ପରମ ଦିବ୍ୟପୁରୁଷଙ୍କ ନିକଟରେ ଯଥାର୍ଥ ଆତ୍ମସମର୍ପଣ । ଏହାହିଁ ଯଥାର୍ଥ ଆତ୍ମସମର୍ପଣର ସ୍ୱରୂପ । ଏ ସମ୍ପର୍କରେ The Synthesis of Yoga (p. 767)ରେ ଉଲ୍ଲେଖ ଅଛି, "This surrender too of the whole action of the individual self to the Shakti is in fact a form of real self-surrender to the Divine."

ବିଜ୍ଞ ପାଠକମଣ୍ଡଳୀଙ୍କ ସମ୍ମୁଖରେ ଆମେ ପୂର୍ବରୁ ଉପସ୍ଥାପନ କରିଛୁ ଯେ ଆପଣା ଶୁଦ୍ଧତାର ସବୁଠାରୁ କାର୍ଯ୍ୟକ୍ଷମ ପଦ୍ଧତି ହେଲା, ମା'ଙ୍କ ଭାଷାରେ 'to stand back', ଅର୍ଥାତ୍ ମନୋମୟ ପୁରୁଷକୁ ସବୁ କର୍ମର ପଛକୁ ଅପସାରିତ କରି ତାକୁ ନିଷ୍କ୍ରିୟ ସାକ୍ଷୀ ଚେତନାରେ ପ୍ରତିଷ୍ଠିତ କରିବା । ଅନ୍ୟ ଭାଷାରେ ଏହା ତଟସ୍ଥତା । ଏ ତଟସ୍ଥତା କ୍ରମଶଃ ଜୀବକୁ ଉତ୍ତୋଳିତ କରି ଦ୍ରଷ୍ଟାରୁ ଈଶ୍ୱର ବା ପ୍ରଭୁ ଭୂମିକୁ ନେଇଯାଏ । ଏଠାରେ ଆମେ ଅପରା ପ୍ରକୃତିର ଦ୍ରଷ୍ଟା ନୋହୁଁ, ପୁରୁଷୋତ୍ତମଙ୍କର ଚିନ୍ମୟ ନିମିତ୍ତ । ପ୍ରକୃତି ଏଠାରେ ପୁରୁଷୋତ୍ତମଙ୍କର ।

ସାଧନାର ଦୁଇଟି ଧାରା, ଗୋଟିଏ ନିର୍ବାଣୋନ୍ମୁଖୀ ବା ନିରୋଧର ଧାରା, ଅନ୍ୟଟି ପ୍ରକାଶୋନ୍ମୁଖୀ ବା ଆବେଗର ଧାରା । ଆମର ପୂର୍ଣ୍ଣଯୋଗ ପ୍ରକାଶୋନ୍ମୁଖୀ । ମାତ୍ର ପ୍ରୟୋଜନ ହେଲେ ମନକୁ ନିଷ୍କ୍ରିୟ କରିବାକୁ ଆମେ ପୂର୍ବ ଧାରା ଅର୍ଥାତ୍ ନିରୋଧର ସାମୟିକ ପ୍ରୟୋଗ କରିପାରୁ । ପୂର୍ଣ୍ଣଯୋଗରେ ନିରୋଧ ଓ ଆବେଗ ଶିବ-ଶକ୍ତି ପରି ଯୁଗନଦ୍ଧ । ଆକାଶବତ୍ ନିସ୍ତରଙ୍ଗ ଶୈବ ଚେତନାର ମହାକାଶରେ ସାବିତ୍ରୀ ଦୀପ୍ତିର ପ୍ରକାଶ ସମ୍ଭବ ହୁଏ । ଗୋଟିଏ ହେଲା ସମତାର ସାଧନା ବା ଶିବତ୍ୱ ଲାଭ । ଅନ୍ୟଟି ଶକ୍ତି ବା ବୀର୍ଯ୍ୟର ସାଧନା ।

ପ୍ରଥମେ ସମତ୍ୱର ପ୍ରତିଷ୍ଠା, ତା'ପରେ ବୀର୍ଯ୍ୟର ଉଦ୍‌ବୋଧନ, ଏଥିପାଇଁ ମହାଶକ୍ତିଙ୍କର ଆବାହନ ଆବଶ୍ୟକ । ସାଧନାର ଏହା ସହଜ ସୂତ୍ର । ତିନୋଟି ପର୍ଯ୍ୟାୟରେ ଏହା ସମ୍ଭବ । ଜୀବନର ସକଳ କର୍ମର ପ୍ରଣୋଦନା ଆସେ ମହାଶକ୍ତିଙ୍କଠାରୁ ଓ କର୍ମାଧ୍ୟକ୍ଷ ପୁରୁଷୋତ୍ତମଙ୍କ ସଂକଳ୍ପ ଓ

ନିର୍ଦ୍ଦେଶରୁ । ତେବେ ଜୀବର ଭୂମିକା କ'ଣ ? ଜୀବ ନିମିତ୍ତ କର୍ତ୍ତା ମାତ୍ର, ତେବେ ବି କର୍ମର କିଛି ଦାୟିତ୍ୱ ତା'ର ଅଛି । ତାହା ଆଜ୍ଞାବହ ଭୃତ୍ୟ ବା ପ୍ରଭୁଙ୍କର ବା ଶକ୍ତିଙ୍କର ଏକ ଚେତନ ଯନ୍ତ୍ର ତୁଲ୍ୟ ।

ଯଦି ଏଇ ଭାବନା ସମଗ୍ର ସତ୍ତାରେ ସଂକ୍ରମିତ ହୁଏ ତେବେ କର୍ତ୍ତୃତ୍ୱାଭିମାନୀ ଅହଂ କ୍ଷୀଣରୁ କ୍ଷୀଣତର ହୋଇଯାଏ, ଏପରି ଅବସ୍ଥାରେ ଅନୁଭୂତ ହୁଏ ଜୀବ କର୍ତ୍ତା ନୁହେଁ, ଶକ୍ତିମାତାହିଁ କର୍ତ୍ତ୍ରୀ । ଆମର ପ୍ରତ୍ୟେକ କର୍ମ, ଚଲାବୁଲା, ଖିଆପିଆ, ଲେଖାପଢ଼ା, ଖେଳକୁଦ, କଥାବାର୍ତ୍ତା ସବୁ ମା'ହିଁ କରୁଛନ୍ତି, ଏ ଧାରଣା ଦୃଢ଼ ହୋଇଯାଏ । ତେବେ ଏଠାରେ ଜୀବର ଭୂମିକା କ'ଣ ? ସେ କେବଳ ତଟସ୍ଥ ଦ୍ରଷ୍ଟା । ଜୀବ ଯଜମାନ, ଯାଜ୍ଞିକ ହେଲେ ମା', ଏହା ସାଧନାର ଦ୍ୱିତୀୟ ସ୍ତର । ଏଠି ଜୀବର ଭୂମିକା କ୍ଷୀଣ । ଦେଖାଯାଏ ଦୁଇଟିର ଲୀଳା । ଶିବଶକ୍ତିର ଅନ୍ୟୋନ୍ୟ ବିଳସନର ଚମତ୍କାର ।

ମାତ୍ର କ୍ରମଶଃ ଦ୍ୱୈତତ୍ୱ ପରିବର୍ତ୍ତେ ସାଧନାର ତୃତୀୟ ସ୍ତରରେ ପ୍ରକାଶ ପାଏ ଅଦ୍ୱୈତ ସିଦ୍ଧି ।

''ସଦୈକତ୍ୱଂ ନ ଭେଦୋଽସ୍ତି ସର୍ବଦୈବ ସମାସ୍ୟ ଚ ଯୋଽସୌ
ସାହମହଂ ଯୋଽସୌ ଭେଦୋଽସ୍ତି ଖଳୁ ବିଭ୍ରମାତ୍ ।''

ଆମେ ଶିବଶକ୍ତିଙ୍କୁ ଅଦ୍ୱୟରୂପେ ଦେଖିପାରୁନୁ ଭ୍ରମବଶତଃ, ମାତ୍ର ସର୍ବଦା ଏକ ରୂପେ ସେମାନେ ଅବସ୍ଥିତ । ଈଶ୍ୱର ଓ ଶକ୍ତି ଏଠି ଏକାକାର । ଈଶ୍ୱର ନିର୍ବିଶେଷ ନୁହନ୍ତି, ପୂର୍ଣ୍ଣାଦ୍ୱୈତ । ଈଶ୍ୱର ସ୍ୱୟଂ ସ୍ୱରୂପରେ, ଶକ୍ତିରେ, ଅଂଶକଳାରେ – ସବୁହିଁ ଈଶ୍ୱର । ଈଶ୍ୱର, ପ୍ରକୃତି, ଜୀବ ଓ ଶକ୍ତିଭାବେ ଆବିର୍ଭୂତ ନହୋଇ ସେ ଈଶ୍ୱରଭାବେ ପ୍ରକଟିତ । ଏହାହିଁ ଯଥାର୍ଥ ଅଦ୍ୱୈତ । ଜୀବ ଭୂମିରୁ ନୁହେଁ ଈଶ୍ୱର ଭୂମିରୁ, ଐଶ୍ୱରୀୟ ଦୃଷ୍ଟିରେ ଆମକୁ ସବୁ ଈଶ୍ୱରମୟ ବୋଧ ହେବ । ଜୀବ ପରମଙ୍କର ସନାତନ ଅଂଶ । ପରମ ଏକ ଅଦ୍ୱିତୀୟଭାବେ ପରମ ପରମାନନ୍ଦ ଓ ଶକ୍ତିରୂପେ ସର୍ବତ୍ର ଅନୁଭୂତ ହେବେ । ବ୍ୟକ୍ତି ପାଇଁ ଏହା ଚରମ ଉପଲବ୍ଧି, ପରମ ପୂର୍ଣ୍ଣତା, ପରମ ସକ୍ରିୟତା ଓ ଆନନ୍ଦ । ଏହାଠାରୁ କେବଳ ଊର୍ଦ୍ଧ୍ୱରେ ରହିବ ଅବତାରଙ୍କର ଚେତନା, ଯେଉଁଠି ଈଶ୍ୱର ଏକ ବ୍ୟକ୍ତିରୂପେ ନାମ ଓ ରୂପଧରି ଆବିର୍ଭୂତ ହେବେ ।

The Synthesis of Yogaର ଭାଷାରେ :

"...for beyond it there could be only the consciousness of the Avatara, the Ishwara himself assuming a human name and form for action in the Lila." (page. 770)

ପ୍ରବନ୍ଧର ଉପସଂହାରରେ ସକଳ କର୍ମ ବିଧାତ୍ରୀ ଦିବ୍ୟ-ଜନନୀ ଶ୍ରୀମା, ଯିଏ ଶକ୍ତିଭାବେ ସ୍ୱୟଂ ଶ୍ରୀଅରବିନ୍ଦଙ୍କ ସହ ଏକୀଭୂତ, ତାଙ୍କ ଗୁଣଗାନ କରିବାର ଦୁଃସାହସ କରୁଛି, ତାହା କରୁଛି ସଂସ୍କୃତ ବାଙ୍ମୟରେ ସମଚିତ୍ତ ସାଧକମାନଙ୍କ ପାଇଁ –

''ଶବ୍ଦବ୍ରହ୍ମମୟୀ ଚରାଚରମୟୀ ଜ୍ୟୋତିର୍ମୟୀ ବାଙ୍ମୟୀ
ନିତ୍ୟାନନ୍ଦମୟୀ ନିରଞ୍ଜନମୟୀ ତତ୍ତ୍ୱମୟୀ ଚିନ୍ମୟୀ
ତତ୍ତ୍ୱାତୀତମୟୀ ପରାତ୍ପରମୟୀ ବିଦ୍ୟାମୟୀ ଶ୍ରୀମୟୀ
ସର୍ବଶକ୍ତିମୟୀ ବରାଭୟମୟୀ ମୀରାମ୍ବିକେ ତ୍ୱାଂ ଭଜେ ।''

❑❑❑

... ... ତୁମେ କେବଳ ସେହିମାନଙ୍କ ସହିତ ଘନିଷ୍ଠତା ରଖିବାକୁ ସ୍ଥିର କରିବ ଯେଉଁମାନଙ୍କ ସହିତ ସମ୍ପର୍କ ମୋର **ଉପସ୍ଥିତିକୁ ଆବୃତ କରି ନ ଦିଏ** । ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା ଯାହାକୁ କେବେହେଲେ ଭୁଲିଯିବା ଉଚିତ ନୁହେଁ । ଚିନ୍ତାରେ ଏବଂ ଅନୁଭବରେ ଯାହାସବୁ ତୁମକୁ ମୋ'ଠାରୁ ଦୂରକୁ ନେଇଯାଏ ସେସବୁ ଖରାପ । ଯାହାସବୁ ତୁମକୁ ମୋର ଉପସ୍ଥିତିର ଅନୁଭବ ଓ ଆନନ୍ଦ ଦିଏ ଏବଂ ମୋର ନିକଟବର୍ତ୍ତୀ କରାଏ ସେସବୁହିଁ ଭଲ । ଏହି ନିୟମର ଧାରା ଅନୁସାରେ ତୁମେ ସକଳ ବସ୍ତୁକୁ ବିଚାର କରିବ । ତୁମେ ଦେଖିବ ଯେ ଏହା ତୁମକୁ ଅନେକ ଭୁଲଭ୍ରାନ୍ତିରୁ ରକ୍ଷା ପାଇବା ନିମନ୍ତେ ସାହାଯ୍ୟ କରିବ ।

– ଶ୍ରୀମା

# ସେବା ଓ ସ୍ୱାଧୀନତା

## ଆର୍ତ୍ତତ୍ରାଣ ମିଶ୍ର

ଗୋଟିଏ ପଟେ ସ୍ୱାଧୀନତା ଆଉ ଗୋଟିଏ ପଟେ ସେବା, ଦୁହେଁ ଦୁଇ ବିପରୀତ ମେରୁ ନୁହେଁ କି ? ସ୍ୱାଧୀନତାର ଅର୍ଥ ଆମେ ବୁଝୁ ବାଧାବନ୍ଧନହୀନ ଏକ ଅବସ୍ଥା । କେହି କହିବାକୁ ନଥିବ, ସମସ୍ତଙ୍କଠାରୁ ଛିନ୍ନ, ପୂରାପୂରି ସ୍ୱତନ୍ତ୍ର । ମନେ ମନେ କେଡ଼େ ସୁନ୍ଦର ଲାଗେ ଏହିଭଳି ସ୍ୱାଧୀନତା କଥା ଭାବିଲା ବେଳକୁ – ସତେ ଏକ ବାଧାବନ୍ଧନହୀନ ସ୍ୱାଧୀନ ଚଢ଼େଇ ଏକ ଉନ୍ମୁକ୍ତ ସୀମାହୀନ ଆକାଶରେ ଭାସି ବୁଲୁଛି । ଆରପଟେ ସେବା – ବନ୍ଧି ରହିବାର ଦାୟିତ୍ୱ ମେଣ୍ଟାଇବା ପାଇଁ, ଜୀବନ-ସଂଗ୍ରାମ ପାଇଁ ସଂସାରର ଅଂଶ ହୋଇ ରହିବା ପାଇଁ ! ଓଃ, କି କୁତ୍ସିତ, କି ହୀନ, କି ଦୁଃଖଦାୟକ ! ସେବକର ସ୍ୱାଧୀନତା କାହିଁ ? ସେ ତ ଏକ ଦାସ ! ସ୍ୱାଧୀନତା ଓ ସେବା – ଏ ଦୁହିଙ୍କ ଭିତରେ କିଛି ତାଳମେଳ ଅଛି କି ?

କିନ୍ତୁ ପ୍ରକୃତ ବାଧାବନ୍ଧନହୀନ ସମ୍ପୂର୍ଣ୍ଣ ସ୍ୱାଧୀନତା କାହିଁ ? ତାହା କେଉଁଠାରେ ମିଳେ ? କ'ଣ ପ୍ରକୃତିର ଅବିଦ୍ୟା ଅନ୍ଧକାର ମଧ୍ୟରେ, ଅଜ୍ଞାନ ଅଚେତନା ମଧ୍ୟରେ ? ସେ ତ ଏକ ଭୟଙ୍କର ବନ୍ଧନ, ସେ ତ ଏକ ପଥର ପାଚେରି ! ମମତ୍ୱ ରୂପକ ମହାଅନ୍ଧକାର ଗର୍ତ୍ତ ଭିତରେ ଘୁରି ବୁଲୁଥିବା ଏହି 'ମୁଁ'ଟିର ଆକୁଳ ଆର୍ତ୍ତନାଦ କେବେ ଶୁଣିଛ କି ? ପ୍ରକୃତ ସ୍ୱାଧୀନତାର ପିପାସା ଏକ ବିଦ୍ରୂପ ନୁହେଁ କି ? ଶେଷରେ ଆସେ ବିଦ୍ରୋହ, ସ୍ୱାଧୀନତା ପିପାସୀ ଯାଇ ପଡ଼େ ଡ୍ରଗ୍ ବେପାରୀର ଜାଲରେ । ପଞ୍ଜୁରି ଭିତରେ ପକ୍ଷୀଟି ଫଡ଼ଫଡ଼ କରି ଡେଣା ପିଟୁଥାଏ, ଡେଣା କ୍ଷତବିକ୍ଷତ ହେବାଯାଏ ।

ପ୍ରକୃତ ସ୍ୱାଧୀନତା ତ ଉନ୍ମୁକ୍ତ ସୀମାହୀନ ଆକାଶ ମଧ୍ୟରେ ସେଥିପାଇଁ ବହୁ ଉପରକୁ ଉଠିଯିବାକୁ ହେବ କିଂବା ଅନ୍ତରର ବହୁ ଗଭୀରକୁ ବୁଡ଼ିଯିବାକୁ ହେବ – ଯେଉଁ ଦୁଇଟି ଏକା କଥା । ସେଥିପାଇଁ ପୂରାପୂରି ଚେତନା ମଧ୍ୟରେ ଲମ୍ଫ ଦେବାକୁ ହେବ ଏବଂ ପହଞ୍ଚିବାକୁ ହେବ ସଂସାର ରୂପକ ଅଶ୍ୱତ୍ଥ ବୃକ୍ଷର ମୂଳରେ ଯେଉଁଠି ଅନେକ ଏକରେ ଲୀନ ହୋଇଛି ଓ ଏକରୁ ଅନେକ ଝରି ଆସିଛି ।

ତେବେ ସଂସାର ରୂପକ ଏହି ଅସଂଖ୍ୟ ତାଳପତ୍ର ମୂଳ ସହ ଯୋଡ଼ା ହେଲା କିପରି ? କ'ଣ ଏହି ରସ ଯାହା ଏହି ବିରାଟ ବୃକ୍ଷକୁ ବଞ୍ଚାଇ ରଖିଲା ? ତାହା ହେଉଛି ପ୍ରେମର ରସ । ଏହି ପ୍ରେମ ରସର ପ୍ରଥମ ଗୁଣଧର୍ମ ନିଜକୁ ଦେଇ ଦେବା, ସ୍ୱତଃସ୍ଫୂର୍ତ୍ତ ଭାବରେ ଆନନ୍ଦର ସହ ଆତ୍ମ-ନିବେଦନ – ଏଇ ହେଉଛି ସେବା । ପରାତ୍ପର ଚେତନା ସହ ସମ୍ପୂର୍ଣ୍ଣ ମିଳନ ପାଇଁ ପ୍ରୟୋଜନ ଏହି ଆତ୍ମନିବେଦନ, ପ୍ରେମର ଏହି ଦାନ – ସେବା ରୂପରେ । ଏବଂ ଏହି ସମ୍ପୂର୍ଣ୍ଣ ମିଳନ ଫଳରେ ସବୁ ସୀମା, ସବୁ ବନ୍ଧନ ଲୋପ ପାଇ ମିଳେ ସମ୍ପୂର୍ଣ୍ଣ ସ୍ୱାଧୀନତା ।

ପରସ୍ପର ସହ ଘନିଷ୍ଠ ଏହି ଦୁଇ ସତ୍ୟ – ସ୍ୱାଧୀନତା ଓ ସେବା – ପୃଥିବୀ ଉପରେ କେତେ ବିକୃତ ହୋଇ ନାହାନ୍ତି ! ସ୍ୱାଧୀନତାର ଉପାସକ ଜଣେ ବ୍ୟକ୍ତି ଜଣେ ବୃଦ୍ଧ ତପସ୍ୱୀଙ୍କ ଆଗରେ କହି ଚାଲିଲେ, ''ମୁଁ ଚାହେଁ ସ୍ୱତନ୍ତ୍ର ହେବାକୁ । ମୁଁ ଏକ ସ୍ୱତନ୍ତ୍ର ଜୀବ । ସ୍ୱତନ୍ତ୍ର ହେଲେହିଁ ମୋର ଅସ୍ତିତ୍ୱ ଅଛି ।'' ତପସ୍ୱୀ ଜଣକ ହସି ଉତ୍ତର ଦେଲେ, ''ତା' ଅର୍ଥ ତୁମକୁ କେହି ଭଲ ପାଇବେ ନାହିଁ, ପ୍ରେମ କରିବେ ନାହିଁ ! କାରଣ ଯଦି ଜଣେ ତୁମକୁ ଭଲ ପାଇଲା ତୁମେ ସଙ୍ଗେ ସଙ୍ଗେ ତା'ର ପ୍ରେମର ବଶବର୍ତ୍ତୀ ହୋଇଯିବ !'' କି ସୁନ୍ଦର ଉତ୍ତର ! ପ୍ରକୃତରେ ପ୍ରେମହିଁ ସମ୍ପୂର୍ଣ୍ଣ ମିଳନର ଏକତ୍ୱ ଆଡ଼କୁ ଘେନିଯାଏ; ଏକ ସମ୍ପୂର୍ଣ୍ଣ ଏକତ୍ୱ ମଧ୍ୟରେହିଁ ପ୍ରକୃତ ସ୍ୱାଧୀନତା ପ୍ରକାଶ ପାଏ । ଯେଉଁମାନେ ସ୍ୱାଧୀନତା ଅଧିକାର ଆଳରେ ସ୍ୱତନ୍ତ୍ରତା ଦାବି କରନ୍ତି ସେମାନେ ପ୍ରକୃତ ସ୍ୱାଧୀନତାଠାରୁ ପଛେଇ ଯାଆନ୍ତି । କାରଣ ସେମାନେ ପ୍ରେମକୁ ଅସ୍ୱୀକାର କରନ୍ତି ।

ବାଧ୍ୟବାଧକତାରେ ପ୍ରେମ ଆସେନା । ବାଧ୍ୟବାଧକତା ଆସିବାମାତ୍ରେ ପ୍ରେମ ମିଥ୍ୟାରେ ପରିଣତ ହୁଏ । ଅନ୍ତରର ସବୁ ଗତିବୃତ୍ତି ହେବ ସ୍ୱତଃସ୍ଫୂର୍ତ୍ତ । ଅନ୍ତରର ଗଭୀରତାକୁ ଫେରିଗଲେ ଝରିଆସେ ଏହି ସ୍ୱତଃସ୍ଫୂର୍ତ୍ତ ଝରଣା, ଏକ ସ୍ୱତଃସ୍ଫୂର୍ତ୍ତ ଆତ୍ମଦାନ – ଯାହା ପହଞ୍ଚାଇ ଦିଏ ଲକ୍ଷ୍ୟରେ, ମୂଳ ଉତ୍ପତ୍ତି ସ୍ଥଳରେ, ଆମର ବାସ୍ତବ ସତ୍ତା ମଧ୍ୟରେ । ଏହାହିଁ ଅସଲରେ ସେବାର ଅର୍ଥ ଯାହା ଶେଷରେ ଆଣିଦିଏ ଅସଲ ସ୍ୱାଧୀନତା ।

[ଶ୍ରୀମାଙ୍କର ୦୬.୦୩.୧୯୫୭ର କଥୋପକଥନ,
(Vol. 9, Page. 49-51) ଉପରେ ଅନୁଚିନ୍ତା]

❑❑❑

# ମୁଣ୍ଡକ ଉପନିଷଦ୍ (୬)

## ତୃତୀୟ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

## (ମୂଳ ପାଠ)

୧. ସ ବେଦୈତତ୍‌ପରମଂ ବ୍ରହ୍ମ ଧାମ ଯତ୍ର ବିଶ୍ୱଂ ନିହିତଂ ଭାତି ଶୁଭ୍ରମ୍ ।
ଉପାସତେ ପୁରୁଷଂ ଯେ ହ୍ୟକାମାସ୍ତେ ଶୁକ୍ରମେତଦତିବର୍ତନ୍ତି ଧୀରାଃ ॥୧॥

୨. କାମାନ୍ ଯଃ କାମୟତେ ମନ୍ୟମାନଃ ସ କାମଭିର୍ଜାୟତେ ତତ୍ର ତତ୍ର ।
ପର୍ଯ୍ୟାପ୍ତକାମସ୍ୟ କୃତାତ୍ମନସ୍ତୁ ଇହୈବ ସର୍ବେ ପ୍ରବିଲୀୟନ୍ତି କାମାଃ ॥୨॥

୩. ନାୟମାତ୍ମା ପ୍ରବଚନେନ ଲଭ୍ୟୋ ନ ମେଧୟା ନ ବହୁନା ଶ୍ରୁତେନ ।
ୟମେବୈଷ ବୃଣୁତେ ତେନ ଲଭ୍ୟସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୂଂ ସ୍ୱାମ୍ ॥୩॥

୪. ନାୟମାତ୍ମା ବଲହୀନେନ ଲଭ୍ୟୋ ନ ଚ ପ୍ରମାଦାତ୍ତପସୋ ବାପ୍ୟଲିଙ୍ଗାତ୍ ।
ଏତୈରୁପାୟୈର୍ୟତତେ ୟସ୍ତୁ ବିଦ୍ୱାଂସ୍ତସ୍ୟୈଷ ଆତ୍ମା ବିଶତେ ବ୍ରହ୍ମଧାମ ॥୪॥

୫. ସଂପ୍ରାପ୍ୟୈନମୃଷୟୋ ଜ୍ଞାନତୃପ୍ତାଃ କୃତାତ୍ମାନୋ ବୀତରାଗାଃ ପ୍ରଶାନ୍ତାଃ ।
ତେ ସର୍ବଗଂ ସର୍ବତଃ ପ୍ରାପ୍ୟ ଧୀରା ୟୁକ୍ତାତ୍ମାନଃ ସର୍ବମେବାବିଶନ୍ତି ॥୫॥

୬. ବେଦାନ୍ତବିଜ୍ଞାନସୁନିଶ୍ଚିତାର୍ଥାଃ ସନ୍ନ୍ୟାସୟୋଗାଦ୍ ୟତୟଃ ଶୁଦ୍ଧସତ୍ତ୍ୱାଃ ।
ତେ ବ୍ରହ୍ମଲୋକେଷୁ ପରାନ୍ତକାଲେ ପରାମୃତାଃ ପରିମୁଚ୍ୟନ୍ତି ସର୍ବେ ॥୬॥

୭. ଗତାଃ କଲାଃ ପଞ୍ଚଦଶ ପ୍ରତିଷ୍ଠା ଦେବାଶ୍ଚ ସର୍ବେ ପ୍ରତିଦେବତାସୁ ।
କର୍ମାଣି ବିଜ୍ଞାନମୟଶ୍ଚ ଆତ୍ମା ପରେଽବ୍ୟୟେ ସର୍ବ ଏକୀଭବନ୍ତି ॥୭॥

୮. ୟଥା ନଦ୍ୟଃ ସ୍ୟନ୍ଦମାନାଃ ସମୁଦ୍ରେଽସ୍ତଂ ଗଚ୍ଛନ୍ତି ନାମରୂପେ ବିହାୟ ।
ତଥା ବିଦ୍ୱାନ୍ ନାମରୂପାଦ୍‌ବିମୁକ୍ତଃ ପରାତ୍ପରଂ ପୁରୁଷମୁପୈତି ଦିବ୍ୟମ୍ ॥୮॥

୯. ସ ୟୋ ହ ବୈ ତତ୍‌ପରମଂ ବ୍ରହ୍ମ ବେଦ ବ୍ରହ୍ମୈବ ଭବତି ନାସ୍ୟାବ୍ରହ୍ମବିତ୍ କୁଲେ ଭବତି ।
ତରତି ଶୋକଂ ତରତି ପାପ୍ମାନଂ ଗୁହାଗ୍ରନ୍ଥିଭ୍ୟୋ ବିମୁକ୍ତୋଽମୃତୋ ଭବତି ॥୯॥

୧୦. ତଦେତଦୃଚାଭ୍ୟୁକ୍ତମ୍ –
କ୍ରିୟାବନ୍ତଃ ଶ୍ରୋତ୍ରିୟା ବ୍ରହ୍ମନିଷ୍ଠାଃ ସ୍ୱୟଂ ଜୁହ୍ୱତ ଏକର୍ଷିଂ ଶ୍ରଦ୍ଧୟନ୍ତଃ ।
ତେଷାମେବୈତାଂ ବ୍ରହ୍ମବିଦ୍ୟାଂ ବଦେତ ଶିରୋବ୍ରତଂ ବିଧିବଦ୍ ୟୈସ୍ତୁ ଚୀର୍ଣମ୍ ॥୧୦॥

୧୧. ତଦେତତ୍‌ସତ୍ୟମୃଷିରଙ୍ଗିରାଃ ପୁରୋବାଚ ନୈତଦଚୀର୍ଣବ୍ରତୋଽଧୀତେ ।
ନମଃ ପରମଋଷିଭ୍ୟୋ ନମଃ ପରମଋଷିଭ୍ୟଃ ॥୧୧॥

(ଦ୍ରଷ୍ଟବ୍ୟ : The Complete Works of Sri Aurobindo, Volume - 18, Kena and other Upanishadas, pp. 144-147) ❑

# ମୁଣ୍ଡକ ଉପନିଷଦ୍ (୬)

## ତୃତୀୟ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

### ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବଙ୍ଗଳା ଅନୁବାଦ :

## ନଳିନୀକାନ୍ତ ଗୁପ୍ତ

୧. ସେ ଜାଣେ (ସଃ ବେଦ) ଏହି ପରମ ବ୍ରହ୍ମଧାମକୁ (ଏତତ୍ ପରମଂ ବ୍ରହ୍ମ ଧାମ), ଯେଉଁଠି ବିଶ୍ୱ ନିହିତ ରହିଛି (ଯତ୍ର ବିଶ୍ୱଂ ନିହିତମ୍) ଏବଂ ଶୁଭ୍ରରୂପେ ବିଭାସ୍ୱର ଦିଶୁଛି (ଭାତି ଶୁଭ୍ରମ୍) । ଯେଉଁମାନେହିଁ ଅକାମ, କାମନା-ରହିତ ବା କାମନା-ବର୍ଜିତ (ଯେ ହି ଅକାମାଃ) ହୋଇ ସେହି ପୁରୁଷଙ୍କୁ ଉପାସନା ବା ଆରାଧନା କରନ୍ତି (ପୁରୁଷମ୍ ଉପାସତେ), ଏହି ଶୁଭ୍ରତାକୁ ଅର୍ଥାତ୍ ଭାସ୍ୱର ଜଗତକୁ ସେହି ଧୀର, ବିଜ୍ଞ ବ୍ୟକ୍ତିଗଣ (ଧୀରାଃ) ଅତିକ୍ରମ କରିଯାଆନ୍ତି (ଏତଦ୍ ଶୁକ୍ରମ୍ ଅତିବର୍ତନ୍ତି) ।[୧]

୨. କାମ୍ୟବସ୍ତୁସବୁକୁ (କାମାନ୍) ଯିଏ କାମନା କରେ ବା ଚାହେଁ (ଯଃ କାମୟତେ), ଯିଏ କାମ୍ୟବସ୍ତୁ ନେଇ ଚିନ୍ତାମଗ୍ନ (ଯଃ ମନ୍ୟମାନଃ) ସିଏ (ସଃ) କାମନା-ବଶରେ (କାମଭିଃ) ଯେଉଁଠି ସେଇଠି (ତତ୍ର ତତ୍ର) ଜନ୍ମଗ୍ରହଣ କରେ (ଜାୟତେ) । କିନ୍ତୁ ଯିଏ ପର୍ଯ୍ୟାପ୍ତକାମ ବା ଯାହାର କାମନାସବୁ ପରିପୂର୍ଣ୍ଣ ତା'ର (ପର୍ଯ୍ୟାପ୍ତକାମସ୍ୟ), ସେହି କୃତାତ୍ମାର ବା ଆତ୍ମାକୁ ପ୍ରାପ୍ତ କରିଥିବା ବ୍ୟକ୍ତିରହିଁ (କୃତାତ୍ମନଃ ତୁ) କାମନାସବୁ (କାମାଃ) ଏଇଠିହିଁ (ଇହ ଏବ) ଲୋପ ପାଇଯାଆନ୍ତି (ପ୍ରବିଲୀୟନ୍ତି) ।[୨]

୩. ଏହି ଆତ୍ମା (ଅୟମ୍ ଆତ୍ମା) ପ୍ରବଚନ ବା ବ୍ୟାଖ୍ୟାନ ଦ୍ୱାରା ଲାଭ କରି ହୁଅନ୍ତି ନାହିଁ (ନ ପ୍ରବଚନେନ ଲଭ୍ୟଃ), ମେଧା ବା ମସ୍ତିଷ୍କ-ଶକ୍ତି ଦ୍ୱାରା ବି ଲାଭ କରି ହୁଅନ୍ତି ନାହିଁ (ନ ମେଧୟା) କିଂବା ବହୁ ଶାସ୍ତ୍ର-ଅଧ୍ୟୟନ ଦ୍ୱାରା ବି ଲାଭ କରି ହୁଅନ୍ତି ନାହିଁ (ନ ବହୁନା ଶ୍ରୁତେନ) । ଯାହାକୁ (ଯମ୍) ସିଏ ନିଜେହିଁ (ଏଷଃ ଏବ) ବରଣ କରନ୍ତି ବା ବାଛନ୍ତି (ବୃଣୁତେ) ତା'ରହିଁ (ତେନ) ସିଏ ଲଭ୍ୟ ହୁଅନ୍ତି (ଲଭ୍ୟଃ) ବା ତାହାଦ୍ୱାରାହିଁ ସେ ପ୍ରାପ୍ତ ହୁଅନ୍ତି ।

୪. ଏହି ଆତ୍ମା (ଅୟମ୍ ଆତ୍ମା) ବଳହୀନ ଦ୍ୱାରା ଲାଭ କରି ହୁଅନ୍ତି ନାହିଁ (ନ ବଲହୀନେନ ଲଭ୍ୟଃ) ବା ଯାହାର ବଳ ନାହିଁ ସେ ତାଙ୍କୁ ପ୍ରାପ୍ତ କରିପାରେ ନାହିଁ କି ଖୋଜିବାରେ, ଅନୁସନ୍ଧାନରେ ପ୍ରମାଦ ରହିଲେ ବା ଭୁଲ୍ କଲେ ତାଙ୍କୁ ପାଇ ହୁଏ ନାହିଁ (ନ ଚ ପ୍ରମାଦାତ୍ ଲଭ୍ୟଃ) କିଂବା ଅର୍ଥହୀନ ତପସ୍ୟା ବା ଅର୍ଥବିହୀନ ତପଶ୍ଚର୍ଯ୍ୟା ଦ୍ୱାରା ସେ ପ୍ରାପ୍ତ ହୁଅନ୍ତି ନାହିଁ (ନ ଚ ତପସଃ ବାପ୍ୟଲିଙ୍ଗାତ୍) । [ଏହାର ଅର୍ଥ ଶ୍ରୀଅରବିନ୍ଦ 'askesis without the true mark' ବୋଲି ଇଂରାଜୀରେ ଲେଖିଛନ୍ତି ଯାହାର ଅର୍ଥ ସୁଚିହ୍ନିତ ବା ସୁନିର୍ଦ୍ଦିଷ୍ଟ ତପସ୍ୟା ବିନା ତାଙ୍କୁ ପାଇ ହୁଏ ନାହିଁ ବୋଲି କହିବା ଠିକ୍ ହେବ ।] କିନ୍ତୁ ଏହିସବୁ ଉପାୟରେ – ସଦୁପାୟରେ ବା ସତ୍ ଉପାୟରେ, ଯଥାର୍ଥ ପଥରେ

---

(୧) ପାଦଟୀକାରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି : ଶଙ୍କର (ଶଙ୍କରାଚାର୍ଯ୍ୟ) ଏହି 'ଶୁକ୍ର' ଶବ୍ଦର ଅର୍ଥ 'ବୀର୍ଯ୍ୟ' ବୋଲି କହିଛନ୍ତି ଯାହା ମାଧ୍ୟମରେ ବିଶ୍ୱରେ ସୃଷ୍ଟି ସମ୍ଭବ ହୁଏ । କିନ୍ତୁ ଏହାର ଅର୍ଥ ଏପରି ମଧ୍ୟ ହୋଇପାରେ ଯେ, ''ଏହି ଶୁଭ୍ର ବା ଭାସ୍ୱର ଜଗତସବୁକୁ ପାର ହୋଇଯିବା'' ଯାହା ସମ୍ବନ୍ଧରେ ଏଇ ଟିକକ ଆଗରୁ କୁହାଯାଇଛି ଅର୍ଥାତ୍ ଉଚ୍ଚତର ବା ଅଧିକତର ଆଲୋକମୟ ଜଗତକୁ ଉନ୍ନୀତ ହୋଇଯିବା ଅଥବା ତା'ର ମୂଳଉତ୍ସ ବା ସ୍ୱରାଜ୍ୟ – ସେହି ପରମ ବ୍ରହ୍ମ ମଧକୁ ବା ବ୍ରହ୍ମଲୋକକୁ ଉତ୍ତୀର୍ଣ୍ଣ ହୋଇଯିବା ।

(୨) ଶ୍ରୀଅରବିନ୍ଦ ପର୍ଯ୍ୟାପ୍ତକାମ (ପର୍ଯ୍ୟାପ୍ତକାମ) ଶବ୍ଦର ଦୁଇଟି ଇଂରାଜୀ ଅର୍ଥ : (1) the man who has won all his desire ଏବଂ Foot Note ପାଦଟୀକାରେ (2) or, "Finished with desires" ଉଲ୍ଲେଖ କରିଛନ୍ତି, ଓଡ଼ିଆରେ ଯାହାର ଅର୍ଥ (୧) ଯିଏ ତା'ର ସବୁ କାମନାକୁ ଜୟ କରିଛି ବା କାମନାଗୁଡ଼ିକ ଉପରେ ବିଜୟ ଲାଭ କରିଛି ଏବଂ (୨) ଯାହାର ଆଉ କାମନା-ବାସନା ନାହିଁ ବା ଇତି ହୋଇଯାଇଛି ।

(ଏତୈଃ ଉପାୟୈଃ) ଯେଉଁ ବିଦ୍ୱାନ୍, ଜ୍ଞାନିବ୍ୟକ୍ତି (ୟଃ ତୁ ବିଦ୍ୱାନ୍) ପ୍ରଚେଷ୍ଟା କରେ (ୟତତେ) ତାହାରି ଏଇ ଆତ୍ମାହିଁ (ତସ୍ୟ ଏଷଃ ଆତ୍ମା) ବ୍ରହ୍ମଧାମକୁ ପ୍ରବେଶ କରେ (ବିଶତେ ବ୍ରହ୍ମଧାମ) ବା ବ୍ରହ୍ମଧାମରେ ସ୍ଥାନ ପାଏ ।

୫. ଜ୍ଞାନତୃପ୍ତ ଋଷିଗଣ (ଜ୍ଞାନତୃପ୍ତାଃ ଋଷୟଃ) ଏହାଙ୍କୁ ପାଇ (ଏନଂ ସଂପ୍ରାପ୍ୟ) କୃତାତ୍ମା (କୃତାତ୍ମାନଃ) – ଆତ୍ମଜ୍ଞାନ ବା ଆତ୍ମ-ସାକ୍ଷାତ୍କାର-ପ୍ରାପ୍ତ, ବୀତରାଗ (ବୀତରାଗାଃ) – ସମସ୍ତ କାମନାରହିତ, ପ୍ରଶାନ୍ତ (ପ୍ରଶାନ୍ତାଃ) – ଶାନ୍ତଚିତ୍ତ ସେହି (ତେ) ପ୍ରାଜ୍ଞମାନେ (ଧୀରାଃ) ସର୍ବଗଙ୍କୁ (ସର୍ବଗମ୍) – ସର୍ବପ୍ରବିଷ୍ଟ ବା ସର୍ବସ୍ଥିତଙ୍କୁ ଲାଭ କରି (ପ୍ରାପ୍ୟ) ପାଇ, ତାଙ୍କ ସହିତ ଯୁକ୍ତ ହୋଇଥିବା ଯୁକ୍ତାତ୍ମା ସେମାନେ (ଯୁକ୍ତାତ୍ମାନଃ) ସବୁକିଛି ଓ ସମସ୍ତଙ୍କ ମଧ୍ୟରେ ବି (ସର୍ବମ୍ ଏବ) ପ୍ରବେଶ କରନ୍ତି (ଆବିଶନ୍ତି) ବା ଏକ ହୋଇ ରହନ୍ତି ।

୬. ଯେଉଁମାନେ ଯତି (ୟତୟଃ = ଯତୟଃ), ଯେଉଁମାନେ ବେଦାନ୍ତ-ବିଜ୍ଞାନର ଲକ୍ଷ୍ୟରେ ସୁନିର୍ଣ୍ଣିତ (ବେଦାନ୍ତ-ବିଜ୍ଞାନ-ସୁନିଶ୍ଚିତାର୍ଥାଃ) ବା ବେଦାନ୍ତ-ଶାସ୍ତ୍ରର ଅର୍ଥଜ୍ଞ ବା ମର୍ମଜ୍ଞ ଯେଉଁମାନେ, [ଶ୍ରୀଅରବିନ୍ଦ ପ୍ରଥମେ 'ଅର୍ଥ' ଶବ୍ଦର ଅର୍ଥ ଇଂରାଜୀରେ 'aim' ବା ଲକ୍ଷ୍ୟ ବୋଲି କରି ପାଦଟୀକାରେ ଅନ୍ୟ ଅର୍ଥ 'meaning' (ଓଡ଼ିଆରେ ଅର୍ଥ ବା ମାନେ) ବୋଲି ଦର୍ଶାଇଛନ୍ତି ।] ସେମାନେ ସନ୍ନ୍ୟାସ-ଯୋଗ-ସାଧନା ଦ୍ୱାରା (ସନ୍ନ୍ୟାସୟୋଗାତ୍) ଶୁଦ୍ଧ-ସତ୍ତ୍ୱ ହୋଇ (ଶୁଦ୍ଧସତ୍ତ୍ୱାଃ) ବା ତାଙ୍କର ଅନ୍ତଃକରଣ ଶୁଦ୍ଧ ହୋଇଯିବାରୁ ସେମାନେ ସମସ୍ତେ (ତେ ସର୍ବେ) ଅନ୍ତିମ କାଳରେ ବା ମୃତ୍ୟୁ ସମୟରେ (ପରାନ୍ତକାଲେ = ପରାନ୍ତକାଳେ) ମୃତ୍ୟୁକୁ ପାର ହୋଇ (ପରାମୃତାଃ) ମୁକ୍ତିଲାଭ କରନ୍ତି (ପରିମୁଚ୍ୟନ୍ତି) ଅର୍ଥାତ୍ ବ୍ରହ୍ମ ଲୋକରେ ପ୍ରବେଶ କରନ୍ତି ।

୭. ପନ୍ଦର (୧୫)ଟି ଅଂଶ (ପଞ୍ଚଦଶ କଲାଃ = କଳାଃ) ସେମାନଙ୍କର ମୂଳ ଉତ୍ସ ଆସ୍ଥାନ ବା ପ୍ରତିଷ୍ଠାକୁ (ପ୍ରତିଷ୍ଠା) ଫେରି ଯାଆନ୍ତି (ଗତାଃ) ଏବଂ ସମସ୍ତ ଦେବଶକ୍ତିଗଣ ମଧ୍ୟ (ସର୍ବେ ଦେବାଃ ଚ) ନିଜ ନିଜର ଦେବତ୍ୱକୁ (ପ୍ରତିଦେବତାସୁ) ପ୍ରବେଶ କରନ୍ତି ବା ଧାରଣ କରନ୍ତି । କର୍ମମାନ (କର୍ମାଣି), କର୍ମରାଜି ବା କାର୍ଯ୍ୟଗୁଡ଼ିକ ତଥା ବିଜ୍ଞାନମୟ ଆତ୍ମା (ବିଜ୍ଞାନମୟଃ ଆତ୍ମା ଚ) ବା ଜ୍ଞାନଶକ୍ତି-ଅଧିରୂଢ଼ ଆତ୍ମା-ସମସ୍ତ (ସର୍ବେ) ପରମ ଅବ୍ୟୟ ମଧ୍ୟରେ (ପରେ ଅବ୍ୟୟେ) ବା ସର୍ବୋଚ୍ଚ ଅନାଦି ଅକ୍ଷୟଙ୍କ ମଧ୍ୟରେ ଏକତ୍ୱ ଲାଭ କରନ୍ତି ବା ଏକ ହୋଇଯାଆନ୍ତି ।

୮. ଯେପରି (ୟଥା = ଯଥା) ସମସ୍ତ ନଦୀଗଣ (ନଦ୍ୟଃ) ବା ସବୁ ନଦୀମାନେ ପ୍ରବାହିତ ହୋଇ (ସ୍ୟନ୍ଦମାନାଃ) ବା ବୋହିଯାଇ ନାମ-ରୂପ ଉଭୟ ପରିତ୍ୟାଗ କରି (ନାମରୂପେ ବିହାୟ) ବା ଛାଡ଼ି ଦେଇ, ସମୁଦ୍ରରେ (ସମୁଦ୍ରେ) ଏକ ହୋଇ ଯାଆନ୍ତି, ମିଶି ଯାଆନ୍ତି ବା ଶେଷ ହୋଇଯାଆନ୍ତି (ଅସ୍ତଂ ଗଚ୍ଛନ୍ତି), [ଶ୍ରୀଅରବିନ୍ଦ ଏହି 'ଅସ୍ତଂ ଗଚ୍ଛନ୍ତି' କଥାଟିର ଦୁଇଟି ଅର୍ଥ କରିଛନ୍ତି : ୧. ଇଂରାଜୀରେ ପ୍ରଥମେ 'reach their home' ଯାହା ଓଡ଼ିଆରେ 'ସ୍ୱସ୍ଥାନ ବା ସ୍ୱଗୃହରେ ପହଞ୍ଚନ୍ତି' ଲେଖି ପାଦଟୀକାରେ or, "Come to their end" ବା ''ଶେଷ ହୋଇଯାଆନ୍ତି'' ବୋଲି ଲେଖିଛନ୍ତି ।] ସେହିପରି (ତଥା) ଜ୍ଞାନିବ୍ୟକ୍ତି (ବିଦ୍ୱାନ୍) ନାମରୂପରୁ ମୁକ୍ତ ହୋଇ (ନାମରୂପାତ୍ ବିମୁକ୍ତଃ) ଦିବ୍ୟ (ଦିବ୍ୟମ୍) ପରାତ୍ପର ପୁରୁଷଙ୍କୁ ପ୍ରାପ୍ତ ହୁଏ (ଉପ+ଏତି = ଉପୈତି) ବା ତାଙ୍କ ମଧ୍ୟରେ ଏକୀଭୂତ ହୋଇଯାଏ, ଏକତ୍ୱ ପ୍ରାପ୍ତ କରେ ।

୯. ସିଏ (ସଃ) ଯିଏ (ୟଃ = ଯଃ) କି (ହ ବୈ) ବ୍ରହ୍ମଙ୍କୁ ଜାଣେ (ବ୍ରହ୍ମ ବେଦ) ସିଏ ବ୍ରହ୍ମହିଁ ହୋଇଉଠେ (ବ୍ରହ୍ମ ଏବ ଭବତି); ବ୍ରହ୍ମଙ୍କୁ ଜାଣି ନଥିବା ବ୍ୟକ୍ତି (ଅବ୍ରହ୍ମବିତ୍) ଏହାର ବା ତାହାର (ଅସ୍ୟ) ବଂଶରେ (କୁଲେ = କୁଳେ) ଜନ୍ମ ହୁଏ ନାହିଁ (ନ ଭବତି) । ସେ ଶୋକ ପାର ହୁଏ (ଶୋକଂ ତରତି), ପାପଗୁଡ଼ିକରୁ ତରିଯାଏ (ପାପ୍ମାନଂ ତରତି) ଏବଂ ସମସ୍ତ ଗୁହା-ଗ୍ରନ୍ଥିରୁ (ଗୁହାଗ୍ରନ୍ଥିଭ୍ୟଃ) ବା ଗୁପ୍ତ ହୃଦୟର ସମସ୍ତ ଛନ୍ଦରୁ ମୁକ୍ତ ହୋଇ (ବିମୁକ୍ତଃ) ଅମୃତମୟ (ଅମୃତଃ) ହୋଇଯାଏ ।

୧୦. ତାହାହିଁ ଏହା ବା ଏହା ହେଲା ତାହା, ଯାହା ଋକ୍‌ଗୁଡ଼ିକରେ (ଋକ୍‌ବେଦର ମନ୍ତ୍ରଗୁଡ଼ିକରେ) କୁହାଯାଇଛି (ତଦ୍ ଏତଦ୍ ଋଚାଭିଃ ଉକ୍ତମ୍) : – ଯେଉଁମାନେ କର୍ମୀ (କ୍ରିୟାବନ୍ତଃ), ବେଦଜ୍ଞାନୀ (ଶ୍ରୋତ୍ରିୟାଃ), ବ୍ରହ୍ମନିଷ୍ଠ ବା ବ୍ରହ୍ମ ମଧ୍ୟରେ ସୁପ୍ରତିଷ୍ଠ (ବ୍ରହ୍ମନିଷ୍ଠାଃ), ଯେଉଁମାନେ ଶ୍ରଦ୍ଧା ବା ବିଶ୍ୱାସ ସହକାରେ (ଶ୍ରଦ୍ଧୟନ୍ତଃ) ନିଜ ନିଜକୁ (ସ୍ୱୟମ୍) ସେହି ଏକର୍ଷି ବା ଦିବ୍ୟଦ୍ରଷ୍ଟାଙ୍କୁ (ଏକର୍ଷିମ୍) ଆହୁତି-ରୂପକ ଆତ୍ମଦାନ କରନ୍ତି (ଜୁହ୍ୱତ), ସେମାନଙ୍କୁହିଁ (ତେଷାମ୍ ଏବ) ଏହି

ବ୍ରହ୍ମବିଦ୍ୟା (ଏତାଂ ବ୍ରହ୍ମବିଦ୍ୟାମ୍) ଶିକ୍ଷା ଦେବା ବା କହିବା ଉଚିତ (ବଦେତ), ଯେଉଁମାନେ କେବଳ (ଯୈଃ = ଯୈଃ ତୁ) ନିୟମ ଅନୁସାରେ (ବିଧିବତ୍) 'ଶିରୋବ୍ରତ' କରିଛନ୍ତି ବା ମସ୍ତିଷ୍କ ଉପରେ ଅଗ୍ନିଧାରଣ କରି ବ୍ରତ କରିଛନ୍ତି, ଶପଥ ନେଇଛନ୍ତି (ଚୀର୍ଣମ୍) ବା ଯଥାବିଧି ଆଚରଣ କରିଛନ୍ତି ।

୧୧. ଏହାହିଁ ହେଲା ତାହା (ତତ୍ = ତଦ୍ + ଏତତ୍ = ତଦେତତ୍ ସତ୍ୟମ୍) ଅର୍ଥାତ୍ ବସ୍ତୁ ସକଳର ସେହି ସତ୍ୟ, ଯାହା ଋଷି ଅଙ୍ଗିରା (ଋଷିଃ ଅଙ୍ଗିରାଃ) ପୂର୍ବକାଳରେ (ପୁରା) କହିଥିଲେ (ଉବାଚ) । ଏହାକୁ (ଏତଦ୍) 'ଅଚୀର୍ଣବ୍ରତ' ବା ଯିଏ ବ୍ରତ ଆଚରଣ କରିନି (ଅଚୀର୍ଣବ୍ରତଃ) ସେ ଅଧ୍ୟୟନ ବା ଅଭ୍ୟାସ କରିବା ଅନୁଚିତ (ନ ଅଧୀତେ) ବା ଅଭ୍ୟାସ କରିବ ନାହିଁ ।

(ନମଃ ପରମ-ଋଷିଭ୍ୟୋ ନମଃ ପରମ ଋଷିଭ୍ୟଃ ।)
ସେହି (ମନ୍ତ୍ରଦ୍ରଷ୍ଟା) ପରମ ଋଷିଗଣଙ୍କୁ ପ୍ରଣାମ ।
ସେହି ପରମପୂଜ୍ୟ ଶ୍ରେଷ୍ଠ ଋଷିମାନଙ୍କୁ ପ୍ରଣାମ ।

(ସମାପ୍ତ)

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

# ନିଃଶବ୍ଦ ବାର୍ତ୍ତା

## ଯଦୁ ନନ୍ଦନ ସାମଲ



ଜାଣିଚ କି ବନ୍ଧୁ ତମେ ନିଶବଦ ବାରତାର କଥା... ?
ନିଃଶବ୍ଦେ ନିଃଶ୍ୱାସ ବହେ, ନିଶବଦେ ଉଠଇ ସବିତା ।
ଚନ୍ଦ୍ରମା କିରଣ ବିଞ୍ଚେ ନିଶବଦେ ନିଥର ନିଶିଥେ,
କରି ଧରା ଆଲୋକିତ କଥାହୁଏ ଧରିତ୍ରୀର ସାଥେ ।

ନିଃଶବ୍ଦେ ମଳୟ ବହେ ଛୁଇଁ ଛୁଇଁ ଯାଏ ପାଦପରେ,
ନିଃଶବ୍ଦେ କଅଁଳେ ପତ୍ର ପତ୍ରଝଡ଼ା ଥୁଣ୍ଟା ବୃକ୍ଷଟାରେ ।
ପ୍ରକୃତି କିମିଆଁ କରେ, ନିରବ ପରଶ ବାଜି ମଳୟ ବାତର,
ନିମ୍ବତରୁ ଚନ୍ଦନ ପାଲଟେ ମହୋତ୍ସବ ଲାଗେ ବସନ୍ତର ।

ଗୋଲାପର ବୃକ୍ଷ ଡାଳେ ହସି ଉଠେ ଗୋଲାପର କଳି,
ମଧୁର ବାସନା ଧରି ନାନାରଙ୍ଗେ ଫୁଟେ ଭଳି ଭଳି ।
ଧରଣୀର ବୁକୁଚିରି ନିଶବଦେ ଅଙ୍କୁର ଉଦ୍‌ଗମେ,
ନବ-କିଶଳୟ ତୋଳି ଆକର୍ଷଇ ତନୁ, ମନ, ପ୍ରାଣେ ।

ଚୂତ ବୃକ୍ଷେ ଚୂତକଷି ବଉଳର ମଧୁର ବାସନା,
ପାଦପର ନିରବତା, ନିରବରେ ସୁବିଶାଳ ସୃଷ୍ଟିର ସର୍ଜନା ।
ନିରବିତ ଧରିତ୍ରୀ ଆକାଶ, ସବୁକିଛି ଘଟେ ନିରବରେ,
ତେବେ, ମଣିଷ କାହିଁକି ଏତେ କୋଳାହଳ କରେ ??? ❑

# ଧ୍ୟାନ

## (୪)

## ମାଧବ ପଣ୍ଡିତ

### ଯୋଗ

ଏକ ଉଚ୍ଚତର ଜୀବନଯାପନ ଏକ ଉଚ୍ଚତର ସାଧନ ଆବଶ୍ୟକ କରେ ।

ସ୍ଥୂଳ ପାଶବ ସଂସ୍ଥିତିରୁ ଉତ୍‌ଥାନ ପାଇଁ ସତ୍ତାର ପ୍ରତ୍ୟେକ ଅଂଶରେ ଏକ ସର୍ବମୟ ପ୍ରଚେଷ୍ଟା ଆବଶ୍ୟକ, ଯେଉଁ ସଂସ୍ଥିତିକୁ ଜଣେ ସାଧାରଣ ବ୍ୟକ୍ତି ବଂଶ ପରମ୍ପରାକ୍ରମେ ଜନ୍ମରୁହିଁ ପ୍ରାପ୍ତ ହୋଇଥାଏ । ଏହି ଲକ୍ଷ୍ୟ ପାଇଁ ଏକ ପ୍ରାଥମିକ ଶୃଙ୍ଖଳାର ବଶବର୍ତ୍ତୀ ହେବାକୁ ହୁଏ – ଯାହା ଆଳସ୍ୟ, ଅଜ୍ଞାନତା, ମିଥ୍ୟାର କ୍ରମ ଅପସାରଣ ଦ୍ୱାରା ମନକୁ ସୁସଂସ୍କୃତ କରେ, ଏକ ଆସ୍ପୃହା ଉଦ୍ଦୀପିତ କରାଏ ଏବଂ ଏଗୁଡ଼ିକର ଧର୍ମ ନୈତିକତା ଓ ମାନସିକ ପ୍ରଜ୍ଞା ମଧ୍ୟ ଦେଇ ଆତ୍ମାର ପବିତ୍ରତାର ଶିଖର ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ପ୍ରୋଦ୍‌ଥାନ ନିମିତ୍ତ ଏକ ଇଚ୍ଛା ଗଠନ କରେ । ପତଞ୍ଜଳିଙ୍କର ଯୋଗସୂତ୍ରରେ ଯମ ଓ ନିୟମ ନାମରେ ପ୍ରତ୍ୟେକରେ ପାଞ୍ଚଟି କରି ଦଶ ପ୍ରକାରର ଶୃଙ୍ଖଳା ବିଷୟରେ ଉଲ୍ଲେଖ କରାଯାଇଛି ।

### ଯମ ଓ ନିୟମ

**ଅହିଂସା :** ଅନ୍ୟକୁ ଚିନ୍ତା, ବାକ୍ୟ ଓ କର୍ମରେ କ୍ଷତାକ୍ତ କରିବାରୁ ବା ହିଂସା କରିବାରୁ ନିବୃତ୍ତି ।

**ସତ୍ୟମ୍ :** ଚିନ୍ତା, ବାକ୍ୟ ଓ କର୍ମରେ ସତ୍ୟ ।

**ଅସ୍ତେୟମ୍ :** ଯାହା ସ୍ଥୂଳ ଭାବରେ ହେଉ ବା ମାନସିକ ଦୃଷ୍ଟିରୁ ସେହି ଦିଗରେ ଏକ ପ୍ରସ୍ତୁତି ଭାବରେ ହେଉ ନିଜସ୍ୱ ନୁହେଁ, ତାକୁ ଆବୋରି ବସିବାରୁ ନିବୃତ୍ତି ।

**ବ୍ରହ୍ମଚର୍ଯ୍ୟ :** ଜୀବନପ୍ରଦାନକାରୀ ଓ ଜୀବନ ସଂଗଠନକାରୀ ଯୌନଶକ୍ତିକୁ କୌଣସି ସ୍ଥୂଳ ବା ସୂକ୍ଷ୍ମଭାବେ ବିନଷ୍ଟ ହେବାକୁ ନଦେଇ ତା'ର ସଂଯମନ ଓ ଧାରଣ ।

**ଅପରିଗ୍ରହ :** ଅଭିଳାଷ ଓ ପ୍ରଲୋଭନରୁ ନିବୃତ୍ତି ଯାହା ପ୍ରତ୍ୟେକ ବସ୍ତୁକୁ ବର୍ତ୍ତମାନ ବା ଭବିଷ୍ୟତ୍ ଉପଭୋଗ ନିମିତ୍ତ କବଳିତ କରେ ।

ଏହା ଲକ୍ଷ୍ୟ କରିହେବ, ଏହି ନିବୃତ୍ତିର ନିୟମ ସକଳ ସ୍ୱୟଂସମ୍ପୂର୍ଣ୍ଣ ହେବା ପରିବର୍ତ୍ତେ ଅଧିକ ସୂଚନାତ୍ମକ । ସେମାନେ କାମନା, ବାସନା ତଥା ଅହଂ ମୂଳକ ପ୍ରବୃତ୍ତି ଉପରେ ଏକ ପୂର୍ଣ୍ଣ ସଂଯମ ଓ କର୍ତ୍ତୃତ୍ୱ ଉପରେ ଜୋର୍ ଦିଅନ୍ତି ଯେଉଁଗୁଡ଼ିକ କି ବ୍ୟକ୍ତିକୁ ଏକ ସଂସ୍କାରବିହୀନ ପଶୁଜୀବନ ସହ ବାନ୍ଧି ଦେଇଥା'ନ୍ତି ।

ପତଞ୍ଜଳିଙ୍କର ଉପଦିଷ୍ଟ **ନିୟମ**ଗୁଡ଼ିକ ହେଲା :

(୧) **ଶୌଚ :** ଏହି ପବିତ୍ରତା କେବଳ ଶାରୀରିକ ପବିତ୍ରତା ନୁହେଁ ଯାହା ଏକ ସହଜ କଥା ବରଂ ଚିନ୍ତନ ଓ ପ୍ରାଣଶକ୍ତିର ପବିତ୍ରତା । (୨) **ସନ୍ତୋଷ :** ଯାହା ସମଗ୍ର ଆଧାରକୁ ଏକ ଆନନ୍ଦମୟ ସ୍ୱାଚ୍ଛନ୍ଦ୍ୟରେ ଅବସ୍ଥାପିତ କରାଏ ଯାହାକି ଅପୂର୍ଣ୍ଣ ବାସନା ତଥା ଅପହଞ୍ଚ ପ୍ରଯତ୍ନସବୁର ସ୍ୱଭାବଗତ ଅସ୍ଥିରତାରୁ ସମ୍ପୂର୍ଣ୍ଣ ମୁକ୍ତ । (୩) **ତପସ୍ :** ତପସ୍ୟା, ବ୍ୟକ୍ତିର ସମସ୍ତ ଶକ୍ତିର ସେମାନଙ୍କର ସମ୍ଭାବନାର ଏକ ଉର୍ଦ୍ଧ୍ୱାୟନ ପ୍ରକାଶ ନିମିତ୍ତ ଏକକୈନ୍ଦ୍ରିକ ହେବାର ଅଭ୍ୟାସ । (୪) **ସ୍ୱାଧ୍ୟାୟ :** ପ୍ରାମାଣିକ ଗ୍ରନ୍ଥ ଉଭବ ଜ୍ଞାନ ଓ କାର୍ଯ୍ୟାବଳୀର ଏକ ଅଭିନିବିଷ୍ଟ ଅଧ୍ୟୟନ । (୫) **ଈଶ୍ୱର ପ୍ରଣିଧାନ :** ଈଶ୍ୱରଙ୍କ ଇଚ୍ଛାର ସମ୍ମାନ ଓ ସାନନ୍ଦ ଗ୍ରହଣ, ଈଶ୍ୱରଙ୍କ ପ୍ରତି ଏକ ଭକ୍ତି ଓ ସମର୍ପଣର ମନୋଭାବ ।

ଏହି ପ୍ରାଥମିକ ନିୟମାବଳୀ ଦୈନନ୍ଦିନ ଜୀବନରେ ସୁଗ୍ରଥିତ ହେବା, ତା'ର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିନେବା ଆବଶ୍ୟକ ଯଦ୍ୱାରା ସଫଳ ଧ୍ୟାନାଭ୍ୟାସ ପାଇଁ ଭୂମି ପ୍ରସ୍ତୁତ ହେବ । ଏହିସବୁ ପାଳନ ଓ ନିଷେଧଗୁଡ଼ିକ ବ୍ୟକ୍ତିସତ୍ତାରେ ଏକ ପରିମିତ ଶୁଦ୍ଧତା ଆଣିବାରେ ନିଶ୍ଚିତ କରାଇ ଦେବା ପାଇଁ ତଥା ଯଥେଷ୍ଟ ପରିମାଣର ଆଳସ୍ୟ ପରିତ୍ୟାଗ କରିବା ନିମିତ୍ତ ଓ ଦିବ୍ୟ-କରୁଣା ପ୍ରତି ଏକ ଆସ୍ପୃହାଶୀଳ ଓ ଗ୍ରହଣଶୀଳ ମନୋଭାବ ପୋଷଣ କରାଇବା ଉଦ୍ଦେଶ୍ୟରେ ଅଭିପ୍ରେତ । ଏଥିରେ ନିଶ୍ଚୟ ଜୋର୍ ଦେବା ଦରକାର ଯେ ଏହିସବୁ ସଂଯମତା ଓ ଅବଧାରଣା ସ୍ୱୟଂସମ୍ପୂର୍ଣ୍ଣ ନୁହନ୍ତି, ଏମାନେ

କେବେହେଁ ଜୀବନର ଉଦ୍ଦେଶ୍ୟ ନୁହନ୍ତି, କିଂବା ହୋଇ ପାରିବେ ନାହିଁ । ସେମାନଙ୍କର କାର୍ଯ୍ୟ କେବଳ ପ୍ରସ୍ତୁତ୍ୟାତ୍ମକ । ଯେଉଁଠି ଆବଶ୍ୟକ ପ୍ରସ୍ତୁତି ଅନ୍ୟ ଉପାୟରେ ପୂର୍ବରୁ ବା ପୂର୍ବଜନ୍ମମାନଙ୍କରୁ ସିଦ୍ଧ ହୋଇଥାଏ, ସେଠାରେ ଏସବୁଗୁଡ଼ିକ ବା ସେମାନଙ୍କ ମଧ୍ୟରୁ ଅନେକ ଆବଶ୍ୟକ ହୋଇ ନ ପାରନ୍ତି । ଗୁରୁତ୍ୱପୂର୍ଣ୍ଣ ଧ୍ୟାନରେ ବ୍ୟାପୃତ ହେବା ପୂର୍ବରୁ ଯାହା ବିଶେଷ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ସର୍ବନିମ୍ନ ଦୈହିକ ଓ ମାନସିକ* ପବିତ୍ରତା, ଅହଂ-ଆଶ୍ରୟୀ ଇନ୍ଦ୍ରିୟସଂକୁଳ ଜୀବନରୁ ଏକ ଆପେକ୍ଷିକ ଅବ୍ୟାହତି ଏବଂ ବ୍ୟକ୍ତି-ସତ୍ତାର ସତ୍ୟ-ଉପଲବ୍ଧି ନିମିତ୍ତ ଏକ ତୀବ୍ର ଆସ୍ପୃହା ।

(କ୍ରମଶଃ)

(ଇଂରାଜୀ *Dhyana* ପୁସ୍ତକରୁ)

ଅନୁବାଦ : ରଜନୀକାନ୍ତ ମିଶ୍ର

❑❑❑

---

* ଯେତେବେଳେ ଅନ୍ତଃପୁରୁଷ ଜ୍ଞାନର ଆନନ୍ଦମୟ ପ୍ରଶାନ୍ତି ଦ୍ୱାରା ବିଶୁଦ୍ଧ ହୋଇ ଉଠନ୍ତି, ସେତେବେଳେହିଁ ଜଣେ ଧ୍ୟାନସ୍ଥ ହୋଇ ଅଖଣ୍ଡ ଆତ୍ମାକୁ ଅବଲୋକନ କରିପାରେ । (ମୁଣ୍ଡକ ଉପନିଷଦ୍, III, 1.8)
''ଜ୍ଞାନପ୍ରସାଦେନ ବିଶୁଦ୍ଧସତ୍ତ୍ୱସ୍ତତସ୍ତୁ ତଂ ପଶ୍ୟତେ ନିଷ୍କଳଂ ଧ୍ୟାୟମାନଃ ।''

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**— ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୧)

**କାନାଇଲାଲଙ୍କର ଆଗମନ :**

କାନାଇଲାଲ ଗାଙ୍ଗୁଲିଙ୍କର ସ୍ମୃତି କଥାରୁ : ୧୯୨୩ର ଜୁଲାଇ ୧୯ ତାରିଖରେ ମୁଁ ପଣ୍ଡିଚେରୀରେ ଆସି ପହଞ୍ଚିଲି । ଏହା ପୂର୍ବରୁ ବାରୀନଙ୍କର (ଭବାନୀପୁର ଯୋଗକେନ୍ଦ୍ର) ମାଧ୍ୟମରେ ଶ୍ରୀଅରବିନ୍ଦଙ୍କ ସହିତ ମୋର ସମ୍ପର୍କ ସ୍ଥାପିତ ହୋଇଥିଲା । ମୋର ଏକ ଫଟୋଗ୍ରାଫ୍ ଦେଖି ବାରୀନଙ୍କ ପାଖକୁ ଶ୍ରୀଅରବିନ୍ଦ ଏହି ମର୍ମରେ ପତ୍ର ଲେଖିଥିଲେ :

‘‘(କାନାଇ ସମ୍ବନ୍ଧରେ ମା’ଙ୍କର ମନ୍ତବ୍ୟ) ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ମସ୍ତିଷ୍କ, ଉନ୍ନତମାନର ଚୈତ୍ୟ-ବ୍ୟକ୍ତିତ୍ୱ, କିନ୍ତୁ ସେ ନିଶ୍ଚିତ ରୂପେ ନିଜ ଶରୀର ସମ୍ବନ୍ଧେ ଖୁବ୍ ସାବଧାନତା ଅବଲମ୍ବନ କରିବେ ଯେହେତୁ ତାଙ୍କର ଏହି ଆଧାରରେ ଏ ଧରଣର ସମାବେଶ ଚୈତ୍ୟ-କ୍ରମୋନ୍ନତିର ତୀବ୍ରତା ଫଳରେ ଶରୀରଟିକୁ ଖୁବ୍ ସମ୍ଭବତଃ ସମ୍ପୂର୍ଣ୍ଣରୂପେ ଦଗ୍ଧ କରିଦେଇ ପାରେ ।’’

‘‘(ମୋର ମନ୍ତବ୍ୟ) ତରବରରେ ସମ୍ପାଦିତ କୌଣସି ପ୍ରକାର ଭୟାତୁର ଉଦ୍‌ବେଗକୁ ବା ମନର ବିବ୍ରତାବସ୍ଥାକୁ ଅଥବା କୌଣସି ପ୍ରକାର ଅସ୍ୱାସ୍ଥ୍ୟକର ପ୍ରଭାବ ବା ସ୍ପନ୍ଦନକୁ ଶାରୀରିକ ଚେତନା ମଧ୍ୟକୁ ଆଦୌ ପ୍ରବେଶ କରିବାକୁ ନଦେଇ ସ୍ଥିରତା, ଶକ୍ତି ଓ ପବିତ୍ରତାକୁ ଆଧାର ମଧ୍ୟକୁ ଅବତରଣ କରାଇ ଆଣିବାର ଭିତ୍ତି ଉପରେହିଁ ଶାରୀରିକ ନିରାପତ୍ତା ସ୍ଥାୟୀ ଭାବରେ ସୁରକ୍ଷିତ ହେବ ଏବଂ ଏ କ୍ଷେତ୍ରରେ ଏହା ଏକେବାରେ ଅପରିହାର୍ଯ୍ୟ ।’’

ଏତଦ୍‌ବ୍ୟତୀତ ଶ୍ରୀଅରବିନ୍ଦ ବାରୀନଙ୍କୁ ଜଣାଇଥିଲେ ଯେ ସମ୍ଭବ ହେଲେ କାନାଇକୁ ଡକାଇ ପଠାଇବେ । ଯଥାର୍ଥ ମୁହୂର୍ତ୍ତରେ ତାରବାର୍ତ୍ତା ପାଇଲି ଏବଂ ମୁଁ ପଣ୍ଡିଚେରୀରେ ଆସି ପହଞ୍ଚିଲି । ମୋତେ ସେତେବେଳେ ୨୨ ବର୍ଷ ।

ପଣ୍ଡିଚେରୀ ଷ୍ଟେସନରୁ ମୋତେ ପାଛୋଟି ଆଣିବାକୁ ଯାଇଥିବା ବ୍ୟକ୍ତି ରାସ୍ତାରେ କହିଲେ : ‘ଆପଣ ବଡ଼ ଅଭାଗା । ଗତ ଦୁଇ ଦିନ ଧରି ଶ୍ରୀଅରବିନ୍ଦଙ୍କ ଦେହ ଭଲ ନାହିଁ, ସନ୍ଧ୍ୟାର ସମବେତ ଧ୍ୟାନ ବି ବନ୍ଦ...’

ଯାହାହେଉ, ମୁଁ ଆସି ଶ୍ରୀଅରବିନ୍ଦଙ୍କ ବାସଭବନ (ଲାଇବ୍ରେରୀ ହାଉସ୍)ରେ ପହଞ୍ଚିଲି; ସେଠାରେ ଅମୃତଙ୍କୁ ବାରଣ୍ଡାରେ ଭେଟିଲି । ସେ ହାତରେ ଅନ୍ଦାଜ ଦଶ, ବାରଟି ଦୈନିକ ଖବର କାଗଜ ଧରି ଉପର ମହଲାକୁ ଯିବା ସକାଶେ ପାହାଚ ଉଠିବାକୁ ଯାଉଥିଲେ । ମୁଁ ତାଙ୍କୁ କହିଲି, ‘ଆପଣ ଦୟାକରି ମୋର ପହଞ୍ଚିବା କଥା ଶ୍ରୀଅରବିନ୍ଦଙ୍କୁ ଜଣାଇ ଦେବେ ।’ ସେ ମଥା ହଲାଇ ‘ଏହା ସମ୍ଭବ ନୁହେଁ’ କହି ସିଧା ତରବରରେ ଉପରକୁ ଉଠିଗଲେ । ମୁଁ ସେଇଠି, ସେଇ ବାରଣ୍ଡାରେ ଅପେକ୍ଷା କରିଥାଏ; ମିନିଟିଏ ଖଣ୍ଡେ ଯାଇଛି କି ନାହିଁ, ଅମୃତ ସେମିତି ତରବରରେ ତଳକୁ ଓହ୍ଲାଇ ଆସି ମୋତେ କହିଲେ, ‘ଶ୍ରୀଅରବିନ୍ଦ ସ୍ୱୟଂ ମୋତେ ପ୍ରଶ୍ନ କଲେ କାନାଇ ଆସି ପହଞ୍ଚିଲା କି ନାହିଁ । ଆସନ୍ତୁ, ମୋତେ ଆପଣଙ୍କୁ ତାଙ୍କ ପାଖକୁ ନେଇଯିବାକୁ ସେ କହିଛନ୍ତି ।’

ମୁଁ ଉପରକୁ ଉଠିବା ବେଳେ ମୋର ସ୍ନାୟବିକ ଦୁର୍ବଳତା ବଶତଃ ଅସ୍ଥିର ବୋଧ କରୁଥିଲି । ଉପରକୁ ଉଠି ତାଙ୍କୁ ବାରଣ୍ଡାରେ ଚେୟାରରେ ବସିଥିବାର ଦେଖିଲି । ଗରିମାସମ୍ପନ୍ନ ଗାମ୍ଭୀର୍ଯ୍ୟପୂର୍ଣ୍ଣ ମହିମମୟ ଦିବ୍ୟ-ବ୍ୟକ୍ତିତ୍ୱ । ସେ ମୋତେ ଅନାଇ ବସିବାକୁ ଇଙ୍ଗିତ ଦେଲେ । ମୁଁ ତାଙ୍କୁ ପ୍ରଣାମ କରିବାକୁ ଭୁଲିଯାଇ ସେଠାରେ ଥିବା କେତୋଟି ଚେୟାର ଭିତରୁ ଗୋଟିକରେ ବସିଲି । ସେ ମୋତେ ମଧୁର ସ୍ୱରରେ ପଚାରିଲେ, ‘ତୁମର ମୋତେ କିଛି କହିବାକୁ ଅଛି ?’

– ‘ହଁ’, (କିନ୍ତୁ ମୋ ତୁଣ୍ଡରୁ ଆଉ କିଛି ବି ଶବ୍ଦ ବାହାରିଲା ନାହିଁ ।) ମିନିଟିଏ ଖଣ୍ଡେ ପରେ ମୋତେ ନୀରବ ରହିବାର ଦେଖି ସେ ପୁଣି ସେମିତି ମଧୁର ସ୍ୱରରେ ସମାନ ପ୍ରଶ୍ନ କଲେ । ମୁଁ ପୁଣି ‘ହଁ’ କହି ନୀରବ ରହିଗଲି । ତା’ପରେ ସେ ସାମନାରେ ଥିବା ଛୋଟ ଟେବୁଲ ଘଡ଼ି ଆଡ଼କୁ ଅନାଇ କହିଲେ, ‘୧୧ଟା ବାଜିଲେ ମୁଁ ଭିତରକୁ ଯିବି ।’

– (ଏଥର ମୋର ମୁହଁ ଖୋଲିଲା) ମୁଁ ଯୋଗାଭ୍ୟାସ କରିପାରିବି କି ?

– ହଁ, ତୁମର ସତ୍ତା ଏକ ଉର୍ଦ୍ଧ୍ୱସ୍ତରରୁ ଆସିଛି ।

— କିନ୍ତୁ ମୋର ସ୍ନାୟବିକ ସତ୍ତା ଖୁବ୍ ଦୁର୍ବଳ ।

— ସେଥିରେ କିଛି ଯାଏ ଆସେ ନାହିଁ । ଯୋଗାଭ୍ୟାସ କରିବା ପୂର୍ବରୁ ମୋର ସ୍ନାୟବିକ ସତ୍ତା ଦୁର୍ବଳ ଥିଲା । ମୀରା (ଶ୍ରୀମା)ଙ୍କର ବି ଦୁର୍ବଳ ଥିଲା । ଏବେ କିନ୍ତୁ ଦୃଢ଼ ସମର୍ଥ ହୋଇ ଉଠିଛୁ । ମୋର ମନେହୁଏ କିଛି ଦିନ ପରେ ସବୁ ଠିକ୍ ହୋଇଯିବ ।... (ତା'ପରେ ମୁଁ ଉଠିବାକୁ ଉଦ୍ୟତ ହେବାରୁ) ତୁମେ ତ ଅଳ୍ପ କେଇଦିନ ସକାଶେ ଆସିଛ । ଆଜି ଉପରଓଳି ସାଢ଼େ ଚାରିଟା ବେଳେ ଧ୍ୟାନ ପାଇଁ ଆସ । (ମୁଁ ପୁଣି ଉଠିବାକୁ ଉଦ୍ୟତ) କାଲି ସକାଳେ ବି ଆସିବ । ଅମୃତ ମୋତେ ଖବର କାଗଜ ଦେଇଯିବା ପରେ ତୁମେ ଆସି ମୋ ପାଖରେ ବସିବ ।

ଉପରଓଳି ସାଢ଼େ ଚାରିଟା ବେଳେ ଉପରକୁ ଉଠି ମୁଁ ପ୍ରଥମ କରି ମା'ଙ୍କୁ ଦେଖିଲି । ମୁହୂର୍ତ୍ତକ ସକାଶେ ସେ ମୋତେ ଅନାଇଲେ । ତା'ପରେ ହାତରେ ଧରିଥିବା ଗୋଟିଏ ଥାଳିରେ ଧୂପ ଓ ଦିଆଶିଳି ରହିଥିଲା, ସେଇଟିକୁ ଶ୍ରୀଅରବିନ୍ଦଙ୍କ ସାମନାରେ ଥିବା ଟେବୁଲ ଉପରେ ଥୋଇଦେଇ ସେ ଭିତରକୁ ଚାଲିଗଲେ । ମା' ଥିଲେ ଅପରୂପା ସୌନ୍ଦର୍ଯ୍ୟମୟୀ ତରୁଣୀ; ନିଜର ବୟସଠୁ ସେ ବେଶ୍ ଅଳ୍ପବୟସୀ ପ୍ରତୀୟମାନ ହେଉଥିଲେ ।...

ସମବେତ ଧ୍ୟାନ ପାଞ୍ଚଟା ସମୟରେ ଆରମ୍ଭ ହୋଇ ସାଢ଼େ ପାଞ୍ଚଟାରେ ଶେଷ ହେଲା । ମୁଁ ଲକ୍ଷ୍ୟ କଲି ଧ୍ୟାନ ସମୟରେ ଶ୍ରୀଅରବିନ୍ଦଙ୍କର ଚକ୍ଷୁ ଉନ୍ମୁକ୍ତ ଥିଲା । ଉପସ୍ଥିତ ତେର, ଚଉଦ ଜଣ କିନ୍ତୁ ସମସ୍ତେ ଚକ୍ଷୁ ମୁଦ୍ରିତ କରି ଧ୍ୟାନ କରୁଥିଲେ ।...

ତା'ପରଦିନ ସକାଳେ ଅମୃତ ତଳକୁ ଓହ୍ଲାଇ ଆସିବା ପରେ ମୁଁ ଉପରକୁ ଗଲି ଏବଂ ଶ୍ରୀଅରବିନ୍ଦଙ୍କ ପାର୍ଶ୍ୱରେ ବସିଲି । ସେ ମୋତେ ପଚାରିଲେ : 'ତୁମର କିଛି କହିବାକୁ ଅଛି ?'— ମୁଁ ତାଙ୍କୁ କହିଲି, 'ମୋର ଏକ ଭୂମା ଶାନ୍ତିର ଅନୁଭବ ହେଉଛି ।'

— 'ଏହା ତୁମର ଉର୍ଦ୍ଧ୍ୱମାନସରେ ଅତିମାନସର ପ୍ରଭାବ ।'

ଦୁଇ, ତିନି ଦିନ ପରେ ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି ଯେ ଏକ ପ୍ରବଳ କ୍ଷମତାଶାଳୀ ସତ୍ତା ମୋ ପଶ୍ଚାତରେ ରହିଥିବାର ମୁଁ ଅନୁଭବ କରୁଛି । ସେହି ସତ୍ତାଟି ମୋତେ ଅନାଇଦେଲେ ମୋର ସବୁକିଛି ବାଧାବିପତ୍ତି କୁଆଡ଼େ ଉଭେଇଯାଏ ।

ଶ୍ରୀଅରବିନ୍ଦ ମୋ କଥା ଶୁଣି କେବଳ ମଥା ହଲାଇଲେ ।

ଏହାର ଦୁଇ, ତିନି ଦିନ ପରେ ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି ଯେ ମୁଁ ଏବେ ଘରକୁ ଯିବି, କାରଣ ମାତ୍ର କିଛି ଦିନ ସକାଶେ ପ୍ରସ୍ତୁତ ହୋଇ ଆସିଥିଲି ।

ଶ୍ରୀଅରବିନ୍ଦ କହିଲେ : 'ନା, ଏତେ ଶୀଘ୍ର ଯାଇ ପାରିବ ନାହିଁ, ତୁମେ ଯେତେବେଳେ ମୋର ଯୋଗ ଗ୍ରହଣ କରିଛ, ମୁଁ ତୁମକୁ ଏତେ ସହଜରେ ଛାଡ଼ୁ ନାହିଁ ।' ମୁଁ ତତ୍‌କ୍ଷଣାତ୍ ବୁଝିଗଲି ଯେ ସେ ମୋର ଯିବାକୁ ଚାହାନ୍ତି ନାହିଁ । ମୁଁ ରହିଗଲି । (ଚିରଦିନ ସକାଶେ ରହିଯାଇଥିଲି ।) ମୋର ଫେରନ୍ତା ଖର୍ଚ୍ଚ ବାବଦ ମୋ ପାଖରେ ଯାହା ଟଙ୍କା ଥିଲା, ମୁଁ ସେଇ ଟଙ୍କାତକ ତାଙ୍କୁ ଅର୍ପଣ କରିବାକୁ ଚାହିଁଲି । ସେ କହିଲେ, 'ତୁମର କିନ୍ତୁ କିଛି ପକେଟ ଖର୍ଚ୍ଚ ଲାଗିପାରେ, ପାଖରେ ରଖ ।' ମୁଁ କହିଲି ମୋର ବନ୍ଧୁମାନେ ମୋତେ ସାହାଯ୍ୟ କରିବେ । ସେଇଠୁ ସେ କହିଲେ, 'ତୁମେ ନିଶ୍ଚିତ ?'— ଏଇ ସମାନ କଥା ସେ ମୋତେ ଦୁଇ ଥର ପଚାରିଲେ । ମୁଁ 'ହଁ' କହିବାରୁ ସେ କହିଲେ, 'ତା'ହେଲେ ଠିକ୍ ଅଛି ।'

କିଛି ମାସ ପରେ ମୁଁ ମୋର ପଶ୍ଚାତରେ ଅନୁଭବ କରୁଥିବା ସେଇ ପ୍ରବଳ କ୍ଷମତାଶାଳୀ ସତ୍ତାଟିକୁ ଦିନେ ମୋ ଆଡ଼କୁ ଟାଣିବାକୁ ଲାଗିଲି । ସେ ନିକଟତର ହୋଇ ମୋ ମସ୍ତକର ଉର୍ଦ୍ଧ୍ୱରେ ଅବସ୍ଥାନ କଲା— ଝଲମଲ କରୁଥିବା ଶୁଭ୍ର ମେଘଖଣ୍ଡ ସଦୃଶ ।

ପଣ୍ଡିଚେରୀକୁ ଆସିବା ପୂର୍ବରୁ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ : 'କାନାଇ ବାର ବାର (ସେଇ ସତ୍ତାଟିକୁ) ଟାଣି ଆଣିବାରେ ଲାଗିଛି । ମୁଁ ଜାଣେନା ତା'ର କ'ଣ ହେବ । କିନ୍ତୁ ମା'ଙ୍କର ଅଦ୍ଭୁତ ଶକ୍ତି ରହିଛି, ସେ ରକ୍ଷା ପାଇଯିବ ।'

ଏବେ ଯେଉଁଦିନ ସେହି ସତ୍ତାଟି ଆସି ମୋ ମସ୍ତକର ଉର୍ଦ୍ଧ୍ୱରେ ଅବସ୍ଥାନ କଲା, ମୁଁ ଏହି କଥା ଶ୍ରୀଅରବିନ୍ଦଙ୍କୁ ସନ୍ଧ୍ୟାବେଳର ଧ୍ୟାନ ପରେ ଜଣାଇଲି ଏବଂ ମା'ଙ୍କୁ ସାକ୍ଷାତ୍ କରିବା ସକାଶେ ଅନୁମତି ଚାହିଁଲି । ଶ୍ରୀଅରବିନ୍ଦ ମୋ ଆଡ଼କୁ ସ୍ଥିର ଦୃଷ୍ଟିରେ ଅନାଇ ତା'ପରେ କହିଲେ : 'ତୁମେ ମା'ଙ୍କ ସାଥିରେ ବସିବ (ସେତେବେଳେ ରାତି ଆଠଟା), କିନ୍ତୁ ସ୍ନାୟବିକ ଦୁର୍ବଳତାକୁ ଆସିବାକୁ ଦେବ ନାହିଁ, ଉତ୍ତେଜିତ ବା ବିକ୍ଷୁବ୍ଧ ହେବ ନାହିଁ; ଧୀରସ୍ଥିର ଭାବରେ କଥାବାର୍ତ୍ତା କରିବ, ଯେତେଟା ସମ୍ଭବ ଧୀରସ୍ଥିର ଭାବରେ ।'

ନିର୍ଧାର୍ଯ୍ୟ ସମୟରେ ମୁଁ ମା'ଙ୍କ ପ୍ରକୋଷ୍ଠକୁ ଗଲି । ସେ ତାଙ୍କର ଚେୟାରଟିକୁ ମୋର ବସିଥିବା ସ୍ଥାନ ପାଖକୁ ଆଣିଲେ,

ଯଦ୍ୱାରା ସେ ମୋର ମସ୍ତକୋପରି ତାଙ୍କର ବରଦହସ୍ତ ସ୍ଥାପନ କରିପାରିବେ ।

ଠିକ୍ ପରମୁହୂର୍ତ୍ତରେ ମୁଁ ମୋର ଅନୁଭୂତିର କଥା ତାଙ୍କୁ କହିବାକୁ ଆରମ୍ଭ କଲି ।

ମା' ପଚାରିଲେ : 'ଏହି ସତ୍ତାଟି ତୁମ ପଶ୍ଚାତରେ ରହିଥିବାର ଅନୁଭୂତିକୁ ତୁମେ କେତେ ବର୍ଷ ଧରି ଅନୁଭବ କରିଆସୁଛ ?'

– 'ମୋତେ ତେର, ଚଉଦ ବର୍ଷ ବେଳୁ ।'

– 'ଆଚ୍ଛା !'

ମୁଁ ତା'ପରେ ପୁଙ୍ଖାନୁପୁଙ୍ଖ ଭାବରେ ସେସବୁ କଥା ବର୍ଣ୍ଣନା କଲି ।

– 'ଆଚ୍ଛା !'

ଏହାପରେ ମା' ନୀରବ ରହିଲେ ଏବଂ ପ୍ରାୟ ପନ୍ଦର ମିନିଟ ପରେ ମା' ବିସ୍ମୟାଭିଭୂତ ହୋଇ ଟିକିଏ ଚଢ଼ାଗଳାରେ କହିଉଠିଲେ : 'ଭଗବାନ୍ ! ମୋର ମନେହୁଏ ଏବେ ତୁମେ ଉଦ୍ଧାର ପାଇଗଲ ।'

– 'କ'ଣ ହେଲା, ମା ?'

ମା' କିନ୍ତୁ ମୋ ପ୍ରଶ୍ନର ଉତ୍ତର ନଦେଇ ପକ୍ଷାନ୍ତରେ ମୋତେ ପଚାରି ବସିଲେ, 'ତୁମେ କିଛି ଖାଇଛ କି ନାହିଁ ?' ମୁଁ ତାଙ୍କୁ କହିଲି ଯେ ଗତ ଦୁଇ, ତିନି ଦିନ ଧରି ମୁଁ ଭଲ କରି ଖାଇ ପାରି ନାହିଁ କି ଶୋଇ ପାରି ନାହିଁ । ତା'ପରେ ମା' ଦତ୍ତାଙ୍କୁ ଡାକି ଶ୍ରୀଅରବିନ୍ଦଙ୍କ କକ୍ଷରୁ ମୋ ସକାଶେ କିଛି ସୁପ୍ ଆଣିଲେ ଏବଂ ମୋ ହାତକୁ ବଢ଼ାଇ ଦେଇ କହିଲେ, 'ସବୁତକ ପିଇ ଦିଅ ।'

ବାହାରେ ଝିପି ଝିପି ବର୍ଷା ହେଉଥିଲା । ମା' ତାଙ୍କର ଜାପାନୀ ଛତାଟି ମୋ ହାତକୁ ବଢ଼ାଇ ଦେଇ କହିଲେ, 'କାଲି ସକାଳେ ପାଞ୍ଚଟା ସମୟରେ ନେଇଆସିବ, ଭୁଲିବ ନାହିଁ ।' ଠିକ୍ ଏହି ସମୟରେ ଶ୍ରୀଅରବିନ୍ଦ ଭିତରକୁ ପ୍ରବେଶ କରି ମା'ଙ୍କ ପାର୍ଶ୍ୱରେ ଛିଡ଼ା ହୋଇ ମୋତେ ପ୍ରଶ୍ନ କଲେ, 'କେମିତି ଅଛ ?' ଏବଂ ମୋତେ ଚାହିଁ ରହିଥିଲେ । ମୁଁ ନୀରବ ରହି କେବଳ ଦୁହିଁଙ୍କୁ ଅନାଇ ରହିଥିଲି ।

ମା' ମୋତେ ପାଛୋଟି ଦେବା ସକାଶେ ଦରଜା ପର୍ଯ୍ୟନ୍ତ ଆସିଲେ । ତାଙ୍କଠାରୁ ବିଦାୟ ନେବା ବେଳେ ମୁଁ କହିଉଠିଲି : 'ମା', ମୋତେ ଭୟ ଲାଗୁଛି – କିଛି ବିପଦ ଘଟିବ କି ?' ମା' ତତ୍‌କ୍ଷଣାତ୍ ତାଙ୍କ ହାତର ଭଙ୍ଗୀରେ ଦୃଢ଼ତାର ସହିତ କହିଲେ, 'ବିପଦ, ବିପଦ ନାହିଁ, ନିଶ୍ଚିତରୂପେ କୌଣସି ବିପଦ ନାହିଁ । ମୁଁ ତୁମ କକ୍ଷରେ କିଛି ରଖିଦେଇଛି, ତୁମେ ଗଲେ ଅନୁଭବ କରିପାରିବ ।'

ମୁଁ ମୋ ବସାକୁ ଆସି ମୋ କକ୍ଷରେ ପ୍ରବେଶ କଲି । କିନ୍ତୁ ତୀବ୍ର ଭାବରେ ଅସ୍ଥିର ବୋଧ କରୁଥିଲି । ମୁଁ କ'ଣ ପାଗଳ ହୋଇଯିବି ? ସମୁଦ୍ରକୁ ଯାଇ କ'ଣ ଡେଇଁ ପଡ଼ିବି ? ଏହି ପ୍ରକାର କଥାସବୁ କ୍ରୋଧୋନ୍ମତ୍ତ ହୋଇ ଭାବୁଥିଲି । ଠିକ୍ ଏହି ସମୟରେ ଦେଖିଲି ମୋ କକ୍ଷର ଛାତଟି ଦୁଇ ଭାଗରେ ବିଭକ୍ତ ହୋଇ ଖୋଲିଗଲା ଏବଂ ଶୁଭ୍ର ଆଲୋକମଣ୍ଡିତ ଦୁଇଟି ପାଦ ନିମ୍ନକୁ ଅବତରି ଆସି ମୋ କପାଳରେ ଚାପ ଦେଲା । ମୋ ସମଗ୍ର ଶରୀରରେ ହିମ-ଶୀତଳ ଜଳ-ପ୍ରବାହ ଅନୁଭବ କଲି । ଜାଣେନି କେତେବେଳେ ମୋତେ ନିଦ ଆସିଯାଇଛି ।

ତା'ପରଦିନ ସକାଳେ ପାଞ୍ଚଟା ପୂର୍ବରୁ ଶଯ୍ୟାତ୍ୟାଗ କରି ନିର୍ଦ୍ଦିଷ୍ଟ ସମୟରେ ମା'ଙ୍କୁ ସାକ୍ଷାତ୍ କରିବା ସମୟରେ ପଚାରିଲି : 'ତୁମ ସହିତ ମୋର ସମ୍ପର୍କ କି ପ୍ରକାର ରହିବ ?'

ଶ୍ରୀମା : ହେ ମୋର ପ୍ରିୟ ଶିଶୁ, ଏହା ହେବ ମା' ଓ ସନ୍ତାନର ସମ୍ପର୍କ, ଏକ ଅବିରତ ମଧୁର ସମ୍ପର୍କ ।

– ବାସ୍ ଏତିକି ?

ଶ୍ରୀମା : ତୁମର ଉପସ୍ଥିତ ଚେତନାରେ ଏହା ହେବ ଏକ ଅତି ମଧୁର ସମ୍ପର୍କ । ପରେ ତୁମେ ଉପଲବ୍ଧି କରିବ ମୁଁ କିଏ ।

ସେହିଦିନ ସକାଳେ ପ୍ରାୟ ସାଢ଼େ ନଅଟା ସମୟରେ ମୁଁ ପୁଣି ମା'ଙ୍କୁ ସାକ୍ଷାତ୍ କରିବାକୁ ଉପରକୁ ଗଲି । ସେଠାରେ ପହଞ୍ଚିବା ମାତ୍ରେ ମୁଁ (ପ୍ରାୟ ଚେତା ହରାଇ) ତଳେ ପଡ଼ିଯାଉଥିବା ବେଳେ ମା' ତାଙ୍କର ତୁରନ୍ତ ହସ୍ତକ୍ଷେପରେ ମୋତେ ଶୁଆଇ ଦେଲେ । ମୁଁ କାନ୍ଦି କାନ୍ଦି ମା'ଙ୍କୁ ପଚାରିଲି, 'ମୋର କ'ଣ ହୋଇଛି ?'

ପ୍ରାୟ ଦଶଟା ବେଳେ ବାରୀନ ଆସି ମୋତେ କହିଲେ ଯେ ଶ୍ରୀଅରବିନ୍ଦ ତୁମକୁ ଦେଖିବାକୁ ଚାହାନ୍ତି, ମୋତେ ତୁମକୁ ତାଙ୍କ ପାଖକୁ ନେଇଯିବାକୁ ହେବ । ମୁଁ ସେତେବେଳେ (ମୋ ଚେତନାରେ) ଅନ୍ଧକାରର ଗହ୍ୱର ମଧ୍ୟକୁ ବୁଡ଼ିଯାଉଥିଲି ।

– 'କାନାଇ ?', ଶ୍ରୀଅରବିନ୍ଦ ସମ୍ଭାଷଣ କଲେ । ମୁଁ ସେଇ ଅନ୍ଧକାର ଗହ୍ୱର ମଧ୍ୟରୁ ଉପରକୁ ଉଠିବାକୁ ଚେଷ୍ଟା କରୁଥିଲି, କିନ୍ତୁ ପାରୁ ନଥିଲି । ଶ୍ରୀଅରବିନ୍ଦ ପୁଣି ମୋର ନାମ ଧରି ଡାକିଲେ ଏବଂ ମୁଁ ଉପରକୁ ଉଠିଆସିଲି । ତା'ପରେ ସେ

କହିଲେ, 'ମୁଁ ତୁମକୁ ବାରବାର କହିଥିଲି ନା, କେବେ ବି ସେଇ ଶକ୍ତିଶାଳୀ ସତ୍ତାକୁ ନିଜ ମଧ୍ୟକୁ ଟାଣିବ ନାହିଁ । ତୁମେ କିନ୍ତୁ ତା' କଲ । ବର୍ତ୍ତମାନ ସେଇ ଅଦିବ୍ୟ ସତ୍ତାଟି ତୁମ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଛି, କିନ୍ତୁ ପାରୁ ନାହିଁ ।... ଆମେ ତୁମ ଭିତରୁ ସେଇ ଶକ୍ତିଶାଳୀ ସତ୍ତାଟିକୁ ଫୋପାଡ଼ି ଦେଇଛୁ ।... ଶାନ୍ତ ଓ ଅଚଞ୍ଚଳ ଭାବରେ (ଆମ ପ୍ରତି ଉନ୍ମୁକ୍ତ ରହିବାକୁ) ଆସ୍ପୃହା କର, ନିଜକୁ ସଂଯତ ରଖ ।'

ସେଇଦିନଠୁ ମୁଁ ଏକ ନବଜନ୍ମ ଲାଭ କଲି । ଥରେ ମୁଁ ତାଙ୍କୁ ପଚାରିଲି : 'ଆପଣ ମୋତେ କହିଥିଲେ ଯେ ମୋର ଚୈତ୍ୟସତ୍ତା ଅତ୍ୟନ୍ତ ବିକଶିତ । ଏହା ମୋତେ ରକ୍ଷା କଲା ନାହିଁ କାହିଁକି ?'

ଶ୍ରୀଅରବିନ୍ଦ : ତୁମେ କେବେ ବି ତା'ର ସାହାଯ୍ୟ ମାଗି ନାହଁ । ଯାହାହେଉ, ମା' ତୁମ ଉପରେ କ୍ରିୟା କରି ତୁମକୁ ଉଦ୍ଧାର କରିଛନ୍ତି ।

ମୁଁ : ମୁଁ କ'ଣ ମରିଯିବି ? ମୃତ୍ୟୁ ପରେ ମୋର କ'ଣ ହେବ ?

ଶ୍ରୀଅରବିନ୍ଦ : କାନାଇଁ, ଆମେ ତୁମ ଭିତରୁ ସେଇ ଅଶୁଭ ଶକ୍ତିକୁ ଟାଣି ଫୋପାଡ଼ି ଦେଇଛୁ । ତୁମର ମୃତ୍ୟୁ ହେବ ନାହିଁ । ମୁଁ ଜାଣେ, ମା' ବି ଜାଣନ୍ତି ଯେ ତୁମେ ଏଇ ଜୀବନରେହିଁ ଭଗବତ୍ ଉପଲବ୍ଧି କରିବ । (ଦୁଇ ଥର ସମାନ କଥା କହିଲେ ।) ...

ଏହାର କିଛି ଦିନ ପରେ ମୁଁ ମା'ଙ୍କ କକ୍ଷକୁ ପ୍ରବେଶ କରି କହିଲି, 'ମା, ମୋ ମନକୁ ଏକ ନାମ ବାର ବାର ଆସୁଛି ।' ସେ ମୋତେ ସ୍ଥିର ଦୃଷ୍ଟିରେ ଚାହିଁ ପଚାରିଲେ, 'ସେଇଟି କ'ଣ ?'

— 'ଶୁକଦେବ । ମା' ଏହା କ'ଣ ସତ ?'

— 'ଊର୍ଦ୍ଧ୍ୱଜଗତରେ ମୁଁ ତୁମକୁ ସେହି ନାମରେ ଡାକେ । କିନ୍ତୁ ଏବିଷୟରେ ମୁଁ ଶ୍ରୀଅରବିନ୍ଦଙ୍କୁ  ପଚାରି କାଲି ତୁମକୁ କହିବି ।'

ତହିଁ ଆରଦିନ ମା' ମୋତେ କହିଲେ, 'ତୁମ କଥା ଠିକ୍ ।'

ଦିନେ ମୁଁ ମା'ଙ୍କୁ ପଚାରିଲି, 'ମା', ଅତିମାନସର ସ୍ପର୍ଶ ମୁଁ ଏହି ଜୀବନରେ ପାଇବି କି ?'

— 'ମୁଁ ତୁମକୁ ଏକଥା ଶହେ ଥର ଖଣ୍ଡେ କହିଛି, ପୁଣି ଥରେ ଏହା ଶୁଣିବାକୁ ଚାହଁ ?'

— 'ହଁ, ମା ।'

— 'ଅତିମାନସ ଯେତେବେଳେ ପୃଥିବୀପୃଷ୍ଠରେ ଅବତରି ଆସି କ୍ରିୟାଶୀଳ ହେବ, ତୁମେ ତା' ନିଶ୍ଚୟ ଲାଭ କରିବ ।'...

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ମୋର ସନ୍ତାନଗଣ,

ଏକହିଁ  ଲକ୍ଷ୍ୟ ଦିଗରେ, ଏକହିଁ କର୍ମ ସମ୍ପାଦନ ନିମିତ୍ତ ଆମେମାନେ ଐକ୍ୟବଦ୍ଧ ହୋଇଛେ — ସେ କର୍ମଟି ଦିବ୍ୟକୃପା ଆମମାନଙ୍କୁ ସଂପାଦନ କରିବା ନିମନ୍ତେ ପ୍ରଦାନ କରିଛି, ଯାହା ଏକ ଅଦ୍ୱିତୀୟ ଏବଂ ନୂତନ କର୍ମ । ମୁଁ ଆଶା କରୁଛି ଏଇ କର୍ମର ଅସାଧାରଣ ଗୁରୁତ୍ୱକୁ ତୁମେମାନେ ଅଧିକରୁ ଅଧିକ ହୃଦୟଙ୍ଗମ କରିବ ଏବଂ ଏହି କର୍ମ ସମ୍ପାଦନ ଫଳରେ ଯେଉଁ ମହାନ୍ ଆନନ୍ଦ ମିଳିବ ତାହାକୁ ତୁମେମାନେ ଆପଣା ଅନ୍ତରରେ ଅନୁଭବ କରିବ ।

ଦିବ୍ୟଶକ୍ତି ତୁମମାନଙ୍କ ସହିତ ରହିଛି — ଏହାର ଉପସ୍ଥିତିକୁ ଅଧିକରୁ ଅଧିକ ଅନୁଭବ କର ଏବଂ ଏହାକୁ କେବେ ବି ପ୍ରତାରିତ ନ କରିବାକୁ ସାବଧାନ ରୁହ ।

ଅନୁଭବ କର, ଇଚ୍ଛା କର ଓ କାର୍ଯ୍ୟ କର ଯେପରି ଏକ ନୂତନ ଜଗତର ଉପଲବ୍ଧି ନିମନ୍ତେ ତୁମେମାନେ ହୋଇପାର ନୂତନ ସତ୍ତା ଏବଂ ସେଥିପାଇଁ ମୋର ଆଶୀର୍ବାଦ ତୁମମାନଙ୍କ ସହ ନିରନ୍ତର ରହିବ ।

— ଶ୍ରୀମା

**ଆରବ୍ୟ ରଜନୀର ଅଜଣା କାହାଣୀ :**

# ପୃଥିବୀର ପ୍ରକୃତ ଗୌରବ

## ମନୋଜ ଦାସ

ବିଶାଳ ଆରବ ରାଜ୍ୟର ଶାସକ ମହାମାନ୍ୟ ଖଲିଫା ଦରବାରରେ ବସିଥା'ନ୍ତି, ଦୁଇ ଜଣ ଯୁବକ ଆଉ ଜଣେ ଯୁବକକୁ ଧରି ତାଙ୍କ ଆଗରେ ହାଜର କରାଇଲେ ।

''ହଜୁର ! ଏ ଉଦ୍ଧତ ଯୁବକ ଆମ ପିତାଙ୍କୁ ହତ୍ୟା କରି ପଳାଇ ଯାଉଥିଲା । ଆମେ ତାକୁ ଧରି ଆଣିଛୁ । ଉପଯୁକ୍ତ ଦଣ୍ଡ ବିଧାନ ହେଉ ।'' ଦୁଇ ଯୁବକ କହିଲେ ।

ତୃତୀୟ ଯୁବକଟି କହିଲା, ''ହଜୁର ! ଏ ଦୁହିଙ୍କ ପିତାଙ୍କୁ ମୁଁ ହତ୍ୟା କଲି ଏକଥା ମିଥ୍ୟା'' ଏହାପରେ ସେ ଘଟଣାଟିର ଯେଉଁ ବିବରଣୀ ଦେଲା ତାହା ଏହିପରି :—

ଯୁବକଟି ଜଣେ ବଣିକ । ସେ ତା'ର ତିନୋଟି ଓଟ ଧରି ସହରକୁ ଯାଉଥିଲା ନିଜ ବ୍ୟବସାୟ ସକାଶେ କିଛି ମାଲପତ୍ର ଆଣିବା ଉଦ୍ଦେଶ୍ୟରେ । ତା'ର ଗୋଟାଏ ଓଟ ଭାରି ଚଞ୍ଚଳ । ସେ ଗୋଟାଏ ଉଦ୍ୟାନ ଭିତରେ ପଶିଗଲା । ଯୁବକ ବଣିକଟି ତାକୁ ଅଡ଼ାଇ ଆଣିବା ପୂର୍ବରୁହିଁ ଉଦ୍ୟାନର ମାଲିକ ସେ ଓଟ ମୁଣ୍ଡକୁ ଲକ୍ଷ୍ୟ କରି ଖଣ୍ଡିଏ ପଥର ଫୋପାଡ଼ିଲେ ଯଥାସାଧ୍ୟ ବଳ ଖଟାଇ । ଓଟ ଗୋଟିକ ତତ୍‌କ୍ଷଣାତ୍ ମରି ପଡ଼ିଗଲା । ସେ ଗୋଟିକ ଥିଲା ବଣିକର ସବୁଠାରୁ ପ୍ରିୟ ତଥା ବଳିଷ୍ଠ ଓଟ । ବଣିକ ଦିଗ୍‌ବିଦିଗ ଜ୍ଞାନଶୂନ୍ୟ ହୋଇ ସେହି ପଥର ଖଣ୍ଡିକ ଉଠାଇ ଉଦ୍ୟାନର ମାଲିକ ଆଡ଼କୁ ନିଜର ଯଥାସାଧ୍ୟ ବଳ ଖଟାଇ ପ୍ରାୟ ସମାନ ବେଗରେ ନିକ୍ଷେପ କଲା । ଦୈବାତ୍ ସେ ପଥର ଖଣ୍ଡିକ ଉଦ୍ୟାନ-ମାଲିକର ଛାତିରେ ବାଜିଲା ଓ ସେ ମରିଗଲେ ।

''ହଜୁର ! ଉଦ୍ୟାନ ମାଲିକ ମଲେ ତାଙ୍କ ନିଜ ଅସ୍ତ୍ର ଯୋଗେ — ସମାନ ବଳ ଯୋଗେ — ତାଙ୍କ ନିଜ କ୍ରିୟାର ପ୍ରତିକ୍ରିୟା ରୂପେ । ମୁଁ ତାଙ୍କୁ ହତ୍ୟା କଲି, ଏହା ମିଥ୍ୟା ।'' ଯୁବକ ବଣିକ କୈଫିୟତ୍ ଦେଲା ।

''ବୁଝୁଛି । ତୁମେ ନଭାବି ନ ଚିନ୍ତି ହତ୍ୟାଟି ଭିଆଇଲ, ଯଦିଓ ହତ୍ୟା କରିବା ତୁମର ଉଦ୍ଦେଶ୍ୟ ନଥିଲା । ତଥାପି ତୁମେ ପଶୁଟିଏ ବଦଳରେ ମଣିଷର ଜୀବନ ନେଲ, ପୁଣି ଅପରାଧ ଘଟାଇ ସାରି ପଳାଇ ଯାଉଥିଲ । ଅତଏବ ଦେଶର କାନୁନ ଅନୁସାରେ ତୁମକୁ ମୃତ୍ୟୁଦଣ୍ଡ ଭୋଗିବାକୁହିଁ ହେବ ।'' ଖଲିଫା ରାୟ ଦେଲେ ।

ବଣିକ କିଛି ସମୟ ନିରବ ରହି କହିଲା, ''ହଜୁର ! ଆପଣ ନ୍ୟାୟବନ୍ତ ନରପତି । ମୁଁ ଆଉ କହିବି କ'ଣ ? ମୋର ଗୋଟାଏ ପ୍ରାର୍ଥନା ମଞ୍ଜୁର କରନ୍ତୁ । ମୋତେ ପାଞ୍ଚ ଦିନ ସମୟ ଦିଅନ୍ତୁ । ମୋର ମାତାପିତା ନାହାନ୍ତି କି ମୁଁ ବିବାହିତ ନୁହେଁ । ସେ ଦୃଷ୍ଟିରୁ ମୋର ସୌଭାଗ୍ୟ ଯେ ମୋ ନିଧନରେ କେହି ବିଶେଷ ଶୋକାକୁଳ ହେବେ ନାହିଁ । ତେବେ କିଛି ଦିନ ତଳେ ଆମ ଗ୍ରାମର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ମୃତ୍ୟୁ ହେଲା । ସେ ମୋତେ ପ୍ରଗାଢ଼ ବିଶ୍ୱାସ କରୁଥିଲେ । ତାଙ୍କର ଗୋଟିଏ ନାବାଳକ ମା' ଛେଉଣ୍ଡ ପୁଅ । ତା' ଭବିଷ୍ୟତ୍ ନିମନ୍ତେ ସେ କିଛି ଧନ ପୋତି ରଖି ମୋତେ ତା'ର ରହସ୍ୟ କହିଥିଲେ । ପୁଅଟି ସାବାଳକ ହେଲେ ମୁଁ ତାକୁ ସେ ପୋତାଧନ ଦେବା କଥା । ମୁଁ ଯଦି ମୋର ଅକାଳ ମୃତ୍ୟୁ ପୂର୍ବରୁ ସେ ପୋତାଧନର ବିବରଣୀ ଅନ୍ୟ କୌଣସି ବିଶ୍ୱସ୍ତ ବ୍ୟକ୍ତିଙ୍କୁ ନଦେବି, ତେବେ ତାହା ଚିରକାଳ ପୋତା ହୋଇ ରହିଯିବ । ପରଲୋକଗତ ଭଦ୍ରଲୋକଙ୍କ ଇଚ୍ଛା ଅପୂର୍ଣ୍ଣ ରହିଯିବ; ସେ ବିତ୍ତରୁ କେହି ଲାଭବାନ୍ ହେବେ ନାହିଁ ।''

ଯୁବକ ବଣିକର କଥାବାର୍ତ୍ତାରୁ ସମସ୍ତଙ୍କର ଧାରଣା ହେଲା ସେ ସତ କହୁଛି ।

''ବେଶ୍ ! କିନ୍ତୁ କାନୁନ ଅନୁସାରେ ତୁମ ପାଇଁ ଜଣେ ଜାମିନ ରହିବା ଆବଶ୍ୟକ । ତୁମେ ଯଥା ସମୟରେ ଆସି ଦଣ୍ଡ ଭୋଗ ନକଲେ ତୁମ ପାଇଁ ସେ ପ୍ରାଣପାତ କରିବାକୁ ସମ୍ମତ ହେବା ଚାହି ।'' କହିଲେ ଖଲିଫା ।

''ବୁଝିଲି, ମହାମାନ୍ୟ ସମ୍ରାଟ !''

ଯୁବକଟି ଦରବାରର ସବୁ ଅମାତ୍ୟଙ୍କ ଉପରକୁ ଦୃଷ୍ଟିପାତ କଲା । କିନ୍ତୁ ଗୋଟାଏ ମଧ ଚିହ୍ନା ମୁହଁ ତା' ଆଖିରେ ପଡ଼ିଲେ ନାହିଁ ।

ହଠାତ୍ ନଗରୀର ଜଣେ ବିଶିଷ୍ଟ ବ୍ୟକ୍ତି ଆବୁଖାର୍‌ଙ୍କ ଆଡ଼େ ଅନାଇ ସେ କହିଲା, ''ମହାଶୟ, କାହିଁକି ଜାଣେନା,

କିନ୍ତୁ ମୋର ଧାରଣା ହେଉଛି ଆପଣ ମୋତେ ଅବିଶ୍ୱାସ କରୁ ନାହାନ୍ତି ।''

''ହଁ, ଯୁବକ, ମୁଁ ତୁମକୁ ଅବିଶ୍ୱାସ କରୁ ନାହିଁ । ତୁମ ପାଇଁ ମୁଁ ଜାମିନ ରହୁଛି !'' ଆବୁଖାର୍ ଏହା କହି ଖଲିଫାଙ୍କ ଆଡ଼େ ଅନାଇଲେ ।

''ଆବୁଖାର୍ ! ତୁମେ କେତେ ବଡ଼ ଦାୟିତ୍ୱ ନେଉଛ, ଜାଣିଛ ?'' ଖଲିଫା ପଚାରିଲେ ।

''ହଁ ଧର୍ମାବତାର, ଜାଣେ !'' ଏହା ହେଲା ଆବୁଖାର୍‌ଙ୍କର ସଂକ୍ଷିପ୍ତ ଉତ୍ତର ।

ପାଞ୍ଚ ଦିନ ବିତିଗଲା । ଯୁବକ ବଣିକର କିନ୍ତୁ ଦେଖା ନାହିଁ । ଦରବାର ଉପରେ ବିଷାଦର ଛାୟା ଘୋଟି ଆସିଲା । ଖୋଦ୍ ଖଲିଫା ମଧ୍ୟ ବିଷଣ୍ଣ ଅନୁଭବ କରୁଥା'ନ୍ତି । ଆବୁଖାର୍‌ଙ୍କ ଭଳି ଜଣେ ସମ୍ଭ୍ରାନ୍ତ ଏବଂ ଜ୍ଞାନୀ ଅମାତ୍ୟ ଜଣେ ଅଜ୍ଞାତକୁଳଶୀଳ ତରୁଣ ସକାଶେ ଜୀବନ ଦେବେ, ଏହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଦୁଃଖଦାୟକ ହୋଇଥାଏ ।

କିନ୍ତୁ ନିଜେ ଆବୁଖାର୍ କହିଲେ, ''ହଜୁର ! ଆପଣ ତିଳେ ମଧ୍ୟ ଦ୍ୱିଧା ନକରି ମୋର ପ୍ରାଣଦଣ୍ଡର ବ୍ୟବସ୍ଥା କରନ୍ତୁ । କାନୁନ-ବିରୋଧୀ ଦୃଷ୍ଟାନ୍ତଟିଏ ସୃଷ୍ଟି ହେବ ଏବଂ ମୁଁ ତା'ର ହେତୁ ହେବି, ଏହା ମୋର କାମ୍ୟ ହୋଇପାରେନା ।''

ଆବୁଖାର୍‌ଙ୍କ ଜୀବନାବସାନ ହେବ ! ତେବେ ତାହା ନହେବାର ଏକମାତ୍ର ସମ୍ଭାବନା ହେଲା, ମୃତ ଉଦ୍ୟାନ-ମାଲିକର ଦୁଇ ଯୁବକ ପୁତ୍ର ଯଦି କହିବେ ଯେ ସେମାନେ ସେମାନଙ୍କ ପିତୃହତ୍ୟାର ପ୍ରତିଶୋଧ ନେବାରେ ଆଉ ଆଗ୍ରହୀ ନୁହନ୍ତି । ଘାତକକୁ ସେମାନେ କ୍ଷମା ଦେଲେ ।

କିନ୍ତୁ ସେ ଅଭିଯୋଗକାରୀ ଯୁବକ ଦୁଇ ଜଣ କ୍ଷମାଚରଣ କରିବାକୁ ପ୍ରସ୍ତୁତ ନଥିଲେ ।

ତେବେ ଆବୁଖାର୍‌ଙ୍କ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେବାର ଘଣ୍ଟାଏ ପୂର୍ବରୁ ବଣିକ ଯୁବକ ଜଣକ ଆସି ଉପସ୍ଥିତ ହେଲା । ଆସିବା ବାଟରେ ଗୋଟିଏ ଦୁର୍ଘଟଣାଗ୍ରସ୍ତ ପରିବାର ସକାଶେ କିଛି ଚିକିତ୍ସା ବ୍ୟବସ୍ଥା କରିବା ଦିଗରେ ଉଦ୍ୟମ କରୁ କରୁ ସେ ଟିକିଏ ବିଳମ୍ବ କରିପକାଇଥିଲା ।

ଖଲିଫା ଚମତ୍କୃତ ହେଲେ । ସେ କହିଲେ, ''ତୁମକୁ ମୁଁ ଆନ୍ତରିକ ପ୍ରଶଂସା କରୁଛି । ତୁମେ ନଆସିଥିଲେ ନିଜ ପ୍ରାଣଟି ରଖି ପାରିଥା'ନ୍ତ !''

''ହଁ, ଧର୍ମାବତାର ! କିନ୍ତୁ ତାହା ହୋଇଥା'ନ୍ତା ଜଣେ ବିଶ୍ୱାସଘାତକର ପ୍ରାଣ । ମୋ ଉପରେ ଗଭୀର ବିଶ୍ୱାସ ରଖି ଆବୁଖାର୍ ମହୋଦୟ ନିଜ ଜୀବନ ବାଜି ରଖିଥିଲେ । ପୃଥିବୀରେ ଆଉ ବିଶ୍ୱାସର ମହତ୍ତ୍ୱ ନାହିଁ, ଏକଥା କେହି ନକହୁ ।'' ବଣିକ କହିଲା ।

''ତୁମେ ଦରବାରରେ ଉପସ୍ଥିତ ଶହେ ସରିକି ଅମାତ୍ୟ ଏବଂ ବରିଷ୍ଠ କର୍ମଚାରୀଙ୍କ ଭିତରୁ ମୋତେ ଜାମିନ ରହିବା ନିମନ୍ତେ ଆବେଦନ କଲ, ମୋ ଉପରେ ତୁମର ସେ ନିର୍ଭରଶୀଳତାକୁ ମୁଁ ବା କିପରି ସମ୍ମାନ ଦେଖାଇ ନଥା'ନ୍ତି ?'' ଦୀର୍ଘଶ୍ୱାସ ଛାଡ଼ି କହିଲେ ଆବୁଖାର୍ ।

ହଠାତ୍ ଅଭିଯୋଗକାରୀ ଯୁବକ ଦୁଇଜଣ ଖଲିଫାଙ୍କ ଆଗକୁ ଆସି ଜଣାଇଲେ, ''ହେ ମହାନୁଭବ ! ଆମେ ଏ ବଣିକ ଯୁବକଙ୍କ ମହତ୍ତ୍ୱରେ ଅଭିଭୂତ । ଆମେ ଆଉ ଆମ ପିତାଙ୍କ ମୃତ୍ୟୁ ପାଇଁ ସେ ଦଣ୍ଡିତ ହେବା ସପକ୍ଷରେ ନାହୁଁ । ତାଙ୍କୁ ଦଣ୍ଡରୁ ନିଷ୍କୃତି ଦିଆଯାଉ । ପୃଥିବୀରେ ଆଉ ମାନବିକତାର ମହତ୍ତ୍ୱ ନାହିଁ, ଏକଥା କେହି ନକହୁ ।''

ଦରବାରରେ ଆନନ୍ଦର ଢ଼େଉ ଖେଳିଗଲା । ଖଲିଫା ଗୋଟାଏ ଭୋଜିର ଆୟୋଜନ କଲେ – ବଣିକ ଯୁବକ, ଅଭିଯୋଗକାରୀ ଦ୍ୱୟ ଏବଂ ଆବୁଖାର୍‌ଙ୍କ ସମ୍ମାନରେ । ସେ କହିଲେ, ''ଏହିମାନଙ୍କ ମହାନୁଭବତାହିଁ ପୃଥିବୀର ପ୍ରକୃତ ଗୌରବ ।''

❑❑❑

ଭଗବାନଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଅ, କାରଣ ସେ ଯେକୌଣସି ମୁହୂର୍ତ୍ତରେ ଆସି ତୁମ ପାଖରେ ପହଞ୍ଚିଯାଇ ପାରନ୍ତି ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬)

## ମହେନ୍ଦ୍ର ନାଥ ସ୍ୱାଇଁ

**ପ୍ରେମ ଓ ମୃତ୍ୟୁର ନୂତନ ସଂଜ୍ଞା :**

''ଏକମାତ୍ର ଦିବ୍ୟପ୍ରେମ'' ବା ''ଦିବ୍ୟପ୍ରେମହିଁ କେବଳମ୍'' (The only love) ଏହି ଉକ୍ତିର ସମ୍ୟକ୍ ପରିପ୍ରକାଶ ଘଟିଛି ମା'ଙ୍କର ସେପ୍ଟେମ୍ବର ୩, ୧୯୧୯ ପ୍ରାର୍ଥନାଟିରେ । ମନୁଷ୍ୟ ପ୍ରେମ କରିବାକୁ ସର୍ବଦା ଇଚ୍ଛା କରୁଥାଏ ଏବଂ ତାକୁ ସମସ୍ତେ ପ୍ରେମ କରନ୍ତୁ – ଏହା ମଧ୍ୟ ଚାହୁଁଥାଏ । ବେଳେବେଳେ ସେ ଖୁବ୍ ଗଭୀର ଭାବରେ ଭଲପାଏ । ହୁଏତ ପ୍ରେମର ପୂଜାରୀ ବନିଯାଏ କିଂବା ମନ ଓ ପ୍ରାଣ ମଧ୍ୟଦେଇ ପ୍ରେମ ଭିତରେ ନିଜକୁ ସାମିଲ କରିଦିଏ । ସମସ୍ତ ପ୍ରକାର ଭଲପାଇବାର ପ୍ରାଧାନ୍ୟ ରହିଛି; କାରଣ ସେ ସମସ୍ତ ଆମ ଅଭ୍ୟନ୍ତରରେ ସ୍ଥିତ ଅଗ୍ନିକୁ ପ୍ରସ୍ତୁତ କରିଥାଏ ।

ଅଧିକାଂଶ ସମୟରେ ଆମେ ଦେଖୁ ଯେପରି ଭଲପାଇବାର କୌଣସି ପ୍ରାକ୍-ସୂଚନା ମଧ୍ୟ ମିଳେ ନାହିଁ । କିନ୍ତୁ ସେ ଫାଶ ଭିତରୁ ଫେରି ଆସିବା ମଧ୍ୟ ସହଜ କଥା ନୁହେଁ । ଅଧିକନ୍ତୁ ପ୍ରେମାସ୍ପଦଙ୍କଠାରୁ ଆମେ ଯେତିକି ଆଶାକରୁ ତାହା କେବେହେଲେ ମିଳେ ନାହିଁ । ଯୋଗାଣଠାରୁ ଚାହିଦା ସର୍ବଦା ଅଧିକା ହୋଇଥାଏ । ଏହାହିଁ ମଣିଷ ସମାଜର ସାଧାରଣ ଅନୁଭୂତି । ଦେବାରେ ଆନନ୍ଦ ଥାଏ – ଏହା ଏକ ପ୍ରାଣିକ ଆନନ୍ଦ । ଦେଇ ଦେଇ ଆମେ ନିଃସ୍ୱ ହୋଇଯାଉ – ସବୁକିଛି ହରାଇଦେଇ ମାନସିକ ଓ ପ୍ରାଣିକ ଶକ୍ତିକୁ ମଧ୍ୟ ଖର୍ଚ୍ଚ କରିଦେଉ । ଅପରପକ୍ଷରେ ଅନ୍ୟ ମଣିଷମାନେ ସେମାନଙ୍କ ଶ୍ରଦ୍ଧା ଓ ଆଦରରୁ ଗୋଟିଏ ବୁନ୍ଦା (drop) ଫେରାଇବାକୁ ରାଜି ନୁହନ୍ତି । ମୁହଁ ବୁଲାଇ ନିଅନ୍ତି; ତାହାହେଲେ ଆମେ ଯିବା କୁଆଡ଼େ ? ସତ୍ତାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମା' ସେପ୍ଟେମ୍ବର ୩, ୧୯୧୯ର ପ୍ରାର୍ଥନାଟି ଆରମ୍ଭ କରନ୍ତି । ତାହା ଏହିପରି –

''SINCE the man refused the meal I had prepared with so much love and care, I invoked the God to take it.

My God, Thou hast accepted my invitation, Thou hast come to sit at my table, and in exchange for my poor and humble offering Thou hast granted to me the last liberation. My heart, even this morning so heavy with anguish and care, my head surcharged with responsibility, are delivered of their burden. Now are they light and joyful as my inner being has been for a long time past.My body smiles to Thee with happiness as before my soul smiled to Thee. And surely hereafter Thou wilt withdraw no more from me this joy, O my God! for this time, I think, the lesson has been sufficient, I have mounted the Calvary of successive disillusionments high enough to attain to the Resurrection. Nothing remains of the past but a potent love which gives me the pure heart of a child and the lightness and freedom of thought of a god.''

(CWM-1, p. 377)

ମା' କହୁଛନ୍ତି, ''ଏତେ ପ୍ରେମ ଓ ଯତ୍ନର ସହିତ ମୁଁ ଖାଦ୍ୟ ପ୍ରସ୍ତୁତ କଲି, ମଣିଷ ସମ୍ମୁଖରେ ପରିବେଷଣ କଲି, କିନ୍ତୁ ସେ ତାକୁ ଗ୍ରହଣ କରିବାକୁ ମନାକଲା, ତେଣୁ ଭଗବାନଙ୍କୁ ତାହା ନିବେଦନ କଲି ଗ୍ରହଣ କରିବା ପାଇଁ ।''

ହେ ମୋର ପ୍ରଭୁ, ଆପଣ ମୋର ନିମନ୍ତ୍ରଣ ଗ୍ରହଣ କଲେ, ଏବଂ ଆସିଲେ ମୋ ଟେବୁଲରେ ବସିବା ପାଇଁ, ଏବଂ ମୋର ଏହି ସାଧାସିଧା ଏବଂ ବିନମ୍ର ନୈବେଦ୍ୟ ନିବେଦନର ପ୍ରତିଦାନରେ ଆପଣ ମୋତେ ପ୍ରଦାନ କଲେ ଚରମ-ମୁକ୍ତି । ଆଜି ସକାଳେ ମୋର ହୃଦୟ ଦୁଃଖ ଓ ଯନ୍ତ୍ରଣାରେ ଖୁବ୍ ଭାରାକ୍ରାନ୍ତ ହୋଇଯାଇଥିଲା, ମୋର ମସ୍ତିଷ୍କ ମଧ୍ୟ ଦାୟିତ୍ୱବୋଧର ଚାପରେ ଜର୍ଜରିତ ହୋଇଯାଇଥିଲା, ବର୍ତ୍ତମାନ

କିନ୍ତୁ ସେମାନଙ୍କର ବୋଝ ହାଲୁକା ହୋଇଯାଇଛି । ସେମାନେ ବର୍ତ୍ତମାନ ଆଲୋକିତ ଏବଂ ଆନନ୍ଦମୟ – ଠିକ୍ ଯେପରି ମୋର ଆନ୍ତରସତ୍ତା ବହୁଦିନ ହେଲା ନିରବଚ୍ଛିନ୍ନ ଭାବେ ଯାହା ଅନୁଭବ କରିଆସୁଅଛି ସେହିପରି । ପୂର୍ବରୁ ମୋର ଆତ୍ମା ଯେପରି ଆପଣଙ୍କ ପ୍ରତି ଆନନ୍ଦର ସ୍ମିତ-ହାସ୍ୟ ନିବେଦନ କରି ଆସୁଥିଲା, ଠିକ୍ ସେହିପରି ମୋର ଶରୀର ମଧ୍ୟ ଏବେ ପରମ ଆନନ୍ଦର ଆତିଶଯ୍ୟରେ ସ୍ମିତ-ହାସ୍ୟର ସହ ପୁଲକିତ ହୋଇ ଉଠୁଛି । ହେ ମୋର ପ୍ରଭୁ ! ମୁଁ ନିଶ୍ଚିତ ଯେ ଏହାପରେ ଆପଣ ଆଉ ମୋଠାରୁ ଏହି ଆନନ୍ଦକୁ ଫେରାଇ ନେବେ ନାହିଁ । ମୋର ମନେହେଉଛି ଏଥରକ ଶିକ୍ଷା ଯଥେଷ୍ଟ ହୋଇଯାଇଛି । ମୁଁ କ୍ରମାନ୍ୱୟରେ ସୋପାନ ପରେ ସୋପାନ ଅତିକ୍ରମ କରି ''କାଲ୍‌ଭାରି'' ଅର୍ଥାତ୍ ସର୍ବୋଚ୍ଚ ଶିଖରରେ ଉପସ୍ଥିତ ହୋଇଛି – ଏହାହିଁ ନବଜନ୍ମ (Resurrection) ଲାଭ କରିବା ନିମନ୍ତେ ଯଥେଷ୍ଟ । ଅତୀତର ଆଉ ଚିହ୍ନବର୍ଣ୍ଣ ନାହିଁ, କିନ୍ତୁ ସର୍ବତ୍ର ଶକ୍ତିଶାଳୀ ପ୍ରେମ ଯାହା ମୋତେ ଗୋଟିଏ ଶିଶୁର ବିଶୁଦ୍ଧ ହୃଦୟ ଏବଂ ଜଣେ ଦେବତାଙ୍କର ଆଲୋକିତ, ମୁକ୍ତ ଚିନ୍ତା-ଶକ୍ତି ପ୍ରଦାନ କରୁଛି ।''

ଉକ୍ତ ପ୍ରାର୍ଥନାଟିର ରଚନା କାଳରେ ମା' ଜାପାନରେ ଅବସ୍ଥାନ କରୁଥିଲେ । ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକର ପ୍ରଥମ ଭାଗର ଏହା ଶେଷ ପ୍ରାର୍ଥନା । ମା' ଏକାଗ୍ର ହୋଇ ପ୍ରେମ ଓ ଯତ୍ନ ସହକାରେ ଆମ ପାଇଁ ଖାଦ୍ୟ ପ୍ରସ୍ତୁତ କରିଛନ୍ତି । ଆମ ଆଗରେ ବାଢ଼ି ଦେଇଛନ୍ତି । ଏହା ମା'ଙ୍କର ଭଲପାଇବାର ଏକ ସର୍ବୋତ୍କୃଷ୍ଟ ନମୁନା । କିନ୍ତୁ ଆମେ ସେହି ଖାଦ୍ୟ ଗ୍ରହଣ କରିବାକୁ ମନା କଲୁ । ମା'ଙ୍କର ପ୍ରେମ ଓ ଯତ୍ନ ପ୍ରତି ଅନାଦର ଭାବ ପ୍ରଦର୍ଶନ କଲୁ । ସେ ଆମ ପାଖରେ ପହଞ୍ଚି ପାରିଲେ ନାହିଁ । ଏକଥା ସତ୍ୟ ଯେ ଆମେ ଯେତେବେଳେ ଆମର କୌଣସି ନିକଟତମ ମାନବ-ଭ୍ରାତା ବା ଭଗ୍ନୀଙ୍କ ନିକଟରେ ପ୍ରେମର ଭାବକୁ ବାଢ଼ିଦେଉ, ଉଦାର ହୋଇଯାଉ, ଯଦି ସେହି ଭାବକୁ ଅପରପକ୍ଷ ଗ୍ରହଣ ନକରି ଘୃଣାରେ ଠେଲି ଦିଏ, ତେବେ ତତ୍‌କ୍ଷଣାତ୍ ଜୀବନରେ ଯନ୍ତ୍ରଣାର ଭାବ ଉଦ୍ରେକ ହୁଏ । ତତ୍‌ପରେ ଆମେ ଭଗବାନଙ୍କୁ ପ୍ରାର୍ଥନା କରୁ ଏବଂ ସେହି ଭାବକୁ ତାଙ୍କ ଚରଣତଳେ ଢାଳି ଦେଉ । ଏହି ବିଫଳତା ଆମର ଅମନୋଯୋଗିତାରୁ ସୃଷ୍ଟି ହୋଇ ନଥାଏ, ବରଂ ଏହା ସାଧାରଣ ଜୀବନଧାରାର ଏକ କାନୁନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମା' ଆମ ସ୍ତରକୁ ଓହ୍ଲାଇ ଆସିଛନ୍ତି, ଆମକୁ ପଥପ୍ରଦର୍ଶନ କରିବା ପାଇଁ । ଫଳରେ ଆମେ ଏହି ଜଗତର ଯନ୍ତ୍ରଣାକୁ ନିୟନ୍ତ୍ରଣ କରିପାରିବୁ । କିନ୍ତୁ ଆମେ ତାହା କରାଇ ଦେଲୁ ନାହିଁ । ଅପର ପକ୍ଷରେ ମା'ଙ୍କର ପ୍ରାର୍ଥନା ଓ ପ୍ରେମ ଏତେ ଶକ୍ତିଶାଳୀ ଯେ ପରମ-ପ୍ରଭୁ ତାହା ଶୁଣିଲେ ଏବଂ ସେତିକି ନୁହେଁ ଦୟାପରବଶ ହୋଇ ଓହ୍ଲାଇ ଆସିଲେ ଏବଂ ନୈବେଦ୍ୟ ଗ୍ରହଣ କରିବା ପାଇଁ ଟେବୁଲରେ ଉପବେଶନ କଲେ । ଏହା ଏକ ଛୋଟ କଥା ନୁହେଁ । ମା'ଙ୍କୁ ଆମେ ଦେଇଥିବା ଦୁଃଖ ଓ ଅନାଦର ଭାବର ଏଇଠି ପୂର୍ଣ୍ଣଚ୍ଛେଦ ପଡ଼ିଲା । ମା'ଙ୍କର ଏହି ଆଶ୍ୱସ୍ତି ଭାବ ପ୍ରକାଶିତ ହୋଇଛି ଉକ୍ତ ପ୍ରାର୍ଥନାର ନିମ୍ନୋକ୍ତ କେତୋଟି ପଂକ୍ତିରେ ।

"My heart, even this morning so heavy with anguish and care, my head surcharged with responsibility, are delivered of their burden."

ପ୍ରତ୍ୟୁଷରେ ମା'ଙ୍କ ହୃଦୟକୁ ଯେଉଁ ଦୁଃଖ ଏବଂ ଜଞ୍ଜାଳ ଭାରାକ୍ରାନ୍ତ କରି ଦେଇଥିଲା, ମସ୍ତିଷ୍କ ଦାୟିତ୍ୱ ବୋଧରେ ଜର୍ଜରିତ ହୋଇପଡ଼ିଥିଲା, ବର୍ତ୍ତମାନ ସେମାନେ ସେଥିରୁ ମୁକ୍ତ ହୋଇଯାଇଛନ୍ତି । ପରମ ପ୍ରଭୁଙ୍କ ପାଖରେ ନିଃଶେଷରେ ସମର୍ପଣହିଁ ଏତାଦୃଶ ଶାନ୍ତି ଓ ବିଶ୍ରାମ ଆଣି ଦେଇପାରେ । ତେଣୁ ହୃଦୟ ଏବଂ ମନ, ''ହାଲୁକା'' (Light) ଏବଂ ''ଆନନ୍ଦମୟ'' (Joyful) ହୋଇ ଉଠିଛନ୍ତି । ଆନ୍ତରସତ୍ତା ସବୁବେଳେ ସମଭାବାପନ୍ନ । ମା' ଏ ସମ୍ପର୍କରେ ସଦାସର୍ବଦା ସଚେତନ, ସେଥିପାଇଁ ସେ ତାଙ୍କ ଆନ୍ତରମନକୁ ବାହ୍ୟ ସତ୍ତାମାନଙ୍କ ଉପରେ, ବାହ୍ୟ ପ୍ରାଣ ଓ ବାହ୍ୟ ବୁଦ୍ଧି (Intellect) ଉପରେ ପ୍ରଭାବ ପକାଇବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । କେବଳ ସେତିକି ନୁହେଁ ଶରୀର ମଧ୍ୟ ତା'ର ପ୍ରକୃତ କାର୍ଯ୍ୟକଳାପ ସମ୍ପର୍କରେ ସଚେତନ ହୋଇଉଠିଛି ।

ମା' କହୁଛନ୍ତି, ''ହେ ପ୍ରଭୁ ! ଏହା ପୂର୍ବରୁ ମୋର ଆତ୍ମା ଯେପରି ସ୍ମିତ ହାସ୍ୟର ସହିତ ଆପଣଙ୍କୁ ଚାହିଁ ରହିଥିଲା ଠିକ୍ ସେହିପରି ମୋର ଏଇ ଶରୀର ମଧ୍ୟ ପୁଲକିତ ହୋଇ ଉଠୁଛି ଏବଂ ସହାସ୍ୟ ବଦନରେ ଆପଣଙ୍କ ଦିବ୍ୟରୂପ ଦର୍ଶନ କରୁଛି ।'' ଏହି ପ୍ରାର୍ଥନାଟିକୁ ପାଠକଲେ ପାଠକର ଅନୁଭବ ହେବ ଯେ ଶରୀରରେ ମଧ୍ୟ ଭଲପାଇବାର ଶକ୍ତି ଭରପୂର ହୋଇ ରହିଛି । ମା'ଙ୍କଠାରୁ ଆହ୍ୱାନ ଆସିଲେ ବା ଡୋରି ଲାଗିଲେ ସ୍ୱତଃସ୍ଫୂର୍ତ୍ତ ଭାବରେ ଶରୀର ତାଙ୍କ ଆଡ଼କୁ ଟାଣି

ହୋଇଯାଏ, ମନ ଓ ପ୍ରାଣର ପ୍ରଭାବ ସେଠାରେ କାମ କରେ ନାହିଁ । ବାହ୍ୟ ଦୁନିଆରେ ଯେଉଁ ଦେହଟି ଚଳପ୍ରଚଳ ହେବାପାଇଁ ଅକ୍ଷମତା ପ୍ରକାଶ କରୁଥାଏ ତାହା କିପରି ଦୀର୍ଘପଥ ରେଳଯାତ୍ରା ତଥା ଯାତ୍ରା-ଜନିତ କ୍ଳେଶକୁ ସହାସ୍ୟ ବଦନରେ ଆପଣେଇ ନେଇ ସୁଦୂର ପୁଦୁଚେରୀରେ ପହଞ୍ଚି ଯାଏ, ତାହା ଅନୁଭବ କରିବାର କଥା । ପୁନଶ୍ଚ ତ୍ରିତଳ ପ୍ରାସାଦର ସର୍ବୋଚ୍ଚ ପ୍ରକୋଷ୍ଠକୁ ପାହାଚ ପରେ ପାହାଚ ଅତିକ୍ରମ କରି ଦିବ୍ୟ-ଜନନୀଙ୍କ ଦିବ୍ୟସ୍ପର୍ଶ ଲାଭକରି କିପରି ପୁଲକିତ ହୋଇଉଠେ – କିପରି ଶରୀରର ସମସ୍ତ ଜୀବକୋଷ ମଧ୍ୟସ୍ଥ ନ୍ୟୁକ୍ଲିୟସ୍ ଭିତରେ ମାତୃସ୍ପର୍ଶଜନିତ ଦିବ୍ୟାନନ୍ଦର ସ୍ରୋତ ପ୍ରବାହିତ ହୁଏ – କିପରି ସେହି ଆନନ୍ଦର ସ୍ରୋତ ଚକ୍ଷୁଦ୍ୱୟ ମଧ୍ୟରୁ ଲୋତକ ରୂପରେ ଝରଝର ହୋଇ ଝରିପଡ଼େ – ବାଧା ମାନେ ନାହିଁ – ତାହା ଅନେକ ପାଠକ ପାଠିକାମାନଙ୍କର ଅଙ୍ଗେ ଲିଭା କଥା । ସୁତରାଂ ଶରୀରରେ ଭଲପାଇବାର ସଂଜ୍ଞା ବଦଳି ଯାଇଛି ।

ପ୍ରାର୍ଥନାଟିର ଶେଷ ଭାଗରେ ମା' ପରମ ପ୍ରଭୁଙ୍କୁ ସମ୍ବୋଧନ କରି କହୁଛନ୍ତି, ''ହେ ମୋର ପ୍ରଭୁ ! ମୁଁ ନିଶ୍ଚିତ ଯେ, ଏଥରକ ଆପଣ ପ୍ରଦାନ କରିଥିବା ଆନନ୍ଦକୁ ଆଉ ଫେରାଇନେବେ ନାହିଁ । ଏଥରକ ଆପଣ ଯେଉଁ ଶିକ୍ଷା ଦେଇଛନ୍ତି ତାହାହିଁ ଯଥେଷ୍ଟ । ମା' ଏଠାରେ 'କାଲ୍‌ଭାରି' (Calvary) ଶବ୍ଦଟି ବ୍ୟବହାର କରିଛନ୍ତି । ''କାଲ୍‌ଭାରି'' ହେଉଛି ଏକ ଲାଟିନ୍ ଶବ୍ଦ । ବାଇବେଲର ଅଂଶ ବିଶେଷ ନିଉଟେଷ୍ଟାମେଣ୍ଟ ଅନୁସାରେ ''କାଲ୍‌ଭାରୀଗୋଲ୍‌ଗାଥା'' ନାମକ ଏକ ଉଚ୍ଚସ୍ଥାନ ବା ମାଉଣ୍ଟ ଉପରେ ପ୍ରଭୁ ଯିଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା । ଏହା ଖ୍ରୀଷ୍ଟିଆନମାନଙ୍କର ଏକ ପବିତ୍ର ସ୍ଥଳ । ଏହି ସ୍ଥାନକୁ ୩୨୬ ଖ୍ରୀଷ୍ଟାବ୍ଦରେ ତତ୍‌କାଳୀନ ରୋମ-ସମ୍ରାଟ କନ୍‌ଷ୍ଟାନ୍‌ଟାଇନ୍‌ଙ୍କ ମା' ହେଲେନା ଚିହ୍ନଟ କରିଥିଲେ । ତଥାପି ଏଥିରେ ବର୍ତ୍ତମାନ ସୁଦ୍ଧା ଭିନ୍ନ-ମତ (Dispute) ରହିଛି । ମା' ଅତ୍ୟନ୍ତ ଆନନ୍ଦିତ ହୋଇ କହୁଛନ୍ତି ମୁଁ ପବିତ୍ର ସ୍ଥଳ 'କାଲଭାରି' ଉପରେ ଦଣ୍ଡାୟମାନ । ଅତୀତର ସମସ୍ତ ଝଡ଼-ଝଞ୍ଜା ଏବଂ ତା'ର ପରବର୍ତ୍ତୀ କାଳରେ ଦେଖାଦେଇଥିବା ମାୟାମୁକ୍ତ (Disillusionments) ବ୍ୟବସ୍ଥାର ସର୍ବୋଚ୍ଚ ଶିଖର ଉପରେ ଯାହା ''ନବଜନ୍ମ''କୁ (Resurrection) ପ୍ରାପ୍ତ କରିବା ପାଇଁ ଏକ ଉଦ୍ୟମ, ମୁଁ ତାହାରି ଉପରେ ଠିଆ ହୋଇଛି ।''

ହାରିଗଲେ ଆତ୍ମା ଅଧିକ ଶକ୍ତିଶାଳୀ ହୋଇଯାଏ, ଏହାର ଦେବ-ପ୍ରତିମ ଡେଣାଗୁଡ଼ିକ ବିଜୟ ନିମନ୍ତେ ପ୍ରସ୍ତୁତ ହେଉଥିବାବେଳେ ଯେଉଁ ପତନ ଏବଂ ନିଷ୍ଫଳତା ପ୍ରାପ୍ତ ହେଉଥାଏ ସେଥିରେ ସେମାନେ ଅଧିକ ଶକ୍ତିଶାଳୀ ହେଉଥା'ନ୍ତି – ଏହାହିଁ ଶ୍ରୀଅରବିନ୍ଦଙ୍କ ଧାରା ।

ଉକ୍ତ ପ୍ରାର୍ଥନାଟିର ଉପସଂହାର ବାକ୍ୟଟି ଏକ ମହାନ୍ ଦର୍ଶନ ଏବଂ ରଶ୍ମିମନ୍ତ ସାହିତ୍ୟର ମିଳିତ ସ୍ରୋତ । ଗୋଟିଏ ହେଉଛି ଏକ ଶିଶୁର ବିଶୁଦ୍ଧ ହୃଦୟ ଏବଂ ଅନ୍ୟଟି ଦେବତାଙ୍କର ଆଲୋକ-ଉଦାର ଏବଂ ମୁକ୍ତ ଚିନ୍ତା । ଏହି ଭାବଦ୍ୱୟ ଫେଣ୍ଟା-ଫେଣ୍ଟି ହୋଇ ପରିଣତ ହୋଇଯାଇଛନ୍ତି ''ଶକ୍ତିଶାଳୀ ପ୍ରେମ''ରେ (Potent Love) । ଅତୀତରେ ଯେତେ ଭଲପାଇବା ତାହା ବିସ୍ମୃତ । ଅତୀତର ଯନ୍ତ୍ରଣାମାନଙ୍କୁ ଆଉ କେହି ଅନୁସରଣ କରୁ ନାହାନ୍ତି । ଅତୀତର ଅନୁଭୂତିମାନେ ଦୃଢ଼ ଶକ୍ତିଶାଳୀ ପ୍ରେମର ସୃଷ୍ଟିକର୍ତ୍ତା । ଏକଥା ନୁହେଁ ଯେ ଅତୀତର ପ୍ରେମ ସକଳ ମୂଲ୍ୟହୀନ ଏବଂ ଅଦରକାରୀ । ଏହି ସର୍ବୋତ୍ତମ ଅନୁଭବ ପାଇଁ ଅତୀତ ପ୍ରେମମାନଙ୍କର ଅବଦାନ ବହୁତ ବେଶୀ । ଏହି ଅନୁଭବଟି ହେଉଛି ସବୁକିଛି ଦେଇଦେବା ଏବଂ ସବୁକିଛି ଫେରିପାଇବାର ଗୌରବ ଓ ମହନୀୟତା ।

ଅନୁଭୂତିର ସଙ୍ଗୀତମାନେ ନୂତନ ବିନମ୍ର ମୂର୍ଚ୍ଛନାମାନଙ୍କୁ ସୃଷ୍ଟି କରିଥାଆନ୍ତି – ତାହାହିଁ ସରଳ, ନୂତନ, ସଦ୍ୟଜାତ ଶିଶୁଟିର ସ୍ୱାଧୀନତାର ବାତାବରଣ, ସ୍ୱାଧୀନତାର ପରିମଣ୍ଡଳ ।

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;

(୨) Notes on Prayers and Meditations - Goutam Ghosal

# ଆଦର୍ଶ ମାତାପିତା

## (୫)

## ଶ୍ରୀମା

### ମାଆବାପାଙ୍କର ପିଲାମାନଙ୍କ ପ୍ରତି ପ୍ରେମ କି ପ୍ରକାରର ?

କି ପ୍ରକାରର ? ସେଇଟି ମଧ ମାନବସ୍ତରୀୟ ପ୍ରେମ ନୁହେଁ କି ? ଯାବତୀୟ ମାନବସ୍ତରୀୟ ପ୍ରେମ ପରି ସେଇଟି ମଧ ଅତି ଭୟଙ୍କର ଭାବରେ ସମସ୍ତ ବସ୍ତୁରେ ମିଶ୍ରିତ ହୋଇ ରହିଥାଏ । ଅଧିକାର ସାବ୍ୟସ୍ତ କରି ରହିବାର ଭାବ, ଏକ ଅତ୍ୟନ୍ତ ଅଦମ୍ୟ ଅହଂକୈନ୍ଦ୍ରିକତାର ଭାବ ସେଥିରେ ଥାଏ । ସର୍ବପ୍ରଥମେ ମୁଁ ତୁମକୁ କହି ରଖୁଛି ଯେ ଜଣେ ମାଆର ତା' ପିଲା ପ୍ରତି ରହିଥିବା ପ୍ରେମ ବିଷୟରେ କେତେ କାଳରୁ ଅନେକ ଚମତ୍କାର ଚିତ୍ର କଳ୍ପନା କରାଯାଇଛି ... ଅନେକ ବହି ଲେଖା ଯାଇଛି ଏବଂ କେତେ ଚମତ୍କାର କଥାମାନ ବି କୁହାଯାଇଛି । ମୁଁ ତୁମକୁ ଅତ୍ୟନ୍ତ ନିଶ୍ଚିତ ଭାବରେ କହୁଛି ଯେ ଅତି ସୁନ୍ଦର ବାକ୍ୟରେ ଓ ଶବ୍ଦରେ, ଏହି ବିଷୟରେ କେତେ କ'ଣ କହି ପାରିବାର ସାମର୍ଥ୍ୟଟିକୁ ଛାଡ଼ିଦେଲେ, ଟିକେ ଉନ୍ନତ ପଶୁମାନଙ୍କର, ଏଠାରେ ଦୃଷ୍ଟାନ୍ତରୂପେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଆମେ ନେଇ ପାରିବା ସେମାନଙ୍କ ଶାବକମାନଙ୍କ ଲାଗି ସେମାନଙ୍କର ଯେଉଁ ଭଲପାଇବା ଥାଏ, ମନୁଷ୍ୟମାନଙ୍କ କ୍ଷେତ୍ରରେ ମଧ ଠିକ୍ ସେହିପରି ଭଲପାଇବା ରହିଥାଏ । ଠିକ୍ ସେହିପରି ଶ୍ରଦ୍ଧା ଓ ନିଷ୍ଠା ଥାଏ, ସେହି ଆତ୍ମବିସ୍ମରଣ ଏବଂ ଆତ୍ମତ୍ୟାଗ ଥାଏ, ଛୁଆମାନଙ୍କୁ ଉଚିତ ଶିକ୍ଷା ଦେବା ଲାଗି ସେହି ବ୍ୟଗ୍ରତା ଥାଏ, ଠିକ୍ ସେହିପରି ଧୈର୍ଯ୍ୟ ଥାଏ ଓ... । ଏ କ୍ଷେତ୍ରରେ ମୁଁ କେତେ କେତେ ଅଦ୍ଭୁତ କଥାମାନ ଦେଖିଛି ଏବଂ ଯଦି କେହି ସେଗୁଡ଼ିକୁ ଲେଖିରଖି ଥା'ନ୍ତି ଓ ଗୋଟିଏ ବିରାଡ଼ି ବିଷୟରେ କୁହା ନହୋଇ ଯଦି ତାହାକୁ ଜଣେ ନାରୀର କ୍ଷେତ୍ରରେ ପ୍ରୟୋଗ କରାଯାଇଥା'ନ୍ତା, ତେବେ ତଦ୍ଵାରା କେତେ ସୁନ୍ଦର ଉପନ୍ୟାସମାନ ଲେଖାହୋଇ ପାରିଥା'ନ୍ତା ! ଏବଂ ତାକୁ ପଢ଼ି ଲୋକମାନେ କହିଥା'ନ୍ତେ; 'କେଡ଼େ ଅଦ୍ଭୁତ ଦୃଷ୍ଟାନ୍ତ ! ନିଜର ମାତୃତ୍ଵ ପ୍ରେମରେ ଏହି ନାରୀମାନେ ପ୍ରକୃତରେ କେତେ ସମ୍ପୂର୍ଣ୍ଣ ଭାବରେ ନିଜକୁ ଉତ୍ସର୍ଗ କରିଦେଇ ନ ପାରନ୍ତି !' ଠିକ୍ ଏହିପରି ଦେଖିବାକୁ ମିଳିବ । ପାର୍ଥକ୍ୟ ଏତିକି ଯେ ବିରାଡ଼ିମାନେ ଚମତ୍କାର ଭାଷା ଦେଇ ଏହି କଥାଟିକୁ କଦାପି କହି ପାରିବେ ନାହିଁ । ବାସ୍, ଏତିକି ପାର୍ଥକ୍ୟ । ସେମାନେ ବହି ଲେଖି ପାରିବେ ନାହିଁ କି ବକ୍ତୃତା ଦେଇ ପାରିବେ ନାହିଁ, ତାହାହିଁ ଏକମାତ୍ର ପାର୍ଥକ୍ୟ । ମାତ୍ର ମୁଁ ଚମତ୍କାର ଦୃଷ୍ଟାନ୍ତମାନ ଦେଖିଛି ... । ମାତ୍ର ମନୁଷ୍ୟମାନେ ... ମୋର ପରୀକ୍ଷା-ନିରୀକ୍ଷାରୁ ମୁଁ ଯାହା ଜାଣିବାକୁ ପାଇଛି, ପ୍ରକୃତରେ ମୁଁ ସେଇଥିରୁ ବିଶ୍ଵାସ କରୁଛି ଯେ ସମ୍ଭବତଃ ପଶୁମାନଙ୍କ ଜୀବନରେ ଏହି ସନ୍ତାନ-ପ୍ରେମ କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ଶୁଦ୍ଧତା ରହିଛି ।

(MCW. Vol. 6, P. 106)

### ମୁଁ ଏପରି କାହିଁକି ହୋଇଛି :

ଯଦି ତୁମେ ଅପ୍ରତ୍ୟାଶିତ ଭାବେ ଜନ୍ମ ହୋଇ ନଥାଅ, ତେବେ ତୁମେ ବୁଝି ରଖିବ ଯେ ସେକ୍ଷେତ୍ରରେ କୌଣସି ପ୍ରକାର ବିକୃତି ନଥାଏ । ମାତ୍ର ତୁମେ ଜନ୍ମ ଗ୍ରହଣ କରିବା ସମୟରେ କ'ଣ ଓ କି ଅବସ୍ଥାରେ ଥାଅ, ତୁମର ମାତାପିତା ତୁମକୁ କ'ଣ କରି ଏବଂ କିପରି ଭାବରେ ଗଢ଼ିଛନ୍ତି ତାହା ସମ୍ପୂର୍ଣ୍ଣ ଭାବରେ ତାହାରି ଉପରେ ନିର୍ଭର କରେ । ପୁଣି ତୁମ ମାତାପିତାଙ୍କ ମଧଦେଇ ସେମାନଙ୍କର ମାତାପିତା ତୁମକୁ କି ଉପାଦାନ ଦେଇ ଗଢ଼ିଛନ୍ତି ତାହା ଉପରେ ମଧ ନିର୍ଭର କରେ । ପରିବାରମାନଙ୍କରେ କେତେକ ନିର୍ଦ୍ଦିଷ୍ଟ ପ୍ରାଣିକ ପରମ୍ପରା ଥାଏ ମାତ୍ର ତା' ସତ୍ତ୍ଵେ ଚେତନାର କେଉଁ ଅବସ୍ଥାରେ ତୁମର ଗଠନ ହୋଇଥିଲା ଓ ଚେତନାର କେଉଁ ଅବସ୍ଥାରେ ତୁମେ ମାତୃଗର୍ଭରେ ସ୍ଥାନ ପାଇଥିଲ, ଠିକ୍ କେଉଁ ମୁହୂର୍ତ୍ତଟିରେ ତୁମର ଗର୍ଭାଧାନ ହୋଇଥିଲା, ତାହା ଅତ୍ୟନ୍ତ ଗୁରୁତ୍ଵପୂର୍ଣ୍ଣ କଥା ଏବଂ ତାହା ସବୁବେଳେ ପ୍ରଭାବଶାଳୀ ହୋଇ ରହିଥାଏ । ମାତ୍ର ଲକ୍ଷେକରେ ଗୋଟିଏ କ୍ଷେତ୍ରରେ ମଧ ଚେତନାର ଏହି ଅବସ୍ଥା ଯଥାର୍ଥ ଆସ୍ପୃହାର ସ୍ଥାନ ଗ୍ରହଣ କରି ନଥାଏ । କିନ୍ତୁ କେବଳ ଏକମାତ୍ର ଏହି ଯଥାର୍ଥ ଅଭୀପ୍ସାହିଁ ତୁମର ପ୍ରାଣକୁ ସମସ୍ତ ପ୍ରକାର ଗୋଳିଆମିଶାଠାରୁ ପୃଥକ୍ କରି ରଖି ପାରିବ, ତୁମକୁ ଏକ

ଶୁଦ୍ଧ ସତ୍ତାରେ ଗଢ଼ିବା ପାଇଁ ତୁମର ପ୍ରାଣକୁ ଉତ୍ସାହିତ କରିପାରିବ, ସମସ୍ତ ପ୍ରକାର ଆକ୍ରମଣରୁ ରକ୍ଷା କରିପାରିବ । ଅର୍ଥାତ୍ ସେଠାରେ ଯଦି ଚୈତ୍ୟସତ୍ତାର ଉପସ୍ଥିତି ରହେ ତେବେ ତା'ର ସେ ଅଭିବୃଦ୍ଧି ନିମିତ୍ତ ସମସ୍ତ ପ୍ରକାର ଅନୁକୂଳ ପରିସ୍ଥିତିର ବ୍ୟବସ୍ଥା କରିବ । କିନ୍ତୁ ଆଜି ଏ ସଂସାର ଯେମିତି ଅଛି, ସେଥିରେ ସବୁକିଛି ଏତେ ଗୋଳିଆମିଶା ହୋଇପଡ଼ିଛି, ସବୁକିଛି ସବୁମତେ ଏତେ ପରିମାଣରେ ଜଟିଳ ହୋଇପଡ଼ିଛି ଯେ ରୋଗାକ୍ରାନ୍ତ ସତ୍ତାମାନଙ୍କ ସଂକ୍ରମଣରୁ ରକ୍ଷାପାଇବା ଲାଗି ଯଥେଷ୍ଟ ପରିମାଣରେ ଶୁଦ୍ଧ ପ୍ରାଣିକ ଉପାଦାନ ପାଇବା ଏକେବାରେ ଅସମ୍ଭବ ହୋଇପଡ଼ିଛି ।

ମୁଁ ଭାବୁଛି ମୁଁ ଆଗରୁ ମଧ୍ୟ ତୁମକୁ ସେବିଷୟରେ କହିଛି; ମୁଁ କହିଛି ଯେ, ପିଲାକୁ ଜନ୍ମଦେବା ପୂର୍ବରୁ ମାଆବାପାଙ୍କର କେଉଁ ପ୍ରକାର ଅଭୀପ୍ସା ରହିବା ଦରକାର; ମାତ୍ର ମୁଁ ଯାହା କହିଲି, ଏହା ଶହେ ହଜାର କ୍ଷେତ୍ରରୁ ଗୋଟିଏ କ୍ଷେତ୍ରରେ ମଧ୍ୟ ଘଟେ ନାହିଁ । ଇଚ୍ଛାକରି ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା ଏକ ଅତ୍ୟନ୍ତ ବିରଳ ଘଟଣା; ଯାହା ଅଧିକାଂଶ କ୍ଷେତ୍ରରେ ଅପ୍ରତ୍ୟାଶିତ ଭାବରେ ହୋଇଥାଏ । ଅଗଣିତ ମାତାପିତାଙ୍କ ମଧ୍ୟରୁ ଅତି ଅଳ୍ପ କେତେଜଣ ମାତାପିତା ତାଙ୍କ ପିଲା କ'ଣ ହେବ ବା ନହେବ ସେ ବିଷୟରେ ଚିନ୍ତା କରିଥା'ନ୍ତି । ଏପରିକି ସେମାନେ ଜାଣନ୍ତି ବି ନାହିଁ ଯେ ପିଲା ଭବିଷ୍ୟତରେ ଯାହା ହେବ ତାହା ଏବେ ସେମାନେ ନିଜେ ଯାହା ଅଛନ୍ତି ତାହା ଉପରେ ନିର୍ଭର କରେ । ଏହି କଥାଟିକୁ ଅତି ଅଳ୍ପ ସଂଖ୍ୟକ ବିଶିଷ୍ଟ ବ୍ୟକ୍ତି କେବଳ ଜାଣିଥା'ନ୍ତି । ଅଧିକାଂଶ ସମୟରେ ଘଟଣାସବୁ ଯେପରି ଇଚ୍ଛା ସେପରି ଘଟିବାରେ ଲାଗିଥାଏ; ଯଦି ବା କିଛି ଘଟେ ତେବେ ଲୋକମାନେ ଆଦୌ ଅନୁଭବ କରିପାରନ୍ତି ନାହିଁ ଯେ କ'ଣ ଘଟିଲା ବା ନ ଘଟିଲା । ତେଣୁ ଏ ଅବସ୍ଥାରେ ତୁମେ କିପରି ଆଶା କରିବ ଯେ ତୁମେ ଏକ ପର୍ଯ୍ୟାପ୍ତ ଶୁଦ୍ଧ ପ୍ରାଣ ନେଇ ଜନ୍ମ ଗ୍ରହଣ କରିବ; ଯାହାକି ତୁମକୁ ସହାୟତା ପ୍ରଦାନ କରିବ ? ବରଂ ଅନ୍ୟ ପକ୍ଷରେ ଏପରି ଗୋଟିଏ ପଙ୍କ ପୋଖରୀ ମଧ୍ୟରେ ଜନ୍ମ ଗ୍ରହଣ କରିବାକୁ ହୁଏ ଯେ ଯଥାର୍ଥ ଜୀବନ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ତାକୁ ଶୁଦ୍ଧ କରିବାକୁ ଆବଶ୍ୟକ ପଡ଼େ । ମାତ୍ର ଥରେ ଯଥାର୍ଥ ଭାବରେ ଆନ୍ତର ରୂପାନ୍ତର ପଥରେ ଯାତ୍ରା ଆରମ୍ଭ କରିବା ପରେ ଯେତେବେଳେ ତୁମେ ନିଜ ସତ୍ତାର ଅତଳ ପ୍ରଦେଶସ୍ଥ ଅବଚେତନାର ମୂଳଟି ପାଖରେ ଯାଇ ପହଞ୍ଚ,– ଯାହାକି ତୁମ ମାତାପିତାଙ୍କଠାରୁ, ତୁମ କୁଳଗତ ସଂସ୍କାରରୁ ଆସିଥାଏ – ସେତେବେଳେ ଯାଇ ତୁମେ ଦେଖ ଏହା ପ୍ରକୃତରେ କ'ଣ ! ଏବଂ ସବୁଯାକ ଅସୁବିଧା ସେଇଠିହିଁ ଥାଏ । ଶୈଶବ କାଳର ଅଳ୍ପ କେତୋଟି ବର୍ଷକୁ ଛାଡ଼ିଦେଲେ ଅନ୍ୟ ଯେକୌଣସି ବୟସରେ ସମୃଦ୍ଧି ଲାଭ କରିବା ପାଇଁ ଜୀବନ ମାତ୍ର ଅତି ଅଳ୍ପ ଖାଦ୍ୟ ଗ୍ରହଣ କରିଥାଏ । ତାହା ବି ଘଟେ ଅତ୍ୟନ୍ତ ଅପ୍ରାସଙ୍ଗିକ ମୁହୂର୍ତ୍ତରେ; ଯଦି ତୁମେ ଖରାପ ସମ୍ପର୍କ କରୁଥାଅ ବା ଖରାପ ବହି ପଢୁଥାଅ, ତେବେ ସେହି ବିଷ ତୁମ ଭିତରକୁ ଚରିଯାଇପାରେ । କିନ୍ତୁ ଏହି ସମସ୍ତ ପ୍ରକାରର ଛାପ, ତୁମ ଭିତରେ ଥିବା ସମସ୍ତ ପ୍ରକାରର ବଦଭ୍ୟାସ ଯାହା ବିରୋଧରେ କି ତୁମକୁ ସଂଗ୍ରାମ କରିବାକୁ ହୁଏ, ତାହା ତୁମ ଅବଚେତନାର ଗଭୀର ପ୍ରଦେଶରେ ଅତ୍ୟନ୍ତ ଦୃଢ଼ ଭାବରେ ଚେର ଲମ୍ବାଇ ରହିଥାଏ । ଉଦାହରଣ ସ୍ୱରୂପ – ଏପରି ଲୋକ ଅଛନ୍ତି ଯେଉଁମାନଙ୍କ ପାଟିରୁ ମିଛ ବିନା ଭଲକଥା ପଦେ ବାହାରେ ନାହିଁ ଏବଂ ସେମାନେ ଇଚ୍ଛାକୃତ ଭାବରେ ମଧ୍ୟ ଏହାକୁ କରି ପାରନ୍ତି ନାହିଁ (ଯାହାକି ସବୁଠାରୁ ବଳି ଅଧିକ ଖରାପ); କିଂବା ଏପରି ଲୋକ ବି ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବା ମାତ୍ରକେ କଳି ନକରି ରହି ପାରନ୍ତି ନାହିଁ – ସମସ୍ତ ପ୍ରକାର ନିର୍ବୋଧତା ସେହି ଅବଚେତନାର ବହୁ ଗଭୀରକୁ ଚେର ବିସ୍ତାର କରି ରହିଥା'ନ୍ତି । କିନ୍ତୁ ତୁମେ ଏବେ ଯଦି ସଦିଚ୍ଛା ପୋଷଣ କରିବ, ତୁମରି ବାହ୍ୟ ଜୀବନର ବ୍ୟବହାର କ୍ଷେତ୍ରରେ ସେହିସବୁ ନିର୍ବୋଧତାକୁ ପ୍ରତ୍ୟାଖ୍ୟାନ କରିବା ଲାଗି ବା ଯଦି ସମ୍ଭବ ହୁଏ ତାକୁ ସଂଶୋଧନ କରିବା ଲାଗି ଆପ୍ରାଣ ଉଦ୍ୟମ କରିବାକୁ ଯଦି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଚାଲିବ, ସଂଗ୍ରାମ କରି ଚାଲିବ ତେବେ ତୁମେ ଜାଣି ପାରିବ ଯେ ଏହା ସବୁବେଳେ ତଳୁ ଉପରକୁ ଉଠି ଆସୁଛି, ତଳୁ ତୁମ ସତ୍ତାର ଏଭଳି ଏକ ଭୂମିରୁ ଆସୁଛି ଯାହାକି ତୁମ ଆୟତ୍ତର ବାହାରେ । ମାତ୍ର ତୁମେ ଯଦି ଏହି ଅବଚେତନାର ଭୂମି ମଧ୍ୟକୁ ପ୍ରବେଶ କର ତୁମେ ଯଦି ତୁମର ଚେତନା ଦ୍ୱାରା ଏହାକୁ ପରିଶୁଦ୍ଧ ହେବାକୁ ଦିଅ ଏବଂ ଜାଗ୍ରତ୍ ହୋଇ ଦୃଷ୍ଟି ନିକ୍ଷେପ କର ତେବେ ଧୀରେ ଧୀରେ ତୁମେ ସେସବୁ ନିର୍ବୋଧତାର ମୂଳ ଉତ୍ସ ଖୋଜି ପାଇପାରିବ । ତୁମର ସମସ୍ତ ବାଧା ବିପତ୍ତିର ଉତ୍ପତ୍ତିସ୍ଥଳକୁ ଆବିଷ୍କାର କରିପାରିବ; ସେତିକିବେଳେ ଜାଣିବାକୁ ଆରମ୍ଭ କରିବ ତୁମମାନଙ୍କର ମାଆ-ବାପାମାନେ, ଆଈଅଜାମାନେ ସବୁ କ'ଣ ଥିଲେ ଏବଂ ଯଦି କୌଣସି ମୁହୂର୍ତ୍ତରେ ତୁମେ ନିଜକୁ ଆୟତ୍ତ କରିବାକୁ ଅସମର୍ଥ ହେବ ତେବେ ତୁମେ ବୁଝିପାରିବ ଯେ, 'ମୁଁ ଏପରି ହୋଇଛି, କାରଣ ସେମାନେ ସେହିପରି ଥିଲେ' ।

(MCW. Vol. 4, P. 260)

## ନାରୀହିଁ ଅତିମାନବକୁ ଜନ୍ମ ଦେବ :

... ମଣିଷମାନଙ୍କ ମଧ୍ୟରୁ ନାରୀହିଁ ପ୍ରଥମେ ଏହି ବୃହତ୍, ସୁମହତ୍ ପରିବର୍ତ୍ତନକୁ ଉପଲବ୍ଧି କରିବା ଆବଶ୍ୟକ । କାରଣ ପୃଥିବୀ-ପୃଷ୍ଠରେ ନୂତନ ମାନବଜାତି ସ୍ଥାପନରେ ପ୍ରଥମ ନମୁନାମାନଙ୍କୁ ଜନ୍ମଦେବା କାର୍ଯ୍ୟଟି ନାରୀ ଉପରେହିଁ ନ୍ୟସ୍ତ କରାଯାଇଛି ।

*

... ଏଥିପାଇଁ (ମାତାପିତାମାନେ ଚାହୁଁଥିବା ଆତ୍ମାକୁ ଜନ୍ମଦେବା... ତାକୁ ଆବାହନ କରି ଆଣିବା) ସେମାନଙ୍କର ଗୁହ୍ୟବିଦ୍ୟା ସମ୍ପର୍କରେ ଜ୍ଞାନଥିବା ଆବଶ୍ୟକ ଯାହାକି ସାଧାରଣତଃ ସେମାନଙ୍କର ନଥାଏ । କିନ୍ତୁ ଯାହା ବି ହେଉ, ଯାହା ସେମାନଙ୍କ ପକ୍ଷେ ସମ୍ଭବ ତାହା ହେଉଛି ସେମାନେ ଏହି କାର୍ଯ୍ୟଟିକୁ ପ୍ରବୃତ୍ତି ପରିଚାଳିତ ବା କାମନା ପ୍ରଚୋଦିତ ଗୋଟିଏ ପଶୁଭଳି ନକରି, ଅଧିକାଂଶ ସମୟରେ ଯେଭଳି ହୁଏ, ସେମାନେ ନଚାହିଁକରି ବି ଯେଭଳି ଏହା ହୁଏ ସେଭଳି ନକରି, ଏହି କାର୍ଯ୍ୟଟିକୁ ଇଚ୍ଛା ପୋଷଣ କରି କରିବା କଥା, ଏକ ଆସ୍ପୃହାର ସହ, ନିଜକୁ ଆସ୍ପୃହାର ଏକ ଅବସ୍ଥାରେ ରଖି ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ଦରକାର । ଫଳରେ ଯେଉଁ ସତ୍ତାଟିକୁ ସେମାନେ ଗଢ଼ି ତୋଳିବାକୁ ଯାଉଛନ୍ତି ତାହା ଗୋଟିଏ ଆତ୍ମାକୁ ଧାରଣ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ହେବ, ଯେଉଁ ଆତ୍ମାକୁ କି ସେମାନେ ନିମ୍ନକୁ ଆବାହନ କରି ଆଣି ସେଥିରେ ତାହାକୁ ଅବତୀର୍ଣ୍ଣ କରାଇ ପାରିବେ । ମୁଁ ଏପରି ଲୋକମାନଙ୍କୁ ଜାଣେ – ଏମାନଙ୍କ ସଂଖ୍ୟା ବେଶୀ ନୁହେଁ, ଏହା ବି ସେତେ ବେଶୀ ଘଟେ ନାହିଁ, ମାତ୍ର ତଥାପି ମୁଁ କେତେକଙ୍କୁ ଜାଣେ ଯେଉଁମାନେ ଏକ ସ୍ୱତନ୍ତ୍ର ପରିବେଶ ବାଛି ନେଇଥିଲେ, ସ୍ୱତନ୍ତ୍ର ଧ୍ୟାନ ଧାରଣା ଓ ଆସ୍ପୃହା ଦ୍ୱାରା ନିଜକୁ ପ୍ରସ୍ତୁତ କରୁଥିଲେ ଏବଂ ଏହିଭଳି ଏକ ଅନନ୍ୟ ସାଧାରଣ ସତ୍ତାକୁ ନିଜେ ଗଠନ କରୁଥିବା ଶରୀର ମଧ୍ୟକୁ ଉତାରି ଆଣିବାକୁ ତୀବ୍ର ଆକୂତି ପ୍ରକାଶ କରୁଥିଲେ ।

ପୂର୍ବ କାଳରେ ଅନେକ ଦେଶରେ – ଏପରିକି ଏବେ ବି କେତେକ ଦେଶରେ ମଧ୍ୟ – ଯେଉଁ ନାରୀ ସନ୍ତାନର ଜନନୀ ହେବାକୁ ଯାଉଥିଲା ତାକୁ ସୌନ୍ଦର୍ଯ୍ୟ, ସୌଷମ୍ୟ, ଶାନ୍ତି ଓ ସୁସମ୍ପନ୍ନତାର ଏପରି ଏକ ପରିବେଶ ମଧ୍ୟରେ ରଖାଯାଉଥିଲା, ଅତ୍ୟନ୍ତ ସାମଞ୍ଜସ୍ୟପୂର୍ଣ୍ଣ ଏପରି ଭୌତିକ ପରିବେଶ ସବୁ ମଧ୍ୟରେ ରଖାଯାଉଥିଲା ଯଦ୍ୱାରା କି ସର୍ବୋତ୍ତମ ସମ୍ଭାବ୍ୟ ପରିବେଶ ମଧ୍ୟରେ ଶିଶୁଟି ଗଠିତ ହୋଇପାରିବ । ସ୍ପଷ୍ଟତଃ ଏହିପରିହିଁ ହେବା ଉଚିତ । କାରଣ ଏସବୁ ମଣିଷ ହାତର କଥା । ଏହି କାର୍ଯ୍ୟଟିକୁ କରିବା ପାଇଁ ମଣିଷ ଯଥେଷ୍ଟ ଉନ୍ନତ ହୋଇଛି, ଏଥିପାଇଁ ତାକୁ ସମ୍ପୂର୍ଣ୍ଣ ଅସାଧାରଣ କ୍ଷମତାସମ୍ପନ୍ନ ହେବା ଆବଶ୍ୟକ ନାହିଁ । ମାତ୍ର ତଥାପି ବି ଏହା ଏକ ଅସାଧାରଣ କାର୍ଯ୍ୟ, କାରଣ ଅତି ଅଳ୍ପ ସଂଖ୍ୟକ ଲୋକହିଁ ଏ ସମ୍ପର୍କରେ କୌଣସି ଚିନ୍ତା କରିଥାଆନ୍ତି; ଅନ୍ୟ ପକ୍ଷରେ ଏପରି ଅଗଣିତ ନରନାରୀ ଅଛନ୍ତି ଯେଉଁମାନେ କି ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ଅନେକଗୁଡ଼ିଏ ସନ୍ତାନର ଅଧିକାରୀ ହୋଇଥାଆନ୍ତି ।

ଏତିକି ମାତ୍ର ମୁଁ କହିବାକୁ ଚାହୁଁଥିଲି ।

ଗୋଟିଏ ଆତ୍ମାକୁ ଆବାହନ କରି ଆଣିବା ସମ୍ପୂର୍ଣ୍ଣ ସମ୍ଭବ; କିନ୍ତୁ ସେଥିଲାଗି ଜଣକୁ ଅନ୍ତତଃ ଏତେ ଟିକିଏ ସଚେତନ ହୋଇ ରହିବାକୁ ପଡ଼ିବ । ଏବଂ ସର୍ବୋତ୍ତମ ପରିସ୍ଥିତିରେ ଜଣେ ଯାହା କରିପାରିବ ତାହା କରିବାକୁ ତାଙ୍କର ସଦିଚ୍ଛା ନିଶ୍ଚୟ ଥିବ । ଏହା କ୍ୱଚିତ୍ ଘଟେ । କିନ୍ତୁ ଏହା ଅସମ୍ଭବ ନୁହେଁ ।

(MCW Vol. 8, P. 201)

ଏହିଭଳି ଉଦ୍ୟମ ବଳରେ ମାତୃତ୍ୱ ଯଥାର୍ଥରେ ଏକ ବହୁ ମୂଲ୍ୟବାନ୍ ଓ ପବିତ୍ର କାର୍ଯ୍ୟରେ ପରିଣତ ହୁଏ; ବାସ୍ତବରେ ଏହାରି ବଳରେ ଆମେ ଗୌରବୋଜ୍ଜ୍ୱଳ ଆତ୍ମା-ରାଜ୍ୟରେ ପ୍ରବେଶ କରୁ ଏବଂ ଏତଦ୍ୱାରା ନାରୀର ନାରୀତ୍ୱ, ପଶୁ ଓ ସାଧାରଣ ପ୍ରବୃତ୍ତି ସ୍ତରରୁ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ ଓ ଯଥାର୍ଥ ମାନବିକତା ଓ ଏହାର ଶକ୍ତି ସକଳ ଦିଗରେ ପରିଚାଳିତ ହୁଏ ।

ଏହିଭଳି ଉଦ୍ୟମରେ, ଏହିଭଳି ପ୍ରଚେଷ୍ଟାରେହିଁ ଆମର ପ୍ରକୃତ କର୍ତ୍ତବ୍ୟ ନିହିତ ହୋଇ ରହିଛି । ଏବଂ ଏହା ଯଦି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଭାବରେ ଗୃହୀତ ହୋଇ ଆସୁଥିଲା ତେବେ ଏହା ଏବେ ପୃଥିବୀ ବିବର୍ତ୍ତନର ଏହି ସନ୍ଧିକ୍ଷଣରେ ନିଶ୍ଚିତଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଏହା ନିଃସନ୍ଦିଗ୍ଧ ଭାବେ ସତ୍ୟ ଯେ ନାରୀହିଁ ଅତିମାନବକୁ ଜନ୍ମଦେବ; କିନ୍ତୁ ଏହାକୁ ନେଇ ଗର୍ବ କରିବାର କିଛି ନାହିଁ । ବାସ୍ତବରେ ଏହାର ଅର୍ଥ କ'ଣ ଆମକୁ ତାହା ବୁଝିବାକୁ ହେବ ଏବଂ ଆମ ସମକ୍ଷରେ ଯେଉଁ ଗୁରୁଦାୟିତ୍ୱ ରଖାଯାଇଛି ତାହାକୁ କାର୍ଯ୍ୟକାରୀ କରିବା ଲାଗି ଶିକ୍ଷା କରିବାକୁ ହେବ । ବର୍ତ୍ତମାନର ବିଶ୍ୱବ୍ୟାପକ କାର୍ଯ୍ୟରେ ଏହି ଗୁରୁଦାୟିତ୍ୱକୁ ସ୍ପଷ୍ଟତଃ ସବୁଠାରୁ ବଳି ଅଧିକ ଗୁରୁତ୍ୱ ଦେବାକୁ ହେବ ।

(MCW. Vol. 2, P. 154) ❑

# ମୋର ଛାତ୍ରଜୀବନର କିଛି ସ୍ମୃତି

## ମନୋଜ ଦାଶଗୁପ୍ତ

ଆଶ୍ରମର ବିଦ୍ୟାଳୟଟି [ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର] ଯେତେବେଳେ ପ୍ରଥମ କରି ସ୍ଥାପିତ ହେଲା, ସେ ସମୟରେ ଯେଉଁ ଅଳ୍ପ କେତେଜଣ ଏଠାରେ ପଢ଼ିବାର ସୁବର୍ଣ୍ଣ ସୁଯୋଗ ପାଇଥିଲେ, ସେଇ ଭାଗ୍ୟବାନଙ୍କ ମଧ୍ୟରୁ ମୁଁ ଜଣେ । ସେଦିନରୁ ମୁଁ ତାହା ସହ ଜଡ଼ିତ ରହିଛି । ଆଜି ଯଦି ମୋତେ ପଚରା ଯାଏ ମୋର ଛାତ୍ରଜୀବନର ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟନା କ'ଣ, ମୁଁ କହିବି 'ନିର୍ବିବାଦ ସ୍ୱାଧୀନତା' ଯାହା ଆମକୁ ଦିଆଯାଇଥିଲା । ଆହୁରି ମଧ୍ୟ କହିବି ଯେ ଏ ସ୍ୱାଧୀନତା କେବଳ ଶିକ୍ଷାକେନ୍ଦ୍ରରେ ସୀମାବଦ୍ଧ ରହିଥିଲା, ତାହା ନୁହେଁ, ସମଗ୍ର ଆଶ୍ରମଜୀବନରେ ରହିଛି ଏପରି ସ୍ୱାଧୀନତା । ତା' ସହିତ ଏହା ବି ସ୍ୱୀକାର କରୁଛି ଯେ ଆମେମାନେ ଏଇ ଅନନ୍ୟ ସ୍ୱାଧୀନତାକୁ କେତେଥର କେତେପ୍ରକାରେ ଅପବ୍ୟବହାର କରିଛୁ ଓ ଏବେ ମଧ୍ୟ କରୁଛୁ । ସେଇ କାରଣରୁ ଅନେକ ଶୁଚିବାଦୀ ମନ୍ତବ୍ୟ କରନ୍ତି, 'କାହିଁକି ଏଇ ସ୍ୱାଧୀନତା, ପୁଣି ଏତେ ସ୍ୱାଧୀନତା !' ସତରେ କହିବାକୁ ଗଲେ କ'ଣ ପାଇଁ ଏଇ ପ୍ରଚୁର ସ୍ୱାଧୀନତାର ବିଳାସ ଆମକୁ ଦିଆଯାଇଛି ? ଉତ୍ତରଟି ମୁଁ ମା'ଙ୍କ ଭାଷାରେହିଁ କହିବାକୁ ଯାଉଛି – ଏକ ବୁଧବାର କ୍ଲାସରେ ପ୍ଲେଗ୍ରାଉଣ୍ଡରେ ଶ୍ରୀମା ଆମକୁ ଯାହା କହିଥିଲେ, ସେଇ କଥାଟି :

'ହେ ମୋର ପିଲାଏ ! ତୁମମାନଙ୍କୁ ଅଭୁତ ସ୍ୱାଧୀନତା ଦିଆଯାଇଛି, ମୋର ବିଶ୍ୱାସ ହେଉ ନାହିଁ ଯେ ପୃଥିବୀରେ ଆଉ କୌଣସି ଜାଗାରେ ଶିଶୁମାନଙ୍କୁ ଏତେ ଅଧିକ ସ୍ୱାଧୀନତା ଦିଆଯାଉଥିବ ! ତଥାପି କହୁଛି : ଜିନିଷଟିକୁ ପରୀକ୍ଷା କରି ଦେଖାଯିବା ଭଳି ଏକ ଘଟନା ଏହା । ତୁମେମାନେ ଏକଥା ବୁଝିପାରୁ ନାହଁ ଯେ ଏହାର କାରଣ ହେଉଛି : ଯାହା ସଚରାଚର ଘଟେ ନାହିଁ, ସେଇ ସୁଯୋଗଟି କେମିତି ଏଠାରେ ଘଟୁଛି, ତାହାରି ଉଦାହରଣ ଦେବାକୁ ଏହା କରାଯାଇଛି, ଏକଥା ତୁମେ କେବେ ଭାବି ଦେଖ୍ ନାହଁ । ସବୁକଥା ତୁମମାନଙ୍କ ପାଖରେ ଏକାବେଳେକେ ସ୍ୱାଭାବିକ । ତେବେ ବି ଯଦି ତୁମେ ଆତ୍ମ-ସଂଯମ ରକ୍ଷା କରିବାରେ ସକ୍ଷମ ହୁଅ, ସମର୍ଥ ହୁଅ – କେବଳ ଆଗେଇଯିବା ପାଇଁ, ନିଜ ମଧ୍ୟରେ ଯାହା ଶ୍ରେଷ୍ଠ ଓ ଉଚ୍ଚକୋଟୀର, ତାହାକୁ ଫୁଟାଇବା ଓ ଗଢ଼ି ତୋଳିବା ପାଇଁ, ତା'ହେଲେ ଯେଉଁମାନେ ସାଧାରଣ ନିୟମ-ଶୃଙ୍ଖଳା ଇତ୍ୟାଦିକୁ ମାନି ଚଳନ୍ତି, ସେମାନଙ୍କ ଅପେକ୍ଷା ତୁମେ ଉନ୍ନତସ୍ତରର ସତ୍ତାରୂପେ ଠିଆ ହୋଇପାରିବ; ଏଇଥିପାଇଁହିଁ ଏ ସୁଯୋଗ ତୁମକୁ ଏଠି ଦିଆଯାଇଛି – ଏକ ବୃହତ୍ତର କାରଣରୁ ଏଇ କାରଣଟିକୁ ଆଖିରେ ରଖାଯାଇ ନାହିଁ ଯେ ତୁମେ ପରୀକ୍ଷାରେ ପାସ କରିବ, ମାଷ୍ଟର ବା ଶିକ୍ଷକଙ୍କୁ ସନ୍ତୁଷ୍ଟ କରିବ, ପୁରସ୍କାର ପାଇବ, ଜୀବିକାର୍ଜନ ପାଇଁ ସକ୍ଷମ ହେବ – ଯାହା ସାଧାରଣତଃ ଶିକ୍ଷାର ଲକ୍ଷ୍ୟ ହୋଇଥାଏ; ଏଇ କାରଣରୁ ବି ସ୍ୱାଧୀନତା ଦିଆଯାଇ ନାହିଁ ଯେଉଁଥିରେ ପିଲାଏ ଭଲ ପଢ଼ିଲେଖି ପାରିବେ, ଯେଉଁଥିରେ ଗାଳି ଖାଇବାକୁ ନ ପଡ଼ିବ, ଯେଉଁଥିରେ ଶାନ୍ତ-ଶିଷ୍ଟ ହେବାର ସୁଯୋଗ ମିଳେ – ଏଥିମଧ୍ୟରୁ କୌଣସିଟି ପୂରଣ କରିବାକୁ ତୁମକୁ ସ୍ୱାଧୀନତା ଦିଆଯାଇ ନାହିଁ । ତୁମେମାନେ ଯେ ବିପୁଳ, ଅବାଧ ସ୍ୱାଧୀନତା ଭିତରେ ରହି ବି ଶ୍ରେଷ୍ଠ ହୋଇପାରିବ – ସେଇ ପରୀକ୍ଷାର ସଫଳତା ଲାଗି ମୋର ଏଇ ବ୍ୟବସ୍ଥା, ତାହାହିଁ ପରୀକ୍ଷା କରି ମୁଁ ଦେଖିବାକୁ ଚାହୁଁଛି । ମନେ ରଖ, ଏକଥା ବି ମୁଁ କହିବାକୁ ଯାଉ ନାହିଁ ଯେ ମୁଁ ଅସଫଳ ହୋଇଛି; ଏବେ ବି ରହିଛି ମୋର ଉଜ୍ଜ୍ୱଳ ଆଶା ଯେ ତୁମେମାନେ ଏଇ ଅଦ୍ୱିତୀୟ ସୁଯୋଗଟିରୁ କେମିତି ଲାଭବାନ୍ ହେବ, ସେକଥାଟି ବୁଝିବ ଓ ଶିଖିବ । ତେବେ ଏହା କରିବାକୁ ହେଲେ ଗୋଟିଏ ଜିନିଷ ତୁମକୁ ଖୋଜି ପାଇବାକୁ ହେବ, ସେଇଟି ହେଉଛି – ଆଭ୍ୟନ୍ତରୀଣ ଶୃଙ୍ଖଳା-ବୋଧର ପ୍ରୟୋଜନୀୟତା । କାରଣ ଶୃଙ୍ଖଳାକୁ ଛାଡ଼ିଦେଲେ ତୁମେମାନେ କିଛି ବି କରିପାରିବ ନାହିଁ, ଏପରିକି ସାଧାରଣ ମଣିଷର ସାଧାରଣ ଜୀବନ-ଯାପନ ମଧ୍ୟ କରିପାରିବ ନାହିଁ । ତେବେ ସାଧାରଣ ପ୍ରତିଷ୍ଠାନର ବା ସବୁଦିନିଆ ସମାଜ-ପ୍ରଚଳିତ ଚିରାଚରିତ ଶୃଙ୍ଖଳା ସମସ୍ତଙ୍କଠାରୁ ମୁଁ ଚାହିଁଥିଲି, ଏବେ ମଧ୍ୟ ଚାହୁଁଛି ଯେ ତୁମେମାନେ ପରିପୂର୍ଣ୍ଣତାକୁ ଭଲପାଇବା ଯୋଗୁଁହିଁ, ତୁମର ଶ୍ରଦ୍ଧା ଥିବା ଯୋଗୁଁହିଁ ଆଉ ନିଜ ମଧ୍ୟରେ ପୂର୍ଣ୍ଣତାକୁ ପ୍ରତିଷ୍ଠା କରିବା ଲାଗିହିଁ ଏଇ ଶୃଙ୍ଖଳା ଓ ନିୟନ୍ତ୍ରଣ ତଥା ସଂଯମକୁ ନିଜ ଉପରେ ଆରୋପ କରିବ ... ।' ଏଇ ଭାଷଣରେ ଶ୍ରୀମା ଆହୁରି ବି ଆମକୁ କହିଥିଲେ, ''ଏ

କଥା ନୁହେଁ ଯେ ଚିରାଚରିତ ସଂଯମ-ଶୃଙ୍ଖଳା ଉପରେ ମୁଁ ବୀତଶ୍ରଦ୍ଧ କିଂବା ଏକଥା ବି ମୁଁ କହୁ ନାହିଁ ଯେ ଅନ୍ୟାନ୍ୟ ପ୍ରକାର ଯେତେ ଶୃଙ୍ଖଳା ରହିଛି ବା ସାମାଜିକ ଶୃଙ୍ଖଳା ରହିଛି – ସେଗୁଡ଼ିକୁ ତୁମେ ମାନ ନାହିଁ ବା ନ ମାନିବା ଉଚିତ । ବରଂ ଏଇ ଜିନିଷଟିକୁ ତୁମ ସମସ୍ତଙ୍କୁ କହିବାକୁ ମୋର ଇଚ୍ଛା ଯେ ଆନ୍ତର ଅଭୀପ୍ସାଟିର ନିଷ୍ଠାକୁ ନେଇ, ଆତ୍ମ-ଉପଲବ୍ଧିର ଉଦ୍ଦେଶ୍ୟ ନେଇ ତୁମ ଭିତରୁ ପ୍ରତ୍ୟେକେହିଁ ଯେପରି ଆବିଷ୍କାର କରିବେ ନିଜସ୍ୱ ଶୃଙ୍ଖଳାଟିକୁ – ତାହାକୁ ନିଜେ ନିଜ ଉପରେ ଆରୋପ କରିବେ, ସେଇ ପନ୍ଥାଟି ଦ୍ୱାରା ସ୍ୱୟଂ-ନିୟନ୍ତ୍ରିତ ହେବେ ... ।''

ଏହା ମୁଁ ବିଶ୍ୱାସ କରୁଛି ଗଭୀର ଭାବରେ ଯେ ଆମ ଶିକ୍ଷାକେନ୍ଦ୍ରର ଯେଉଁ ଗୋଟିକ ସବୁଠାରୁ ଉତ୍ତମ ଓ ଅଦ୍ୱିତୀୟ ବୈଶିଷ୍ଟ୍ୟ, ତାହା ତା'ର ଯେତେ ବିଦ୍ୟାଳୟଗତ ସାଂଗଠନିକ କର୍ମ-କୁଶଳତା ନୁହେଁ, ତା'ଠୁ ବେଶି ହେଉଛି ମା' ଭଗବତୀଙ୍କର ଦିବ୍ୟ-ସାନ୍ନିଧ, ଗୋଟିଏ ଆଲୋକମୟ ଜୀବନ୍ତ ପରିବେଶ; ଏକଥା ବି ଠିକ୍ ଯେ ସେଇ ଶିକ୍ଷାଗତ ସାଂଗଠନିକ କୁଶଳତା କିଛି କମ୍ କଥା ନୁହେଁ, ସେଥିରେ ମଧ ଆମ ଆଶ୍ରମ ବିଦ୍ୟାଳୟର ବୈଶିଷ୍ଟ୍ୟ ରହିଛି । ଏଇ ଯେଉଁ ଆଲୋକୋଜ୍ଜ୍ୱଳ ପରିମଣ୍ଡଳର କଥା କହିଲୁ, ତାହା କାହାରିକୁ ବାଧ ନ କରି ମଧ, ଜୋର-ଜବରଦସ୍ତି ନ କରି ମଧ ଆନ୍ତର ପରିପୂର୍ଣ୍ଣତା ଆଣି ଦେବା ନିମିତ୍ତ ପ୍ରତ୍ୟେକଙ୍କୁ ସଚେତନ କରାଏ ଏବଂ ଉଦ୍‌ବୁଦ୍ଧ କରି ଗଢ଼େ । ଶ୍ରୀମା ପ୍ରଥମରୁହିଁ ଏ ବିଷୟରେ ଆମମାନଙ୍କୁ ସଜାଗ କରି ଦେଇଥିଲେ । ସେ ଶିକ୍ଷକମାନଙ୍କୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେଥିରୁ ଏକ ଅଂଶ ଏଠାରେ ଉଦ୍ଧାର କରୁଛି :

''ଆମେ ଯାହା ଲୋଡ଼ୁଛୁ, ତାହା ସଂଖ୍ୟା-ଗରିଷ୍ଠତା ନୁହେଁ, ତାହା ହେଉଛି ନିର୍ବାଚିତ ହୋଇଥିବା କେତେଜଣଙ୍କୁ ନେଇ ଏକ ଦଳ । ବହୁତଗୁଡ଼ିଏ ମେଧାବୀ ଛାତ୍ରରେ ଆମର କାମ ନାହିଁ, ଆମର ଦରକାର ଜୀବନ୍ତ ଆତ୍ମ-ବାନ୍ ସତ୍ତାସବୁ ।''

ଏହା କହୁଛି ବୋଲି ଭାବିବ ନାହିଁ ଯେ ଶ୍ରୀମା ପଢ଼ାପଢ଼ିକୁ ମୂଲ୍ୟ ଦିଅନ୍ତି ନାହିଁ, ସେ ପ୍ରକାର ଅପବ୍ୟାଖ୍ୟା କରିବ ନାହିଁ ତାଙ୍କ କଥାର । ସେ କହୁଥିଲେ :

'ତୁମେମାନେ ଯଦି ଭାବୁଥାଅ ଯେ କିଛି ଚେଷ୍ଟା କରିବ ନାହିଁ, ପଢ଼ାଶୁଣା କରିବ ନାହିଁ, ଅଥଚ ପ୍ରତିଭାବାନ୍ ହୋଇଯିବ, ଖାଲି ସେତିକି ନୁହେଁ ଧାଡ଼ିବାନ୍ଧି ତୁମେସବୁ ଅତିମାନସିକ ପ୍ରତିଭାର ଆଧାର ହୋଇଉଠିବ ବୋଲି ଯଦି ମନେ କରୁଥାଅ ତା'ହେଲେ ମୁଁ କହିବି – ସେଇ ଅଳୀକ ଆଶାକୁ ଦୟାକରି ମନରେ ସ୍ଥାନ ଦିଅ ନାହିଁ । ଶେଷରେ ତୁମେ କିଛି ହେଲେ ବି ହୋଇପାରିବ ନାହିଁ । କାହିଁକି ନା ଯଦିବା ତୁମେ ଦିବ୍ୟକୃପା ବଳରେ ବା ତୁମ ଆନ୍ତର ଅଭୀପ୍ସାର ବଳରେ ଊର୍ଦ୍ଧ୍ୱତର କିଛି ଆଲୋକର ସଂସ୍ପର୍ଶରେ ଆସ, ତୁମେମାନେ ତାହାକୁ ପ୍ରକାଶ କରିବାକୁ ଅକ୍ଷମ ହେବ । କାରଣ ତୁମ ମସ୍ତିଷ୍କରେ ସେଇସବୁ ଅଭିଜ୍ଞତା ଓ ଆଲୋକକୁ ପ୍ରକାଶ କରିବା ଭଳି କିଛି ବସ୍ତୁ ନ ଥିବ । ତୁମ ମନର ଅବସ୍ଥା ହୋଇଥିବ – ଆଳୁଅ-ଛାଇର ମିଶ୍ରଣ – ଧୂଆଁଳିଆ ଭାସମାନ କିଛି ବସ୍ତୁରେ ଭରା । ତେଣୁ ବାହ୍ୟଜୀବନରେ କିଛି ବି ପରିବର୍ତ୍ତନ ତୁମର ହେବ ନାହିଁ । ତେବେ ଏପରି ଅପୂର୍ଣ୍ଣ ହୋଇ ରହିବାକୁ ଯଦି ତୁମେ ଭଲ ପାଉଥାଅ, ଚାହୁଁଥାଅ, ତା'ହେଲେ କେହି ତୁମ୍ଭମାନଙ୍କୁ ଜୋର୍ କରିବେ ନାହିଁ ବଦଳିବାକୁ, ଅନ୍ୟ କିଛି ହୋଇ ଉଠିବାକୁ । ଏଇ ଦୁଇ ଅବସ୍ଥା ମଧ୍ୟରୁ ଗୋଟିକୁ ବାଛି ନେବାକୁ ପ୍ରସ୍ତୁତ ହେଲା ଭଳି ଯଥେଷ୍ଟ ଚେତନା ଯେତେଦିନ ଯାଏ ନ ଜାଗିଛି, ସେତେଦିନ ଯାଏ ଅପେକ୍ଷା କରି ରହିବା ଛଡ଼ା ଅନ୍ୟ ଉପାୟ ନାହିଁ ।'' ଏହା କହି ମା' ନୀରବ ରହିଲେ ।

ସାବିତ୍ରୀର ଗୋଟିଏ ପଙ୍‌କ୍ତି ଦେଉଛି ଏଠାରେ :

But how shall come the glory and the flame
If mind is cast away into the abyss ?

(Savitri, p. 491)

(ଅର୍ଥାତ୍, ମନ ଯଦି ଅଜ୍ଞାନର ଗହ୍ୱରରେ ପଡ଼ିରହେ, ତାହାହେଲେ କେମିତି ଆସିବ ଗୌରବ ଓ ମହିମା, କେମିତି ଆସିବ ଜ୍ୟୋତିଃର ଶିଖା ?)

ଏଇ ପ୍ରସଙ୍ଗରେ ମନେ ପଡୁଛି ଥରେ ଆମ ଶ୍ରେଣୀର କେତେଜଣ ବନ୍ଧୁଙ୍କ ଭିତରେ ତୁମୁଳ ତର୍କ ଲାଗିଥିଲା, ମୁଁ ମଧ ସେଥିରେ ଥିଲି । ସେତେବେଳେ ଆମ ବୟସ ୧୧ରୁ ୧୫ ବର୍ଷ ଭିତରେ । ବନ୍ଧୁ ଜଣେ କହିଲା, 'ଜାଣ, ମୋ ବାପା ମାଟ୍ରିକ ପାସ୍ କରି ନାହାନ୍ତି, ଅଥଚ କେତେ ଭଲ ଇଂରାଜୀ କହନ୍ତି, ଆଉ ବ୍ୟବସାୟରେ କେଡ଼େ ପକ୍କା !' ଆଉ ଜଣେ ଶ୍ରୀରାମକୃଷ୍ଣଙ୍କ ଉଦାହରଣ ଦେଲା; ସମସ୍ତେ କିଛି କିଛି କହି ନିଜ କଥାକୁ ସମର୍ଥନ କଲେ; ହଇହଲ୍ଲା ବହୁତ ହେଲା । ତା' ପରଦିନ ମୁଁ ମା'ଙ୍କୁ ସବୁକଥା କହିଲି । ମା' ମୋତେ ଅନେକ ସମୟ ଯାଏ ବୁଝାଇଲେ, ସେଥିରେ ମୋଟ କଥା ହେଲା – 'ଶ୍ରୀଅରବିନ୍ଦ କେତେ କ'ଣ ନ ପଢ଼ିଛନ୍ତି ! ଅସରନ୍ତି ସେ ପଢ଼ା, ମୁଁ ମଧ ଅନେକ ବହି, ପାଠ୍ୟପୁସ୍ତକ ଛଡ଼ା ବି ବାହାରର ବହି

ଯଥେଷ୍ଟ ମାତ୍ରାରେ ପଢ଼ିଛି, ଏପରିକି ମୋ ବଡ଼ ଭାଇଙ୍କର ଉପର କ୍ଲାସର ବହିପତ୍ର ପଢ଼ି ମୁଁ ସବୁ ବୁଝି ନେଉଥିଲି ।...' ଏସବୁ ଶୁଣି ମୁଁ ତାଙ୍କୁ କହିଲି – 'କିନ୍ତୁ ମା', ତୁମେ ତାହାହେଲେ କାହିଁକି ମୋ ବନ୍ଧୁ ଅମୁକକୁ ପାଠ ଛାଡ଼ିଦେବାକୁ କହିଛ, ଅନୁମତି ଦେଇଛ !' ମା' ହସି ହସି କହିଲେ –''ପିଲାଏ ବା ବଡ଼ମାନେ ଯଦି ମୋ ପାଖରେ ଆସି ନିଜ ପସନ୍ଦ ଅପସନ୍ଦକୁ ଜୋର ଦେବାକୁ ଚାହାନ୍ତି ଓ କହନ୍ତି 'ମୁଁ ଏଇଟା କରିବି ବା କରିବି ନାହିଁ, ମା', ତାହାହେଲେ ସେ କ୍ଷେତ୍ରରେ ମୁଁ କହେ 'ଆଚ୍ଛା ଠିକ୍ ଅଛି, କର' । ସେମାନେ ଯଦି ମୋର ମତ କ'ଣ ବୋଲି ପଚାରନ୍ତେ, ତାହାହେଲେ ସିନା ମୁଁ କହନ୍ତି କ'ଣ କରିବା ଉଚିତ, ତା'ହେଲେ କଥାଟା ଅନ୍ୟପ୍ରକାର ହୁଅନ୍ତା ।''

ଏବିଷୟରେ ମୋର ଆଉ ଗୋଟିଏ ଘଟନା ମନେ ପଡୁଛି, ଗୋଟିଏ ବେଶ୍ ନାମଜାଦା ହିନ୍ଦୀ ସିନେମା ବାହାରୁ ସହରକୁ ଆସିଥିଲା । ମୋର କେତୋଟି ବନ୍ଧୁ ଯାଇ ଦେଖି ଆସି ମୋ ପାଖରେ କହିଲେ – ଏତେ ଭଲ ଛବି, ସେଇଟି ଆଶ୍ରମରେ ନ ଦେଖାଇବା ବୋକାମିର କଥା । ସେଇଠୁ ମୁଁ ଯାଇ ମା'ଙ୍କୁ କହିଲି ଓ ଏଇ ସିନେମାଟି ଦେଖିଯିବାକୁ ଅନୁମତି ମାଗିଲି । ସେ କହିଲେ – ଆଚ୍ଛା ଯାଇପାର । ତଥାପି ମୁଁ ତାଙ୍କୁ ପଚାରିଲି, ''ମା' ତୁମର ଯଦି ଟିକିଏ ବି ଅମତ ଥିବ, ମୁଁ ଯିବି ନାହିଁ'' । ତା'ପରେ ସେ ଖୋଲି କରି ଅନେକ କଥା କହିଲେ ବାହାର ହଲ୍‌ରେ ବସି ସିନେମା ଦେଖିବାକୁ ସେ କାହିଁକି ବାରଣ କରନ୍ତି, ପସନ୍ଦ କରନ୍ତି ନାହିଁ – ଯେଉଁମାନେ ଆଶ୍ରମରେ ଜୀବନଯାପନ କରୁଛନ୍ତି, ସେମାନଙ୍କ ପକ୍ଷରେ ସେଠିକାର ବାତାବରଣ ଓ ପ୍ରାଣସ୍ପନ୍ଦନ ମୋଟେ ଅନୁକୂଳ ନୁହେଁ,– ଏଇପରି କେତୋଟି ଉପଦେଶର ମର୍ମ ସେ ମୋତେ ବୁଝାଇ ଥିଲେ । ସ୍ୱାଭାବିକ କଥା ଯେ ମୋର ଆଉ ଯିବାକୁ ପ୍ରବୃତ୍ତି ହେଲା ନାହିଁ, ଏବଂ ସେଥିରେ ମୁଁ ନିଜେ ଖୁସି ବି ହୋଇଥିଲି ।

ଏଇଠି ଆମ ବିଦ୍ୟାଳୟରେ ମା'ଙ୍କ ସହିତ କେତେ ଅଭିଜ୍ଞତା ମୋର ବା ଆମ୍ଭମାନଙ୍କର ପ୍ରତିଦିନ ହେଉଥିଲା । ସେ କେବେ ବି ନିଜର ରୁଚିକୁ କାହା ଉପରେ ଜୋର୍ କରି ଚପାଇ ଦେଉ ନ ଥିଲେ, କେବେହେଲେ ବି କାହାକୁ ବାଧ କରୁ ନ ଥିଲେ କିଛି କରିବାକୁ । ସେ କେବଳ ବାଟଟି ଦେଖାଇ ଦିଅନ୍ତି, ସେ ବାଟରେ ଚାଲିବାର ବା ନ ଚାଲିବାର ଭାର ବ୍ୟକ୍ତିର ଆପଣାରହିଁ ନିର୍ବାଚନ, ସେଇଥିରୁ ସେ ଶିଖିବ ଭଲ ହେବାର ପଥଟି ।

ଏଥର ମୁଁ କେମିତି ଅଧ୍ୟାପକ ହେଲି କହିବାକୁ ଯାଉଛି, ସେକଥାଟି କହି ମୁଁ ମୋ ବକ୍ତବ୍ୟ ଶେଷ କରିବି । ୧୯୫୪ ସାଲର ମାର୍ଚ୍ଚମାସ ୧୬ ତାରିଖରେ ମୁଁ ମା'ଙ୍କୁ ପ୍ରଣାମ କରିବାକୁ ଯାଉଛି । ସମାଧି ପାଖରେ ପହଞ୍ଚିଛି, Service Treeରୁ ଟୁପ୍ କରି ଫୁଲଟାଏ ମୋ ଆଗରେ ପଡ଼ିଲା, ସାଙ୍ଗେ ସାଙ୍ଗେ ଗୋଟାଇ ନେଇ ଭାବିଲି, ଆଜି ଏଇ ଫୁଲଟି ମା'ଙ୍କୁ ନିବେଦନ କରିବି । ସେଦିନ ଆଉ ଅନ୍ୟ କିଛି ଫୁଲ ମୁଁ ନେଲି ନାହିଁ । ଯେଉଁ ମୁହୂର୍ତ୍ତରେ ସେବା-ପୁଷ୍ପଟି ମା'ଙ୍କ ହାତରେ ଦେଲି, ସେ ମୋ ମୁହଁକୁ ଚାହିଁ ତାତ୍ପର୍ଯ୍ୟପୂର୍ଣ୍ଣ ହସଟିଏ ହସିଲେ । ସନ୍ଧ୍ୟାବେଳେ, ପରେ ମୋତେ ଡକାଇ ପଚାରିଲେ, 'ଆଜି ତୁମେ ମୋତେ ସକାଳେ Service ଫୁଲ ଦେଇଥିଲ, ତା'ମାନେ ତୁମେ କିଛି ସେବାର ଭାର ନେବାକୁ ଚାହଁ କି, କିଛି ଦାୟିତ୍ୱ... ?' ମୁଁ ଏପରି ଅଭାବିତ କଥାରେ ଆନନ୍ଦିତ ହୋଇ ପଡ଼ିଲି ଓ ଉଚ୍ଛ୍ୱସିତ ହୋଇ କହିଲି, 'ସତେ ମା', ଅଙ୍କ ବିଷୟଟି ପଢ଼ାଇବାକୁ ମୋର ବହୁଦିନର ସ୍ୱପ୍ନ ରହିଛି ।' ମା' ଉତ୍ତର ଦେଲେ, 'ଆହା, ମୁଁ ମନେ ମନେ ଠିକ୍ ଜାଣି ନେଇ ପାରିଛି, ବୁଝିଛି ତୁମ କଥା !' ସେ ତତ୍‌କ୍ଷଣାତ୍ ପବିତ୍ରଙ୍କୁ ଡକାଇ ପଠାଇଲେ ଓ ମୋର ଅଧ୍ୟାପନା ପାଇଁ ଗଣିତ କ୍ଲାସର ବ୍ୟବସ୍ଥା କରିବାକୁ କହିଲେ । (ପବିତ୍ର ସେସମୟରେ ଥିଲେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଏବଂ ଆଶ୍ରମର ଜଣେ ପୁରାତନ ସାଧକ, ନାମ ତାଙ୍କର P.B. Saint Hillaire, ସେ ଫରାସୀ ଲୋକ, 'ପବିତ୍ର' ନାମ ଶ୍ରୀଅରବିନ୍ଦ ଦେଇଥିଲେ, ୧୯୬୯ ସାଲରେ ଆଶ୍ରମରେ ତାଙ୍କର ପ୍ରୟାଣ ହେଲା ।) ପବିତ୍ରଙ୍କ ପାଇଁ ହଠାତ୍ ମା'ଙ୍କ ଆଦେଶ ପାଳନ କରିବା ଅସୁବିଧାଜନକ ଥିଲା, କାରଣ ସେସମୟରେ ବିଦ୍ୟାଳୟରେ ସବୁ କ୍ଲାସ ଯଥାଯଥ ବଣ୍ଟନ ହୋଇ ବେଶ୍ ଭଲରେ ଚାଲୁଥିଲା, ପିଲାଙ୍କ ପାଇଁ, ଶିକ୍ଷକଙ୍କ ପାଇଁ ତଥା ପାଠ୍ୟ ବିଷୟଗୁଡ଼ିକ ପାଇଁ ସବୁ ରୁଟିନ୍ ବନ୍ଧା ହୋଇ ଯାଇଥିଲା । ଆହୁରି ଏକ ମସ୍ତ ଅସୁବିଧା – ମୁଁ ସେତେବେଳେ ପୂରାପୂରି ଏକ ଛାତ୍ର । ତେଣୁ ସବୁଜିନିଷକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରିବାକୁ ପବିତ୍ରଙ୍କୁ ପୂରା ସପ୍ତାହେ ଲାଗିଲା । ମୋର ପ୍ରଥମ କ୍ଲାସଟି ଥିଲା ମାର୍ଚ୍ଚ ୨୩ ତାରିଖରେ; ଦିନଟି ମୋ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଥିଲା – ଏଇ କାରଣରୁ ଯେ ମୋ ଜନ୍ମଦାତ୍ରୀ ମା'ଙ୍କର ଜନ୍ମତିଥି ସେଇଦିନ ପଡ଼ିଥଲା, ସେ ମାତ୍ର ପାଞ୍ଚମାସ ଆଗରୁ ଦେହରକ୍ଷା କରିଥିଲେ ।

ଶ୍ରୀମା ମୋତେ କୌଣସି ପାଠ୍ୟପୁସ୍ତକ ଅନୁସରଣ କରି

ପଢ଼ାଇବାକୁ ମନା କରିଥିଲେ । ସେ ଛାତ୍ରମାନଙ୍କୁ ସେଇସବୁ ଗାଣିତିକ ସମସ୍ୟାର ସମାଧାନ କରିବାକୁ କହୁଥିଲେ, ଯେଉଁଥିରେ ବୁଦ୍ଧି ଖୁବ୍ ଦରକାର । ସେ ନିଜେହିଁ ମୋତେ ସେଇ ପ୍ରକାର ଅଙ୍କ କରାଇଥିଲେ କେତେ ବର୍ଷ ଆଗରୁ । ମା' ବହୁଥର ଶିକ୍ଷକମାନଙ୍କୁ କହିଛନ୍ତି ଯେ ଧରାବନ୍ଧା ପାଠ୍ୟପୁସ୍ତକ ଅନୁସରଣ କରି ପଢ଼ାଇବା ଦରକାର ନାହିଁ । ଥରେ ମୁଁ ତାଙ୍କୁ ମୋ ପାଖରେ ପଢୁଥିବା ଛାତ୍ରଛାତ୍ରୀଙ୍କର ଏକ ତାଲିକା ଦେଖାଇଥିଲି, ସେ ମୋତେ ଉଦ୍ଦେଶ୍ୟକରି କହିଲେ, 'ସନ୍ତାନ ମୋର ! ସେମାନେ ଯେପରି ନିଜେ ଭାବିବାକୁ ଶିଖିବେ, ମୁଁ ତାହା ତାଙ୍କଠାରୁ ଆଶା କରେ । ତୁ ସେଇପରି ଶିଖା, କେମିତି ଚିନ୍ତା କରିବାକୁ ହୁଏ, ଚିନ୍ତାର ପ୍ରାଖର୍ଯ୍ୟ ବଢ଼ାଇବାକୁ ହୁଏ, ସେଇ କଳାଟି ସେମାନେ ଜାଣିବା ଦରକାର ।' ଏହା କହିସାରି ମା' ଏକଥା ବି କହିଲେ ଯେ ଶ୍ରୀଅରବିନ୍ଦ ଯେତେବେଳେ ପଢ଼ାଉଥିଲେ ସେ ପାଠ୍ୟପୁସ୍ତକ ନ ଧରିହିଁ ଶିକ୍ଷା ଦେଉଥିଲେ ।

ମୋତେ ଯଦି କେହି ଶିକ୍ଷକ ହିସାବରେ ମୋର ଅଭିଜ୍ଞତାର କଥା ମୋତେ ପଚାରିବ, ତେବେ ମୁଁ କହିବି : ଏହା ଏକ ସୁଯୋଗ ଯେଉଁଥିରେ ନିଜକୁ ମୁଁ ଭଲ ଭାବରେ ଜାଣିବାକୁ ପାଇଛି, ମୋ ଜ୍ଞାନରେ ଯାହା ନିଅଣ୍ଟ ବା ଅଭାବ ରହିଛି, ତାହା ମୋ ପାଖରେ ସ୍ପଷ୍ଟ ହୋଇଛି, ମୋର ପ୍ରକୃତିର ଅପୂର୍ଣ୍ଣତାମାନ ମୋ ଆଗରେ ଆତ୍ମପ୍ରକାଶ କରିଛି । କ୍ରମଶଃ ବେଶୀ କରି ଅନୁଭବ କରି ହେଉଛି ଯେ ଛାତ୍ରମାନଙ୍କୁ ନିୟନ୍ତ୍ରଣ କରିବା ଆଗରୁ ନିଜର ଆଭ୍ୟନ୍ତରୀଣ ନିୟନ୍ତ୍ରଣର ପ୍ରୟୋଜନୀୟତା କେତେ ବେଶୀ । ଆପଣମାନେ ବିଶ୍ୱାସ କରନ୍ତୁ,– ଶିକ୍ଷକତା କରିବା ମୋଟେ ସହଜ ଜିନିଷ ନୁହେଁ । ଶ୍ରୀମା ଥରେ ମୋତେ କହିଥିଲେ :

''ଯେଉଁସବୁ ଶିକ୍ଷକଙ୍କ ମଧ୍ୟରେ ଏକ ସ୍ଥିର ନିଖୁଣ ସ୍ଥିରତା ନାହିଁ, ଏବଂ ଯାହା ପାଖରେ ଅଖଣ୍ଡ ସହିଷ୍ଣୁତା ନାହିଁ, ଯାହାଙ୍କଠାରେ ଅଟଳ ଶାନ୍ତ ଭାବ ଅର୍ଜନ କରିବାର ସାମର୍ଥ୍ୟ ନାହିଁ, ଯେଉଁମାନେ ଆତ୍ମପ୍ରବଞ୍ଚନାରେ ପ୍ରବୀଣ – ସେଇସବୁ ଶିକ୍ଷକମାନଙ୍କ ଦ୍ୱାରା କୌଣସି ବି କାର୍ଯ୍ୟ ହେବ ନାହିଁ ।

''ଭଲ ଶିକ୍ଷକ ହେବାକୁ ହେଲେ, ହେବାକୁ ପଡ଼ିବ ଜଣେ ସନ୍ଥ, ଜଣେ ବୀର କର୍ମୀ ।

''ଭଲ ଶିକ୍ଷକ ହେବାକୁ ହେଲେ, ହେବାକୁ ପଡ଼ିବ ବେଶ୍ ଜଣେ ଯୋଗୀ ।

''ଛାତ୍ରମାନଙ୍କଠାରେ ଉଚିତ ମନୋଭାବଟିକୁ ପ୍ରତିଷ୍ଠା କରାଇବା ଲାଗି ଆଗେ ଦରକାର ଶିକ୍ଷକ ମଧ୍ୟରେ ଯଥାର୍ଥ ମନୋଭାବର ପ୍ରତିଷ୍ଠା, ତାହାର ଅବଲମ୍ବନ ।

''ଶିକ୍ଷକ ହୋଇ ତୁମେ ଯେଉଁ ଜିନିଷ କରିବାକୁ ଅକ୍ଷମ, ତାହା ଛାତ୍ରଙ୍କ ପାଖରୁ ଆଶା କରିବା ବିଡ଼ମ୍ବନା, କାହା ପାଖରୁ ବି ନୁହେଁ – । ଏଇଟାହିଁ ଅକାଟ୍ୟ ନିୟମ ।

''ତୁମେ ଶିକ୍ଷକ ହୋଇ ନିଜ ଭିତରକୁ ଚାହିଁ ଦେଖ କ'ଣ ତୁମେ ହୋଇଛ ଆଉ କ'ଣ କ'ଣ ହେବାକୁ ବାକି ରହିଛି, ସେଇ ପାର୍ଥକ୍ୟଟି ତୁମ ପଢ଼ାଇବା ଶ୍ରେଣୀରେ ଘଟୁଥିବା ବ୍ୟର୍ଥତାର କାରଣ, ତାହାର ପରିଚୟ ସେଇଥିରୁ ପାଇବ ।

''ଏକଥା ମଧ୍ୟ କହି ରଖୁଛି, ଯେତେବେଳେ କହିବାକୁ ବସିଛି ଯେ ଏଠି ଆମେ ବେଳେବେଳେ ଅନେକ ଉପର ଶ୍ରେଣୀର ଛାତ୍ରଙ୍କୁ ଛୋଟମାନଙ୍କର କ୍ଲାସ ନେବାକୁ କହିଥାଉ । କାହିଁକି କହୁ ସେକଥା କେହି କେହି ହୁଏତ ବୁଝନ୍ତି; ଏପରି ବି କେହି ଭାବନ୍ତି – ଏହା ମୁଁ ନେବି, କାରଣ ସେବା କରିବାର ସୁଯୋଗ ପାଇବା ଭଲ କଥା; କେହି ଭାବନ୍ତି – ଶିକ୍ଷକର ଅଭାବ ହେତୁ ମୋତେ ଡକାଯାଇଛି – ଏସବୁ ଭାବି ସେମାନେ ସନ୍ତୁଷ୍ଟ ରହନ୍ତି । ଆଜି କିନ୍ତୁ ତୁମମାନଙ୍କୁ କହୁଛି, କାରଣ ଯଥାର୍ଥ ହେତୁଟିକୁ ତୁମମାନଙ୍କ ଆଗରେ ରଖିଦେଉଛି – ଏଇଠି ଯେଉଁ ଶିକ୍ଷିତ ବ୍ୟକ୍ତି ସବୁ ରହିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଶିକ୍ଷକତାର କାମରେ ଲଗାଯାଏ ନାହିଁ । ମୁଁ ସେମାନଙ୍କୁ ପଢ଼ାଇବା ଲାଗି କହେ ନାହିଁ ଯଦି ମୁଁ ଦେଖି ନ ଥାଏ ଯେ ସେଇବାଟରେହିଁ ସେ ଆତ୍ମ-ନିୟନ୍ତ୍ରଣ କରିପାରିବେ । ଜଣେ ଯାହା ଶିଖାଇବାକୁ ବସିବ, ତାହା ନିଜେ ଶିଖିପାରିବାର ଶ୍ରେଷ୍ଠ ଉପାୟ ଏଇ ବାଟେ, ଖାଲି ସେତିକି ନୁହେଁ ସେ ବୁଝିପାରିବ ଯେ ଆନ୍ତରପୂର୍ଣ୍ଣତା ଏହା ଯୋଗାଇ ପାରିବ, ପ୍ରଚୋଦିତ କରିବ । ଯାହା ସେ ଅନ୍ୟ କୌଣସି ଉପାୟରେ ପାଇପାରି ନ ଥା'ନ୍ତା, ଯଦି ସେ ଶିକ୍ଷକ ନ ହୋଇଥା'ନ୍ତା – ଏଇ କଥାଟି ଯିଏ ହୃଦୟଙ୍ଗମ କରୁଥାଏ, ଜୀବନର ଅନ୍ୟ ପଥରେ ଏଇସବୁ ଅଭିଜ୍ଞତା ଲାଭ କରିବା ସମ୍ଭବ ନୁହେଁ ବା ଅତି କଠିନ, – ତାକୁହିଁ ଶିକ୍ଷକତା କରିବାର ଡାକ ମୁଁ ଦେଇଛି, ସୁଯୋଗ ଦିଆଯାଇଛି ସେଇମାନଙ୍କୁ ।''

ମା'ଙ୍କର ଏଇ କଥାଟିକୁ ମନେ ପକାଇ କୌଣସି ପରଦା ନିଜ ଆଗରେ ନ ରଖି ଯେତେବେଳେ ନିଜକୁ ମୁଁ ଦେଖେ ସେତେବେଳେ ବୁଝିପାରେ ଶ୍ରୀମା ମୋ ସମ୍ମୁଖରେ କେତେ ବଡ଼ ଆଦର୍ଶ ରଖିଛନ୍ତି । ତାହାରି ପରିପ୍ରେକ୍ଷୀରେ ନିଜର କରଣୀୟ

ସବୁକୁ ଚାହିଁ ତ୍ରୁଟି ଓ ଅକ୍ଷମତା ଧରା ପଡ଼ିଗଲାବେଳେ ଗଭୀର ପରିତାପ ଓ ଖେଦରେ ଅଭିଭୂତ ହୋଇ ପଡ଼େ। ତା'ପରେ ମା'ଙ୍କର ସେଇ ବାଣୀଟି ମନେ ପଡ଼େ :

''ପୃଥିବୀର ଇତିହାସରେ ଶ୍ରୀଅରବିନ୍ଦଙ୍କର ଯେଉଁ ଭୂମିକା, ତାହା ଏକ ଉପଦେଶଦାନ ନୁହେଁ, କୌଣସି ଦିବ୍ୟ-ଦର୍ଶନ ବି ନୁହେଁ। ଏଇଟି ହେଉଛି ପରମପୁରୁଷଙ୍କର ପାଖରୁ ସିଧା ପ୍ରତ୍ୟକ୍ଷ ଭାବରେ ଓହ୍ଲାଇ ଆସିଥିବା ଅମୋଘ ଏକ କ୍ରିୟା-ଶକ୍ତି।''

ଏହା ମନେ ପକାଇ ନିଜକୁ ପ୍ରବୋଧନା ଦିଏ ଯେ ନିଶ୍ଚୟ ଆମର ଏଇସବୁ ମାନୁଷୀ ଦୁର୍ବଳତା ଓ ଅକ୍ଷମତା ଏଇ ମହାନ୍-ପ୍ରକାଶକୁ ବ୍ୟାହତ କରିପାରିବ ନାହିଁ।

❑❑❑

# ସାଗର ବୁକେ ମୁଁ ଏକାକାର

## ଶରତ କୁମାରୀ ସ୍ୱାଇଁ

ଆଷାଢ଼ୀ ମେଘର ଜଳବୁନ୍ଦାଟି ମୁଁ
ପାଦପ ପତରେ ଥିଲି ଶୋଇ
କି କୁହୁକ ବୋଳି ଜଗାଇଲ ମୋତେ
ଜଡ଼ତା ଭାଙ୍ଗି ମୁଁ ଗଲି ଚେଇଁ ?
ଚମକି ଚାହିଁଲି ତଳକୁ ଯେବେ ମୁଁ
ଆତଙ୍କେ ହୃଦୟ ଗଲା ଥରି
ଖସି ପଡ଼ିଲେ ତ ସତ୍ତା ହରାଇବି
ପାଷାଣ ବୁକୁରେ ଯିବି ଝରି।
ନିଃସହାୟ ଭାବ ଜଡ଼ାଇ ଧରିଲା
ବ୍ୟାକୁଳେ ଡାକିଲି ରକ୍ଷାକର –
କରୁଣାମୟି ମା ! ମମତା ବଶରେ
ଊର୍ଦ୍ଧ୍ୱ ପ୍ରସାରିଲ ଦିବ୍ୟକର।
ଅଞ୍ଜଳିରେ ତବ ତୋଳି ନେଲ ଯତ୍ନେ
ନୀଳ ଦରିଆରେ ଦେଲ ଢାଳି
ଲହରୀ ଦୋଳାରେ ତୁମ ଛବି ଆଙ୍କି
ନାଚୁଛି ଆଜି ମୁଁ ଛନ୍ଦ ତୋଳି।
ବ୍ୟଥିତ ହୃଦୟ ଶାନ୍ତ ସମାହିତ
କୃତଜ୍ଞତା ଲୁହ ଧାର ଛୁଟେ
ଅମଳ କମଳ ଚରଣରେ ମାତଃ !
ଭକ୍ତିରେ ମୋର ମଥା ଲୋଟେ।
ଆଷାଢ଼ୀ ମେଘର ଜଳବୁନ୍ଦାଟି ମୁଁ
ସମର୍ପି ଦେଇଛି ସବୁ ମୋର
କଲ୍ୟାଣି ଗୋ, ତବ କୃପାବଳେ ଆଜି
ସାଗର ବୁକେ ମୁଁ ଏକାକାର। ❑



# 'ହୁ ଶୁ'ଙ୍କ ସ୍ମରଣେ

## (୩)

ହୁ ଶୁଙ୍କର ଶତବାର୍ଷିକୀ ପାଳନ ଉପଲକ୍ଷେ ଅରୋଭିଲ୍‌ରେ ଆୟୋଜିତ ହୋଇଥିବା ତାଙ୍କର ଚିତ୍ରକଳା ପ୍ରଦର୍ଶନୀକୁ 'ଇନଷ୍ଟିଚ୍ୟୁଟ୍ ଅଫ୍ ୱାର୍ଲଡ୍ ରିଲିଜିୟନ୍ସ୍ ଓ ଚାଇନିଜ୍ ଏକାଡେମୀ ଅଫ୍ ସୋସିଆଲ୍ ସାଇନ୍ସେସ୍, ବେଇଜିଂ' ତରଫରୁ ତାଙ୍କର ହୃଦୟଭରି ଶୁଭକାମନା-ଜ୍ଞାପକ ପତ୍ରରେ ପ୍ରଫେସର ସାନ୍ ବୋ ଉଲ୍ଲେଖ କରିଥିଲେ :

''... ହୁ ଶୁ ଥିଲେ ଜଣେ ଅତ୍ୟୁଚ୍ଚ ମାନର ନିପୁଣ ଓ ନିଗୂଢ଼ ଚିତ୍ରଶିଳ୍ପୀ ଏବଂ ଏକାଧାରରେ ଏକ ଗୁଣାନ୍ୱିତ ପ୍ରବୀଣ ମନୀଷୀ । ଶ୍ରୀମା'ଙ୍କ କଥା ଯଥାର୍ଥ — ହୁ ଶୁ ହେଉଛନ୍ତି ଏକାଧାରରେ ଜଣେ ମନୀଷୀ, ଶିଳ୍ପୀ ଏବଂ ଯୋଗୀ । ତାଙ୍କୁ ଚୀନରେ ପ୍ରଥମ ନବାବିଷ୍କୃତ ମୁଦ୍ରିତ ଚିତ୍ର-ଶିଳ୍ପୀ ବୋଲି ମାନ୍ୟ ଦିଆଯାଏ । ସେ ତାଙ୍କର ଯୁବାବସ୍ଥାରୁହିଁ ଚୀନରେ ଏହି ମୁଦ୍ରଣ କାର୍ଯ୍ୟର ଆରମ୍ଭ କରିଥିଲେ । (ତନ୍ମଧ୍ୟରୁ କାଷ୍ଠ ନିର୍ମିତ ଛାଞ୍ଚରେ ଛବି ମୁଦ୍ରଣ ଅନ୍ୟତମ) । ତାଙ୍କର ସୁନ୍ଦର ହସ୍ତାକ୍ଷର ଥିଲା ଚୀନର ବିଭିନ୍ନ ସମ୍ପ୍ରଦାୟରେ ପ୍ରଚଳିତ ହସ୍ତାକ୍ଷରସବୁର ସମନ୍ୱୟ ଏବଂ ତାଙ୍କର ହସ୍ତାକ୍ଷରର ଶୈଳୀ ଥିଲା 'ଉଏଇ' ରାଜବଂଶର ଖୋଦିତ ଶିଳାଲିପିଠାରୁ ଆରମ୍ଭ କରି 'ଟାଙ୍ଗ୍' ରାଜବଂଶର ସ୍ୱାଭାବିକ ଧାରାନୁଯାୟୀ ହସ୍ତାକ୍ଷରର ଅନୁକରଣରେ ମୁଦ୍ରିତ ଅକ୍ଷରସବୁ ଉପରେ ଆଧାରିତ । ତାଙ୍କର ଚିତ୍ରକଳାସବୁ ପ୍ରଧାନତଃ 'ୟୁୟାନ୍' ରାଜବଂଶ (୧୨୭୧-୧୩୬୮) ଏବଂ 'ମିଙ୍ଗ୍' ରାଜବଂଶ (୧୩୬୮-୧୬୪୪)ର ଚିତ୍ରକଳାସବୁ ଦ୍ୱାରା ପ୍ରଭାବିତ; ତନ୍ମଧ୍ୟରୁ ଶିଳ୍ପୀ ହୁ ଆଙ୍ଗ୍ ଗଙ୍ଗ୍‌ୱାଙ୍ଗ୍ (୧୨୬୯-୧୩୫୪), ନି ଯାନ୍‌ଭ୍ (୧୩୦୧-୧୩୭୪) ଅନ୍ୟତମ । ତାଙ୍କର ଲେଖା ଓ ଅଙ୍କନ ଶୈଳୀର ବୈଶିଷ୍ଟ୍ୟ କର୍ତ୍ତୃତ୍ୱବ୍ୟଞ୍ଜକ ଉନ୍ନତ ଭାବ ଓ ଗୁରୁଭାବ ପ୍ରଦାନକାରୀ ଏବଂ 'ସଙ୍ଗ୍' ରାଜବଂଶ (୯୬୦-୧୨୭୯)ର ସତେଜତା ଓ ତେଜସ୍ୱିତାରେ ଭରପୂର । ସର୍ବୋପରି ତାଙ୍କର ଚିତ୍ରକଳାସବୁରେ ସରଳତା, ନିଶ୍ଚଳ ନୀରବତା ଓ ସୁରୁଚି ପୂର୍ଣ୍ଣ ପ୍ରବଣତା ରହିଥିଲା ।''

ଆଶ୍ରମରେ ଅନୁବାଦ କାର୍ଯ୍ୟରେ ତୀବ୍ର ଭାବରେ ମଗ୍ନ ରହିଥିଲେ ମଧ୍ୟ ହୁ ଶୁ ଥିଲେ ଜଣେ ଆଦର୍ଶ ବନ୍ଧୁ ଓ ଶିକ୍ଷକ । ରୁ୍ୟ ଦ୍ୟୁମାରେ ତାଙ୍କର ବାସଭବନକୁ ସେ ଅଧିକାଂଶ ସମୟରେ ତାଙ୍କର ବନ୍ଧୁମାନଙ୍କୁ ଆମନ୍ତ୍ରଣ କରୁଥିଲେ ଏବଂ କେବେ କେବେ ସେ ସେମାନଙ୍କର ବାସଭବନକୁ ମଧ୍ୟ ଯାଉଥିଲେ । ଖେଳରତ ଆଶ୍ରମ ଶିଶୁମାନେ ଯେତେବେଳେ ତାଙ୍କ ପଢ଼ା ଘର ଭିତରକୁ ଦୌଡ଼ି ଯାଉଥିଲେ, ହୁ ଶୁ ସେମାନଙ୍କୁ ନବାଗତ ଅତିଥି-ଅଭ୍ୟାଗତ ସଦୃଶ ଭିତରକୁ ଆଦର ସମ୍ଭାଷଣ ପୂର୍ବକ ଡାକି ନେଉଥିଲେ ଏବଂ ସେମାନଙ୍କୁ ତାଙ୍କର ବିଭିନ୍ନ ଆକାରର ତୂଳୀ ଓ ଚିତ୍ର ଆଙ୍କିବାର ସରଞ୍ଜାମ ସବୁ ଦେଖାଉଥିଲେ । ଦିନତମାମ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ବି ସେ କେବେହେଲେ ସେମାନଙ୍କର ବାଳସୁଲଭ ଚପଳତାରେ କ୍ରୋଧ ପ୍ରକାଶ କରୁ ନଥିଲେ ।

ଏହିପରି ଭାବରେ ଆଶ୍ରମର କେତେକ ଛାତ୍ରଛାତ୍ରୀ ତାଙ୍କଠାରୁ ଚାଇନିଜ୍ ବ୍ରସ୍ ପେଣ୍ଟିଂର ଶୈଳୀ ରୀତିମତ ଅଧ୍ୟୟନ କରିଥିଲେ । ଅବଶ୍ୟ ସେ ନିଜେ ନିଜର ଛାତ୍ରଛାତ୍ରୀ ନିର୍ବାଚନ କରୁଥିଲେ । ସେମାନଙ୍କୁ ପ୍ରଥମେ ପେନ୍‌ସିଲରେ ଡ୍ରଇଂ ଶିକ୍ଷା ଦେଇ ଅଧିକ ଉନ୍ନତ ମାନକୁ ଉତ୍ତୀର୍ଣ୍ଣ କରାଇବା ପରେ ତୂଳିରେ ପେଣ୍ଟିଂ ଶିଖାଉଥିଲେ ।

ପିଲାଙ୍କ ସହିତ ତାଙ୍କର ଅତ୍ୟନ୍ତ ପ୍ରିୟ ଖେଳଥିଲା 'Go' ଅର୍ଥାତ୍ 'ଧାବନ ଖେଳ' । ତାଙ୍କର ବହୁ ଦିନରୁ ଅଭ୍ୟାସରେ ପଡ଼ିଯାଇଥିବା ଏକ ବିଶେଷ ଧରଣର ସିଗାରେଟ୍ ଟାଣୁ ଟାଣୁ ଓ 'ପ୍ୟୁ ଏର୍' ଚା' ପାନ କରୁ କରୁ ସେ ପିଲାମାନଙ୍କୁ ଏହି ଖେଳ ଶିଖାଉଥିଲେ ।

ହୁ ଶୁ ନିୟମିତ ବନ୍ଧୁମାନଙ୍କ ସହିତ ପଦବ୍ରଜରେ ବା ସାଇକେଲରେ ଭ୍ରମଣ କରୁଥିଲେ । ଆଶ୍ରମରେ ଜନୈକ ବନ୍ଧୁ ତାଙ୍କର ସ୍ମୃତିଚାରଣରୁ ଉଲ୍ଲେଖ କରିଥିଲେ : ''ପ୍ରତି ରବିବାର ଦିନ ସେ ତାଙ୍କର କେତୋଟି ଭବିଷ୍ୟତ୍ କଥନ ଯଷ୍ଟିକୁ ହାତରେ ଗଡ଼ାଇ ଚଟାଣରେ ପକାଉଥିଲେ ଏବଂ ସେହି ଯଷ୍ଟିଗୁଡ଼ିକର ଅବସ୍ଥାନରୁହିଁ ସେ ସିଦ୍ଧାନ୍ତ ନେଉଥିଲେ ପଦବ୍ରଜରେ ଗମନ କରିବେ କି ସାଇକେଲରେ ଯିବେ । ତା'ପରେ ଅନ୍ୟ ଯଷ୍ଟିଗୁଚ୍ଛକୁ ସେମିତି ପକାଇ ସିଦ୍ଧାନ୍ତ ନେଉଥିଲେ କେଉଁ ଦିଗକୁ ଯିବେ — ଉତ୍ତରକୁ, ପଶ୍ଚିମକୁ ବା ଦକ୍ଷିଣକୁ । ସିଦ୍ଧାନ୍ତ ଠିକ୍ ହୋଇଯିବା ପରେ ଆମେ ଅରୋଭିଲ୍ ବା 'ୟୁଟିଲିଟି' ଆଡ଼କୁ ପରିଭ୍ରମଣରେ

ଯାଉଥିଲୁ ।... ଏତଦ୍‌ବ୍ୟତୀତ ସେ ଜର୍ମାନ୍ ଭାଷା କହିବାର ଅଭ୍ୟାସ ରୀତିମତ ବଜାୟ ରଖୁଥିଲେ; ତେଣୁ ତାଙ୍କର ଇଂରାଜୀ କହିବା ସେତେ ଭଲ ନଥିଲା ।''

ଅନ୍ୟ ଜଣେ ଆଶ୍ରମ-ବନ୍ଧୁ ସିବିଲି ହାବ୍‌ଲିକ୍ ତାଙ୍କର 'ଭାରତରେ ତିରିଶ ବର୍ଷ' ପୁସ୍ତକରେ ହୁ ଶୁଙ୍କ ସମ୍ବନ୍ଧେ ଲେଖିଛନ୍ତି :

''ହୁ ଶୁ ଥିଲେ ଖର୍ବାକୃତି, ଶୀର୍ଣ୍ଣ କିନ୍ତୁ ଗଠନରେ ବେଶ୍ ବଳିଷ୍ଠ । ଆମେ ଅଧିକାଂଶ ସମୟରେ ତାଙ୍କୁ ତାଙ୍କର ଭାରତୀୟ ପୋଷାକରେ, ଧଳା ପାଇଜାମା କୁରୁତା ପିନ୍ଧି ସାଇକେଲରେ ରାସ୍ତାରେ ଯିବାର ଦେଖୁଥାଉ; ହଁ, ସେ ତାଙ୍କ ଆଖିକୁ ରୌଦ୍ର ତାପରୁ ରକ୍ଷା କରିବା ସକାଶେ ସବୁବେଳେ ସବୁଜ ରଙ୍ଗର ଏକ ଆବରଣ ମଥାରେ ଲଗାଇଥା'ନ୍ତି ।

''ଚାଇନିଜ୍ ନିଉ ଇୟର୍ ଡେ'ରେ ସେ ଆମକୁ ଥରେ ନିମନ୍ତ୍ରଣ କରିଥା'ନ୍ତି । ଆମେ ତାଙ୍କର ପ୍ରଶସ୍ତ ଔପନିବେଶିକ ବାସଭବନକୁ ପ୍ରବେଶ କରି ଦେଖିଲୁ ସେ ତାଙ୍କର ଦୁଇ ମିଟର ଲମ୍ବା ଟେବୁଲ ପାଖରେ ବସିଛନ୍ତି; ଟେବୁଲର ଉପରିଭାଗ କଳା କାଚ ଦ୍ୱାରା ଆବୃତ ଥାଏ । ସାଙ୍ଗରେ ନେଇଥିବା ଶୁଭ୍ର ବସ୍ତ୍ରରେ ଆବୃତ ଫଳଭର୍ତ୍ତି ଡାଲାଟିକୁ ତାଙ୍କୁ ଅର୍ପଣ କରି ଶୁଭ ନବବର୍ଷର ସମ୍ଭାଷଣ ଜଣାଇଲୁ । ଏଥିପୂର୍ବରୁ ଅନେକ ଆଗରୁ ସେ ଥରେ ମୋତେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ମୋ ପାଇଁ କିଛି ଆଙ୍କିବେ । ତେଣୁ ଆମର ଆଖି ଆଗରେ ଦେଖିଲୁ ଆଶ୍ଚର୍ଯ୍ୟଜନକ ଭାବରେ ଏକ ବଡ଼ କାଗଜରେ ମୁହୂର୍ତ୍ତକରେ ବାଉଁଶ ଗଛସବୁ କିପରି ଜୀବନ୍ତ ହୋଇ ରୂପ ନେଲା । ତାଙ୍କର ଏକ ବିରାଟ ତୂଳିରେ ତାଙ୍କର ଅଙ୍କନ-ଶୈଳୀ ଦେଖି ମୁଁ ଅଭିଭୂତ ହୋଇ ଉଠିଥିଲି : କାଗଜ ଉପରେ ଥରେ ମାତ୍ର କ୍ଷିପ୍ର ଅଙ୍କନରେ ବାଉଁଶର କାଣ୍ଡ; ଏକ ଛୋଟ ତିର୍ଯ୍ୟକ୍ ବକ୍ରରେଖା – ବୃଦ୍ଧି ପାଇଥିବା ପବ ଅର୍ଥାତ୍ ଦୁଇ ଗଣ୍ଠିର ମଧ୍ୟାଂଶ; ଅନ୍ୟ ଏକ ସିଧା ଊର୍ଦ୍ଧ୍ୱମୁଖୀ କ୍ଷିପ୍ର ହସ୍ତଚାଳନରେ ବାଉଁଶ ଗଛଟି ବୃଦ୍ଧି ପାଉଥିବାର ଏକ ସରୁ ରେଖା ଓ କେତେକ ବିନ୍ଦୁର ସମାହାରରେ ଚାରିଟି ସରୁ ତୀକ୍ଷ୍ଣାଗ୍ର ପତ୍ରଗୁଚ୍ଛ ।

''ନୀରବ ଏକାଗ୍ରତାରେ ଆମେ ରଙ୍ଗ-ତୂଳିରେ ତାଙ୍କର ଶକ୍ତିଶାଳୀ ଏବଂ ନିଶ୍ଚିତ କ୍ଷିପ୍ର ହସ୍ତଚାଳନାର ଅଙ୍କନଶୈଳୀ ଅନୁସରଣ କଲୁ – ଆମେ ସେଦିନ ଏକ ଯଥାର୍ଥ ଅଙ୍କନ-ପଟୁତାର ଅଭିଜ୍ଞତା ଲାଭ କଲୁ ।

''ତା'ପରେ ହୁ ଶୁ ଆମକୁ ଦୁଇଟି ଆଲମାରି ଖୋଲି ଚାଇନିଜ୍ ଇତିହାସର ସମଗ୍ର ବୃତ୍ତାନ୍ତ ଥିବା ଗ୍ରନ୍ଥାବଳି ଦେଖାଇଲେ । ଆଲମାରି ଖୋଲିଦେଇ ସେ ଆମକୁ କହିଲେ, 'ଏହା ହେଉଛି ଏକ ସରକାରୀ ସଂସ୍କରଣ ଯାହାର ମାତ୍ର ତିନୋଟି ସଂଗ୍ରହ ରହିଛି । ତନ୍ମଧ୍ୟରୁ ଇଏ ଗୋଟିଏ, ଅନ୍ୟ ଦୁଇଟି ମୋ ଜନ୍ମଭୂମିରେ ରହିଛି ।'

''ଶେଷରେ ହୁ ଶୁ ତାଙ୍କର ଗ୍ରାମୋଫୋନ୍ ବଜାଇ ଦେଶାତ୍ମବୋଧକ ଚାଇନିଜ୍ ମାର୍ଚ୍ଚିଂ ସଙ୍ଗୀତ ଶୁଣାଇଲେ । ସଙ୍ଗୀତ ଶେଷରେ ଚୀନର ତଦାନୀନ୍ତନ ଅବସ୍ଥା ମନେ ପକାଇ ଅର୍ଥାତ୍ କମ୍ୟୁନିଷ୍ଟମାନଙ୍କ ଦ୍ୱାରା କବଳିତ ଓ ବିଭକ୍ତ ଚୀନ କଥା ସ୍ମରଣ କରି ଆମେ ତିନି ଜଣ ସ୍ୱାଭାବିକ ରୂପେ ବିଷଣ୍ଣତାରେ ଭରିଉଠିଥିଲୁ । ଯାହା ବି ହେଉ ହୁ ଶୁଙ୍କ ସହିତ ଏହି ସାକ୍ଷାତ୍ ଥିଲା ମୋ ସକାଶେ ଏକ ସ୍ମରଣୀୟ ସାକ୍ଷାତ୍ ଏବଂ ଏହାହିଁ ଥିଲା ତାଙ୍କ ସହିତ ସ୍ଥାୟୀ ବନ୍ଧୁତ୍ୱର ପ୍ରାରମ୍ଭ ମୁହୂର୍ତ୍ତ ।''

ଆଜି ଆଶ୍ରମର ପ୍ରଧାନ ଲାଇବ୍ରେରୀରେ ହୁ ଶୁଙ୍କ ପାଖରେ ଥିବା ଚାଇନିଜ୍ ଇତିହାସର ସଂଗ୍ରହଟିକୁ ବହୁମୂଲ୍ୟ ବସ୍ତୁରୂପେ ଅତ୍ୟନ୍ତ ଯତ୍ନର ସହିତ ରଖାଯାଇଛି । ଏବଂ ତାଙ୍କର ଶହ ଶହ ଚିତ୍ରାଙ୍କନ ଆଶ୍ରମର 'ଆର୍ଟ ହାଉସ୍'ରେ ଆଶ୍ରମର ଅନ୍ୟାନ୍ୟ ଚିତ୍ରଶିଳ୍ପୀଙ୍କର ସଂଗ୍ରହ ସହିତ ସୁରକ୍ଷିତ ରହିଛି ।

୧୯୬୮ରେ ଅରୋଭିଲ୍‌ର ପ୍ରତିଷ୍ଠାନ ଉତ୍ସବରେ 'ଅରୋଭିଲ୍ ସନନ୍ଦ ପତ୍ର' ପ୍ରଥମେ ଅରୋଭିଲର ଭାଷା (ଫରାସୀ, ତାମିଲ, ଇଂରାଜୀ ଓ ସଂସ୍କୃତ) ଓ ତା'ପରେ ଆରବୀୟ ଭାଷା ପଢ଼ା ହେବା ପରେ ହୁ ଶୁ ଚାଇନିଜ୍ ଭାଷାରେ ପଢ଼ିଥିଲେ । କହିବା ବାହୁଲ୍ୟ 'ସନନ୍ଦ ପତ୍ର'ର ଅନୁବାଦ ହୁ ଶୁହିଁ କରିଥିଲେ । ଭାଗ ଭାଗ ହୋଇଥିବା ଚୀନରୁ (ଅର୍ଥାତ୍ ତାଇବାନ୍‌ର ଜାତୀୟତାବାଦୀ ଚୀନରୁ ଏବଂ ମେନ୍‌ଲ୍ୟାଣ୍ଡର କମ୍ୟୁନିଷ୍ଟ ଚୀନ)ରୁ ଆନୀତ ମୃତ୍ତିକା ଆଶ୍ରମର ବାଳକ-ବାଳିକା ଦ୍ୱୟଙ୍କ ଦ୍ୱାରା ପଦ୍ମକଢ଼ି ସଦୃଶ ପାତ୍ରରେ ପୃଥିବୀର ଅନ୍ୟାନ୍ୟ ଦେଶର ମୃତ୍ତିକା ସହିତ ଅଜାଡ଼ି ଦିଆଯାଇଥିଲା ।

ପରେ ଅରୋଭିଲରେ ଥିବା ହୁ ଶୁଙ୍କର ସୁହୃଦ୍ ବନ୍ଧୁଗଣ ଅନେକ ଥର ଆମନ୍ତ୍ରଣ କରି ତାଙ୍କର ସାହଚର୍ଯ୍ୟ ଲାଭ କରିଛନ୍ତି । ଜନୈକ ବନ୍ଧୁଙ୍କର ସ୍ମୃତିଚାରଣରୁ ପଦେ-ଅଧେ :

''... ଅସାଧାରଣ ବ୍ୟକ୍ତି ହୁ ଶୁ ଥିଲେ ମୋର ବନ୍ଧୁ ଓ ଶିକ୍ଷକ । ସେ ଥରେ ମୋତେ କଥାଛଳରେ କହିଥିଲେ ଯେ ପୀଡ଼ିତ ବ୍ୟକ୍ତିଙ୍କୁ ଦେଖି ସିଏ ମରିବାକୁ ଯାଉଛନ୍ତି କି ନା ସେ କହିଦେଇ ପାରିବେ । ମୁଁ କହି ଉଠିଥିଲି, 'ବାଃ, ଏହା ତ ଖୁବ୍

ଚିତ୍ତାକର୍ଷକ !' ସେ କହିଲେ : 'ନା, ନା, ଏହା କେବେ ହେଲେ ସେତେ ଆଗ୍ରହପ୍ରଦ ନୁହେଁ । କାହିଁକି ନା ଜାପାନୀମାନେ ଚୀନକୁ ଆକ୍ରମଣ କରି ମାଡ଼ି ଆସୁଥିବା ବେଳେ ମୁଁ ଯେଉଁ ଆଡ଼କୁ ଅନାଉଥିଲି ସର୍ବତ୍ର ଦେଖୁଥିଲି ମରଣୋନ୍ମୁଖ ସ୍ୱଦେଶବାସୀଙ୍କୁ ।'... ମୁଁ ପ୍ରାୟ ତାଙ୍କ ସହିତ 'Go' ଖେଳ ଖେଳୁଥିଲି । ଏହି ଖେଳଟି ଚୀନରେ ଖୁବ୍ ପ୍ରଚଳିତ । ସେଦିନ ଥିଲା ୧୯୭୩ ମସିହା ନଭେମ୍ବର ୧୭ ତାରିଖ । ସନ୍ଧ୍ୟା ସମୟରେ ପ୍ରତିଦିନ ଭଳି ସେଦିନ ସେହି ଖେଳ ଖେଳୁଥିଲୁ । ସେ ହଠାତ୍ ଛିଡ଼ା ହୋଇଗଲେ ଏବଂ କହିଲେ, 'ଖେଳ ବନ୍ଦ କରିବା ।' ମୁଁ ଘଡ଼ି ଦେଖିଲି ୭ଟା ୨୫ ମି. । ତା'ପରେ ସେ କହିଉଠିଲେ, 'ଏହା ଭଲ ହୋଇଥା'ନ୍ତା ଯଦି ସେ ଶହେ ବର୍ଷ ପର୍ଯ୍ୟନ୍ତ ରହିପାରିଥାଆନ୍ତେ ।' (ଏହି ମୁହୂର୍ତ୍ତଟି ଥିଲା ଦିବ୍ୟଜନନୀଙ୍କର ମହାପ୍ରୟାଣର ମୁହୂର୍ତ୍ତ ।)''

୧୯୭୮ ମା'ଙ୍କର ଶତବାର୍ଷିକୀ । ଏହି ବର୍ଷ ହଂକଂରୁ ଜଣେ ଯୁବକ ଆଶ୍ରମକୁ ଆସିଥିଲେ । ତାଙ୍କର ନାମ ଥିଲା ଦେଶମଣ୍ଡ ସୁ । ସାକ୍ଷାତ୍କାରରେ ହୁ ଶୁଙ୍କ ସହିତ ଘନିଷ୍ଠତା ହେବା ପରେ ଦେଶମଣ୍ଡ ତାଙ୍କୁ ଦୃଢ଼ପ୍ରତ୍ୟୟ କରାଇଲେ ଯେ ଚୀନ୍ ଏବେ ବଦଳିବାକୁ ଆରମ୍ଭ କରିଛି ଏବଂ ନୂତନ ଆଲୋକ ପ୍ରତି ଉନ୍ମୀଳିତ ହେବାକୁ ଆରମ୍ଭ କରିଛି । ତେଣୁ ସେ ନିଶ୍ଚିତ ରୂପେ ନିଜର ବିକଶିତ ବୌଦ୍ଧିକ ଅନ୍ୱେଷଣ ନିମିତ୍ତ ସ୍ୱଦେଶରେ ସ୍ଥାନ ପାଇପାରିବେ ।

ହୁ ଶୁ ସିଦ୍ଧାନ୍ତ ନେଲେ ସ୍ୱଦେଶକୁ ଫେରିଯିବେ । ଦେଶମଣ୍ଡ ସ୍ୱତଃପ୍ରବୃତ୍ତ ହୋଇ ତାଙ୍କୁ ଆବଶ୍ୟକୀୟ ଅର୍ଥ ସାହାଯ୍ୟ କଲେ ଏବଂ ଦୁହେଁ ବିମାନ ପଥରେ ଚୀନ ଗମନ କଲେ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ସୂର୍ଯ୍ୟୋଦୟର ଦେଶ

## (୧)

**ସୂର୍ଯ୍ୟକାନ୍ତି ମହାନ୍ତି**

ଶିବପୁରାଣରେ ସୂର୍ଯ୍ୟାଷ୍ଟକମ୍‌ରେ ଉଲ୍ଲେଖ ଅଛି :

''ବୃହିତଂ ତେଜଃପୁଞ୍ଜଂଚ ବାୟୁମାକାଶ ମେବ ଚ ।

ପ୍ରଭୁଂ ଚ ସର୍ବଲୋକାନାଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥''

ଅର୍ଥାତ୍ : ଯିଏ ତତୋଽଧିକ ତେଜପୁଞ୍ଜର ତେଜ ଅଟନ୍ତି ଏବଂ ବାୟୁ ତଥା ଆକାଶ ସ୍ୱରୂପ ଅଟନ୍ତି, ସେହି ସମସ୍ତ ଲୋକର ଅଧିପତି ସୂର୍ଯ୍ୟଙ୍କୁ ମୁଁ ପ୍ରଣାମ କରୁଛି ।

ସୂର୍ଯ୍ୟ ଦେବତାଙ୍କୁ ସମଗ୍ର ମାନବସମାଜ ପ୍ରତ୍ୟକ୍ଷ ଦର୍ଶନ କରନ୍ତି । ଏହାଙ୍କର ଉପାସନା ପ୍ରାଚୀନ କାଳରୁ ବିଭିନ୍ନ ଦେଶ ଓ ବିଭିନ୍ନ ସଂସ୍କୃତିରେ ଭିନ୍ନ ଭିନ୍ନ ଭାବରେ କରାଯାଇ ଆସୁଛି । ଏ ପୃଥିବୀରେ ଯାହା କିଛି ଦୃଶ୍ୟ ବା ଅଦୃଶ୍ୟ, ସେସବୁର ଉଦ୍‌ଗମ ଶକ୍ତି-ସ୍ରୋତ ହେଉଛନ୍ତି ସୂର୍ଯ୍ୟ । ସୂର୍ଯ୍ୟ ବାୟୁକୁ ଶକ୍ତିର ସହ ଚଳାନ୍ତି, ଉଦ୍ଭିଦକୁ ବୃଦ୍ଧି କରାନ୍ତି, ଜଳକୁ ବାଷ୍ପୀଭୂତ କରି ପୁନଶ୍ଚ ଘନୀଭୂତ ଅବସ୍ଥାରେ ବର୍ଷାରୂପରେ ପତିତ କରାନ୍ତି । ସାଗରରେ ଶକ୍ତି-ପୂର୍ଣ୍ଣ ଲହରୀର ସୃଷ୍ଟି କରନ୍ତି ଏବଂ ସମସ୍ତ ଜୀବନକୁ ନିଜ ଶକ୍ତି ଦ୍ୱାରା ସଞ୍ଚାଳିତ କରି ଏ ପୃଥିବୀକୁ ପାଳନ କରନ୍ତି । ପୁନଶ୍ଚ, ସେ ଏହି ବିଶ୍ୱକୁ କର୍ମରେ ପ୍ରବୃତ୍ତ କରାନ୍ତି । ସେ ପୁଣି ସମସ୍ତ ଆକାଶମଣ୍ଡଳକୁ ଆଲୋକିତ କରନ୍ତି । ବାସ୍ତବରେ ସୂର୍ଯ୍ୟହିଁ ଏ ବିଶ୍ୱବ୍ରହ୍ମାଣ୍ଡର ଆତ୍ମା ଅଟନ୍ତି । ଅଥର୍ବ ବେଦରେ କୁହାଯାଇଛି : ''ସୂର୍ଯ୍ୟ ଆତ୍ମା ଜଗତସ୍ତସ୍ଥୁଷଶ୍ଚ ।'' (୧୩.୨.୩୫) ଅର୍ଥାତ୍ : ଭଗବାନ୍ ସୂର୍ଯ୍ୟ ସମସ୍ତ ସ୍ଥାବର ଜଙ୍ଗମାତ୍ମକ ବିଶ୍ୱର ଅନ୍ତରାତ୍ମା ଅଟନ୍ତି ।

ସମସ୍ତ ପ୍ରାଣୀ ଜଗତର ସୃଷ୍ଟି, ସ୍ଥିତି ଓ ବିଲୟ ସୂର୍ଯ୍ୟଙ୍କ ପାଇଁ ହୋଇଥାଏ । ଉଦ୍ଭିଦ ଜଗତ ଫଟୋସିନ୍ଥେସିସ୍ (Photosynthesis) ପ୍ରକ୍ରିୟାରେ ଅର୍ଥାତ୍ ସୂର୍ଯ୍ୟାଲୋକର ଉପସ୍ଥିତିରେ ସବୁଜପତ୍ରକଣିକା ଜଳ ଓ ବାୟୁ ସାହାଯ୍ୟରେ ନିଜ ଖାଦ୍ୟ ପ୍ରସ୍ତୁତ କରିଥାଏ । ପଶୁ, ପକ୍ଷୀମାନେ ବିଭିନ୍ନ ପ୍ରକାର ଫଳ, ପନିପରିବା ଓ ମାଂସ ଆହାର କରିଥା'ନ୍ତି, ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସୂର୍ଯ୍ୟଙ୍କ ରଶ୍ମିରୁ ସୃଷ୍ଟି ହୋଇଥାଏ । ମନୁଷ୍ୟ ମଧ୍ୟ ନିଜ ଖାଦ୍ୟ ପାଇଁ ଉଦ୍ଭିଦ ଜଗତ୍ ବା ପଶୁ, ପକ୍ଷୀଙ୍କ ଉପରେ ନିର୍ଭର କରିଥାଏ । ସେହିପରି ନିର୍ଜୀବ ପଦାର୍ଥ ମଧ୍ୟରେ ଏବଂ ଅଣୁ- ପରମାଣୁରେ ଏକ କ୍ରମ-ବ୍ୟବସ୍ଥା ଅଛି ଏବଂ ସେଗୁଡ଼ିକର ଗତିଶୀଳତା ମଧ୍ୟ ଅଛି । ସଜୀବ ଓ ନିର୍ଜୀବ – ଏ ସମସ୍ତଙ୍କର କାର୍ଯ୍ୟ ସଞ୍ଚାଳନ ପାଇଁ ଯେଉଁ ଶକ୍ତି ଆବଶ୍ୟକ ହୁଏ, ତାହା ସୂର୍ଯ୍ୟଙ୍କଠାରୁ ପ୍ରାପ୍ତ ହୋଇଥାଏ ।

ସୂର୍ଯ୍ୟ ଆକାରରେ ପୃଥିବୀଠାରୁ ୧.୩ ନିୟୁତ ଗୁଣ ବଡ଼ । ସୂର୍ଯ୍ୟ କିରଣର ବିକିରିତ ପୌନଃପୁନିକତା (frequency of radiation) ମୋଟ ୨ ବିଲିଅନ୍ (୧ ବିଲିଅନ୍ = ୧,୦୦୦,୦୦୦,୦୦୦ = ୧ ଶହ କୋଟି = ୧ ବୃନ୍ଦ) ଭାଗରୁ ମାତ୍ର ଏକ ଭାଗ ପୃଥିବୀ ଲାଭ କରିଥାଏ ଏବଂ ବିଦ୍ୟୁତ୍-ଚୁମ୍ବକୀୟ ବର୍ଣ୍ଣାଳୀରୁ ମଧ୍ୟ ଶତକଡ଼ା ୧ ଭାଗ ଚକ୍ଷୁ ଗ୍ରହଣ କରିଥାଏ । ପୁନଶ୍ଚ ସୂର୍ଯ୍ୟ କିରଣ ପୃଥିବୀକୁ ପ୍ରତି ବର୍ଗ ମାଇଲରେ ୪.୬୯ ନିୟୁତ ଅଶ୍ୱ-ଶକ୍ତି (horse-power) ଯୋଗାଇ ଦେଇଥାଏ, ଯାହା ପୃଥିବୀ ପାଇଁ ଯଥେଷ୍ଟ ହୋଇଥାଏ ।[୧]

ସୌରଶକ୍ତି ଫୋଟନ୍ ନାମକ କଣିକା ମାଧ୍ୟମରେ ବିକିରିତ ହୁଏ ଯାହା ପରମାଣୁ ଠାରୁ ବି ଛୋଟ । ଏଗୁଡ଼ିକ ତରଙ୍ଗାୟିତ ଭାବରେ ୧୬୦ – ୧୫୦୦ ନାନୋମିଟର ବିନ୍ୟାସରେ ଗତି କରେ (୧ ନାନୋମିଟର = ୧ ମିଟରର ୧ ଶହ କୋଟି ଭାଗରୁ ୧ ଭାଗ = $୧୦^{-୯}$) । ତେବେ ସୌର ତରଙ୍ଗର ତରଙ୍ଗ ଦୈର୍ଘ୍ୟ (Wave length) ୪୦୦ – ୭୮୦ ନାନୋମିଟର ମଧ୍ୟରେ ଥିଲେ, ମଣିଷର ଚକ୍ଷୁ ଏହାକୁ ଦୃଶ୍ୟମାନ ଆଲୋକ ଭାବରେ ଗ୍ରହଣ କରିଥାଏ । ଅବଶ୍ୟ ଅଧିକାଂଶ ସୌର ତରଙ୍ଗ ପ୍ରାୟ ଏହି ବିନ୍ୟାସରେ ପୃଥିବୀରେ ପହଞ୍ଚେ । ଏହି ଦୃଶ୍ୟମାନ ଆଲୋକ ସହିତ ସୂର୍ଯ୍ୟ ଅପେକ୍ଷାକୃତ କମ୍ ଓ ଅପେକ୍ଷାକୃତ ଅଧିକ ତରଙ୍ଗ ଦୈର୍ଘ୍ୟ ଯୁକ୍ତ ଆଲୋକ ପ୍ରଦାନ କରିଥା'ନ୍ତି । ତରଙ୍ଗ ଦୈର୍ଘ୍ୟ ୧୬୦ – ୪୦୦ ନାନୋମିଟର ରହିଲେ ଏହାକୁ ଅତିବାଇଗଣି କିରଣ (Ultra Violet ray) କୁହାଯାଏ । ଏହା ଅଧିକ ଉଚ୍ଚ ସ୍ତରର ଫୋଟନ୍ ଶକ୍ତିକୁ ବହନ କରେ । ତରଙ୍ଗ ଦୈର୍ଘ୍ୟ ୭୮୦ – ୧,୫୦୦ ନାନୋମିଟର ରହିଲେ ଏହାକୁ ଅବଲୋହିତ କିରଣ (Infra

red ray) କୁହାଯାଏ । ଏହା କମ୍ ସ୍ତରର ଫୋଟନ୍ ଶକ୍ତି ବହନ କରେ । ଏହି ଉଭୟ ପ୍ରକାରର ଶକ୍ତିସ୍ତରର କାର୍ଯ୍ୟ ପୃଥିବୀପୃଷ୍ଠରେ ଗୁରୁତ୍ୱପୂର୍ଣ୍ଣ ।[୨]

ସୂର୍ଯ୍ୟଙ୍କଠାରୁ ସର୍ବଦା 'ଓଁ' ଶବ୍ଦ ସୃଷ୍ଟି ହୋଇ ଚାଲିଛି । ଓଁ ଶବ୍ଦ ଅ, ଉ, ମ – ଏହି ତିନିଟି ଧ୍ୱନିରୁ ସୃଷ୍ଟି । ଯେତେବେଳେ ମନୁଷ୍ୟ 'ଓଁ'କାର କରେ, ପ୍ରଥମରେ 'ଅ' ଧ୍ୱନି ଯେଉଁ ସ୍ପନ୍ଦନ ସୃଷ୍ଟି କରେ ତାହା ମେରୁଦଣ୍ଡ ଉପରେ ପ୍ରଭାବ ପକାଏ । ଦ୍ୱିତୀୟରେ 'ଉ' ଧ୍ୱନି ଗଳାରେ କମ୍ପନ ସୃଷ୍ଟି କରି ଥାଇରଏଡ୍ (Thyroid) ଗ୍ରନ୍ଥିରେ ପ୍ରଭାବ ପକାଏ ଏବଂ ତୃତୀୟରେ 'ମ' ଧ୍ୱନି ମସ୍ତିଷ୍କରେ ସ୍ପନ୍ଦନ ସୃଷ୍ଟି କରି ଏହାର କେନ୍ଦ୍ରକୁ କ୍ରିୟାଶୀଳ କରାଏ । ଫଳରେ ଦକ୍ଷତା, ଏକାଗ୍ରତା, ସ୍ମୃତିଶକ୍ତି ଏବଂ ଗ୍ରହଣଶୀଳତା ବୃଦ୍ଧିପ୍ରାପ୍ତ ହୁଏ । ପୁନଶ୍ଚ 'ଅ' ଧ୍ୱନି ଜାଗ୍ରତ୍ ଅବସ୍ଥା, 'ଉ' ଧ୍ୱନି ସ୍ୱପ୍ନାବସ୍ଥା ଏବଂ 'ମ' ଧ୍ୱନି ସୁଷୁପ୍ତି ଅବସ୍ଥାକୁ ମଧ୍ୟ ସୂଚିତ କରେ ।

ସେହିପରି ହିନ୍ଦୁ ଧର୍ମରେ ଶୁଭର ପ୍ରତୀକ ହେଉଛି ସ୍ୱସ୍ତିକ ବା ସୂର୍ଯ୍ୟଚକ୍ର ଚିହ୍ନ । ଏହା ମଧ୍ୟ ବୌଦ୍ଧ ଶିଳାଲିପି ଓ ଗ୍ରୀକ୍ ମୁଦ୍ରାରେ ଦେଖାଯାଏ । ସୂର୍ଯ୍ୟ ଉପାସନାରେ ସ୍ୱସ୍ତିକ ଚିହ୍ନ ସ୍ୱର୍ଗରେ ସୂର୍ଯ୍ୟଙ୍କ ଗତିପଥକୁ ସୂଚିତ କରେ ।

ସୂର୍ଯ୍ୟ ମନୁଷ୍ୟକୁ ନୀରୋଗତା ପ୍ରଦାନ କରନ୍ତି । ମହାଜାଗତିକ ରଶ୍ମିପୁଞ୍ଜ 'ବାଘନିସହନାଲା' ହେଉଛି ସୂର୍ଯ୍ୟଙ୍କର ସପ୍ତରଶ୍ମି ବା ସପ୍ତରଙ୍ଗର ସମାବେଶ । ବାସ୍ତବରେ ଏସବୁ ହେଲେ ଶକ୍ତିର ତରଙ୍ଗ ଏବଂ ଜୀବ ଓ ଜଡ଼ ଜଗତର ସକଳ ସୃଷ୍ଟିର ମୂଳଭିତ୍ତି ଏବଂ ସୃଷ୍ଟିର ମୌଳିକ ଉପାଦାନ ମଧ୍ୟ । ସୂର୍ଯ୍ୟଙ୍କର କିରଣ ଯେଉଁଠି ପହଞ୍ଚେ, ସେଠାରେ ରୋଗ ଜୀବାଣୁ ମରିଯା'ନ୍ତି ବା ରୋଗ ସୃଷ୍ଟି ହୁଏ ନାହିଁ । ସପ୍ତରଙ୍ଗ ବିଶିଷ୍ଟ ରଶ୍ମି ପ୍ରବାହ ବର୍ଷର ସବୁ ସମୟରେ ସମାନ ଭାବରେ ପୃଥିବୀରେ ବିଚ୍ଛୁରିତ ହୋଇ ନଥାଏ । ସୂର୍ଯ୍ୟଙ୍କଠାରୁ ଗ୍ରହ, ଉପଗ୍ରହ ଓ ନକ୍ଷତ୍ର ସବୁର ଦୂରତ୍ୱ ଭିନ୍ନ ଭିନ୍ନ ହୋଇଥିବାରୁ ଜୀବଜଗତର ପରିବର୍ତ୍ତନ ହେବା ଅତ୍ୟନ୍ତ ସ୍ୱାଭାବିକ ହୋଇଥାଏ ।

ପୁନଶ୍ଚ ସୂର୍ଯ୍ୟ କିରଣରେ ଭିଟାମିନ୍-ଡି ରହିଥିବାରୁ ଏହା ଚର୍ମ ସଂସ୍ପର୍ଶରେ ଆସିଲେ ଚର୍ମ ସେହି ଆଲୋକକୁ ଶୋଷଣ କରିନିଏ । ତ୍ୱଚା ତଳେ ଥିବା ଏକ ତୈଳଯୁକ୍ତ ପଦାର୍ଥ ଏହି କିରଣକୁ ଶୋଷଣ କରି ଭିଟାମିନ୍-ଡିରେ ପରିଣତ କରିଥାଏ । ଏହା ଏକ ପ୍ରକାର ଭିଟାମିନ୍, ଯାହାକୁ ମଣିଷର ଶରୀର ନିଜେ ନିଜେ ପ୍ରସ୍ତୁତ କରିଥାଏ ଏବଂ ଏହା ତାହା ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ ମଧ୍ୟ । ଏହି ଭିଟାମିନ୍ ଦ୍ୱାରା ଶରୀର ଖଣିଜ ତତ୍ତ୍ୱ, କାଲ୍‌ସିୟମ୍ ଏବଂ ଫସ୍‌ଫରସକୁ ବ୍ୟବହାର କରିଥାଏ । ଫଳରେ ଶରୀରର ସଂରଚନା, ଅସ୍ଥି ଓ ଦାନ୍ତ ଇତ୍ୟାଦିର ନିର୍ମାଣ ହୋଇଥାଏ ।[୩]

ସୌରଶକ୍ତି ବ୍ୟବହାର କରି ଆକର୍ଷଣୀୟ ଓ ଲୋକପ୍ରିୟ ସୌର ଲଣ୍ଠନ ତିଆରି ହୋଇଛି । ଏହାକୁ ଥରେ ୫-୬ ଘଣ୍ଟା ପର୍ଯ୍ୟନ୍ତ ବୈଦ୍ୟୁତିକ ଶକ୍ତି ଦ୍ୱାରା ପୂର୍ଣ୍ଣ (ଚାର୍ଜ) କଲେ, ଏହା ଯଥେଷ୍ଟ ପରିମାଣରେ ଆଲୋକ ପ୍ରଦାନ କରିଥାଏ । ଏହାକୁ ନିୟମିତ ସମାନଭାବେ ରିଚାର୍ଜ କରି ୨୦-୩୦ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରେ । ଗୁଜରାଟର ନର୍ମଦା ନଦୀ ଉପକଣ୍ଠରେ ୬୦୦ ମେଗାୱାଟର ସର୍ବ-ବୃହତ୍ ସୌରଶକ୍ତି ପାର୍କ ନିର୍ମାଣ କରାଯାଇଛି ଯାହା ଆଲୋକ ଦେବା ସଙ୍ଗେ ସଙ୍ଗେ ନର୍ମଦା କେନାଲକୁ ଜଳ ଶୁଷ୍କତାରୁ ରକ୍ଷା କରିପାରୁଛି । ଅର୍ଥାତ୍, ଏହା ୨ ନିୟୁତ ଲିଟର ପାଣି ଶୁଖି ଯିବାର ସମ୍ଭାବନାରୁ ରକ୍ଷା କରିପାରୁଛି । ଅବଶ୍ୟ ୨୦୨୨ ମସିହା ସୁଦ୍ଧା ୨୦,୦୦୦ ମେଗାୱାଟ ସୌରଶକ୍ତି ସୃଷ୍ଟି କରାଯିବା ଲାଗି ଭାରତ ଲକ୍ଷ୍ୟ ରଖିଛି ।

ଅନ୍ୟ ଏକ ସମ୍ଭାବନା ଅଛି ଯେ ସୌରଶକ୍ତି ମାଧ୍ୟମରେ କୃତ୍ରିମ ଉପଗ୍ରହକୁ ଭୂକେନ୍ଦ୍ରୀୟ ଭାବରେ ସ୍ଥାପନ କରି ବିରାଟ ଆଣ୍ଟେନା ସାହାଯ୍ୟରେ ସୌର ବିକିରଣକୁ ଧରି ରଖାଯିବ ଯାହା ସୌର ବିଦ୍ୟୁତ୍‌ରେ ପରିବର୍ତ୍ତିତ ହେବ । ଏହିପରି ଭାବରେ ସୂର୍ଯ୍ୟକିରଣଠାରୁ ମାନବଜାତି ଅଧିକରୁ ଅଧିକ ସେବା ପାଇପାରିବ ।

ବାସ୍ତବରେ ଏ ସୂର୍ଯ୍ୟ କିଏ; ଯାହାଙ୍କର ଶକ୍ତି, ଆଲୋକ, ଉତ୍ତାପ, ଉଦୟ ଓ ଅସ୍ତକୁ ନେଇ ମାନବଜାତିର ଏତେ ଚର୍ଚ୍ଚା ! ଆସନ୍ତୁ ଜାଣିବା, କିପରି ଗଭୀର ମହାକାଶ ମଧ୍ୟରେ ବର୍ତ୍ତମାନ ସମୟରେ ସୂର୍ଯ୍ୟଙ୍କୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ସଂଘଟିତ ହେବାକୁ ଯାଉଛି, ଯାହା ତାଙ୍କର ପରିଚୟକୁ ଅଧିକ ରହସ୍ୟମୟ କରି ଦେଉଛି ।

ଆମ ପୃଥିବୀ ଏବଂ ସୌରଜଗତର ଅନ୍ୟ ଗ୍ରହଗୁଡ଼ିକ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ପରିକ୍ରମଣ କରନ୍ତି । ସୂର୍ଯ୍ୟ ମଧ୍ୟ ଅନ୍ୟ ଏକ ବଡ଼ ନକ୍ଷତ୍ର 'ଆଲସିଓନ' (Alcyone)କୁ ପ୍ରଦକ୍ଷିଣ କରନ୍ତି । ଏହାକୁ କୁହାଯାଏ କେନ୍ଦ୍ରୀୟ ସୂର୍ଯ୍ୟ । ପୁନଶ୍ଚ ଆଲସିଓନ ଅନ୍ୟ ଏକ ବୃହଦାକାର ନକ୍ଷତ୍ର 'ସାଇରିଅସ୍' (sirius) ଚତୁଃପାର୍ଶ୍ୱରେ ପରିକ୍ରମଣ କରେ । ଏହାକୁ କୁହାଯାଏ ବୃହତ୍ତର

କେନ୍ଦ୍ରୀୟ ସୂର୍ଯ୍ୟ । ସୂର୍ଯ୍ୟ ନିଜ କକ୍ଷ-ପଥରେ ଗଭୀର ମହାକାଶରେ ଘୂରିବା ସମୟରେ ସୂକ୍ଷ୍ମ ସ୍ତରର ବିଭିନ୍ନ ଶକ୍ତି କ୍ଷେତ୍ର ସହିତ ସମ୍ମୁଖୀନ ହୋଇଥା'ନ୍ତି । ଏବେ ପୃଥିବୀ ସାଇରିଅସ୍ (Sirius) ନକ୍ଷତ୍ରର ଶକ୍ତିକ୍ଷେତ୍ର ମଧ୍ୟକୁ ପ୍ରବେଶ କରିବାରେ ଲାଗିଛି । ଏହି ଶକ୍ତି କ୍ଷେତ୍ରକୁ 'ଫୋଟନ ବେଲ୍ଟ' କୁହାଯାଏ । ଫୋଟନ ବେଲ୍ଟ ଶକ୍ତିର ରଙ୍ଗ ନୀଳ । ଏହାର ସ୍ପନ୍ଦନ ଖୁବ୍ ତୀବ୍ର ଆବୃତି (High vibratory frequency) ଯୁକ୍ତ ହୋଇଥିବାରୁ ଏ ବେଲ୍ଟର ପରିସର ମଧ୍ୟରେ କୌଣସି ନକାରାତ୍ମକ କ୍ରିୟାକଳାପ ହୋଇପାରିବ ନାହିଁ । ସାଧାରଣତଃ ମଣିଷମାନେ ଅହଙ୍କାର, ଅର୍ଥଲୋଭ, କ୍ଷମତା ଓ ଯଶଃ ପ୍ରାପ୍ତି ଆଦିର ଅଧୀନ ହୋଇଥା'ନ୍ତି । ତେବେ ଯେଉଁମାନେ ନିରୀହ, ସାଧୁ, ନିଃସ୍ୱାର୍ଥପର ଏବଂ ଉତ୍ତମ ପ୍ରକୃତିର ଏବଂ ଯେଉଁମାନଙ୍କ ହୃଦୟ କରୁଣା ଓ ପ୍ରେମରେ ପୂର୍ଣ୍ଣ, ସେମାନେ ଫୋଟନ ବେଲ୍ଟ ମଧ୍ୟରେ ପ୍ରବେଶ କରିବା ସମୟରେ ବିସ୍ମୟକର ଅଭିଜ୍ଞତା ଲାଭ କରିବେ । କାରଣ, ଏହିସବୁ ପ୍ରକୃତି ଫୋଟନ ବେଲ୍ଟର ସ୍ପନ୍ଦନ ସହିତ ସମନ୍ୱୟ ରକ୍ଷା କରେ ।[୪]

ପୁନଶ୍ଚ ଏହି ସମୟ ମଧ୍ୟରେ ପୃଥିବୀର ମେରୁଦ୍ୱୟର ଅବସ୍ଥିତି ଅଦଳ ବଦଳ ହେଉଥିବାରୁ ପୃଥିବୀରେ ବଡ଼ ବଡ଼ ଘଟଣାର ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ଅଛି । ଏହାର ପ୍ରଭାବରେ ଲୋକମାନେ ଶାକାହାରୀ ହେବେ ଏବଂ ମଦ୍ୟପାନ ବନ୍ଦ ହେବ । ପରିବେଶକୁ କ୍ଷତି ପହଞ୍ଚାଉଥିବା ପ୍ଲାଷ୍ଟିକ ଭଳି ଅନେକ କୃତ୍ରିମ ଜିନିଷର ବ୍ୟବହାର ବନ୍ଦ ହେବ ଏବଂ ସୂତା ପୋଷାକର ବ୍ୟବହାର ବଢ଼ିବ । ବିଦ୍ୟୁତ୍ ଶକ୍ତି ବଦଳରେ ବାୟୁମଣ୍ଡଳରୁ ଅନ୍ୟ କିଛି ଶକ୍ତିର ବ୍ୟବହାର କରାଯିବ । ଏପରିକି କିଛି ଲୋକ ଖାଦ୍ୟ ବଦଳରେ ପ୍ରାଣଶକ୍ତି ଉପରେହିଁ ବଞ୍ଚି ରହିବେ । ଆହୁରି ମଧ୍ୟ ଅଧିକ ସଚେତନଯୁକ୍ତ ନୂତନ ପ୍ରଜାତିର ଜୀବ ସୃଷ୍ଟି ହେବେ । ପୃଥିବୀର ସବୁକିଛି ପରିବର୍ତ୍ତିତ ହେବ ଏବଂ ମଣିଷ ଦିବ୍ୟଆଲୋକ ଓ ଦିବ୍ୟପ୍ରେମ ମଧ୍ୟରେହିଁ ବଞ୍ଚିରହିବ । ସମ୍ଭବତଃ, ଏହା ଶ୍ରୀଅରବିନ୍ଦଙ୍କ ବର୍ଣ୍ଣିତ ଦିବ୍ୟମାନବର କଥା !

ଅଳ୍ପ କିଛି ବର୍ଷ ପୂର୍ବରୁ ବିସ୍ମୟକର ଓ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଜଣେ ସାଧ୍ୱୀ ଧ୍ୟାନରତା ଥିବା ସମୟରେ ତାଙ୍କର ଦିବ୍ୟଦୃଷ୍ଟି (vision)ରେ ଦେଖିଲେ ଯେ ପୃଥିବୀ ଫୋଟନ୍ ବେଲ୍ଟ ମଧ୍ୟକୁ ପ୍ରବେଶ କରୁଛି । ଲୋକମାନେ ଏଆଡ଼େ ସେଆଡ଼େ ଓ ବିଶୃଙ୍ଖଳିତ ଭାବରେ ଘୂରି ବୁଲୁଛନ୍ତି ଏବଂ ପ୍ରଚଳିତ କାଗଜ ନୋଟ ଚାରିଆଡ଼େ ଉଡ଼ିବୁଲୁଛି । ମାତ୍ର ସେସବୁକୁ ଧରିବା ପାଇଁ କୌଣସି ଲୋକର ଆଗ୍ରହ ନାହିଁ ।[୫]

ସମ୍ଭବତଃ ସେହି ଦିବ୍ୟଦୃଷ୍ଟି ସହିତ ବର୍ତ୍ତମାନର ଭାରତୀୟ ବିମୁଦ୍ରୀକରଣ ଅର୍ଥନୀତି ସାଦୃଶ୍ୟ ବହନ କରୁଛି ! ତେବେ ଭାରତ ପାଇଁ ଏ ପ୍ରକାର ଅର୍ଥନୀତି କେତେଦୂର ଉପଯୋଗୀ, ତାହା ସମୟହିଁ କହିବ ।

ଜୀବ ଓ ଜଡ଼ ଜଗତ୍ – ଏ ସମସ୍ତ ସୃଷ୍ଟିର ମୂଳଭିତ୍ତି ଏବଂ ସକଳ ଶକ୍ତିର ଆଧାର ଯେଉଁ ସୂର୍ଯ୍ୟ, ଯାହାଙ୍କର 'ଅତିବାଇଗଣୀ ରଶ୍ମି' ଓ 'ଅବଲୋହିତ ରଶ୍ମି' ଏ ପୃଥିବୀକୁ କ୍ରିୟାଶୀଳ କରି ସମଗ୍ର ଜଗତକୁ ତିଷ୍ଠି ରଖିବାରେ ସାହାଯ୍ୟ କରିଥାଏ, ତାଙ୍କର ଉଦୟକାଳୀନ ରଶ୍ମି ପ୍ରଥମେ କେଉଁଠାରେ ପତିତ ହୁଏ ?

(କ୍ରମଶଃ) ❑


## ତଥ୍ୟ-ନିର୍ଦ୍ଦେଶିକା

୧. Bhavan's Journal, August 31, 2005, page – 90

୨. Internet

୩. ଅଖଣ୍ଡ ଜ୍ୟୋତିଃ – ଅଗଷ୍ଟ ୨୦୧୨, ପୃ. ୩୦

୪. 2012 End or beginning, by Members of Study Centre. Published by Manas Foundation (R), Taponagara, Chikkagubbi, Bangalore. p. 1-2

୫. ତତ୍ରୈବ – ପୃ. ୪୯

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୬)

## ସାହାନା ଦେବୀ

**ସାହାନା :** ମା', ଗତକାଲିଠାରୁ, ମୁଁ ଅତ୍ୟଧିକ ମନସ୍ତାପରେ ଅଛି । ନାନାପ୍ରକାର ଯନ୍ତ୍ରଣାଦାୟକ ସ୍ମୃତିସବୁ ଖୁବ୍ କଷ୍ଟ ଦେଉଛି । ଅଭିମାନ ମଧ୍ୟ ଖୁବ୍ ହେଉଛି, ଚେଷ୍ଟା କରୁଛି ପରିବର୍ଜନ କରିବାକୁ, କିନ୍ତୁ କୌଣସିମତେ ପରିବର୍ଜନ କରିପାରୁନି ମା' । ତା'ପରଠାରୁ ଅବସାଦ ମୋତେ ଘେରି ରହିଛି; ଦେଖୁଛି ମୋର ବୋଧହୁଏ ଆଉ କିଛି ହେବାର ଆଶା ନାହିଁ, ମୁଁ ତ ପରିବର୍ଜନହିଁ କରି ପାରୁନି – ଏପରିକି ଯେତେ ପ୍ରକାର ନିଜକୁ କଷ୍ଟ ଦେବାର ଝୁଙ୍କ ବଢ଼ି ଯାଉଛି – ଶେଷରେ ଚରମପନ୍ଥା ଯାହା ହେବା କଥା ତାହାହିଁ ହେଲା, ଏଇ ଦେହ ଏଇ ଉପାଦାନ ନେଇ ମୋର ସାଧନା କରିବା ସକାଶେ ପ୍ରୟାସ କରିବାର କୌଣସି ଅର୍ଥ ନାହିଁ । ଅତଏବ ଏଇ ଦେହ ଛାଡ଼ିଦେବା ବରଂ ଭଲ । ବଞ୍ଚି ରହିବାର ଆଉ କୌଣସି ଆବଶ୍ୟକତା ମନେ କରୁନି । ଏମିତି କିଛି ଭାବନା ଆସିଗଲେ ତୁମମାନଙ୍କୁ ସବୁକଥା କହିବାର ପ୍ରବଣତା ମଧ୍ୟ ଚାଲିଯାଏ । ଏଇ 'ଆଟିଚିଉଡ୍' ନେଇ ଯେତେବେଳେ ମରିବି ସେତେବେଳେ ସେମାନଙ୍କୁ ଆଉ ବିରକ୍ତ କରିବି ନାହିଁ – ଯେତେ ପ୍ରକାରର ଦୁଃଖଦାୟକ, ନୈରାଶ୍ୟପୂର୍ଣ୍ଣ କଥା ମଣିଷ ଭାବିପାରେ ତା'ର କୌଣସି କିଛିକୁ ବାକୀ ରଖିନି । ନିଜ ଉପରେ ଖୁବ୍ କ୍ରୋଧ ଆସୁଛି । କେମିତି ଏକ ଗୋଳମାଳର ବ୍ୟାପାର ପରି ଲାଗୁଛି । ଏପରି ହେବାର କୌଣସି ଏକ କାରଣ ମୁଁ ନିଜେ ଖୋଜି ବାହାର କରି ପାରୁନି ମା' । ଅଥଚ ଏଇ ପ୍ରକାରର ଅବସ୍ଥା ଯେତେବେଳେ କଟିଯାଏ ଏମିତି ହସ ଲାଗେ ଯେ, ଭାବିବାକୁ ଲଜ୍ଜା ଲାଗେ । ଏଇ ସମସ୍ତ ବ୍ୟାପାରଟି ଖୁବ୍ ନାଟକୀୟ, ଅଥଚ ଖୁବ୍ ଜୋର୍‌ରେ ଏହା ଦୋହଲାଇ ମଧ୍ୟ ଦିଏ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଅକ୍ଷମତା, ଏଠାରୁ ପଳାୟନ କରିବାର ଇଚ୍ଛା (ମୃତ୍ୟୁ କାମନା ମଧ୍ୟ) ଏଇସବୁ କୁପରାମର୍ଶ – ଏଇ ପ୍ରକାର କୁମନ୍ତ୍ରଣା ଦେବାକୁ ବିରୋଧିଶକ୍ତି ପ୍ରତି କ୍ଷେତ୍ରରେ ଚେଷ୍ଟା କରୁଛି । ଏଇ ସମସ୍ତ ଘଟଣାଟି ତୁମ ପକ୍ଷରେ ଅତି ଉଦ୍ଭଟ, ଅର୍ଥହୀନ – ପୁରାତନ ଗତିବୃତ୍ତିର ଯାନ୍ତ୍ରିକଭାବେ ପୁନରାଗମନ । କିନ୍ତୁ ପ୍ରାୟ ତୁମ ଶରୀରରେ କେଉଁଠି କିଛି ସଙ୍କେତ ଥିଲା ଯେଉଁଥିପାଇଁ (ଯନ୍ତ୍ରର) ବୋତାମ ଟିପିବା ମାତ୍ରେ ଯନ୍ତ୍ର ପୁଣି ଘୂରିବାକୁ ଆରମ୍ଭ କରିଛି । ଫଳତଃ କର୍ମରେ ତୁମେ ଖୁବ୍ ସତର୍କ ରହିବ ବିଶେଷ କରି କୌଣସି ଅବସାଦ ଆସିବାକୁ ଆରମ୍ଭ କରିଲେହିଁ ତା' ବିରୋଧରେ ତତ୍‌କ୍ଷଣାତ୍ ପ୍ରତିଘାତ କରିବ – ଶାରୀରିକ ଦୁର୍ବଳତାକୁ କୌଣସିମତେ ମାନସିକ ଅବସନ୍ନତା ସହ ଏକ ସଙ୍ଗେ ଆସିବାକୁ ଦେବ ନାହିଁ, କାରଣ ତାହାହିଁ ହେଉଛି ପ୍ରବେଶ ଦ୍ୱାର ଯାହା ମଧ୍ୟ ଦେଇ ସେ ଭିତରକୁ ପ୍ରବେଶ କରିବାର ସୁଯୋଗ ପାଇଛି ।

(୧୩.୯.୩୩)

**ସାହାନା :** ମା' ଗୋ, ଆଜି ଶ୍ରୀଅରବିନ୍ଦଙ୍କ ପତ୍ରରୁ ସମସ୍ତ ଘଟଣାଟିର ବିଶଦ ବ୍ୟାଖ୍ୟା ପଢ଼ି ବୁଝାଗଲା ଯେ କେତେ ପ୍ରକାରର ଶକ୍ତି ଅଛି, ଆଉ ମଧ୍ୟ ସେମାନେ କି କଷ୍ଟ ନ ଦିଅନ୍ତି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ପ୍ରକୃତପକ୍ଷେ ଏହା ମୂଳତଃ ଏକହିଁ ଶକ୍ତି ନାନା ରୂପ ଧାରଣ କରି ଆସୁଛି । ବିଭିନ୍ନ ଉପାୟ ଅବଲମ୍ବନ କରୁଛି ଆଗକୁ ମାଡ଼ି ଯିବାକୁ ଅବା କାର୍ଯ୍ୟ କରୁଛି ପ୍ରକୃତିର ଭିନ୍ନଭିନ୍ନ ସ୍ତରରେ ।

(୧୩.୯.୩୩)

**ସାହାନା :** ବେଳେବେଳେ ଖୁବ୍ ବିରକ୍ତ ଲାଗେ ଯେ ଯେଉଁ ସବୁ ଜିନିଷ ଅବିମିଶ୍ର ଅବା ବିଶୁଦ୍ଧଭାବେ ତାହିଁ ପାରିଲେହିଁ ସାଧନା ଏକମୁଖୀ ହୋଇପାରେ; ହେଲେ ମୋର ତ କୌଣସିଟାହିଁ ଅହଂକାର ବ୍ୟତୀତ ହେଉ ନାହିଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏ ତ ସମସ୍ତଙ୍କ ପକ୍ଷରେ ହୋଇଥାଏ । ମାନବ ପ୍ରକୃତିରେ ତା'ର ସମସ୍ତ ଉପାଦାନରେ ଅହଂକାରର ସୂତ୍ର ଓତପ୍ରୋତ ଭାବେ ଜଡ଼ିତ । ଏପରିକି ଯେତେବେଳେ କେହି ଏହାଠାରୁ ଦୂରକୁ ଘୁଞ୍ଚି ଯିବାକୁ ଚେଷ୍ଟା କରେ, ଏହା କିନ୍ତୁ ସାମନାରେ କିଂବା ସବୁ ଚିନ୍ତା ଏବଂ କର୍ମର ପଶ୍ଚାତରେ ଛାଇ ପରି ଲାଗି ରହିଥାଏ । ଏହାକୁ ଦେଖି ଚିହ୍ନି ପାରିବା ହେଉଛି ପ୍ରଥମ ପଦକ୍ଷେପ – ଅହଂକାର ଗତିବିଧିର ଅସତ୍ୟତା, ଅର୍ଥଶୂନ୍ୟ ତୁଚ୍ଛତା ଇତ୍ୟାଦିକୁ ଧରିପାରିବା ହେଉଛି

*(ଅବଶିଷ୍ଟାଂଶ ପୃଷ୍ଠା ୪୮ ରେ ଦେଖନ୍ତୁ)*

# ଆମ ସ୍ୱାସ୍ଥ୍ୟ

## (୧୯)

ଭୋଳେଶ୍ୱର ଭୂୟାଁ

### ବେକର ବ୍ୟାୟାମ

ବେକ ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ । ଆମ କଣ୍ଠ ପ୍ରଦେଶରେ ଏକ ମହାନ୍ ଗ୍ରନ୍ଥିକେନ୍ଦ୍ର ରହିଛି । ଏହାକୁ ବ୍ୟମଗ୍ରନ୍ଥି କୁହାଯାଏ । ଏହି ଗ୍ରନ୍ଥିକେନ୍ଦ୍ର ଚାରୋଟି ପ୍ରଧାନ ଗ୍ରନ୍ଥିକୁ ନେଇ ଗଠିତ – ଇନ୍ଦ୍ରଗ୍ରନ୍ଥି (Thyroid), ଉପେନ୍ଦ୍ରଗ୍ରନ୍ଥି (Para-Thyroid), ତାଳୁଗ୍ରନ୍ଥି (Tonsil), ଲାଳଗ୍ରନ୍ଥି (Salivary Gland) । ଏହି ଗ୍ରନ୍ଥିସବୁରୁ ତିଆରି ହେଉଥିବା ବିଭିନ୍ନ ରସ ରୋଗର ବିଷକୁ ନାଶ କରି ଶରୀରକୁ ସୁସ୍ଥ-ସବଳ ଓ ନୀରୋଗ ରଖେ । ଏହି ଗ୍ରନ୍ଥିଗୁଡ଼ିକ ସୁସ୍ଥ-ସବଳ ଥିଲେ ଶରୀରର ଅନ୍ୟ ଗ୍ରନ୍ଥିମାନେ ମଧ୍ୟ ସୁସ୍ଥ ରହନ୍ତି । ଗ୍ରନ୍ଥିରୁ ନିଃସୃତ ହେଉଥିବା ଅନ୍ତର୍ମୁଖୀ ରସର ସୂକ୍ଷ୍ମାଂଶ ଦ୍ୱାରା ଆମର ମନ ଗଠିତ ହୁଏ । ବ୍ୟମଗ୍ରନ୍ଥି ବିକାଶ ହେଲେ ମଣିଷ ସତ୍ତ୍ୱ ଗୁଣର ଅଧିକାରୀ ହୁଏ । ପୁରୁଷମାନଙ୍କଠାରୁ ସ୍ତ୍ରୀଲୋକଙ୍କର ଏହି ଗ୍ରନ୍ଥି ଟିକିଏ ବେଶୀ ବିକଶିତ । ତେଣୁ ସ୍ତ୍ରୀଲୋକଙ୍କ ଭିତରେ ସ୍ୱାଭାବିକଭାବେ ସ୍ନେହ, ମମତା, ଭଲପାଇବା, ନିଃସ୍ୱାର୍ଥପରତା ଆଦି ଗୁଣର ଉତ୍କର୍ଷ ସାଧନ ହୋଇଥାଏ । ଏହି ଗ୍ରନ୍ଥି ବିକୃତ ହେଲେ ମଣିଷ ସ୍ୱଭାବରେ ଆଉ ପ୍ରଶାନ୍ତି ଓ ସାମ୍ୟଭାବ ରହେ ନାହିଁ, ସେ ଉଚ୍ଚ ଚିନ୍ତା ବା କୌଣସି ବିଷୟ ନେଇ ଗଭୀର ଚିନ୍ତା କରିପାରେ ନାହିଁ; ତା'ଭିତରେ ଆଳସ୍ୟ, କର୍ମ-ବିମୁଖତା ଦେଖାଦିଏ ।

ତେଣୁ ଆମର ବେକର ବ୍ୟାୟାମକୁ ଅଧିକ ପ୍ରାଧାନ୍ୟ ଦେବାକୁ ହେବ । ଆମ କଣ୍ଠ ପ୍ରଦେଶରେ ଯେଉଁ ଘଣ୍ଟିକା ନଳୀ ରହିଥାଏ – ଯେଉଁଥିରୁ ଆମେ ସ୍ୱର ବାହାର କରି କଥାବାର୍ତ୍ତା କରିଥାଉ, ସେଠାରେ Thyroid ଓ Para-Thyroid ଗ୍ଲାଣ୍ଡ ମଧ୍ୟ ରହିଥାଏ । Thyroid ଗ୍ଲାଣ୍ଡରୁ ଯେଉଁ ରସ (Hormone) ଉତ୍ପନ୍ନ ହୁଏ ତାହା ଶରୀରର କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାକୁ ପୁଷ୍ଟ କରିଥାଏ । ବିଶେଷ କରି ଶିଶୁ ଓ ଶୈଶବ ଅବସ୍ଥାରେ ଏହା ଶରୀରର ମସ୍ତିଷ୍କ ଗଠନ କରିଥାଏ । ଜନ୍ମର ଛଅ ମାସ ଭିତରେ ଏ କାମ ହୋଇଥାଏ । ପରେ ଏହା ଶରୀରର ଅନ୍ୟ ଅଙ୍ଗ-ପ୍ରତ୍ୟଙ୍ଗମାନଙ୍କର ବିକାଶରେ ମଧ୍ୟ କାମ କରିଥାଏ । ବିଶେଷ କରି ଏହା ଶରୀରର ହାଡ଼ର ବୃଦ୍ଧି କରି ଆମର ଉଚ୍ଚତା ବଢ଼ାଇ ଥାଏ ।

ଶରୀର ବୃଦ୍ଧି କରିବା ଛଡ଼ା ଏହା ନିମ୍ନଲିଖିତ କ୍ରିୟା ମଧ୍ୟ କରିଥାଏ :

**ସ୍ନାୟୁମଣ୍ଡଳ ଉପରେ କ୍ରିୟା :** Thyroidରୁ ନିଃସୃତ ହେଉଥିବା ରସ ଆମ ଶରୀରର ରାସାୟନିକ ପ୍ରକ୍ରିୟାକୁ ବୃଦ୍ଧି କରିଥାଏ । ଏହା ଦ୍ୱାରା ଆମ ଶରୀରର ଉତ୍ତାପ, ହୃଦ୍‌ଯନ୍ତ୍ରର ପ୍ରକମ୍ପ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

**ଶ୍ୱାସ ପ୍ରକ୍ରିୟା ଉପରେ ନିୟନ୍ତ୍ରଣ :** ଏହି ରସ ଶରୀରର ମାଂସପେଶୀ ଓ ତନ୍ତୁମାନଙ୍କରେ ଅମ୍ଳଜାନ ବ୍ୟବହାରର କ୍ଷମତା ବଢ଼ାଇ ଥାଏ । ତେଣୁ ଅମ୍ଳଜାନର ଆବଶ୍ୟକତାର ବୃଦ୍ଧି ହୋଇଥାଏ ଏବଂ ଆମ ଶ୍ୱାସପ୍ରଶ୍ୱାସର ଗତି ମଧ୍ୟ ବୃଦ୍ଧି ହୋଇଥାଏ ।

**ପାକକ୍ରିୟାରେ ସାହାଯ୍ୟକାରୀ :** ପାକସ୍ଥଳୀରେ ସର୍ବଦା ସଂକୋଚନ ଓ ପ୍ରସାରଣ କ୍ରିୟା ଲାଗି ରହିଥାଏ । ଏହା ଦ୍ୱାରା ଖାଦ୍ୟ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାଇଥାଏ ଏବଂ ଏହି କ୍ରିୟା ଖାଦ୍ୟକୁ ପେଷଣ କରିଥାଏ । Thyroid Hormone ମଧ୍ୟ ଆମର କ୍ଷୁଧା ବୃଦ୍ଧି କରିଥାଏ । ଏହା ପାକସ୍ଥଳୀରେ ଥିବା ଗ୍ଳୁକୋଜକୁ ପୁଣି ଶୋଷଣ କରି ଏହାକୁ ଉପଯୋଗ କରିଥାଏ ।

**କଙ୍କାଳ ମାଂସପେଶୀ ଉପରେ କ୍ରିୟା :** ଏହି Hormone ମଧ୍ୟ କଙ୍କାଳ ହାଡ଼ର ମାଂସପେଶୀରେ କ୍ରିୟା କରି ଏହାର ବୃଦ୍ଧି କରାଇଥାଏ ଯଦ୍ଦ୍ୱାରା ଆମ ଶରୀର ଯୁବାବସ୍ଥା ପର୍ଯ୍ୟନ୍ତ ବୃଦ୍ଧିପ୍ରାପ୍ତ ହୋଇଥାଏ ।

**ପ୍ରଜନନ କ୍ରିୟାରେ ସାହାଯ୍ୟକାରୀ ହୋଇଥାଏ :** "In both males and females, thyroid hormones play an important role in the regulation of reproductive functions." (*Medical Physiology* by Prof. G. K. Pal, Page. 355) ଅର୍ଥାତ୍ – "Thyroid hormones ଉଭୟ ପୁରୁଷ ଓ ସ୍ତ୍ରୀ-ଲୋକଙ୍କ ମଧ୍ୟରେ ସନ୍ତାନ ଉତ୍ପତ୍ତି ପ୍ରକ୍ରିୟାରେ ବିଶେଷ ଭାଗ ନେଇଥାଏ ।''

**କିଡ୍‌ନି ଉପରେ କ୍ରିୟା :** ଏହା କିଡ୍‌ନିର ଆକାର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହା ଭିତରେ ଥିବା କେତେକ ବିଶେଷ ଶରୀର କୋଷର (Tubular epithelial cells) ସଂଖ୍ୟା ବୃଦ୍ଧି କରିଥାଏ ।

ଏଥିରୁ ଆମେ ଜାଣିଲୁ Thyroid ଗ୍ରନ୍ଥି ସମଗ୍ର ଶରୀର ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥି । ସେଥିପାଇଁ ଏହାକୁ ଇନ୍ଦ୍ରଗ୍ରନ୍ଥି କୁହାଯାଏ । ଗ୍ରନ୍ଥିମାନଙ୍କ ଭିତରେ ଏହାକୁ ରାଜା ବୋଲି କୁହାଯାଇପାରେ । Thyroid ଗ୍ରନ୍ଥି ଖାଦ୍ୟରୁ କିଛି ପରିମାଣ ଆୟୋଡ଼ିନ୍ ସଂଗ୍ରହ କରି ନିଜକୁ ସୁସ୍ଥ-ସବଳ ରଖିଥାଏ । ଖାଦ୍ୟରେ ଆୟୋଡ଼ିନ୍ ଅଭାବ ହେଲେ ଏହି ଗ୍ରନ୍ଥି ଦୁର୍ବଳ ହୋଇଥାଏ ଓ ଏହାର କାର୍ଯ୍ୟକ୍ଷମତା ବିକୃତ ହୋଇଥାଏ । ସେଥିପାଇଁ ଆମର ଗଳଗଣ୍ଡ ରୋଗ ହୋଇଥାଏ । ଅର୍ଥାତ୍ ଆମ ଗଳାରେ Thyroid ସ୍ଥାନଟି ଫୁଲିଯାଏ । ଅବଶ୍ୟ ଏହି ଫୁଲାରୋଗ କଷ୍ଟକର ଓ ଯନ୍ତ୍ରଣାଦାୟକ ହୋଇ ନଥାଏ । ଆମେ ସାଧାରଣତଃ ଦୁଗ୍ଧ ଓ ପନିପରିବାରୁ ଆୟୋଡ଼ିନ୍ ପାଇଥାଉ । ଯେଉଁମାନେ ନିରାମିଷ ଖାଦ୍ୟ ଆଦୌ ଖାଆନ୍ତି ନାହିଁ ସେମାନଙ୍କର ଆୟୋଡ଼ିନ୍ ଅଭାବ ହୋଇ ଏହି ରୋଗ ହୋଇଥାଏ । ସାଧାରଣତଃ ସମୁଦ୍ର ଉପକୂଳରେ ବାସ କରୁଥିବା ଲୋକଙ୍କର ଏହି ରୋଗ ହୁଏ ନାହିଁ । କାରଣ ସମୁଦ୍ରର ଲୁଣୀ ପବନରୁ ଶରୀର ଆୟୋଡ଼ିନ୍ ଶୋଷଣ କରି ନିଜର ଗୁଜୁରାଣ ମେଣ୍ଟାଇ ଥାଏ । ଯେଉଁମାନେ ସମୁଦ୍ରଠାରୁ ଦୂରରେ ବାସ କରନ୍ତି ବା କେବଳ ଆମିଷ ଭୋଜନ କରିଥାଆନ୍ତି ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ବେଶୀ ହୋଇଥାଏ । ଆୟୋଡ଼ାଇଜ୍ ଲବଣ ବ୍ୟବହାର କଲେ ଏହି ରୋଗ ହୋଇ ନଥାଏ ।

ଅନ୍ୟ ଏକ ରୋଗ ଗଳାରେ ଥିବା ଟନ୍‌ସିଲ୍ ଗ୍ରନ୍ଥିରେ ହୋଇଥାଏ । ଏହି ଦୁଇଟି ଗ୍ରନ୍ଥି ଜିଭ ମୂଳରେ ଥିବା ଛୋଟ ଜିହ୍ୱାର ଦୁଇ ପାଖରେ ରହିଥାଏ । ପୂର୍ବେ ଲୋକେ ଏହି ଗ୍ରନ୍ଥିର ଉପକାରିତା ବିଷୟରେ ଜାଣି ନଥିଲେ । ତେଣୁ ଅସ୍ତ୍ରୋପଚାର ମାଧ୍ୟମରେ ଏହି ଗ୍ରନ୍ଥିକୁ ବାହାର କରି ଦେଉଥିଲେ । ଏବେ ଏହି ଗ୍ରନ୍ଥିର ଉପକାରିତା ଓ କାର୍ଯ୍ୟକାରିତା ବିଷୟରେ ଡାକ୍ତରମାନେ ଜାଣି ପାରିଛନ୍ତି । ଏହି ଗ୍ରନ୍ଥି ଆମ ମସ୍ତିଷ୍କ ପାଇଁ ଦୁଇ ପ୍ରହରୀ ଭଳି କାମ କରିଥାଆନ୍ତି । ଏହି ଗ୍ରନ୍ଥି ମସ୍ତିଷ୍କକୁ କୌଣସି ବିଷାକ୍ତ ରାସାୟନ ବା ରୋଗ ଜୀବାଣୁକୁ ଛାଡ଼ି ଦିଏ ନାହିଁ । ଏହାକୁ ସେ ଧ୍ୱଂସ କରିଥାଏ । ଯଦି ଏହାକୁ ସେ ଧ୍ୱଂସ କରି ନପାରେ ତେବେ ସେହି ବିଷକୁ ନିଜ ଉପରେ ନେଇ ନିଜେ ଅସୁସ୍ଥ ହୋଇପଡ଼େ । ଏପରି ହେଲେ ଟନ୍‌ସିଲ୍ ଫୁଲିଯାଇ ବ୍ୟଥା ହେବାକୁ ଆରମ୍ଭ କରେ । ସାଧାରଣତଃ ଅଳ୍ପ ବୟସରେ ଏହି ରୋଗ ହୋଇଥାଏ ।

ଏହାଛଡ଼ା ଆମ ଗଳାରେ ଅନ୍ୟ ଏକ ରୋଗ ହୋଇଥାଏ । ଆମ ତଳ ଦାନ୍ତ-ମାଢ଼ିର ମୂଳରେ ଏକ ରସବାହୀ ନଳୀ (Limph node) ରହିଥାଏ । ଏହି ରସବାହୀ ନଳୀ କୌଣସି କାରଣରୁ ଦୂଷିତ ଓ ବିକୃତ ହେଲେ ଏହା ଫୁଲିଯାଏ ଓ ବ୍ୟଥା କରିଥାଏ । ଏହାକୁ 'ମମ୍‌ସ' କୁହାଯାଏ ।

ଅନ୍ୟ ଏକ ଭୟଙ୍କର ରୋଗ ବେକରେ ହୋଇଥାଏ । ତାହା ହେଲା 'ସ୍ପଣ୍ଡାଲିସିସ୍' । ଏହା ବେକରେ ଥିବା ମେରୁଦଣ୍ଡ ମଧ୍ୟରେ ଥିବା ସୁଷୁମ୍ନା କାଣ୍ଡ ଭିତର ଦେଇ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ନାୟୁ ଯାଇଥାଏ । ଏହି ସ୍ନାୟୁକେନ୍ଦ୍ରରୁ ଶରୀରର ପ୍ରତ୍ୟେକ ସ୍ଥାନକୁ ସ୍ନାୟୁ ଯାଇଥାଏ । କୌଣସି କାରଣରୁ ମେରୁଦଣ୍ଡର କୌଣସି ହାଡ଼ ଚହଲିଯାଇ ଏହି ସ୍ନାୟୁକୁ ଚାପ ଦେଲେ 'ସ୍ପଣ୍ଡାଲିସିସ୍' ହୋଇଥାଏ । ସ୍ନାୟୁ ଚାପ ପଡ଼ି ଯେଉଁ ଭୟାନକ ବ୍ୟଥା ଉତ୍ପନ୍ନ ହୁଏ ତାହା କେବଳ ଏକ ସ୍ଥାନର ନୁହେଁ – ଏହି ବ୍ୟଥା ଶରୀରର ସେହିସବୁ ସ୍ଥାନକୁ ଯାଇଥାଏ ଯେଉଁ ସ୍ଥାନକୁ ଏହି ଚାପ ପଡ଼ିଥିବା ସ୍ନାୟୁ ଯାଇଥାଏ । ଅର୍ଥାତ୍ ବେକରେ ସ୍ନାୟୁର ଚାପ ପଡ଼ିଲେ ସମ୍ପୂର୍ଣ୍ଣ ହାତ ବ୍ୟଥା କରିଥାଏ । ଏପରିକି ପ୍ରତ୍ୟେକ ଅଙ୍ଗୁଳିକୁ ଏହି ବ୍ୟଥା ଯାଇଥାଏ । ସେହିପରି ଅଣ୍ଟା ପାଖରେ ଥିବା ମେରୁଦଣ୍ଡ ହାଡ଼ ଚହଲି ଯାଇ ସ୍ନାୟୁରେ ଚାପ ପଡ଼ିଲେ ଏହାକୁ 'ସାଇଟିକା' ବ୍ୟଥା କୁହାଯାଏ । ଏହି ବ୍ୟଥା ପୂରା ଗୋଡ଼କୁ ଆକ୍ରାନ୍ତ କରିଥାଏ । ଏହିସବୁ ସ୍ନାୟୁଚାପ ରୋଗ ପାଇଁ ଡାକ୍ତର ରୋଗୀକୁ ଶଯ୍ୟାଶାୟୀ କରି ତାକୁ ହଲଚଲ ହେବାକୁ ଦେଇ ନଥାଆନ୍ତି । କିନ୍ତୁ ବାସ୍ତବରେ ଏହିସବୁ ରୋଗ ପାଇଁ ବୈଜ୍ଞାନିକ ପ୍ରଣାଳୀରେ ରୋଗୀକୁ ବ୍ୟାୟାମ କରାଇଲେ ଏହିସବୁ ରୋଗ ଶୀଘ୍ର ଓ ଅନାୟାସରେ ଭଲ ହୋଇ ଯାଇଥାଏ ।

'ସ୍ପଣ୍ଡାଲିସିସ୍' ରୋଗ ହେଲେ ତକିଆରେ ମଥା ଦେଇ ନ ଶୋଇ ଏକ ଗାମୁଛା ବା ଧୋତିକୁ ଭାଙ୍ଗ କରି ତକିଆ ଭାବରେ ବ୍ୟବହାର କରିବାକୁ ହେବ । ଏଥିପାଇଁ ଚାରୋଟି ବ୍ୟାୟାମ କରାଯିବ ।

୧. ଡାହାଣ ହାତର ପାପୁଲିକୁ କାନ ଉପରେ ମଥାରେ ସ୍ଥାପନ କର । ଏହି ହାତରେ ମଥାକୁ ବାମ ଦିଗକୁ ଜୋରରେ ଠେଲିବାକୁ ଚେଷ୍ଟା କର । ତା' ସଙ୍ଗେ ସଙ୍ଗେ ତୁମ ମଥା

ଦ୍ୱାରା ହାତର ଚାପକୁ ପ୍ରତିରୋଧ କର । ଏହିପରି ଭାବରେ ୨ ମିନିଟ୍ ପର୍ଯ୍ୟନ୍ତ କର ।

୨. ସେହିପରି ହାତ ବଦଳାଇ ବାମ ହାତକୁ ବାମ କାନ ଉପରେ ରଖି ମୁଣ୍ଡକୁ ଡାହାଣକୁ ଠେଲ ଏବଂ ମଥା ଓ ବେକର ମାଂସପେଶୀ ମାଧ୍ୟମରେ ଏହାକୁ ପ୍ରତିରୋଧ କର । ଏହା ମଧ୍ୟ ଦୁଇ ମିନିଟ୍ କରାଯାଇପାରେ ।

୩. ଦୁଇ ହାତର ଅଙ୍ଗୁଳିକୁ ଛନ୍ଦି ମଥାର ପଛପଟେ ସ୍ଥାପନ କର । ହାତ ଦ୍ୱାରା ମୁଣ୍ଡକୁ ଆଗକୁ ଠେଲିବାକୁ ଚେଷ୍ଟାକର ଏବଂ ସଙ୍ଗେ ସଙ୍ଗେ ମଥାକୁ ପଛକୁ ଠେଲି ଏହାର ପ୍ରତିରୋଧ କର ।

୪. ଦୁଇ ହାତର ଅଙ୍ଗୁଳିକୁ ଛନ୍ଦି ମଥାର ସମ୍ମୁଖ ପଟ କପାଳରେ ସ୍ଥାପନ କର ଏବଂ ମଥାକୁ ପଛକୁ ଠେଲ । ଏବଂ ଏକ ସମୟରେ ମଥାକୁ ପଛକୁ ନଯିବା ପାଇଁ ପ୍ରତିରୋଧ କର ।

ସ୍ପଣ୍ଡାଲିସିସ୍ ରୋଗ ଥିବା ପର୍ଯ୍ୟନ୍ତ ଏହି ଚାରିଟି ବ୍ୟାୟାମ କରିଚାଲ । ସ୍ପଣ୍ଡାଲିସିସ୍ ଉପଶମ ହେବା ପରେ ବେକର ସାଧାରଣ ବ୍ୟାୟାମ କର ।

**ବେକର ସାଧାରଣ ବ୍ୟାୟାମ :**

୧. ମଥା ଓ ବେକ ଘୂରାଇବା : ପାଦ ଅଳ୍ପ ଫାଙ୍କ କରି ଅଣ୍ଟାରେ ହାତ ଦେଇ ଛିଡ଼ା ହୁଅ । ମଥାକୁ ଆସ୍ତେ ଆସ୍ତେ ଡାହାଣରୁ ବାମକୁ ବୁଲାଅ ଏବଂ ବାମରୁ ଡାହାଣକୁ ବୁଲାଅ । ବୁଲାଇବା ବେଳେ ଦେଖିବାକୁ ହେବ ମଥା ବଡ଼ ବୃତ୍ତରେ ଘୂରୁଛି । ଅର୍ଥାତ୍ କାନ ପାଖ କାନ୍ଧକୁ ଛୁଇଁବାକୁ ଚେଷ୍ଟାକର । ଏହିପରି ୨୦ ରୁ ୩୦ ଥର ଘୂରାଅ ।

୨. ମଥା ଦୁଇ ପାଖକୁ ଘୂରାଇବା : ମାର୍ଚ୍ଚିଂ ସମୟରେ ମଥା ବୁଲାଇ ସମ୍ମାନିତ ବ୍ୟକ୍ତିଙ୍କ ଆଡ଼କୁ ମଥା ବୁଲାଇବାକୁ ହୁଏ । ଏହି ମଥା ଘୂରାଇବା ପୂରା ୯୦° ହେବା ଉଚିତ । ଏହି ବ୍ୟାୟାମ ପାଇଁ ମଧ୍ୟ ମଥାକୁ ଦୁଇ ପାଖକୁ ବୁଲାଅ । ଡାହାଣ ଓ ବାମକୁ ମଥା ବୁଲାଇଲେ ଏହା ୨ ହେଲା । ଏହିପରି ୨୦ ରୁ ୩୦ ଥର ବୁଲାଅ ।

୩. ମଥା ଆଗକୁ ଓ ପଛକୁ କରିବା : ମଥା ଉପରକୁ ଟେକି ଆକାଶକୁ ଦେଖିବାକୁ ଚେଷ୍ଟା କର । ପୁଣି ମଥାକୁ ସମ୍ମୁଖକୁ ନୁଆଁଇ ଚିବୁକକୁ ଛାତିରେ ଛୁଇଁବାକୁ ଚେଷ୍ଟା କର । ଏହିପରି ଥରେ ହେଲା । ଏହିପରି ୨୦ ଥର କର ।

୪. ମୁସଲମାନମାନେ ନମାଜ ପଢ଼ିବା ସମୟରେ ଯେପରି ମଥା ବୁଲାନ୍ତି ସେହିପରି ମୁଣ୍ଡକୁ ବୁଲାଅ । ଅର୍ଥାତ୍ ବେକକୁ ତଳକୁ ଆଣି ଡାହାଣ ପଟେ ଉପରକୁ ଉଠାଅ । ପୁଣି ଚିବୁକକୁ ତଳକୁ ଆଣି ବାମ ପଟେ ଉପରକୁ ଉଠାଅ । ଏହା ହେଲା ଏକ ଥର । ଏହିପରି ୨୦ ଥର କର ।

ଏହିସବୁ ବ୍ୟାୟାମ ଦ୍ୱାରା ବେକର ମାଂସପେଶୀକୁ ନମନୀୟ ରଖାଯାଇ ପାରେ । ଏସବୁ ବ୍ୟାୟାମ କଲେ ଆମ ବେକରେ ଥିବା ଥାଇରଏଡ଼, ଟନ୍‌ସିଲ୍ ଆଦି ଗ୍ରନ୍ଥିରେ ରକ୍ତ ସଞ୍ଚାଳନ ହୋଇ ଏହି ଗ୍ରନ୍ଥିକୁ ସୁସ୍ଥ-ସବଳ ଓ ନୀରୋଗ ରଖେ । ବେକରେ ଥିବା ମେରୁଦଣ୍ଡ ହାଡ଼ ମଧ୍ୟ ମଜଭୁତ ଭାବେ ମାଂସପେଶୀ ଦ୍ୱାରା ବାନ୍ଧି ହୋଇଯାଏ । ଏପରି ହେଲେ ଆମକୁ କେବେହେଲେ ସ୍ପଣ୍ଡାଲିସିସ୍‌ରୋଗ ହେବ ନାହିଁ । ଏହି ରୋଗ ଅଳ୍ପ ଥିଲେ ତାହା ଭଲ ହୋଇ ଯାଇଥାଏ । Thyroid ଗ୍ରନ୍ଥି ସାରା ଶରୀରର ଯତ୍ନ ନେଉଥିବାରୁ ଆମର ଜୀବନରକ୍ଷା ଶକ୍ତି ବଢ଼ିଥାଏ ଏବଂ ଆମେ ଦୀର୍ଘଜୀବୀ ହୋଇଥାଉ । ଆମକୁ ସହଜରେ ବାର୍ଦ୍ଧକ୍ୟ ଆକ୍ରମଣ କରିପାରେ ନାହିଁ ଏବଂ ଆମେ ଦୀର୍ଘଦିନ ମା'ଙ୍କ ସେବା କରିବାରେ ସମର୍ଥ ହୋଇଥାଉ ।

(କ୍ରମଶଃ)

❑❑❑

---

*(ପୃଷ୍ଠା ୪୫ ର ଅବଶିଷ୍ଟାଂଶ)*

ଦ୍ୱିତୀୟ ପଦକ୍ଷେପ; ତୃତୀୟ ହେଉଛି ତାହାକୁ ପ୍ରତି ପଦକ୍ଷେପରେ ନିରୁତ୍ସାହ ଏବଂ ଅସ୍ୱୀକାର କରିବା – ତେବେ ଯାଇ ଅହଂକାର ଏକେବାରେ ଚାଲିଯାଏ ଯେତେବେଳେ ସବୁଥିରେ ଏବଂ ସର୍ବଦା ସମଭାବେ ସେଇ 'ପରମ ଏକ'ଙ୍କୁ ଦର୍ଶନ ଏବଂ ଅନୁଭବ (କେବଳ ଚିନ୍ତାରେ ନୁହେଁ) କରାଯାଏ ।

(୮.୧୦.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଶ୍ରୀମାଙ୍କ ପାଠଶାଳା

## (ଅଖଣ୍ଡ ଏକତ୍ୱବୋଧ)

ଶ୍ରୀମା କହିଚାଲିଛନ୍ତି : (ନିଜର ଅପାର୍ଥିବ ପ୍ରେମ ଓ ସ୍ମିତହାସ୍ୟ ସହ) ତୁମେମାନେ ତ' ଜାଣ କାଜ୍‌ନୋଭ୍ ବଗିଚାଟିର କଥା । ହୁଏତ ବେଳେବେଳେ ସେଠାକୁ ବୁଲି ଯାଇଥିବ । ତୁମର ନିଶ୍ଚୟ ମନେଥିବ ସେଇ ଛୋଟ ଅଥଚ ଚମତ୍କାର ପୋଖରୀଟିର କଥା, ଏବଂ ତା' ପାଖରେ ଥିବା କୂଅଟିର କଥା, ଯାହାକୁ କୁହାଯାଏ, *Puits artésien*, ମନେଅଛି ତ' ! କୂଅଟି ସେତେବେଳେ ଭଲ ଭାବରେ ମରାମତି ଓ ଖୋଳା ହେଉଛି ଏବଂ ପାଖରେ ଗୋଟିଏ ମେସିନ୍ ରୁମ୍ ମଧ୍ୟ ନୂଆ କରି ତିଆରି କରାଯାଉଛି । ଠିକ୍ ତା'ରି ପାଖାପାଖି, ମେସିନ୍‌ରୁମ୍ ଦିଆଲକୁ ଲାଗି ଏକ ବିରାଟ ଓ ବହୁକାଳର ପୁରୁଣା ଆମ୍ବଗଛ – ଅତି କମ୍‌ରେ ଶହେ, ଦେଢ଼ଶହ ବର୍ଷରୁ ବେଶୀ ପୁରୁଣା ହେବ ନିଶ୍ଚୟ – ବୁଢ଼ା ହୋଇଯାଇଛି, ଶୁଷ୍କ, ନିସ୍ତେଜ ଗଣ୍ଡିର ଅନେକ ସ୍ଥାନରୁ ଖୋଳପା ଛାଡ଼ି ଗଲାଣି । ଗଛଟିରେ ବେଶ୍ କିଛି ବର୍ଷ ଧରି ଆଉ ଫଳ ବି ହୁଏନା – ମୋଟାମୋଟି ଭାବରେ କହିଲେ ଗଛଟି ଆଉ ଆମମାନଙ୍କର କୌଣସି କାମରେ ଲାଗୁ ନାହିଁ । ସେଇଥିପାଇଁ ବଗିଚାର ତତ୍ତ୍ୱାବଧାରକମାନେ ସେଇଟିକୁ କାଟି ଦେବାକୁ ସ୍ଥିର କରିଛନ୍ତି ।

ଦିନେ ମୁଁ ବଗିଚାଟି ଦେଖିବାକୁ ଯାଇଛି । ସେମାନେ ମୋତେ ସେ ସ୍ଥାନଟି ଓ ଆମ୍ବ ଗଛଟି ଦେଖାଇଲେ । ପୋଖରୀର ଖୁବ୍ ନିକଟରେ ଓ ମେସିନ୍ ରୁମ୍‌କୁ ଲାଗି ସେଇଟି ଛିଡ଼ା ହୋଇଛି । ତା' ଦିଗକୁ ଦୃଷ୍ଟିପାତ ମାତ୍ରେହିଁ ବୁଝିପାରିଲି ତା' ଚେତନ ସତ୍ତାର ବିସ୍ତାର ବହୁଦୂରବ୍ୟାପୀ । ତା' ଗଣ୍ଡି ମଧ୍ୟରୁ ସବୁଜ, ହଳଦି ମିଶା ଏକରକମ ଉଜ୍ଜ୍ୱଳ ରଙ୍ଗର ଆଭା ଫୁଟି ଉଠିଛି । ତାହା ଦେଖିବାକୁ କେବଳ ଏକ ଆଲୋକର ବଳୟ ପରି ନୁହେଁ, ଠିକ୍ ଯେପରି ଏକ ବିରାଟ ଶକ୍ତିର ତରଙ୍ଗ ଓ ଗଛଟିର ଆପାଦମସ୍ତକ ଯେପରି ତାହାରି ଦ୍ୱାରା ଭରିଯାଇଛି । ପ୍ରାଣ ଜଗତର ଚେତନାରେ ତା'ର ଶାଖାପ୍ରଶାଖା ଭରପୂର । ସ୍ପଷ୍ଟ ଦେଖିପାରିଲି, ପ୍ରାଣ ଜଗତର ବହୁ ସତ୍ତାକୁ, ବହୁ ମୃତ ବ୍ୟକ୍ତିଙ୍କୁ ସେ ନିଜ କୋଳରେ ଆଶ୍ରୟ ଦେଇଛି ।

ସେ ବୁଝିପାରିଛି ଯେ, ତାକୁ କାଟିବା ସ୍ଥିର କରାଯାଇଛି । ମୁଁ ତା' ଦିଗକୁ ଦୃଷ୍ଟି ଫେରାଇବା ମାତ୍ରେ ସେ ମୋତେ ବିନୀତ ଅନୁରୋଧ ଜଣାଇଲା, ଯେପରି ମୁଁ ତାକୁ ଏଇ ଆସନ୍ନ ବିପଦରୁ ରକ୍ଷା କରେ ।

ତାହା ଶୁଣି ମୁଁ ତତ୍‌କ୍ଷଣାତ୍ ବଗିଚାର ତତ୍ତ୍ୱାବଧାରକମାନଙ୍କୁ ବାରଣ କରିଦେଲି, 'ସେମାନେ ଯେପରି ଗଛଟିକୁ ନକାଟନ୍ତି ।' ସେମାନେ ଅନେକ ତର୍କ କଲେ, ଯୁକ୍ତି ଦେଖାଇଲେ ଯେ ଗଛଟି ଆଉ ଆମମାନଙ୍କର କୌଣସି ଉପକାରରେ ଆସୁ ନାହିଁ, ବରଂ ଅନେକ ଅସୁବିଧା କରୁଛି । ଏକେ ତ ନିଜେ ବୁଢ଼ା ହୋଇଯାଇଛି, ଗୋଟିଏ ବୋଲି ଫଳ ଫଳୁନି, ତା'ପରେ ପୁଣି ତା' ଛାଇରେ ଅନ୍ୟ କୌଣସି ଗଛ ବି ଉଧଉ ନାହିଁ । ସବୁଠାରୁ ବଡ଼ ଅସୁବିଧା ହେଉଛି ଏଇଟିକୁ ନକାଟିଲେ ମେସିନ୍ ଘରର ସ୍ଥାୟୀ ବ୍ୟବସ୍ଥା ପାଇଁ ଅନେକ ଅଦଳବଦଳ କରିବାକୁ ପଡ଼ିବ । ସାକ୍ଷିଗୋପାଳ ପରି ଏଇଟିକୁ ଜୋର୍ କରି ଏଠାରେ ଅଟକାଇ ରଖିଲେ ଲାଭ କ'ଣ ? ଇତ୍ୟାଦି... ଇତ୍ୟାଦି... ।

ଶେଷରେ ମୁଁ କହିଲି ଉପକାର ବା ଅପକାର ସମ୍ବନ୍ଧେ ତୁମ୍ଭେମାନେ ଯାହା ଭାବି ଦେଖ ଅଥବା ବିଚାର କର ତାହା ଶେଷ କଥା ନୁହେଁ, କିଂବା ନିର୍ଭୁଲ ବିଚାର ନୁହେଁ । ଗଛଟିକୁ କାଟିଲେ ଢେର ବେଶୀ ଅପକାର କରାଯିବ । ଏଣୁ ତା' ଦେହରେ ହାତ ଦେବା କୌଣସିମତେ ସମ୍ଭବ ନୁହେଁ; ତା'ପରେ ଆଉ ସେମାନେ କାଟିଲେ ନାହିଁ । ଗଛଟି ମରିନି, ବଞ୍ଚିଛି । ନୂତନ ଡାଳପତ୍ର ଦେଇ ଏବେ ଖୁବ୍ ସୁନ୍ଦର ଦେଖାଯାଉଛି ।

ପ୍ରାଣଜଗତର ଜୀବମାନଙ୍କୁ ସମସ୍ତେ ଦେଖିପାରନ୍ତି ନାହିଁ । କିନ୍ତୁ ଦେଖି ଜାଣିଲେ, ସେତେବେଳେ ଅନେକ କିଛି ବୁଝାଯାଇପାରେ ଓ ଶୁଣାଯାଇପାରେ ।

ବୃକ୍ଷ ମଧ୍ୟରେ ପ୍ରାଣ ଜଗତର ଶକ୍ତି ଓ ଚେତନାର ବହୁଳ ବିସ୍ତାରର ଅନୁଭବ ମୋର ଏଇମାତ୍ର ପଣ୍ଡିଚେରୀରେ ହୋଇନି, ଖୁବ୍ ଛୋଟବେଳୁ ଏପରି ଅନୁଭୂତି ମୋର ଅନେକ ହୋଇଛି । କାହିଁକି, ତୁମ୍ଭମାନଙ୍କୁ ସେ ଗଳ୍ପଟି କହିନି; ପ୍ୟାରିସ୍ ନିକଟସ୍ଥ ସେଇ ଜଙ୍ଗଲଟିର କଥା ? ମୋର ବୟସ ସେତେବେଳେ ମୋଟେ ବାର ।

ପ୍ୟାରିସର ଅନତିଦୂରରେ ଫ୍ରାନ୍ସର ଏକ ପ୍ରକାଣ୍ଡ ଜଙ୍ଗଲ

ରହିଛି (ଶ୍ରୀମା ଜଙ୍ଗଲଟିର ନାମ କହି ନଥିଲେ, କିନ୍ତୁ ପରେ ପବିତ୍ର ଓ ଆଁଦ୍ରେଙ୍କୁ ଏ ସମ୍ବନ୍ଧରେ ପ୍ରଶ୍ନ କରିବାରେ ଜଣାଯାଏ ଯେ ସମ୍ଭବତଃ ଶ୍ରୀମା 'ଫଟେନ୍ ବ୍ଲୋ'ର କଥା କହିଛନ୍ତି ।) ମୁଁ ଅନେକ ସମୟରେ ସେଠାକୁ ବୁଲିବାକୁ ଯାଏ । ଏଇଟି ସେଠାକାର ଖୁବ୍ ବିଖ୍ୟାତ ଜଙ୍ଗଲ । ସେଠାରେ ଏପରିକି ହଜାରେ ଦୁଇ ହଜାର ବର୍ଷର ପୁରୁଣା ଗଛ ବି ଅନେକ ଦେଖିବାକୁ ମିଳେ । ସେ ବୟସରେ ଧ୍ୟାନ କ'ଣ, ଏହା କିପରି କରିବାକୁ ହୁଏ, ଏସବୁ ବିଷୟରେ ମୁଁ କିଛି ଜାଣିନି । ମୋତେ ବି କେହି ଶିଖାଇ ଦେଇନି । ଅଥଚ ମୁଁ ସେଠାକୁ ଗଲେ ସେଇସବୁ ବିରାଟ ବିରାଟ ଗଛମୂଳେ ବସି ଅନେକ କ୍ଷଣ ତନ୍ମୟ ହୋଇ ଯାଉଥିଲି ଓ ସେମାନଙ୍କ ସହିତ ଗଭୀର ଆନ୍ତର ଘନିଷ୍ଠତା ଅନୁଭବ କରୁଥିଲି । ସତ କହୁଛି ମୁଁ ପ୍ରବଳ ଆନନ୍ଦ ଅନୁଭବ କରୁଥିଲି । ଗଛର ପକ୍ଷୀ ଓ ଗୁଣ୍ଡୁଚି ମୂଷା ପ୍ରଭୃତି ସେତେବେଳେ ଆସି ମୋ ସାମ୍ନାରେ ଏପରିକି ମୋ ଶରୀର ଉପରେ ବି ଅବାଧ ଭାବରେ ଖେଳାଖେଳି, ଦୌଡ଼ାଦୌଡ଼ି କରୁଥିଲେ – ଏତେ ପ୍ରବଳ ଭାବରେ ଚେତନା ସେଇସବୁ ବିରାଟ ବିରାଟ ବୃକ୍ଷମାନଙ୍କ ସହିତ ଏକ ହୋଇଯାଉଥିଲା ।

ତୁମେମାନେ ଚେଷ୍ଟାକଲେ ବି ଅନାୟାସରେ ଏପରି ଅଭ୍ୟାସ କରିପାର । ଯେତେବେଳେ ବାହାରକୁ ବୁଲି ଯାଉଛ, କୌଣସି ଏକ ଗଛ ତଳେ ବେଶ୍ ଶାନ୍ତ ଓ ନୀରବ ଭାବରେ ବସିପଡ଼, ଏକେବାରେ ଗଛଟିର ଗଣ୍ଡିଟିକୁ ଭଲ ଭାବରେ ଆଉଜି, ତାହାହେଲେ କ୍ରମଶଃ ଅନୁଭବ କରିପାରିବ ନିଜ ମଧ୍ୟରେ ସେଇ ଗଛଟିର ଚେତନାର ପ୍ରବେଶ ଓ ତା'ର ପ୍ରାଣର ସ୍ପନ୍ଦନ । ତା'ର ପ୍ରାଣ ଶକ୍ତିର ସଞ୍ଚାରଣ ତୁମ ଶରୀର ମଧ୍ୟରେ ବି ବେଶ୍ ଭାବରେ ଅନୁଭବ କରିପାରିବ । ସେତେବେଳେ ବୁଝିପାରିବ ମନୁଷ୍ୟମାନଙ୍କ ସହିତ ସେମାନଙ୍କର ଅନ୍ତରଙ୍ଗତା କେତେ ବେଶୀ ହୋଇପାରେ; ଠିକ୍ ଯେପରି ଜଣେ ଖୁବ୍ ପ୍ରିୟ ବନ୍ଧୁ ।

ବାସ୍ତବିକ କେତେକ ବୃକ୍ଷ ଅଛନ୍ତି ଯେଉଁମାନେ ମନୁଷ୍ୟମାନଙ୍କର ଖୁବ୍ ଅନ୍ତରଙ୍ଗ ବନ୍ଧୁ ହୋଇ ଉଠନ୍ତି । ସ୍ନେହ ଏମାନଙ୍କଠାରେ ପ୍ରବଳ; ଆଶ୍ରୟ ଦେବାର ଉଦାରତା ମନୁଷ୍ୟମାନଙ୍କ ଅପେକ୍ଷା ଏମାନଙ୍କର ଅନେକ ବେଶୀ । ଏମାନଙ୍କ ପ୍ରତି ଟିକିଏମାତ୍ର ସହାନୁଭୂତିଶୀଳ ହେବାକୁ ଶିକ୍ଷା କଲେ ଏମାନଙ୍କର ପ୍ରାଣଶକ୍ତିର ତରଙ୍ଗ ପ୍ରତ୍ୟକ୍ଷ ଭାବରେ ଅନୁଭବ କରାଯାଇ ପାରିବ ।

ଏଇ ଅଖଣ୍ଡ ଏକତ୍ୱବୋଧ କେବଳମାତ୍ର ଯେ ସମ୍ଭବ ତାହା ନୁହେଁ, ଏହା ସ୍ୱାଭାବିକ । କାରଣ ଅଖଣ୍ଡ ପ୍ରାଣଶକ୍ତିର ଚେତନା ତ ମାନୁଷୀ ଚେତନା ମଧ୍ୟରେ ସୀମାବଦ୍ଧ ହୋଇ ରହିନି, ଏହା ହେଲା ବିଶ୍ୱର କେନ୍ଦ୍ରୀୟ ଚେତନା । ଏହି ଚେତନାର ସ୍ଫୁରଣ ଘଟିଛି ବିଶ୍ୱର ସବୁକିଛି ମଧ୍ୟରେ । ଯେପରି ଏହା ରହିଛି ଚନ୍ଦ୍ର ଓ ଗ୍ରହ-ନକ୍ଷତ୍ର ମଧ୍ୟରେ, ସେଇପରି ରହିଛି ବୃକ୍ଷଲତା, ପଶୁପକ୍ଷୀମାନଙ୍କ ମଧ୍ୟରେ, ରହିଛି ଦେଶ, ଜାତି, ପାହାଡ଼, ପର୍ବତ, ନଦୀ ଓ ହ୍ରଦମାନଙ୍କ ମଧ୍ୟରେ । – ଧର ଯେପରି ଭାରତବର୍ଷ । ଏଇଟି କ'ଣ ? କୌଣସି ବିଶେଷ ଏକ ଅଂଶ ଭୂଖଣ୍ଡକୁ ବା ସେଠାକାର ଜନସମାଜ କିଂବା ସେଠାକାର ଜିନିଷପତ୍ର ଅଥବା ସେଠାକାର ବୃକ୍ଷଲତା ପତ୍ରଗୁଡ଼ିକକୁ ତ ତୁମେ ଭାରତବର୍ଷ କୁହ ନାହିଁ । ଭାରତବର୍ଷ କୁହ ଏକ ସମଗ୍ରକୁ ଦୃଷ୍ଟି ସାମନାରେ ରଖି । ଏହାହିଁ ହେଲା ତା'ର ଆତ୍ମା ଏବଂ ଏଇ ଆତ୍ମାର ରହିଛି ଏକ ବିଶେଷ ଚେତନା ଏବଂ ସେଇ ଚେତନାର ଅଭିବ୍ୟକ୍ତି ଘଟିଚାଲିଛି ନାନା ଭାବରେ, ନାନା ବ୍ୟକ୍ତି ଓ ବସ୍ତୁକୁ କେନ୍ଦ୍ର କରି । (୬ ମାର୍ଚ୍ଚ ୧୯୫୨, ବୁଧବାର)

(୧୫ ଅଗଷ୍ଟ ୧୯୭୨ରେ ପ୍ରକାଶିତ
ବଙ୍ଗଳା ବୈଜୟନ୍ତୀ ପତ୍ରିକାରୁ ସଂଗୃହୀତ)
ଅନୁବାଦ : ଦେବେନ୍ଦ୍ରନାଥ ଦଳାଇ

❑❑❑

> ତୁମର ଯାହା ଅଧିକ ଅଛି ସେଥିରୁ କିଛି ଭଗବାନଙ୍କୁ ଦେବା ଅର୍ପଣ ନୁହେଁ । ଜଣେ ଯାହା (ନିଜ ପାଇଁ) ଆବଶ୍ୟକ କରେ ସେଥିରୁ କିଛି ଭଗବାନଙ୍କୁ ଦେବା ଉଚିତ ।
>
> – ଶ୍ରୀମା

# ରରୁ ମୁନି ଓ ଡୁଣ୍ଡୁଭ ସର୍ପ

## କୃଷ୍ଣାଦେବୀ

ରରୁ ଜଣେ କଠୋରତପା ତରୁଣ ସାଧକ ଥିଲେ । ତାଙ୍କର ପରମାସୁନ୍ଦରୀ ପତ୍ନୀ ପ୍ରମଦ୍‌ବରାଙ୍କୁ ଥରେ ସର୍ପଦଂଶନ କଲା ଓ ସେଥିରେ ତାଙ୍କର ମୃତ୍ୟୁହେଲା । ପତ୍ନୀଙ୍କୁ ପୁନର୍ଜୀବିତ କରିବାକୁ ରରୁ ପ୍ରତିଜ୍ଞାବଦ୍ଧ ହୋଇ ନାନା ବିପଦ ଅତିକ୍ରମ କରି ମୃତ୍ୟୁଲୋକରେ ପହଞ୍ଚି ଆପଣାର ଅର୍ଦ୍ଧେକ ଜୀବନର ପ୍ରତିଦାନରେ ପତ୍ନୀଙ୍କୁ ଭୂଲୋକକୁ ଫେରାଇ ଆଣିଲେ । ସେମାନେ ସୁଖରେ କାଳାତିପାତ କରିବାକୁ ଲାଗିଲେ । ମାତ୍ର ରରୁଙ୍କ ମନରୁ ସାପମାନଙ୍କ ପ୍ରତି କ୍ରୋଧ କମିଲା ନାହିଁ । ତାଙ୍କ ଆଖିରେ ସାପଟିଏ ପଡ଼ିବା ମାତ୍ରେ ସେ ତାକୁ ମାରିବାକୁ ବାହାରି ପଡ଼ୁଥିଲେ, ସାପ କାହାରି କ୍ଷତି କରୁ କି ନ କରୁ, ପୃଥିବୀ ପୃଷ୍ଠରୁ ସବୁସାପ ଦୂର ହୋଇ ଯାଆନ୍ତୁ ବୋଲି ସେ ଭାବୁଥିଲେ । ଏପରି ହିଂସ୍ରପ୍ରାଣୀ ବଞ୍ଚିରହିବା, ପୁଣି ମଣିଷ ସମାଜ ମଝିରେ, ଏହା ତ କାହାରି ପ୍ରତି ବି କଲ୍ୟାଣକାରୀ ନୁହେଁ । ସେ ସଦାବେଳେ ହାତରେ ବାଡ଼ିଟିଏ ଧରି ଯିବା ଆସିବା କରନ୍ତି ଓ ସାପଟିଏ ଦେଖିଲେ ବାଡ଼େଇ ବାଡ଼େଇ ମାରି ଦିଅନ୍ତି ।

ଦିନେ ତାଙ୍କ ପାଖ ଦେଇ ଗୋଟିଏ ଢମଣାସାପ (ଡୁଣ୍ଡୁଭସର୍ପ) ଚାଲିଯାଉଥିଲା । ତାକୁ ମାରିବାକୁ ବସିବାରୁ ସେ ମଣିଷ ଭଳି କଣ୍ଠରେ ତାଙ୍କୁ ବାରଣ କଲା । ରରୁଙ୍କ ମନରେ ସନ୍ଦେହ ହେଲା – ଏ କ'ଣ କୌଣସି ଭୟଭୀତ ମଣିଷ, ସର୍ପଦେହ ନେଇ ନିଜକୁ ଛପାଇ ରଖିଛି ବା ଋଷି ଯେ ତିର୍ଯ୍ୟକ୍-ଯୋନିରେ ବଞ୍ଚିରହି ତପସ୍ୟା କରୁଛି । ସେ ପଚାରିଲେ – ହେ ଅଦ୍ଭୁତ ପ୍ରାଣୀ, କାହା ଭୟରେ ତୁମେ ସର୍ପ-ଦେହ ଗ୍ରହଣ କରିଛ ? ତୁମର ଅସଲ ପରିଚୟ ପାଇପାରେ କି ?

ସାପଟି ଉତ୍ତର ଦେଲା – ମୁଁ ଜଣେ ଜାତିସ୍ମର ତାପସ ମୁନି, ମୋ ନାଁ ସହସ୍ରପାଦ । ଗତ ଜନ୍ମରେ ମୁଁ ଅଳ୍ପବୟସ୍କ ଥିଲାବେଳେ ମୋର ଜଣେ ବ୍ରାହ୍ମଣ ବନ୍ଧୁଙ୍କୁ ମୁଁ ପତରନଟିର ସାପଟିଏ ଗଢ଼ି ଡରାଇଥିଲି । ଆମେ ଦୁହେଁ ଏକାଠି ତପସ୍ୟା କରୁଥିଲୁ, ମୁଁ ଥିଲି ଚପଳମତି କିନ୍ତୁ ସେ ଥିଲେ କଠୋର ନିଷ୍ପାପର ତପସ୍ୱୀ; ତାଙ୍କର ତପଃସିଦ୍ଧି ବି କିଛି କମ୍ ନ ଥିଲା । ପରିହାସ ଛଳରେ ଓ ମଜା ଦେଖିବା ପାଇଁ ମୁଁ ଦିନେ ତାଙ୍କୁ ପଛଆଡୁ ଡରାଇଥିଲି କୁଶ ଘାସର ସାପଟିଏ ତିଆରି କରି । ତପସ୍ୟାର ଗର୍ବ ତାଙ୍କର ବହୁତ ଥିଲା, କିନ୍ତୁ ସେ ଡରିଗଲେ, ମୋତେ ମଜା ଲାଗିଲା ଓ ମୁଁ ହସିବାକୁ ଲାଗିଲି । ସେତେବେଳକୁ ସେ ରାଗି ଗଲେଣି ଓ ରାଗର ବଶବର୍ତ୍ତୀ ହୋଇ ମୋତେ ଅଭିଶାପ ଦେଲେ ଯେ ମୁଁ ଯେମିତି ଗୋଟାଏ ସାପ ହୋଇଯାଏ ।

''ବିଷ ନ ଥିବା ସାପ ଦେଖାଇ ମୋତେ ଡରାଇଛୁ ତ, ତୁ ନିଜେ ଗୋଟିଏ ବିଷହୀନ ସାପ ହୋଇଯା' ।''– ହଠାତ୍ ଏଇକଥା ତାଙ୍କ ପାଟିରୁ ବାହାରି ଗଲା ।

ଏଇଭଳି ଗୋଟାଏ ପରିଣାମ ହେବାକୁ ବସିବ, ଏକଥା ମୁଁ କେବେ ଭାବି ନ ଥିଲି । ତାଙ୍କର କିଛି କ୍ଷତି କରିବା ମୋର ଅଭିପ୍ରାୟ ନ ଥିଲା, ନିର୍ଦ୍ଦୋଷ ମଜା ଉପଭୋଗ କରିବାହିଁ ମୋର ଅଭିପ୍ରାୟ ଥିଲା । ମୁଁ ଅଭିଶାପ ଭୟରେ ଥରିବାକୁ ଲାଗିଲି ଓ ତାଙ୍କୁ ମୋର ନିର୍ଦ୍ଦୋଷ ମଜା ଦେଖିବାର କଥା କହିଲି ବାରଂବାର । ସେ ମୋର ସମବୟସ୍କ ଥିଲେ ବି ମୁଁ ତାଙ୍କ ପାଦତଳେ ପଡ଼ିଗଲି ଓ କ୍ଷମାପ୍ରାର୍ଥନା କଲି । କିନ୍ତୁ ଆଉ କି ଥାଏ ! ବନ୍ଧୁ ମୋର ଦୀର୍ଘଶ୍ୱାସ ତ୍ୟାଗକରି କହିଲେ, ''ବନ୍ଧୁ ! ମୋ ମୁହଁରୁ ଯାହା ବାହାରି ଯାଇଛି, ତା' ଅନ୍ୟଥା ହେବ ନାହିଁ ତାହା ଘଟିବହିଁ ଘଟିବ । ତେବେ ଏ ଜନ୍ମର ଘଟନା ତୁମର ମନେରହିବ ତୁମର ପୂର୍ବକୃତ ତପଃ ପ୍ରଭାବ ଯୋଗୁଁ । ଯେତେବେଳେ ପ୍ରମତିଙ୍କ ପୁଅ ତୁମକୁ ମାରିବାକୁ ବସିବେ, ସେତିକିବେଳେ ତୁମେ ପୁଣି ମଣିଷ ଜନ୍ମ ଫେରି ପାଇବ, ସର୍ପ ଜନ୍ମରୁ ଉଦ୍ଧାର ପାଇବ ।'' ସେଇଦିନଠାରୁ ଆଜିଯାଏଁ ମୁଁ ତୁମକୁ ମନେ ମନେ ଖୋଜୁଛି ଓ ତପସ୍ୱୀମାନଙ୍କର ଆଶ୍ରମ ଓ ଯଜ୍ଞଭୂମିର ପାଖାପାଖି ଘୂରି ବୁଲୁଛି । ସାମାନ୍ୟ ଭୁଲ୍ ଯୋଗୁଁ ମୁଁ ଯେ ମନୁଷ୍ୟେତର ଲୋକରେ ହୀନଭାବରେ ଜୀବନଯାପନ କରୁଛି, ତାହା ମୋତେ ପୀଡ଼ା ଦେଉଛି । ମୁଁ ପୁଣି ଥରେ ମନୁଷ୍ୟ ହୋଇ ସାଧକ ଜୀବନ ବିତାଇବାକୁ ଚାହେଁ, କାରଣ ମନୁଷ୍ୟ ଜନ୍ମରେହିଁ ଅଭୀଷ୍ଟ ଲାଭ ହୁଏ ।

ହେ ବ୍ରାହ୍ମଣଶ୍ରେଷ୍ଠ ଋଷିପୁତ୍ର, ମୋର ଅନୁରୋଧ – ତୁମେ ଅହିଂସ୍ର ଓ ଅକ୍ରୋଧ ହୁଅ । ତୁମର ଅନୁପମ ତପଃଶକ୍ତିର କଥା ମୋତେ ବିଦିତ ଅଛି । ସେଇ ଓଜଃ ଶକ୍ତିକୁ ଏପରି

ଭାବରେ ନିଷ୍କ୍ରାନ୍ତ ହେବାକୁ, ନଷ୍ଟ ହେବାକୁ ଦିଅ ନାହିଁ । ଏ ଜଗତର ସବୁ ପ୍ରାଣୀ ଓ ମନୁଷ୍ୟ ଭଗବାନଙ୍କର ରୂପ, ସେମାନଙ୍କ ପ୍ରତି ହିଂସକ ହେଲେ, ଅହିତକାରୀ ହେଲେ ତୁମେ ସ୍ରଷ୍ଟାଙ୍କଠାରେହିଁ ଦ୍ରୋହ କରୁଛ ବୋଲି ଜାଣିବ । ତପସ୍ୱୀ ସୌମ୍ୟ ସ୍ୱଭାବ ହେବା ଭଲ । କୌଣସି ବି ଜୀବ ଯେପରି ତୁମ ଦ୍ୱାରା କାତର ଓ ଭୟଗ୍ରସ୍ତ ନ ହୁଅନ୍ତି । ଅହିଂସା, ସତ୍ୟଭାଷଣ, ତପସ୍ୟା, ବିଦ୍ୟାଧ୍ୟୟନହିଁ ଶ୍ରେଷ୍ଠ ତାପସର ଲକ୍ଷଣ ଓ କ୍ଷତ୍ରିୟ ଲକ୍ଷଣ ସମସ୍ତଙ୍କୁ ଭୟରୁ ମୁକ୍ତ ରଖିବା, ସମସ୍ତଙ୍କୁ ଆଶ୍ରୟ ଓ ଅଭୟ ଦାନ କରିବା । ତଥାପି ହେ ରର ନିଜ ଧର୍ମ ନିଜ ସ୍ୱଭାବରେ ଅଚଳ ରହି ତୁମେ ସାଧନାରତ ରୁହ । କାରଣ ଶ୍ରୁତିଗ୍ରନ୍ଥ କହୁଛି, ''ବେଦ, ବେଦାଙ୍ଗ ଏହି ସୁନ୍ଦର କଥା କହୁଛନ୍ତି ଯେ ବ୍ରାହ୍ମଣ ତାହାକୁହିଁ କୁହାଯିବ ଯେ ସର୍ବଭୂତର ଅଭୟର କାରଣ ହେବେ, କେହି ବି ପ୍ରାଣୀ ବ୍ରାହ୍ମଣ ନିକଟରୁ ଟିକିଏ ହେଲେ ବି ଭୟ ବା ଆଶଙ୍କା ବୋଧ କରିବେ ନାହିଁ । କାରଣ ସେମାନେ ସ୍ୱଭାବତଃ ଅହିଂସ । ଅହିଂସା, ସତ୍ୟବଚନ, କ୍ଷମା ଇତ୍ୟାଦି ଗୁଣ ନିଶ୍ଚିତ ଭାବରେ ସେମାନଙ୍କର ଭୂଷଣ । ଏହାଛଡ଼ା ବେଦାଦି ଗ୍ରନ୍ଥ ପାଠ କରି ତା'ର ମର୍ମାର୍ଥକୁ ହୃଦୟରେ ଧାରଣ କରିବା ସେମାନଙ୍କର କର୍ମ — ଖାଲି ଶାସ୍ତ୍ରାର୍ଥ ବୁଝିବା ଓ କହିବା ଦ୍ୱାରା ତା'ର ଜ୍ଞାନ ମିଳେ ନାହିଁ, ଶାସ୍ତ୍ରର ବାଣୀ ଯେତେବେଳେ ସ୍ୱଭାବରେ, ଆଚରଣରେ ଫୁଟିଉଠେ, ସେତେବେଳେ ସମ୍ୟକ୍ ଧାରଣା ହୋଇଛି ବୋଲି ବୁଝି ହୁଏ । ତେଣୁ ତୁମେ ବେଦର ଧାରଣା କର । କ୍ଷତ୍ରିୟର ଗୁଣଧର୍ମକୁ ବ୍ରାହ୍ମଣ କି ନିମନ୍ତେ ଗ୍ରହଣ କରିବ ! ସେଥିପାଇଁ ହେ ରର ! ତୁମେ ସାଧନାରେ ଉତ୍ତରୋତ୍ତର ବର୍ଦ୍ଧିତ, ବିକଶିତ ହେବା ପାଇଁ ମନ ନବଳାଇ ଏପରି ନିମ୍ନସ୍ତରୀୟ ରଜୋଗୁଣର ଅଧୀନ କାହିଁକି ହୋଇପଡୁଛ ? ହିଂସା, ପ୍ରତିଶୋଧ, ନିର୍ଦୋଷ ପ୍ରାଣୀକୁ ଆଘାତ କରି ଆନନ୍ଦ ଅନୁଭବ କରିବା, ଏସବୁ ତୁମକୁ ତଳକୁ ଖସାଇ ଦେବ । ଅତଃ ଶ୍ରେଷ୍ଠ ସତ୍ତ୍ୱଗୁଣର ଅଧୀନ ହୋଇ ତପସ୍ୟାରେ ଉନ୍ନୀତ ହୋଇ ଋଷିତ୍ୱ ଲାଭ କର । ତପସ୍ୟା ସକାଶେ ସତ୍ତ୍ୱଗୁଣ ସହାୟକ ହେବ, ରଜୋଗୁଣ ନୁହେଁ । କ୍ଷତ୍ରିୟର ଧର୍ମରେ ତୁମର କିଛି ପ୍ରୟୋଜନ ନାହିଁ । ❑

# ମହାନାମ

## ହୃଷୀକେଶ ପଣ୍ଡା



ମା' ବୋଲି ଡାକିଦେଲେ
ଆ ବୋଲି ପ୍ରତିଧ୍ୱନି ଶୁଭେ
ମାଟିରୁ ଆକାଶ,
ଚହଲିଯାଏ ଚେତନାରେ
ମନରେ ହୃଦୟରେ
କେଉଁ ଗୋଟେ ଯାଦୁକରୀ ସ୍ପର୍ଶ ।
ଆଖି ଅଗଣାରେ
ଠିଆ ହୋଇଯାଏ
ଅପରୂପା ଦେବୀଟିଏ
ହାତ ମେଲାଇ ଆକଟ କରୁଥାଏ
ସକଳ ଦୁଷ୍କାମିକୁ
ବାଟ ଓଗାଳୁଥାଏ
ଆସନ୍ନ ବିପଦକୁ ।
ସୁଖରେ ଦୁଃଖରେ
ସମ୍ପଦରେ ବିପଦରେ
ଭାବରେ ଅଭାବରେ
ଆଙ୍କିଦିଏ ଆଶିଷର
ଅସରନ୍ତି ଚିହ୍ନ ।
ସବୁଆଶା ସବୁ ସ୍ୱପ୍ନ
ସବୁ ବିଶ୍ୱାସକୁ
କରିପାରେ ସେହି ଏକା
ନିର୍ଭୁଲ ଚିତ୍ରଣ ।
ସିଏ ସେହି ମହାନାମ
ଟଙ୍ଗା ହୋଇଥାଏ ଘରେ
ଛବିରେ, ମନରେ
ଚିର ସ୍ମରଣୀୟ ହୋଇ
ରହିଥାଏ ଅନ୍ତରରେ
ଜପିବାକୁ ପ୍ରତି ନିଃଶ୍ୱାସରେ । ❑

# ଜିଜ୍ଞାସୁର ପୃଷ୍ଠା

***ପ୍ରଶ୍ନ*** *: ଶ୍ରୀଅରବିନ୍ଦ ''ଯୋଗ-ପ୍ରଦୀପ''ରେ ଲେଖିଛନ୍ତି, ''ଏହି ଯୋଗ-ମାର୍ଗରେ କାହାରି ପ୍ରବେଶ କରିବା ଉଚିତ ନୁହେଁ, ଯେପର୍ଯ୍ୟନ୍ତ କେହି ଅନ୍ତରାତ୍ମାର ଆହ୍ୱାନ ନିଶ୍ଚିତରୂପେ ନ ଶୁଣିଛି ଏବଂ ଶେଷପର୍ଯ୍ୟନ୍ତ ଅଗ୍ରସର ହେବାକୁ ପ୍ରସ୍ତୁତ ନ ହୋଇଛି।'' ତେବେ ଅନ୍ତରାତ୍ମାର ଆହ୍ୱାନ କ'ଣ ? ତାହା କିପରି ବୁଝିହେବ ?*

**ଉତ୍ତର** : ଅନ୍ତରାତ୍ମାର ଆହ୍ୱାନ ହେଲା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ନିମିତ୍ତ ରୁଚି ଉତ୍ପନ୍ନ ହେବା । ଅନ୍ତରାତ୍ମାର ଆହ୍ୱାନ ନ ହେଲେ ବ୍ୟକ୍ତି ଆଧାତ୍ମିକ ମାର୍ଗରେ ଆନ୍ତରିକତା ସହ ଅଗ୍ରସର ହେବାକୁ ଚେଷ୍ଟାକରେ ନାହିଁ। ଅନ୍ତରାତ୍ମାର ଆହ୍ୱାନ ପାଇବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିକୁ ସତ୍ୟ ଓ ସଦାଚାର ପାଳନ କରି ଅନ୍ତରାତ୍ମାର ଜାଗରଣ ନିମିତ୍ତ ଅଭୀପ୍ସା ଓ ପ୍ରାର୍ଥନା କରିବାକୁ ହେବ ।

ପ୍ରାଣର ବାସନା, ମନର ଉଚ୍ଚାକାଙ୍‌କ୍ଷାରେ ମନୁଷ୍ୟ ମଧ୍ୟ ଯୋଗରେ ପ୍ରବୃତ୍ତ ହୋଇପାରେ, କିନ୍ତୁ ବହୁଦୂର ଅଗ୍ରସର ହୋଇପାରେ ନାହିଁ । କାମନା-ବାସନା ପୂର୍ଣ୍ଣ ନ ହେଲେ କିଂବା ଯୋଗ-ମାର୍ଗରେ ବାଧା-ବିପତ୍ତି ଆସିଲେ ସେ ଯୋଗ-ମାର୍ଗକୁ ଛାଡ଼ି ଚାଲିଯାଏ । କେତେକ ଲୋକ ଏହି ବିଚାରରେ ଯୋଗ-ମାର୍ଗରେ ପ୍ରବେଶ କରନ୍ତି – ''ବହୁତ ଲୋକ ଏହି ମା'ଙ୍କ ଫଟୋ ପୂଜା କରି, ଧ୍ୟାନ କରି ପରୀକ୍ଷାରେ ପାସ କରିଗଲେ, ବଡ଼ ଚାକିରି ପାଇପାରିଲେ, ମୁଁ ସେହିପରି କଲେ ମୋର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ ।'' ଏହିପ୍ରକାର କାମନା-ବାସନା ହେଲା ମନ-ପ୍ରାଣର । ଏହା ସଫଳ ନ ହେଲେ ସେ ସାଧନା ଛାଡ଼ିଦିଏ, କାରଣ ଏଥିରେ ଅନ୍ତରାତ୍ମାର ଆହ୍ୱାନ ନ ଥାଏ ।

ଅନ୍ତରାତ୍ମାର ଡାକ ପାଇ ଯଦି ବ୍ୟକ୍ତି ସାଧନାରେ ସାମୟିକ ଭାବେ ବିଫଳ ହୁଏ ଏବଂ ବହୁପ୍ରକାର ବାଧା-ବିପତ୍ତିର ସମ୍ମୁଖୀନ ହୁଏ, ତଥାପି ସାଧନା ଛାଡ଼ି ସାଧାରଣ ଜୀବନକୁ ଫେରିଯାଏ ନାହିଁ । ସେ ଭଗବାନଙ୍କ ଉପରେ ବିଶ୍ୱାସ ରଖେ, ନିରାଶା ମଧ୍ୟରେ ଆଶାର ସଞ୍ଚାର ହୁଏ, ଶେଷରେ ସକଳ ବାଧା-ବିପତ୍ତିକୁ ଜୟକରି ନିଜ ଲକ୍ଷ୍ୟରେ ପହଞ୍ଚି ଶାଶ୍ୱତ ଆନନ୍ଦକୁ ପ୍ରାପ୍ତହୁଏ ।

ଯଦି କାହାର ଅନ୍ତରାତ୍ମାର ଆହ୍ୱାନ ସଙ୍ଗେ ପ୍ରାଣର ଦାବି, ମନର ଅଭିରୁଚି ମିଶ୍ରିତ ଥାଏ, ତେବେ ସେ ଅନ୍ତରାତ୍ମାର ଡାକ ଠିକ୍ ବୁଝିପାରେ ନାହିଁ, କେବଳ କାମନାତୃପ୍ତି ସକାଶେ ଯୋଗରେ ପ୍ରବୃତ୍ତ ହୁଏ । ଯେପରି ମୋକଦ୍ଦମାରେ ବ୍ୟକ୍ତି ଏପରିଭାବେ ଅଭିଯୁକ୍ତ ହୋଇଥାଏ ଯେ ସେଥିରୁ ମୁକ୍ତ ହେବାର ଉପାୟ ନ ଥାଏ କିଂବା ଭୟଙ୍କର ରୋଗରେ ପୀଡ଼ିତ ହେଲେ ଡାକ୍ତର କିଂବା ବୈଦ୍ୟଙ୍କଠାରୁ ସାହାଯ୍ୟ ପାଏ ନାହିଁ, ସେତେବେଳେ ଏହି ବିପଦରୁ ରକ୍ଷାପାଇବାର ଅନ୍ୟ ଉପାୟ ନ ଦେଖି ସେ ଯୋଗର ଆଶ୍ରୟ ନିଏ । ଯଦିଓ ସେ ପ୍ରଥମେ କାମନା-ବାସନାକୁ ପରିପୂର୍ଣ୍ଣ କରିବା ପାଇଁ ଯୋଗ ଆରମ୍ଭ କରିଥାଏ, ତଥାପି ଏହା ପୂର୍ଣ୍ଣ ନହେବା ସତ୍ତ୍ୱେ ସେ ଯୋଗ-ମାର୍ଗକୁ ତ୍ୟାଗ କରେ ନାହିଁ, ତେବେ ସେ ଅନ୍ତରାତ୍ମାର ଆହ୍ୱାନ ପାଇଛି ବୋଲି ବୁଝାଯାଏ ।

ଆଉ କେତେକ ବ୍ୟକ୍ତି ଯଶଃ-ପ୍ରତିଷ୍ଠା ଲାଭ କରିବାକୁ ଯୋଗ କରନ୍ତି । ଏହିସବୁ ପ୍ରାପ୍ତହେବା ପରେ ଯୋଗ-ସାଧନାକୁ ଛାଡ଼ି ଦିଅନ୍ତି । ଅନ୍ତରାତ୍ମାର ଡାକ ଯଦି ଥରେ ଏହି କାମନା-ବାସନା ସହିତ ମିଶ୍ରିତ ହୋଇଥାଏ, ତେବେ ଏହା ପୂର୍ଣ୍ଣ ହେବାପରେ ସାଧକ ଏହିସବୁ କାମନାକୁ ଅତିକ୍ରମ କରି ନିଷ୍କାମ ଭାବରେ କେବଳ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରନ୍ତି । ଅନ୍ୟ କେତେକ ଲୋକ କୁଟୁମ୍ବପୋଷଣ ଭାରରେ ବ୍ୟଥିତ, ବ୍ୟବସାୟରେ ବିଫଳ କିଂବା ପୁତ୍ରର ମୃତ୍ୟୁରେ ଅସହ୍ୟ ବେଦନାରେ ପୀଡ଼ିତ ହୋଇ ଯୋଗ-ସାଧନା ଆରମ୍ଭ କରନ୍ତି । ସେଥିରେ ଯଦି ଅନ୍ତରାତ୍ମାର ଆହ୍ୱାନ ଥାଏ, ତେବେ ସେମାନେ ଏହି ସମସ୍ତ ବିପଦରୁ ମୁକ୍ତ ହେବା ପରେ ମଧ୍ୟ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଅନ୍ତି ।

ଅନ୍ତରାତ୍ମାର ଆହ୍ୱାନ ବହୁପ୍ରକାର ପରିସ୍ଥିତି ମଧ୍ୟରେ ଆସେ । ବାହ୍ୟ ପରିସ୍ଥିତିର ରୂପ ଭିନ୍ନ ଭିନ୍ନ ହେବାରେ ସେଥିରେ କିଛି ଯାଏଆସେ ନାହିଁ, କିନ୍ତୁ ଅନ୍ତରାତ୍ମାର ଆହ୍ୱାନ ଥିଲେ ବ୍ୟକ୍ତି ଯୋଗ-ମାର୍ଗରେ ଶେଷପର୍ଯ୍ୟନ୍ତ ଚାଲେ । ଅନ୍ତରାତ୍ମାର ଆବାହନ ବ୍ୟତୀତ କୌଣସି ପ୍ରକାର ପରିସ୍ଥିତିରେ ପଡ଼ି ଯଦି ବ୍ୟକ୍ତି ଯୋଗ ଆରମ୍ଭ କରେ, ତେବେ ସେ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନା କରେ ନାହିଁ, କିଛିଦୂର ଅଗ୍ରସର ହୋଇ ସାଧନା ପରିତ୍ୟାଗ କରେ ।

କେହି କେହି କାମନା ପରେ କାମନା କରିଚାଲନ୍ତି । ସେମାନଙ୍କର ବଡ଼ ବଡ଼ କାମନା ମଧ୍ୟ ପୂର୍ଣ୍ଣ ହୁଏ, ମାନ-ଯଶଃ ବିସ୍ତାର ହୁଏ, ପ୍ରତିଷ୍ଠା ବୃଦ୍ଧି ହେଉଥାଏ । ଏହିସବୁ ହେବା ସତ୍ତ୍ୱେ ସେଥିରେ ସନ୍ତୋଷ ବା ଆନନ୍ଦ ମିଳେ ନାହିଁ । ତାହାର ଗୋଟାଏ ଭାଗ ଚାହୁଁଥାଏ ଭଗବାନଙ୍କୁ, ଅନ୍ୟ ଭାଗ ଚାହୁଁଥାଏ କାମନା-ବାସନାକୁ ପୂର୍ଣ୍ଣ କରିବାକୁ । ଏହିପରି ଦ୍ୱନ୍ଦ୍ୱ ଚାଲୁଥାଏ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ସେ ଅନ୍ତରାତ୍ମାର ଡାକ ପାଇଛି, କିନ୍ତୁ କାମନା-ବାସନା ପ୍ରବଳ ହେବାରୁ ସେ ଆଧ୍ୟାତ୍ମିକତାକୁ ସ୍ୱୀକାର କରିବାରେ ନିଜକୁ ଅସମର୍ଥ ବୋଧ କରୁଛି । ଯଦି ସେ ଯୋଗ-ସାଧନା ଆରମ୍ଭ କରେ, ତେବେ ସେ ଭଗବାନଙ୍କ ସାହାଯ୍ୟ ପାଏ ଏବଂ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହୋଇ ସେସବୁକୁ ଅତିକ୍ରମ କରି ପ୍ରବଳ ବେଗରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ । ଏହିପରି ବହୁ ଭକ୍ତ ଓ ମହାପୁରୁଷଙ୍କ ଜୀବନରେ ଦେଖାଯାଇଥାଏ ।

ଅନ୍ତରାତ୍ମାର ଆହ୍ୱାନ ପାଇବାର ଚିହ୍ନ ହେଲା – ମନୁଷ୍ୟ ଭୋଗ-ବିଳାସ, ମାନ-ପ୍ରତିଷ୍ଠା ଓ ମହାନ୍ ଐଶ୍ୱର୍ଯ୍ୟ ପ୍ରାପ୍ତହେବା ସତ୍ତ୍ୱେ ତହିଁରେ ସନ୍ତୁଷ୍ଟ ହୁଏ ନାହିଁ, ଜୀବନରେ କିଛି ଅଭାବ ଓ ଅପୂର୍ଣ୍ଣତା ଅନୁଭବ କରେ, ଭଗବାନଙ୍କୁ ଚାହେଁ ।

ଯେଉଁମାନେ ଅନ୍ତରାତ୍ମାର ଡାକ ପାଇ ନାହାନ୍ତି, କିନ୍ତୁ ବିବେକ ସହିତ ବିଚାର କରି ଅନୁଭବ କରନ୍ତି ଯେ ଭଗବାନଙ୍କୁ ଉପଲବ୍ଧି କରିବା ବିନା ଜୀବନ ଅପୂର୍ଣ୍ଣ ଏବଂ ଏହା ଜାଣି ସେମାନେ ଦୃଢ଼ତା ସହ ସତ୍ୟମାର୍ଗରେ ଅଗ୍ରସର ହେବାକୁ ବଦ୍ଧପରିକର ହୁଅନ୍ତି, ତେବେ ସେମାନେ ମଧ୍ୟ ଅନ୍ତରାତ୍ମାର ଆହ୍ୱାନ ପାଇପାରନ୍ତି ।

ମନୁଷ୍ୟମାତ୍ରେ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଲା – ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା । ଯେପରି ବୁଦ୍ଧିର ବିକାଶ ନହେବା, ବିଦ୍ୟାପ୍ରାପ୍ତି ନ କରିବା ମନୁଷ୍ୟ ଜୀବନର ଅପୂର୍ଣ୍ଣତା; ସେହିପରି ଆଧ୍ୟାତ୍ମିକ ସାଧନା ଦ୍ୱାରା ନିଜର ପ୍ରକୃତି, ମନ, ପ୍ରାଣ ଏବଂ ଶରୀରର କାମନା-ବାସନା ଓ ଆବେଗ ଉପରେ କର୍ତ୍ତୃତ୍ୱ ସ୍ଥାପନ ନ କରିବା, ସେସବୁର ପ୍ରେରଣାରେ ପୁତୁଳିକା ପରି ନୃତ୍ୟ କରିବା ଏବଂ ନାନାପ୍ରକାର ଅବିହିତ କର୍ମ କରିବା ମଧ୍ୟ ଜୀବନର ମହାନ୍ ଅପୂର୍ଣ୍ଣତା । ଏହାଛଡ଼ା ଭାଷାଜ୍ଞାନ ଅଭାବରେ ଯେପରି ବ୍ୟକ୍ତି ଦେଶବିଦେଶର ଇତିହାସ, ଭୂଗୋଳ, ବିଜ୍ଞାନ ତଥା ସଂସ୍କୃତି ଇତ୍ୟାଦି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଅଜ୍ଞ ଥାଏ, ସେହିପରି ସାଧନାଦ୍ୱାରା ମନକୁ ଅତିକ୍ରମ କରି ଅନ୍ତର ଏବଂ ଊର୍ଦ୍ଧ୍ୱକୁ ନ ଗଲେ ସମସ୍ତ ସୂକ୍ଷ୍ମ ଜ୍ଞାନ ଓ ସୂକ୍ଷ୍ମ ଶକ୍ତି ସମ୍ବନ୍ଧେ ସେ ଅନଭିଜ୍ଞ ରହେ; ଶାନ୍ତି, ସମତା ଓ ଦିବ୍ୟାନନ୍ଦରୁ ବଞ୍ଚିତ ହୁଏ । ଏହି ତ୍ରୁଟିକୁ ଦୂରକରିବା, ଜୀବନକୁ ସର୍ବାଙ୍ଗସୁନ୍ଦର କରି ଗଢ଼ିବା ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଯୋଗସାଧନା କରିବା କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ । କାରଣ ସତ୍ୟ, ସଦାଚାର, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ସମର୍ପଣ ଓ ଅଭୀପ୍‌ସା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ, ବ୍ୟକ୍ତି ତାହାର ଆବାହନ ପ୍ରାପ୍ତ ହୋଇ ଯୋଗ-ମାର୍ଗରେ ପ୍ରବୃତ୍ତ ହୁଏ । ସଦାଚାର, ସତ୍ୟ-ଭାଷଣ, ସତ୍ୟ-ବ୍ୟବହାରଠାରୁ ଆରମ୍ଭ କରି ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ପୂର୍ଣ୍ଣ ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ଭଗବାନଙ୍କୁ ପୂର୍ଣ୍ଣରୂପେ ଉପଲବ୍ଧି କରିବା ପର୍ଯ୍ୟନ୍ତ ଅସଂଖ୍ୟ ସ୍ତର ଥାଏ । ଅନ୍ତରାତ୍ମାର ଜାଗରଣ ହେବା ଗୋଟିଏ ମଧ୍ୟବର୍ତ୍ତୀ ସ୍ତର, ଏକେବାରେ ଆରମ୍ଭ ନୁହେଁ । ଏହାର ଅର୍ଥ ଏପରି ନୁହେଁ ଯେ ଅନ୍ତରାତ୍ମାର ଆହ୍ୱାନ ନ ମିଳିଥିବା ପର୍ଯ୍ୟନ୍ତ ବ୍ୟକ୍ତି ମନ, ପ୍ରାଣ ଓ ଆବେଗର ପ୍ରେରଣାରେ ନାନା ଅବିହିତ କର୍ମ କରୁଥିବ । କେହି ତଳୁ ଡେଇଁ ଗଛ ଅଗରେ ପହଞ୍ଚେ ନାହିଁ । ମୂଳରୁ କ୍ରମଶଃ ଉଠିବାକୁ ହୁଏ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ସ୍ତରରୁ ସାଧନା ଆରମ୍ଭ କରିବାକୁ ହେବ ଏବଂ କ୍ରମଶଃ ଅନ୍ତରାତ୍ମାର ଜାଗରଣ ଆଦି ବହୁ ସ୍ତର ପାର ହୋଇ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃଷ୍ଠା ୪୩୯-୪୪୦)

– ରାମକୃଷ୍ଣ ଦାସ ❑

ନିଜସ୍ୱ ଧାରାରେ ସ୍ୱାଧୀନ ଭାବେ ସତ୍ୟର ଅନୁସନ୍ଧାନ କରିବା ଓ ସ୍ୱାଧୀନ ଭାବେ ତା'ର ନିକଟବର୍ତ୍ତୀ ହେବା ହେଉଛି ଜଣେ ବ୍ୟକ୍ତିର ଅଧିକାର । କିନ୍ତୁ ପ୍ରତ୍ୟେକେ ଏକଥା ଜାଣିବା ଉଚିତ ଯେ ତା'ର ନିଜର ଆବିଷ୍କାର କେବଳ ତା' ନିଜ ପାଇଁ ଉତ୍ତମ ଓ ଏହା ଅନ୍ୟମାନଙ୍କ ଉପରେ ଆରୋପ କରାଯିବା ଉଚିତ ନୁହେଁ ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଏକ ମଧୁର ମୈତ୍ରୀ ବଳୟ

ଏକ ବିରାଟ ପ୍ରତିଷ୍ଠାନର ଦୁଇ ତୁଙ୍ଗ ଆସନରେ ଅଧିଷ୍ଠିତ ଥିଲେ ଦୁଇ ଯୁବକ । ନାମ ଧରନ୍ତୁ ଅର୍ଜୁନ ବାବୁ ଏବଂ ବିକ୍ରମ ବାବୁ । କିନ୍ତୁ ବାପାଙ୍କ ମୃତ୍ୟୁ ହୁଅନ୍ତେ ଅର୍ଜୁନ ବାବୁଙ୍କୁ ସେ ପ୍ରତିଷ୍ଠାନରୁ ବିଦାୟ ନେବାକୁ ପଡ଼ିଲା ପାରିବାରିକ ବ୍ୟବସାୟର ଦାୟିତ୍ୱ ମୁଣ୍ଡାଇବା ନିମନ୍ତେ ।

ଅର୍ଜୁନ ବାବୁଙ୍କ ସକାଶେ ଯଥାବିଧି ବିଦାୟ ସଭା ଅନୁଷ୍ଠିତ ହେଲା । ସେ ଚାଲିଯିବା ଉତ୍ତାରୁ ଜଣେ ଭଦ୍ରଲୋକ ଦରଦୀ କଣ୍ଠରେ ବିକ୍ରମବାବୁଙ୍କୁ ଅନର୍ଗଳ ସହାନୁଭୂତି ଜଣାଇବାକୁ ଲାଗିଲେ ଏହି ମର୍ମରେ — ଅର୍ଜୁନବାବୁଙ୍କ ଭଳି ଅନ୍ତରଙ୍ଗ ବନ୍ଧୁ ତାଙ୍କୁ ଛାଡ଼ି ଚାଲିଯିବା ଫଳରେ ସେ ବଡ଼ ଉଦାସ, ବଡ଼ ନିଃସଙ୍ଗ ଅନୁଭବ କରୁଥିବେ !

ବିକ୍ରମ ବାବୁ କହିଲେ, ''ନା, ନା, ଆମେ ପରସ୍ପର ସୁହୃଦ୍ ଥିଲୁଁ ଠିକ୍, କିନ୍ତୁ ମୁଁ ନିଃସଙ୍ଗ ଅନୁଭବ କରିବାର କାରଣ ନାହିଁ ।''

ଭଦ୍ରଲୋକ ଟିକିଏ ବିସ୍ମୟ ପ୍ରକାଶ କରି କହିଲେ, ''ମାନେ ? ଆପଣ ଦୁହେଁ ଏକତ୍ର କେତେ ଗପସପ ହେଉଥିଲେ, ହସି ହସି ବେଦମ୍ ହେଉଥିଲେ ! ଆମର ତ ଧାରଣା ଆପଣ ଦୁହେଁ ପରସ୍ପର ଘନିଷ୍ଠ ବନ୍ଧୁ ଥିଲେ !''

''ହସି ହସି ବେଦମ୍ ହେଉଥିଲୁଁ ଠିକ୍, ଅନେକ କଥା ଏକତ୍ର ଉପଭୋଗ କରୁଥିଲୁଁ ଠିକ୍, କିନ୍ତୁ ଏକତ୍ର କେବେ ମାଷ୍ଟ୍ରଙ୍କ ଭୟରେ ଛାନିଆ ହୋଇ ନାହୁଁ, ଏକତ୍ର କେବେ ଆଗତପ୍ରାୟ ଛୁଟିକୁ ସ୍ୱାଗତ କରି ଉତ୍‌ଫୁଲ୍ଲ ହୋଇ ନାହୁଁ, ପରସ୍ପର ଜଳଖିଆ ଛଡ଼ାଇ ନାହୁଁ କିଂବା ବହି ବସ୍ତାନି ଟଣାଟଣି କରି ନାହୁଁ । ଅର୍ଥାତ୍ ଆମେ ସହପାଠୀ ସ୍ତରର ବନ୍ଧୁ ନଥିଲୁଁ !'' ବିକ୍ରମ ବାବୁ ବୁଝାଇ ଦେଲେ ।

ଏ ସଂଳାପଟି ମନେ ପଡ଼ିବାର ପଟଭୂମି ଏହିପରି : ଗତ ଜାନୁଆରୀ ୨୮ ତାରିଖ ଶନିବାର, ପଣ୍ଡିଚେରୀର ସମୁଦ୍ର ତଟବର୍ତ୍ତୀ ଏକ ବିଶାଳ ହର୍ମ୍ୟର ଦ୍ୱିତଳସ୍ଥିତ ଗୋଟିଏ ପ୍ରଶସ୍ତ କୋଠାରି ଭିତରକୁ ଏ ଲେଖକକୁ ପାଛୋଟି ନେଇଗଲେ ଶ୍ରୀମାନ୍ ମନୋଜ ପରିଡ଼ା (ଆଇ.ଏ.ଏସ୍) ପଣ୍ଡିଚେରୀ କେନ୍ଦ୍ର ଶାସିତ ରାଜ୍ୟର ପ୍ରଧାନ ସଚିବ (Chief Secretary) । ସୁଦକ୍ଷ ପ୍ରଶାସକ ଭାବେ ଲୌକିକ ପରିଚୟ ଅବଶ୍ୟ ତାଙ୍କ ପାଇଁ ଯଥେଷ୍ଟ ନୁହେଁ; ସେ ସାହିତ୍ୟର ଜଣେ ବିଦଗ୍ଧ ପାଠକ, ସନ୍ଧିତ୍ସୁ ତଥା ପ୍ରକାଶ ବିମୁଖ ସୁଲେଖକ ।

ତାଙ୍କ ଗହଣରେ କୋଠରିରେ ପ୍ରବେଶ କରି ଭେଟିଲି ହାରାହାରି ତାଙ୍କରି ବୟସର ବାରଜଣ ସରିକି ଯୁବକଙ୍କୁ । ସଭିଏଁ ଓଡ଼ିଆ — କିନ୍ତୁ ଭାରତର ବିଭିନ୍ନ ସହର, ନଗରରେ ଅଧ୍ୟାପନା, ଶାସନ, ବ୍ୟବସାୟ ଇତ୍ୟାଦି ବିଭିନ୍ନ ଧନ୍ଦାରେ କର୍ମରତ ।

ସେମାନେ ସେଠାରେ ସମବେତ ହେବାର ହେତୁ, ଏକଦା ସେମାନେ ଥିଲେ ସହପାଠୀ । ପ୍ରତିବର୍ଷ ଦୁଇ, ତିନି ଦିନ ପାଇଁ ସେମାନେ କୌଣସି ନା କୌଣସି ସ୍ଥାନରେ ଏକତ୍ର ହୁଅନ୍ତି, ସେ ବନ୍ଧୁ ବଳୟର ଜଣଙ୍କ ଆନୁକୂଲ୍ୟରେ । ନା; ପରିବାର ସହ ନୁହେଁ; ଛାତ୍ର ଜୀବନରେ ଯେମିତି କେବେକେବେ ଏକାଠି ଭୋଜି କରୁଥିଲେ, ଗପସପ ହେଉଥିଲେ, ସେମିତି ନିଜ ନିଜ ଜୀବନର ଅନାଗତ-ପତ୍ନୀ, ଅନାଗତ-ସନ୍ତାନ ଯୁଗକୁ ପ୍ରତ୍ୟାବର୍ତ୍ତନ ଥିଲା ଏଭଳି ବାର୍ଷିକ ସମାବେଶର ଆଭିମୁଖ୍ୟ ।

ଦୁଇ, ତିନି ଦିନର ସେ ଅନ୍ତରଙ୍ଗ ଶିବିର ଅବସରରେ ସେମାନେ ଅବଶ୍ୟ ମନେ ପକାଉଥିଲେ ସେମାନଙ୍କ ବାଲ୍ୟ ବା ତରୁଣ କାଳୀନ ସୁଖ-ଦୁଃଖ, ଜୟ-ପରାଜୟ, ବିସ୍ମୟ ବା ମୋହମୁକ୍ତିର ଅନୁଭୂତି । କେହି କେହି ପୁଣି ସାଇତି ରଖିଥା'ନ୍ତି ଅନ୍ୟଠୁଁ ପାଇଥିବା ଚିଠି । ତାହା ପଠିତ ହୁଏ; ସେତେବେଳର ରୋମାଞ୍ଚ ଓ ମାନ-ଅଭିମାନର ମଧୁର ମୂଲ୍ୟାୟନ ହୁଏ; ହୁଏତ ଅକାଳରେ ମହାକାଳ ଆମ୍ବସାତ୍ କରିଥିବା କୌଣସି ବନ୍ଧୁର ସ୍ମୃତିଚାରଣ ହୁଏ — ଏସବୁ ସ୍ୱାଭାବିକ । କିନ୍ତୁ ଯାହା ଏ ଲେଖକକୁ ଚମତ୍କୃତ କଲା, ତାହା ସେମାନଙ୍କ ଜିଜ୍ଞାସାବୋଧ । ପ୍ରାୟ ଦେଢ଼ ଘଣ୍ଟାକାଳ ଏ ଲେଖକଠାରୁ ସେମାନେ ନିଜ ନିଜ ପ୍ରଶ୍ନର ଉତ୍ତର ଆଦାୟ କରି ନେଉଥିଲେ ସ୍ୱଚ୍ଛନ୍ଦ ରୀତିରେ । ଅର୍ଥାତ୍ ସେମାନଙ୍କ ପ୍ରଶ୍ନସବୁ ଯେପରି ଗୁରୁତ୍ୱଭରା ଥିଲା, ଜିଜ୍ଞାସାର ସ୍ୱର ଥିଲା ତାହାରି ସରି ଆନ୍ତରିକତାପୂର୍ଣ୍ଣ । କେଇ ବର୍ଷ ତଳେ କେହି ଜଣେ ବିଦ୍ୱାନ୍ ରସିକ କହୁଥିଲେ, ଆଜିର ଇଣ୍ଟର୍‌ନେଟ ଯୁଗରେ ଆମ ଉପରେ ଏତେ 'ଉତ୍ତର' ଓଜାଡ଼ି ହୋଇ ପଡ଼ୁଛି ଯେ, ସେପାଇଁ ଯଥେଷ୍ଟ ପ୍ରଶ୍ନ ନାହିଁ ! କଥାଟି ଅସତ୍ୟ ନୁହେଁ । ଆମେ

ସାଧାରଣତଃ ଚିନ୍ତାଧାରାର ଯେଉଁ ପର୍ଯ୍ୟାୟରେ ପରସ୍ପର ଆଦାନପ୍ରଦାନ କରୁଁ, ଏପରିକି ଶିକ୍ଷାୟତନରେ ଯେତିକି ବିଦ୍ୟା ଆହରଣ କରୁଁ, ସେସବୁ ସାଧାରଣ ଜ୍ଞାନ-ଭିତ୍ତିକ, ବୁଦ୍ଧି ଭିତ୍ତିକ ଏବଂ କ୍ୱଚିତ୍ କ୍ଷେତ୍ରରେ ଜ୍ଞାନ ଭିତ୍ତିକ ମଧ୍ୟ । କିନ୍ତୁ ସେଥିରେ ଜୀବନ ଜିଜ୍ଞାସା ନଥାଏ; ଆତ୍ମଜ୍ଞାନ ବିକାଶ ଦିଗରେ ସେସବୁ ଆମ ଭିତରେ ଆସ୍ପୃହା ଜଗାଇ ପାରନ୍ତି ନାହିଁ ।

ମନୋଜ ବାବୁଙ୍କ ସୌଜନ୍ୟରୁ ସେଦିନ ସେ ବନ୍ଧୁ-ସମାବେଶରେ ସାମିଲ ହୋଇ ଏ ଲେଖକ ମନରେ ପୁନରୁଜ୍ଜୀବିତ ହୋଇଥିଲା ଏହି ଆଶା ଓ ବିଶ୍ୱାସ : ଆମକୁ ବହିର୍ମୁଖୀ କରି ରଖିବା ଦିଗରେ ଆଜିର ଗଣମାଧ୍ୟମ, ସଂସ୍କୃତିର ବିକୃତ ପରିବେଷଣ, ସାହିତ୍ୟରେ ଅସାହିତ୍ୟର ପ୍ରାଦୁର୍ଭାବ ସଦାସର୍ବଦା ସକ୍ରିୟ । କିନ୍ତୁ ସେସବୁ ଭିତରେ ମଧ୍ୟ ଆମ ଆନ୍ତର-ଜୀବନର ଦାବିକୁ ଆମେ (ଅନ୍ତତଃ ଏହିଭଳି ଆଧୁନିକ ସୁଶିକ୍ଷିତ ସମାଜରେ ଅନେକେ) ପାସୋରି ଦେଇ ନାହୁଁ ।

ଯେଉଁ ଦ୍ୱିତୀୟ ବିଷୟଟି ଏ ଲେଖକକୁ ଆନନ୍ଦ ଦେଇଥିଲା, ତାହା ବାଲ୍ୟକାଳୀନ ସାହଚର୍ଯ୍ୟ ଏବଂ ମୈତ୍ରୀ ପ୍ରତି ସମ୍ମାନବୋଧ । ଆମ ଚେତନାର ସେହି ଉଷା-ବିକାଶ କାଳରେ ଅଚେତନ ଭାବରେ ସହପାଠୀମାନେ ସହାନୁଭୂତି ଓ ବିଶ୍ୱାସ ମାଧ୍ୟମରେ ପରସ୍ପର ଜୀବନରେ ଯେଉଁ ଭୂମିକା ତୁଲାଇଥା'ନ୍ତି, ତାହାର ମୂଲ୍ୟାୟନ ସାଧାରଣ ମନସ୍ତତ୍ତ୍ୱର ପରିସରର ଊର୍ଦ୍ଧ୍ୱରେ । ସେହି ଭୂମିକାକୁ ସ୍ୱୀକୃତି ଦେଉଥିଲେ ଏ ବନ୍ଧୁବଳୟ — ଆଜି ଯେତେବେଳେ ସାମୂହିକ ଭାବରେ ଆମେ ମାନବିକ ସମ୍ପର୍କଠାରୁ ଦୂରେଇ ଯାଇ ପ୍ରୋଜ୍ଜ୍ୱଳ ବୈଦ୍ୟୁତିକ ପର୍ଦ୍ଦା ପରିବେଷିତ ମାୟା ସମ୍ପର୍କରେ ପ୍ରେତାବିଷ୍ଟ; ସେସବୁର କୃତ୍ରିମ ଚମକରେ ଅଭିଭୂତ ।

ସେ ବଂଧୁବଳୟଠୁଁ ବିଦାୟ ନେବା ପରେ ସେଦିନ ସନ୍ଧ୍ୟାରେ ମନେ ପଡୁଥିଲା ପ୍ରାୟ ଅର୍ଦ୍ଧଶତାବ୍ଦୀ ତଳର ଏକ କ୍ଷୀଣପ୍ରଭ ଦୃଶ୍ୟ । ରାତିଟିଏ ପାଇଁ ସୁଇଜର୍‌ଲ୍ୟାଣ୍ଡର ପ୍ରଖ୍ୟାତ କାର୍ଟୁନ୍ ଶିଳ୍ପୀ ଡେରିକ୍‌ଙ୍କ ଘରେ ଅତିଥି ହୋଇ ରହିଥିଲି । ପ୍ରଭାତରେ ଦେଖିଲି ବୟସର ଅଶୀ ଦଶକରେ ଉପନୀତ ତାଙ୍କ ବାପା ପର୍ବତାରୋହଣ ବୁଟ୍ ପିନ୍ଧି, ତୁଷାର ଯାତ୍ରା ଉପଯୋଗୀ ବାଡ଼ି ଧରି ଘରୁ ବାହାରୁଛନ୍ତି । ପ୍ରଶ୍ନ କରି ବୁଝିଲି — ଆଜି ଯେତିକି ମନେ ପଡୁଛି — ସେ ଓ ତାଙ୍କର ଜଣେ ବନ୍ଧୁ ବର୍ଷ ପରେ ବର୍ଷ ଆଲ୍‌ପ୍‌ସ୍ ପର୍ବତମାଳାର ଏକ ସୁ-ଉଚ୍ଚ ଉପତ୍ୟକାରେ ଦିନଟିଏ ଯାପନ କରନ୍ତି । ଏକଦା ସେ ଦୁହେଁ ଏକ ବନ୍ଧୁବଳୟର ଅନ୍ତର୍ଭୁକ୍ତ ଥିଲେ । କ୍ରମେ ଜଣେ ପରେ ଜଣେ ବଂଧୁ ସେ ତୁଷାର ଯାତ୍ରା ଅତିକ୍ରମି ମହାଯାତ୍ରାର ପଥିକ ହୋଇଯାଇଛନ୍ତି । ପରମ୍ପରା ଅତୁଟ ରଖିଛନ୍ତି ଶେଷ ଦୁଇଜଣ ।

ମଣିଷ ମଣିଷ ଭିତରେ ଏ ସ୍ୱାର୍ଥାତୀତ ସୌହାର୍ଦ୍ଦ୍ୟରେ ରହିଛି ଏକ ମହତ୍ତର ସମ୍ପର୍କର ସୂଚନା । ଦୀର୍ଘଜୀବୀ ହେଉ ଏହି ପର୍ଯ୍ୟାୟର ଆବେଗ ଓ ଉତ୍ସାହ ।

**— ମନୋଜ ଦାସ ❑**

ଚୈତ୍ୟ ହେଉଛି ଭଗବାନଙ୍କଠାରୁ ଆସିଥିବା ଏକ ସ୍ଫୁଲିଙ୍ଗ, ଯାହାକି ସମସ୍ତ ବସ୍ତୁ ଭିତରେ ରହିଛି ଏବଂ ବ୍ୟକ୍ତିର କ୍ରମବିବର୍ତ୍ତନ ସହିତ ଏହା ତାହା ଭିତରେ ବୃଦ୍ଧି ପାଉଥାଏ ଏବଂ ଚୈତ୍ୟସତ୍ତା ରୂପରେ ଅଭିବ୍ୟକ୍ତ ହୁଏ, ତାହାହିଁ ହେଉଛି ଅନ୍ତରାତ୍ମା ଯାହା ସବୁ ସମୟରେ ଭଗବାନଙ୍କୁ ଓ ଦିବ୍ୟସତ୍ୟକୁ ଖୋଜୁଥାଏ ଏବଂ ଯେଉଁଠି ଓ ଯେତେବେଳେ ଏହା ସେହି ଭଗବାନଙ୍କର ଓ ଦିବ୍ୟସତ୍ୟର ସାକ୍ଷାତ୍ ପାଏ, ଏହା ତାହାର ଉତ୍ତର ଦିଏ ।

— ଶ୍ରୀଅରବିନ୍ଦ

The best way to express one's gratitude to the Divine
is to feel simply happy.

*23 April 1954* – THE MOTHER

*With best compliments from :*

**BIPLAB BISWAKALYAN**
**SANKALPA JIVAKALYAN**

**BIJAY RAMCHANDRAPUR, MURGABADI**
**BARIPADA, ODISHA**

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com